# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୬/୨୦୧୮ (୨୦ ପୃଷ୍ଠା) | Bhubaneswar, Wednesday, September 26/ 2018 | ★★★★

୪୪ଶ ଭାଗ ୩୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ‘ଅର୍ଜୁନ ରେଡ୍ଡୀ’ର ରିମେକ୍ ପାଇଁ ଉତ୍ସାହିତ

‘ଅର୍ଜୁନ ରେଡ୍ଡୀ’ର ହିନ୍ଦୀ ରିମେକ୍‌ରେ ଶାହିଦ୍ କପୁରଙ୍କ ସହିତ କାର୍ଯ୍ୟ କରିବାକୁ ଅଭିନେତ୍ରୀ କାଇରା ଆଡଭାନୀ ଉତ୍ସାହିତ ଥିବା କହିଛନ୍ତି।

୦୨

୧୯

## ଶର୍ମିଳା କୁମାରୀଙ୍କୁ ପ୍ରଥମ ସ୍ୱର୍ଣ୍ଣ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଜାଭେଲିନ୍ ଥ୍ରୋରୁ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଛନ୍ତି ରେଲୱେର ଶର୍ମିଳା କୁମାରୀ।



### ■ ରାଜନୀତିରେ ଅପରାଧୀକରଣ: ସୁପ୍ରିମକୋର୍ଟଙ୍କ ରାୟ

# ନିର୍ବାଚନ ଲଢ଼ିପାରିବେ ଦାଗୀ ନେତା

ନୂଆଦିଲ୍ଲୀ,୨୫।୯(ପି.ଟି.)

ଦାଗୀ ନେତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏପରି କି ଯେଉଁମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିବ ସେମାନେ ମଧ୍ୟ ପ୍ରାର୍ଥୀ ହୋଇପାରିବେ। ଏଭଳି ନେତାଙ୍କୁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ତେବେ ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ଏ ସଂକ୍ରାନ୍ତ ଆଇନ ପ୍ରଣୟନ ଲାଗି ପାର୍ଲାମେଣ୍ଟ ଉପରେ ନିଷ୍ପତ୍ତି ଛାଡ଼ି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଏହାସହ ପ୍ରାର୍ଥୀଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଭୋଟରଙ୍କ ଅବଗତି ନିମନ୍ତେ ନିଜ ୱେବ୍‌ସାଇଟ୍ ତଥା ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମରେ ସ୍ପଷ୍ଟ ଭାବେ ପ୍ରକାଶ କରିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ରାଜନୀତିରେ ବଢ଼ିଚାଲିଥିବା ଅପରାଧୀକରଣକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ଏ ସଂକ୍ରାନ୍ତ ଏକାଧିକ ପିଟିଶନର ଶୁଣାଣି କରି ରାୟ ଶୁଣାଇଛନ୍ତି। ଜଷ୍ଟିସ୍ ଆର୍.ଏଫ୍. ନରିମାନ୍, ଏ.ଏମ୍. ଖାନ୍‌ୱିଲକର, ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଇନ୍ଦୁ ମାଲହୋତ୍ରାଙ୍କୁ ନେଇ ଗଠିତ ପୀଠ ୧୦୦ ପୃଷ୍ଠାର ରାୟରେ କହିଛନ୍ତି, ରାଜନୀତିର ଅପରାଧୀକରଣ ଅତ୍ୟନ୍ତ ବିପର୍ଯ୍ୟୟ ଓ ଶୋଚନୀୟ ସ୍ଥିତି ସୃଷ୍ଟି କରିଛି। ଏହା ଆମର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଦୋହଲାଇ ଦେଇଛି। ଦେଶରେ ଏହି ଧାରା ବଢ଼ିବାରେ ଲାଗିଛି। ଭ୍ରଷ୍ଟାଚାର ହେଉଛି ଏକ ଜାତୀୟ ଅର୍ଥନୈତିକ ଆତଙ୍କ। ଗଣତନ୍ତ୍ରରେ ନାଗରିକମାନେ ଅନ୍ଧ, ମୂକ ଓ ବଧିର ଭାବେ ଅସହାୟ ହୋଇ ରହିବା ଅନୁଚିତ। ତେଣୁ ରାଜନୀତିରେ ବଢ଼ିଚାଲିଥିବା ଅପରାଧ ଗଣତନ୍ତ୍ର ପାଇଁ ଘାତକ ସାଜିବା ପୂର୍ବରୁ ଏହାକୁ ରୋକାଯିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିସକାଶେ ରାଜନୈତିକ ସ୍ରୋତକୁ ଯେପରି ଆପରାଧିକ ପୃଷ୍ଠଭୂମିର ନେତା ନ ଆସନ୍ତି ତାହା ସୁନିଶ୍ଚିତ କରିବା ପାର୍ଲାମେଣ୍ଟର ଦାୟିତ୍ୱ। ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତରେ କଠୋର ଆଇନ ପ୍ରଣୟନ କରାଯାଉ। ଏହାଦ୍ୱାରା ଯେଉଁ ନେତାଙ୍କ ବିରୋଧରେ ଘୃଣ୍ୟ ଓ ସଙ୍ଗିନ ଅପରାଧ ମାମଲାରେ ଚାର୍ଜଶିଟ ହୋଇଥିବ, ତାଙ୍କ ସଦସ୍ୟତା ରଦ୍ଦ ☞ ପୃଷ୍ଠା-୧୬



### ସ୍ପଷ୍ଟ କଲେ ସାମ୍ବିଧାନିକ ପୀଠ

- ■ ରାଜନୀତିକୁ ଅପରାଧମୁକ୍ତ କରାଯିବା ଜରୁରୀ
- ■ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ପ୍ରଣୟନ କରାଯାଉ
- ■ ଚାର୍ଜଶିଟ୍ ଆଧାରରେ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରାଯାଇ ପାରିବ ନାହିଁ
- ■ ନିଜ ବିରୋଧରେ ଥିବା ମାମଲା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବେ ପ୍ରାର୍ଥୀ
- ■ ରାଜନୈତିକ ଦଳ ନିଜ ୱେବ୍‌ସାଇଟ୍, ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମରେ ତାହା ଦର୍ଶାଇବେ



ଆଇନପ୍ରଣେତାଙ୍କୁ ମନା ନୁହେଁ ଓକିଲାତି | ପୃଷ୍ଠା ୨

### ଆଧାରର ସାମ୍ବିଧାନିକ ବୈଧତା

## ସୁପ୍ରିମକୋର୍ଟ ରାୟ ଆଜି

ନୂଆଦିଲ୍ଲୀ,୨୫।୯: ଆଧାରର ସାମ୍ବିଧାନିକ ବୈଧତା ସମ୍ପର୍କରେ ସୁପ୍ରିମକୋର୍ଟ ବୁଧବାର ରାୟ ପ୍ରକାଶ କରିବେ। ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସହ ୧୨ ସଂଖ୍ୟାବିଶିଷ୍ଟ ବାୟୋମେଟ୍ରିକ୍‌କୁ ଯୋଡାଯିବାକୁ ଗତବର୍ଷ ବିରୋଧ କରାଯାଇଥିଲା। ରାୟ ପ୍ରକାଶ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଭାବେ ବ୍ୟାଙ୍କ ଓ ମୋବାଇଲ ନମ୍ବରକୁ ଆଧାର ସହିତ ଯୋଡାଯିବା ଚାଲୁ ରହିବ ବୋଲି ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ଅନ୍ତରୀଣ ରାୟରେ ସ୍ପଷ୍ଟ କରିଥିଲେ। ଆଧାର ସଂଯୋଗ ଦ୍ୱାରା ନାଗରିକଙ୍କ ଗୋପନୀୟତା ଭଙ୍ଗ ହେଉଛି ବୋଲି ଅଭିଯୋଗ କରାଯାଇ ସୁପ୍ରିମକୋର୍ଟରେ ଆଧାର ସଂଯୋଗ ବିରୋଧରେ ଏକାଧିକ ମାମଲା ଦାଏର କରାଯାଇଛି।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। (ରିପୋର୍ଟ ଖେଳ ପୃଷ୍ଠାରେ)

# ଖାତକୁ ଖସିଲା ଗାଡ଼ି, ପରିବାରର ୫ମୃତ

ପୁରୀ ଅଫିସ/ପାତ୍ରପୁର, ୨୫।୯ (ଡି.ଏନ.ଏ.)

ପୁରୀ ଜିଲାରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମହୋଦଧିରେ ଅସ୍ଥିବିସର୍ଜନ କରିବାକୁ ଆସୁଥିବା ଗୋଟିଏ ପରିବାରର ୫ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଅନ୍ୟ ୬ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚନ୍ଦନପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଡାକ୍ତର ପୁଣ୍ୟଶ୍ଲୋକ ଦାଶ କହିଛନ୍ତି। ମଙ୍ଗଳବାର ଭୋର ୫ଟାରେ ପୁରୀ ନୂଆ ଜଗନ୍ନାଥ ସଡ଼କ ଭାଇଲିପୁର ଓ ରୁଆ ଛକ ମଝିରେ ଘଟିଛି ଏହି ଦୁର୍ଘଟଣା। ଡ୍ରାଇଭରର ଆଖି ଲାଗିଯିବାରୁ ଟାଟା ମ୍ୟାଜିକ ରାସ୍ତାକଡ଼ ଖାତରେ ଖସିପଡ଼ିଥିଲା। ମୃତକମାନେ ହେଲେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଖମ୍ବାରିଙ୍ଗା ପଞ୍ଚାୟତ ଲାଲ କମାଗାଁ ଗ୍ରାମର କେ. ଜଗଦୀଶ, କେ. କ୍ରିଷ୍ଣା, କେ. ହେମାବତୀ, କେ. ଅଭିମନ୍ୟୁ (୧୦) ଓ କେ. ସାଇଲୁ (୫)। ଚନ୍ଦନପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୂଚନା ମୁତାବକ, ଗତ ୧୫ ଦିନ ତଳେ ପରିବାରର ମୁଖ୍ୟ କେ. ମୁରଲୀଙ୍କର ୭୫ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ☞ ପୃଷ୍ଠା-୧୬



**ଅସ୍ଥି ବିସର୍ଜନ ପାଇଁ ଆସିବା ବେଳେ ଦୁର୍ଘଟଣା**

### ■ ସହରୀ ଲୋକଙ୍କୁ ପ୍ରତାରଣା

# ସହର ପାଣି ପରଖିବ ଘରୋଇ ସଂସ୍ଥା

ଅନୀଲ ଦାସ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ସରକାରୀ ସଂସ୍ଥା ଉପରୁ ଭରସା ତୁଟୁଛି। ଘରୋଇ ସଂସ୍ଥା ହେବେ ସର୍ବେସର୍ବା। ସହରାଞ୍ଚଳକୁ ଯୋଗାଇ ଦିଆଯାଉଥିବା ପାଣିର ନମୁନା ଆଉ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ବିଜ୍ଞାନାଗାର ଦ୍ୱାରା ଯାଞ୍ଚ ହେବ ନାହିଁ। ସରକାରୀ ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ ଘରୋଇ ସଂସ୍ଥା ହାତରେ ଏହି ବ୍ୟବସ୍ଥାକୁ ଟେକି ଦିଆଯିବ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଉଦ୍ୟମ ଆରମ୍ଭ ହୋଇଛି।

ପ୍ରଥମ ପର୍ଯ୍ୟାୟରେ ୯ଟି ଅମୃତ ସହରକୁ ଘରୋଇ ସଂସ୍ଥା ହାତରେ ଟେକିଦେବା ପରେ ଏବେ ରାଜ୍ୟର ୧୦୨ଟି ସହରାଞ୍ଚଳର ପାନୀୟ ଜଳ ପରୀକ୍ଷା ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଚାଲିଯିବ। ଏନେଇ ଯୁଦ୍ଧକାଳୀନଭିତ୍ତିରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ଏ ନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପୂର୍ବରୁ ପାଣିର ନମୁନା ପରୀକ୍ଷା କରିବା ଅପରିହାର୍ଯ୍ୟ। ☞ ପୃଷ୍ଠା-୧୬

### ■ ସରକାରୀ ବ୍ୟବସ୍ଥାକୁ ବୁଡ଼ାଇବାକୁ ଚକ୍ରାନ୍ତ



ମହାରଥୀଙ୍କ ବିବାଦୀୟ ଭିଡିଓ ଭାଇରାଲ | ପୃଷ୍ଠା ୪

### ଆଜିର ସମ୍ପାଦକୀୟ

**ଉତ୍ତମ ରାୟ**


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE
25.09.2018
Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 59 | 105 | 115 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 60 | 106 | 116 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


### ଆଜିର ମନ୍ତବ୍ୟ

“ ନ୍ୟାୟପାଳିକା ସମ୍ବିଧାନର ଧର୍ମନିରପେକ୍ଷ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ଉଚିତ।

–ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

କେନ୍ଦ୍ର ସରକାରଙ୍କ ଭାରତ ନେଟ୍ ପ୍ରକଳ୍ପ ଅନ୍ତର୍ଗତ ପ୍ରାୟ ୩୦ କୋଟି ଜନସାଧାରଣ ବର୍ତ୍ତମାନ ନିୟମିତ ଇଣ୍ଟରନେଟ୍ ସୁବିଧା ପାଉଛନ୍ତି। ୨୦୨୨ ବେଳକୁ ଏହାକୁ ୭୦ କୋଟିରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି।

–ଦୂରସଞ୍ଚାର ବିଭାଗ




ଧରିତ୍ରୀ
DHARITRI
ବୁଧବାର, ୨୬ ସେପ୍ଟେମ୍ବର, ୨୦୧୮



“ସିରିଆ ଓ ୟେମେନରେ ଯୁଦ୍ଧ ବନ୍ଦ କରିବାରେ ବିଶ୍ୱ ସମୁଦାୟ ବିଫଳ ହୋଇଛି। ରୋହିଙ୍ଗ୍ୟା ଶରଣାର୍ଥୀ ସଙ୍କଟ ଓ ଆତଙ୍କବାଦ ବିରୋଧରେ ମଧ ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରିନାହିଁ। ଏହି ପ୍ରସଙ୍ଗଗୁଡ଼ିକୁ ନେଇ ବିଶ୍ୱରେ ଭୟଙ୍କର ସ୍ଥିତି ସୃଷ୍ଟି ହେଲାଣି।

-ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ



## ସଂକ୍ଷେପରେ

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୫।୯(ପି.ଟି.):** ଜମ୍ମୁ-କଶ୍ମୀରରେ ମଙ୍ଗଳବାର ସୁରକ୍ଷାବଳଙ୍କୁ ମିଳିଛି ସଫଳତା। ବାରମୁଲ୍ଲା ଜିଲାରେ ଏନ୍‌କାଉଣ୍ଟରବେଳେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସୋପୋର୍ ଟାଉନ୍‌ରେ ଥିବା ବୋମାଇ ଅଞ୍ଚଳରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ମିଳିଥିଲା। ଏହାପରେ ପୂର୍ବାହ୍ନରେ ଉକ୍ତ ଅଞ୍ଚଳରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିଲେ ସୁରକ୍ଷାକର୍ମୀ। ଏତିକିବେଳେ ଲୁଚିରହିଥିବା ଆତଙ୍କବାଦୀ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ଜବାବୀ ହମ୍‌ଲାରେ ୨ ଆତଙ୍କବାଦୀ ଟଳିପଡ଼ିଛନ୍ତି ବୋଲି ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ଏମାନେ କେଉଁ ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ଥିଲେ, ତାହା ଜଣାପଡ଼ି ନାହିଁ।

### ଉତ୍ତରପୂର୍ବରେ ଭୂକମ୍ପ

**କୋଲ୍‌କାତା, ୨୫।୯:** ଆସାମ, ମେଘାଳୟ ସମେତ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଙ୍ଗଳବାର ପୂର୍ବାହ୍ନରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୭ ଥିବା ସୂଚନା ମିଳିଛି। ଆସାମର ବାର୍‌ପେଟା ଜିଲା ହେଉଛି ଭୂକମ୍ପର କେନ୍ଦ୍ରସ୍ଥଳ। ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ ଏବଂ ମଣିପୁରରେ ମଧ ଦୁଇଥର ଝଟକା ଅନୁଭୂତ ହୋଇଥିଲା। ପ୍ରଥମେ ୯ଟା ୧୭ ଏବଂ ପରେ ୯ଟା ୨୧ରେ ଭୂକମ୍ପ ହୋଇଥିଲା। ଲୋକେ ଭୟରେ ଘରୁ ବାହାରକୁ ଚାଲିଯାଇଥିଲେ। କ୍ଷୟକ୍ଷତିର କୌଣସି ସୂଚନା ମିଳି ନାହିଁ।

### ଇତିହାସର ଆଇନାରେ
### ସେପ୍ଟେମ୍ବର ୨୬ର ପ୍ରମୁଖ ଘଟଣା

୧୯୮୦ ସେପ୍ଟେମ୍ବର ୨୬ରେ ଜର୍ମାନୀର ମ୍ୟୁନିକ୍‌ରେ ଅକ୍ଟୋବରଫେଷ୍ଟ ସମୟରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୧୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୧୧ ଜଣ ଆହତ ହୋଇଥିଲେ। ଏହି ବିସ୍ଫୋରଣରେ ଆଇଆଇଡି ବ୍ୟବହାର କରାଯାଇଥିଲା। ଏହି ଆକ୍ରମଣ ପଛରେ ଦକ୍ଷିଣପନ୍ଥୀ ଛାତ୍ର ଗୁଣ୍ଡୋଲଫ୍ କୋହଲ ସମ୍ପୃକ୍ତ ଥିଲେ।

୧୯୧୦ ସେପ୍ଟେମ୍ବର ୨୬ରେ ଭାରତୀୟ ସାମ୍ବାଦିକ କେ. ରାମକୃଷ୍ଣ ପିଲାଇଙ୍କୁ ଗିରଫ କରାଯିବା ସହ ଇଂରେଜ ସରକାର ତାଙ୍କୁ ଦେଶରୁ ନିର୍ବାସିତ କରିଥିଲେ। ତାଙ୍କ ଦ୍ୱାରା ସମ୍ପାଦିତ ଖବରକାଗଜ ସ୍ୱଦେଶଭିମାନୀ(ଦ ପାଟ୍ରିୟଟ) ଜରିଆରେ ଇଂରେଜ ସରକାରଙ୍କୁ ସେ କଡ଼ା ସମାଲୋଚନା କରୁଥିଲେ। ସେଥିପାଇଁ ତାଙ୍କୁ ଟ୍ରାଭାନ୍‌କୋରରୁ ଗିରଫ କରାଯାଇଥିଲା।

# ଆଇନପ୍ରଣେତାଙ୍କୁ ମନା ନୁହେଁ ଓକିଲାତି





- ଏମ୍‌ପି, ବିଧାୟକ ହେବା ପରେ ବି ପେସା ଜାରି ରଖିପାରିବେ ଆଇନଜୀବୀ
- ନିର୍ବାଚିତ ଲୋକ ପ୍ରତିନିଧି ପୂର୍ଣ୍ଣଭାବେ ଦରମାଭୋଗୀ ନୁହନ୍ତି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୫।୯(ପି.ଟି.)**

ଆଇନଜୀବୀରୁ ଆଇନପ୍ରଣେତା ହୋଇଥିବା ଏମ୍‌ପି, ଏମ୍‌ଏଲଏ ଏବଂ ଏମ୍‌ଏଲ୍‌ସିଙ୍କ ପାଇଁ ଖୁସି ଖବର। ଏଣିକି ଏମାନେ ଲୋକ ପ୍ରତିନିଧି ଥାଇ ସୁଦ୍ଧା କୋର୍ଟରେ ଓକିଲାତି କରିପାରିବେ। ମଙ୍ଗଳବାର ଏହି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ପାର୍ଲାମେଣ୍ଟ, ବିଧାନସଭା ଏବଂ ବିଧାନ ପରିଷଦରେ ସଦସ୍ୟ ଥିବା ଆଇନପ୍ରଣେତାଙ୍କୁ ଆଇନଜୀବୀ ପେସା ଜାରି ରଖିବାରେ କେହି ରୋକ୍ ଲଗାଇପାରିବେ ନାହିଁ। କାହିଁକି ନା ସେମାନଙ୍କ ପେସାରେ ବାଧାଦେବା ନିମିତ୍ତ କୌଣସି ଆଇନକାନୁନ ନାହିଁ ବୋଲି ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

ଆଡଭୋକେଟ୍ସ ଆକ୍ଟ-୧୯୬୧ ଓ ଏହା ଅଧୀନରେ ପ୍ରଣୀତ ନିୟମକୁ ଆଧାର କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ବିସିଆଇ) କରିଥିବା ନିୟମ ଅର୍ଥାତ୍ ରୁଲ୍-୪୯ ନିର୍ବାଚିତ ଲୋକ ପ୍ରତିନିଧିଙ୍କ କ୍ଷେତ୍ରରେ ଲାଗୁହେବ ନାହିଁ। କାରଣ ସେମାନେ କୌଣସି ବ୍ୟକ୍ତି, ଫାର୍ମ, ସରକାର, କର୍ପୋରେଶନ କିମ୍ବା ଅନ୍ୟ ସଂସ୍ଥାର ପୂର୍ଣ୍ଣ ଦରମାଭୋଗୀ କର୍ମଚାରୀ ନୁହନ୍ତି। ଆଇନପ୍ରଣେତାଙ୍କ ପରିଚୟ ହେଉଛି, ସେମାନେ ଏକ ଗୃହ (ପାର୍ଲାମେଣ୍ଟ/ବିଧାନସଭା)ର ସଦସ୍ୟ। ରାୟ ପ୍ରକାଶବେଳେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ସଦସ୍ୟ ଥିବା ଖଣ୍ଡପୀଠ ଏହା କହିଛନ୍ତି। ଏଥିସହ ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟ ଦାଏର କରିଥିବା ଜନସ୍ୱାର୍ଥ ଆବେଦନ (ପିଆଇଏଲ୍)କୁ କୋର୍ଟ ଖାରଜ କରିଦେଇଛନ୍ତି। ଏମ୍‌ପି ଓ ବିଧାୟକମାନେ କାର୍ଯ୍ୟକାଳ ମଧ୍ୟରେ ଯେପରି ଓକିଲାତି ପେସାରେ ରହି ନ ପାରିବେ, ଏଥିଲାଗି ଆଇନ ଅନୁସାରେ କଟକଣା ହେଉ ବୋଲି ଅଶ୍ୱିନୀ ଆବେଦନରେ ଦର୍ଶାଇଥିଲେ। ତାଙ୍କ ଯୁକ୍ତି ବିରୋଧରେ ମତ ଦେଇ ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ୧୯୫୪ ଆକ୍ଟ ଅନୁଯାୟୀ ଏମ୍‌ପି, ଏମ୍‌ଏଲ୍‌ଏ ଓ ଏମ୍‌ଏଲ୍‌ସି ଦରମା ଓ ଅନ୍ୟାନ୍ୟ ଭତ୍ତା ପାଆନ୍ତି। କିନ୍ତୁ ଏହା ଦ୍ୱାରା ସରକାର ଏବଂ ଆଇନପ୍ରଣେତାଙ୍କ ମଧ୍ୟରେ ନିଯୁକ୍ତିଦାତା ଓ ନିଯୁକ୍ତ କର୍ମଚାରୀ ଭାବେ ସମ୍ପର୍କ ଗଢ଼ାହୁଏ ନାହିଁ। ନିର୍ବାଚିତ ଆଇନପ୍ରଣେତାଙ୍କୁ ଲୋକସେବକ ଭାବେ ପରିଗଣିତ କରାଗଲେ ସୁଦ୍ଧା ସେମାନଙ୍କ ସ୍ଥିତି ଭିନ୍ନ। ସେମାନେ ପୂର୍ଣ୍ଣ ଭାବେ ନିଯୁକ୍ତି ପାଇଥିବା ଏବଂ ଦରମା ନେଉଥିବା କର୍ମଚାରୀ ନୁହନ୍ତି। ବରଂ ସେମାନେ ପାର୍ଲାମେଣ୍ଟ/ବିଧାନସଭାର ଏକ ଆସନରେ ଲୋକ ପ୍ରତିନିଧି ଭାବେ ନିର୍ବାଚିତ ହେଉଥିବା ସଦସ୍ୟ। ଗୃହଭଙ୍ଗ ନ ହେବା ପର୍ଯ୍ୟନ୍ତ ସେମାନେ ଏକ ସ୍ୱତନ୍ତ୍ର ପାହ୍ୟା ପାଆନ୍ତି। ତା’ପରେ ସ୍ଥିତି ବଦଳିଯାଏ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ରାୟ ଦେବାବେଳେ ଖଣ୍ଡପୀଠ କହିଛନ୍ତି ଯେ, ଏମ୍‌ପି, ଏମ୍‌ଏଲ୍‌ଏ ଓ ଏମ୍‌ଏଲ୍‌ସିଙ୍କୁ ରାଷ୍ଟ୍ରପତି ଏବଂ ରାଜ୍ୟପାଳ ଶପଥପାଠ କରାନ୍ତି। ସେମାନଙ୍କ ବିରୋଧରେ ଗୃହର ବାଚସ୍ପତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି। ଏହାର ଅର୍ଥ ନୁହେଁ, ସେମାନଙ୍କୁ ପୂର୍ଣ୍ଣ ଦରମାଭୋଗୀ କର୍ମଚାରୀ ଭାବେ ବିବେଚନା କରାଯିବ। ଅବଶ୍ୟ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦର ସଦସ୍ୟ ଥିବା ମନ୍ତ୍ରୀଙ୍କ ସ୍ଥିତି ଭିନ୍ନ। ସେମାନଙ୍କ କ୍ଷେତ୍ରରେ ପୃଥକ୍ ଆଇନକାନୁନ ଲାଗୁ ହୁଏ ଏବଂ ଭିନ୍ନ ବ୍ୟବସ୍ଥା ରହିଛି। ତେଣୁ ଆଇନପ୍ରଣେତାମାନେ ଓକିଲାତି ପେସା ଜାରି ରଖିବାରେ ଅସୁବିଧା ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

## ଭାଜପା କାର୍ଯ୍ୟକର୍ତ୍ତା ମହାକୁମ୍ଭରେ ମୋଦିଙ୍କ ଟାର୍ଗେଟ
# ବିଦେଶରେ ସହଯୋଗୀ ଖୋଜୁଛି କଂଗ୍ରେସ

**ଭୋପାଳ, ୨୫।୯(ପି.ଟି.)**

୧୨୫ ବର୍ଷ ପୁରୁଣା ଦଳ କଂଗ୍ରେସ ମିଛର ଆଶ୍ରୟ ନେଉଛି। ଏହି ଦଳ ତାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବିଦେଶରେ ମେଣ୍ଟ ସହଯୋଗୀ ଖୋଜୁଛି ବୋଲି ମଙ୍ଗଳବାର ସାଂଘାତିକ ଅଭିଯୋଗ ଆଣିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜନସଂଘର ସହ ପ୍ରତିଷ୍ଠାତା ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଉପଲକ୍ଷେ



ମଧ୍ୟପ୍ରଦେଶର ଭୋପାଳରେ ମଙ୍ଗଳବାର ଭାଜପା କାର୍ଯ୍ୟକର୍ତ୍ତା ମହାକୁମ୍ଭ ଆୟୋଜିତ ହୋଇଛି। ଏହି ଅବସରରେ ଦଳର କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରି ମୋଦି କଂଗ୍ରେସ ଓ ଏହାର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ରାଫେଲ ଚୁକ୍ତି ବିବାଦ ପରିପ୍ରେକ୍ଷୀରେ କଂଗ୍ରେସ ଓ ପାକିସ୍ତାନ ତାଙ୍କୁ ଶାସନ କ୍ଷମତାରୁ ହଟାଇବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି। କଂଗ୍ରେସ ଏତେ ତଳକୁ ଖସିଯାଇଛି ଯେ, ମେଣ୍ଟ ଗଢ଼ିବା ପାଇଁ ଛୋଟ ଛୋଟ ରାଜନୈତିକ ଦଳଗୁଡ଼ିକ ଆଗରେ ହାତ ପତାଉଛି। ଏସବୁ ସତ୍ତ୍ୱେ ମେଣ୍ଟ ଗଠନରେ କଂଗ୍ରେସ ବିଫଳ ହେବା ପରେ ଏବେ ଅନ୍ତର୍ଜାତୀୟ ସ୍ତରରେ ସହାୟତା ନେଉଛି। ଦେଶରେ ପ୍ରଧାନମନ୍ତ୍ରୀ କିଏ ହେବ ତାହା କ’ଣ ବିଦେଶୀ ଶକ୍ତି ସ୍ଥିର କରିବେ ବୋଲି ମୋଦି ପ୍ରଶ୍ନ କରିଛନ୍ତି।

## ରାଜକୁମାର ଅପହରଣ ମାମଲା
# ବୀରାପ୍ପାନଙ୍କ ୯ ସହଯୋଗୀ ନିର୍ଦ୍ଦୋଷ

**ଏରୋଡ୍, ୨୫।୯(ପି.ଟି.)**



କନ୍ନଡ ସୁପରଷ୍ଟାର ସ୍ୱର୍ଗତ ରାଜକୁମାରଙ୍କ ଅପହରଣ ମାମଲାର ୧୮ ବର୍ଷ ପରେ ତାମିଲନାଡୁର ଏରୋଡ୍ କୋର୍ଟରେ ଏହାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଦସ୍ୟୁ ବୀରାପ୍ପାନଙ୍କ ୯ ସହଯୋଗୀଙ୍କୁ ତୃତୀୟ ଅତିରିକ୍ତ ସେସନ୍ସ ଜଜ୍ ଗୋବିଚେଟ୍ଟିପଲାୟମ୍ ମଣି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଠିକ୍ ଭାବେ ତଦନ୍ତ କରାଯାଇନାହିଁ। ସେହିପରି ୪୭ ସାକ୍ଷୀଙ୍କ ସାକ୍ଷ୍ୟ ଓ ଅଭିଯୋଜନକାରୀ ପକ୍ଷଙ୍କ ଯୁକ୍ତିରେ କିଛି ତାମମେଳ ରହୁ ନ ଥିବା ଦର୍ଶାଇ ଅଦାଲତ ଏହି ରାୟ ଦେଇଛନ୍ତି। ପ୍ରକାଶ ଯେ, ୨୦୦୦ ଜୁଲାଇ ୩୦ରେ ତାମିଲନାଡୁର ଦୋଡ୍ଡା ଗଜାନୁରେସ୍ଥିତ ରାଜକୁମାରଙ୍କ ବାସଭବନରୁ ତାଙ୍କୁ ବୀରାପ୍ପାନଙ୍କ ସମେତ ଅନ୍ୟ ୧୪ ଜଣ ଅପହରଣ କରିନେଇଥିଲେ। ଅଭିନେତା ରାଜକୁମାରଙ୍କୁ ସେମାନେ ୧୦୮ ଦିନ ପଣବନ୍ଦୀ ରଖିବା ପରେ ନଭେମ୍ବର ୧୮ରେ ଛାଡ଼ିଦେଇଥିଲେ। ୨୦୦୪ରେ ଏକ ଏନ୍‌କାଉଣ୍ଟରରେ ବୀରାପ୍ପାନ ନିହତ ହୋଇଥିଲେ। ୨୦୦୬ ଏପ୍ରିଲ ୧୨ରେ ରାଜକୁମାରଙ୍କ ପରଲୋକ ହୋଇଥିଲା।

# ରାୟ ପରେ ନେତାମାନେ ଖୁସି

**ନୂଆଦିଲ୍ଲୀ, ୨୫।୯(ପି.ଟି.)**



ସୁପ୍ରିମକୋର୍ଟଙ୍କ ରାୟ ରାଜନେତା ସାଜିଥିବା ବରିଷ୍ଠ ଆଇନଜୀବୀ କପିଲ ଶିବଲ, ପି. ଚିଦାମ୍ବରମ୍, ଅଭିଷେକ ମନୁ ସିଂଘଭୀ, କେ.ଟି.ଏସ୍. ତୁଲସୀ, ପିନାକୀ ମିଶ୍ର, ମୀନାକ୍ଷୀ ଲେଖୀ ଏବଂ କେ. ପରାଶରନ୍‌ଙ୍କ ପାଇଁ ଖୁସି ଆଣିଦେଇଛି। ଏହି ଆଇନଜୀବୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ନ୍ୟାୟିକ ଲଢ଼େଇ ଲଢ଼ୁଛନ୍ତି। କଂଗ୍ରେସ ନେତା ସଲମାନ ଖୁର୍ସିଦ, ଶିବଲ ଏବଂ ଚିଦାମ୍ବରମ୍ ୨୦୧୪ ଲୋକ ସଭା ନିର୍ବାଚନରେ ପରାଜିତ ହେବା ପରେ ଓକିଲାତି ପେସାକୁ ଫେରିଥିଲେ। ଏହାପରେ ଶିବଲ ବିସିସିଆଇ ଦୁର୍ନୀତି ମାମଲାରେ ଅଭିଯୁକ୍ତ ଏନ୍. ଶ୍ରୀନିବାସନ୍‌ଙ୍କ ପାଇଁ ମାମଲା ପରିଚାଳନା କରିଥିଲେ। ଟ୍ରିପଲ୍ ତଲାକ୍ ଏବଂ ଅଯୋଧ୍ୟା ମାମଲାରେ ତାଙ୍କ ଯୁକ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବଳାତ୍କାର ମାମଲାରେ ଜେଲ୍ ଦଣ୍ଡାଦେଶ ପାଉଥିବା ବିବାଦୀୟ ଧର୍ମଗୁରୁ ଆଶାରାମ ବାପୁଙ୍କ ପାଇଁ ମାମଲା ଲଢ଼ିବେ ବୋଲି ଖୁର୍ସିଦ ଘୋଷଣା କରିବା ପରେ ସଭିଏଁ ଚକିତ ହୋଇଯାଇଥିଲେ। ନିକଟରେ କୋଇଲା ଦୁର୍ନୀତି ମାମଲାରେ ଚିଦାମ୍ବରମ୍ ଓ ଶିବଲ କୌଣସି ଏକ ପକ୍ଷର ଯୁକ୍ତି ଉପସ୍ଥାପନ କରିଥିଲେ। ଜାତୀୟସ୍ତରର ଦୁଇ ପ୍ରମୁଖ ରାଜନୈତିକ ଦଳ ଭାଜପା ଓ କଂଗ୍ରେସର ଅନେକ ନେତା ମଧ ଓକିଲାତି କରୁଛନ୍ତି। ତନ୍ମଧ୍ୟରେ ଅଛନ୍ତି ମନୀଷ୍ ତିୱାରୀ। ଜଣେ ରାଜନେତାମାନେ ସମ୍ବେଦନଶୀଳ ମାମଲା ପରିଚାଳନା କରିବା ଅନୁଚିତ ବୋଲି କୁହାଯାଉଥିଲେ ସୁଦ୍ଧା କୋର୍ଟଙ୍କ ସଦ୍ୟ ରାୟ ନେତାଙ୍କ ହାତ ମଜଭୁତ କରିଛି।

## ୧୫୮୧ ନେତାଙ୍କ ନାଁରେ ରହିଛି ଆପରାଧିକ ମାମଲା

**ନୂଆଦିଲ୍ଲୀ, ୨୫।୯**

ଦେଶର ୧୫୮୧ ନେତାଙ୍କ ବିରୋଧରେ ରହିଛି ଆପରାଧିକ ମାମଲା। ସେମାନଙ୍କ ମଧ୍ୟରେ ୯୮ ଏମ୍‌ପି ଅଛନ୍ତି। ସେହିପରି ୩୫ ଜଣଙ୍କ ବିରୋଧରେ ବଳାତ୍କାର, ହତ୍ୟା, ଅପହରଣ ଭଳି ସଙ୍ଗିନ ମାମଲା ରହିଛି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ ରିଫର୍ମ୍ସ(ଏଡିଆର୍) ପକ୍ଷରୁ ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ୪୮୯୬ ଜନ ପ୍ରତିନିଧିଙ୍କ ମଧ୍ୟରୁ ୪୮୫୨ ଜଣ ନିର୍ବାଚନବେଳେ ଦାଖଲ କରିଥିବା ସତ୍ୟପାଠକୁ ଅନୁଧ୍ୟାନ କରି ଇଲେକ୍ସନ୍ ୱାଚ୍‌ଡଗ୍ ଏହି ରିପୋର୍ଟ ପ୍ରକାଶ କରିଛି। ୭୭୬ ଏମ୍‌ପିଙ୍କ ମଧ୍ୟରୁ ୭୭୪ ଜଣଙ୍କର ସତ୍ୟପାଠର ଯାଞ୍ଚ କରାଯାଇଥିଲା। ସେହିପରି ୪୧୨୦ ବିଧାୟକଙ୍କ ମଧ୍ୟରୁ ୪୦୭୮ ଜଣଙ୍କ ସତ୍ୟପାଠର ବିଶ୍ଳେଷଣ ହୋଇଥିଲା।

## ବରଫ ଝଡ଼ରୁ ଜର୍ମାନ ଦମ୍ପତି ଉଦ୍ଧାର

**ନୂଆଦିଲ୍ଲୀ, ୨୫।୯(ପି.ଟି.)**

ହିମାଚଳ ପ୍ରଦେଶର ଲାହାଉଲ-ସ୍ପିତି ନିକଟରେ ବରଫ ଝଡ ଯୋଗୁ ୩ ଦିନ ଧରି ଜର୍ମାନୀର ଏକ ଦମ୍ପତି ଫସି ରହିଥିଲେ। ମଙ୍ଗଳବାର ଏହି ଦମ୍ପତିଙ୍କୁ ଭାରତୀୟ ବାୟୁସେନା ଉଦ୍ଧାର କରିଛି। ସେମାନେ ଟ୍ରେକିଂ କରିବାକୁ ରିଙ୍ଗଡୁମ୍‌ରୁ ଡିବଲିଙ୍ଗ ଯାଇଥିବାବେଳେ ବରଫ ଝଡରେ ଫସି ଯାଇଥିଲେ। ବାୟୁସେନାର ସୂଚନା ଅନୁସାରେ ଜର୍ମାନର ଦମ୍ପତି ମିଚେଲ ଏବଂ ତାଙ୍କ ସ୍ତ୍ରୀ ଆନିଟି ଟ୍ରେକିଂ ବେଳେ ଏଭଳି ଏକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ପିଆରବି ଦ୍ୱାରା ଏହି ଦମ୍ପତି ବାୟୁସେନା ସହ ଯୋଗାଯୋଗ ସ୍ଥାପନ କରିପାରିଥିଲେ। ସୋମବାର ଉଦ୍ଧାର କାର୍ଯ୍ୟ ସମ୍ଭବ ନ ହେବାରୁ ମଙ୍ଗଳବାର ସକାଳେ ଦୁହିଁଙ୍କୁ ଉଦ୍ଧାର କରାଯାଇଛି।

DSPL-157

## ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୧୯

ତା୦୧।୦୧।୨୦୧୯ରିଖକୁ ଯୋଗ୍ୟତା ସୂଚକ ତାରିଖ ଭାବେ ଭିତ୍ତିକରି ଭାରତ ନିର୍ବାଚନ କମିଶନ ରାଜ୍ୟର ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି।

| | | |
|---|---|---|
| ଚିଠା ଭୋଟର ତାଲିକା ପ୍ରକାଶନ | : | ୦୧।୦୯।୨୦୧୮ |
| ଦାବି ଓ ଆପତ୍ତି ଦାଖଲ | : | ୦୧।୦୯।୨୦୧୮ଠାରୁ ୩୧।୧୦।୨୦୧୮ |
| ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ | : | ୦୪।୦୧।୨୦୧୯ |

- ଆସନ୍ତା ୩୧।୧୦।୨୦୧୮ରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ସରକାରୀ କାର୍ଯ୍ୟଦିବସରେ ଚିଠା ଭୋଟର ତାଲିକାକୁ ଭୋଟରମାନେ ତନଖି କରିପାରିବେ।
- ଆପଣଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଭୋଟର ତାଲିକାରେ ନିର୍ଭୁଲ ଭାବରେ ପଞ୍ଜୀକୃତ ହୋଇଛି କି ? ଯଦି ଆପଣ ୦୧।୦୧।୨୦୧୯କୁ ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ଏବଂ ଭୋଟର ତାଲିକାରେ ଆପଣଙ୍କ ନାମ ନାହିଁ ତେବେ ଫର୍ମ-୬ରେ ପାସପୋର୍ଟ ସାଇଜ୍ ଫଟୋ, ଜନ୍ମତାରିଖ ପ୍ରମାଣ ଏବଂ ବାସସ୍ଥାନ ପ୍ରମାଣ ସହ ଦରଖାସ୍ତ ଦିଅନ୍ତୁ।
- ଭୋଟର ତାଲିକାରେ ନାମ ତ୍ରୁଟି ସଂଶୋଧନ କରିବା ପାଇଁ ଫର୍ମ-୮ରେ ଦରଖାସ୍ତ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ (ବି.ଏଲ୍.ଓ.) / ବ୍ଲକ୍/ ମ୍ୟୁନିସିପାଲିଟି / ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ।
- ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ଶୁଦ୍ଧ ଏବଂ ବିଶ୍ୱସନୀୟ କରିବା ନିମନ୍ତେ ଏହି ପ୍ରୟାସରେ ଆପଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ।
- ଭୋଟର ତାଲିକାରେ ନାମ ଯୋଗ, ବାଦ୍ ବା ସଂଶୋଧନ ନିମନ୍ତେ www.nvsp.in / www.ceoorissa.nic.inରେ online ଦରଖାସ୍ତ ଦେଇପାରିବେ।

**ଜାଣିରଖନ୍ତୁ:**

- ସ୍ୱତନ୍ତ୍ର ଅଭିଯାନ ଦିବସ- ୨୩।୦୯।୨୦୧୮, ୦୭।୧୦।୨୦୧୮ ଏବଂ ୨୮।୧୦।୨୦୧୮ (ରବିବାର)
- ଗୋଟିଏ ଭୋଟର ପରିଚୟପତ୍ର ସାରା ଭାରତରେ ବୈଧ।
- ଭୋଟର ତାଲିକାରେ ଆପଣଙ୍କ ନାମ ଯାଞ୍ଚ କରିବା ନିମନ୍ତେ website: www.ceoorissa.nic.in / www.nvsp.in ଦେଖନ୍ତୁ।
- ଅଧିକ ଜାଣିବା ପାଇଁ ନିଃଶୁଳ୍କ ନମ୍ବର 0674-1950 / 1950କୁ ଫୋନ୍ କରନ୍ତୁ।

ଶ୍ରୀ ସୁରେନ୍ଦ୍ର କୁମାର, ଭା.ପ୍ର.ସେ.
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

12001/13/0021/1819

## ଫୁର୍‌ସତ

# ୪ ବର୍ଷ ପୂରଣ କଲା ମାର୍ସ ପ୍ରୋବ୍

**ନୂଆଦିଲ୍ଲୀ:** ଭାରତର ମଧ୍ୟମ ଆକୃତିର ଇଣ୍ଟରପ୍ଲାନେଟାରି ସାଟେଲାଇଟ୍-ମାର୍ସ ଅର୍ବିଟର ମିଶନ୍ (ମମ୍) ଲୋହିତ ଗ୍ରହ ମଙ୍ଗଳକୁ ପ୍ରଦକ୍ଷିଣ କରିବାରେ ୪ ବର୍ଷ ସମ୍ପୂର୍ଣ୍ଣ କରିଛି। ୨୦୧୩ ନଭେମ୍ବର ୫ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ଏହାକୁ ଲଞ୍ଚ କରାଯାଇଥିଲା। ୨୦୧୪ ସେପ୍ଟେମ୍ବର ୨୪ରେ ଏହାକୁ ସଫଳତାର ସହିତ ପ୍ରଥମ ଉଦ୍ୟମରେ ମଙ୍ଗଳର କକ୍ଷପଥରେ ଅବସ୍ଥାନ କରାଯାଇ ପାରିଥିଲା। ମମ୍‌ର ମିଶନ୍ ଲାଇଫ୍‌ର ଡିଜାଇନ୍ ୬ମାସ ଅବଧି ବିଶିଷ୍ଟ କରାଯାଇଥିବାବେଳେ ଉକ୍ତ ସାଟେଲାଇଟ୍ ଦୀର୍ଘ ୪ବର୍ଷ ଧରି ମଙ୍ଗଳର ଫଟୋଚିତ୍ର ପଠାଇଆସୁଛି। ‘ମୁଁ ପ୍ରଦକ୍ଷିଣ କରିବା ୪ବର୍ଷ ହୋଇଗଲାଣି। ଆପଣମାନଙ୍କ ସ୍ନେହ ଓ ସମର୍ଥନ ପାଇଁ ଧନ୍ୟବାଦ’- ଶୀର୍ଷକ ଏକ ବାର୍ତ୍ତା ମାର୍ସ ଅର୍ବିଟର ଟୁଇଟ୍ କରିଛି।



ମମ୍‌କୁ ଏପରି ନିର୍ମାଣ କରାଯାଇଛି, ଏଥିରେ ସବୁ ପ୍ରକାର ଆତ୍ମନିୟନ୍ତ୍ରଣ ବ୍ୟବସ୍ଥା ରହିଛି। ବୈଜ୍ଞାନିକଙ୍କ କୌଣସି ସହାୟତା ବିନା ଏହା ଦୀର୍ଘ ଦିନ ଧରି ନିଜର ରକ୍ଷଣାବେକ୍ଷଣ କରିପାରିବ। ଉକ୍ତ ସାଟେଲାଇଟ୍ ଦ୍ୱାରା ମଙ୍ଗଳର ସମ୍ପୂର୍ଣ୍ଣ ଡିସ୍କ ଫଟୋଚିତ୍ର ଉତ୍ତୋଳନ କରାଯାଇ ପାରିଛି। ମାର୍ସ ରୋଭର କଲର କ୍ୟାମେରା ଏ ପର୍ଯ୍ୟନ୍ତ ୯୮୦ଟି ଫଟୋ ଉତ୍ତୋଳନ କରିସାରିଲାଣି। ଉକ୍ତ ମିଶନ୍ ସହାୟତାରେ ବୈଜ୍ଞାନିକମାନେ ମଙ୍ଗଳ ଗ୍ରହର ସମ୍ପୂର୍ଣ୍ଣମାନଚିତ୍ର ପ୍ରସ୍ତୁତ କରିବାକୁ ସମର୍ଥ ହୋଇଛନ୍ତି।



କାଇରା ଆଡଭାନୀ

# ‘ଅର୍ଜୁନ ରେଡ୍ଡୀ’ର ରିମେକ୍ ପାଇଁ ଉତ୍ସାହିତ

ମୁମ୍ବାଇ: ‘ଅର୍ଜୁନ ରେଡ୍ଡୀ ’ର ହିନ୍ଦୀ ରିମେକ୍ ନିର୍ମାଣ ହେବାକୁ ଯାଉଥିବା ବେଳେ ଅଭିନେତା ଶାହିଦ୍ କପୁରଙ୍କ ସହିତ କାର୍ଯ୍ୟ କରିବାକୁ ଉତ୍ସାହିତ ଥିବା କଥା ଅଭିନେତ୍ରୀ କାଇରା ଆଡଭାନୀ ପ୍ରକାଶ କରିଛନ୍ତି। କାଏରା ମଙ୍ଗଳବାର ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି- ‘ଗତବର୍ଷର ସର୍ବାଧିକ ଲୋକପ୍ରିୟ ଫିଲ୍ମଗୁଡିକ ମଧ୍ୟରୁ ଅନ୍ୟତମ ‘ଅର୍ଜୁନ ରେଡ୍ଡୀ’ର ରିମେକ୍ ହେବାକୁ ଯାଉଥିବା ବେଳେ ଏ ଦିଗରେ ଆପଣମାନଙ୍କ ସ୍ନେହ ଓ ସଦିଚ୍ଛା କାମନା କରୁଛି। ଏଥିରେ ଶାହିଦ କପୁର, ସନ୍ଦୀପ୍, ଅଶ୍ୱିନ୍ ଭାର୍ଦ୍ଦେ, ମୁରାଦ ଖେତାନି ଏବଂ ଭୂଷଣ କୁମାର କାର୍ଯ୍ୟ କରୁଛନ୍ତି। ଏହି ଟିମ୍‌ରେ ସାମିଲ ହୋଇ ଅଭିନୟ କରିବାକୁ ସେ ଉତ୍ସାହିତ ଅଛନ୍ତି। ପ୍ରଯୋଜକ ତଥା ଟି-ସିରିଜ୍‌ର ଭୂଷଣ କୁମାର ଫିଲ୍ମ ନିର୍ମାଣ ପାଇଁ କାଏରାଙ୍କୁ ଆମନ୍ତ୍ରଣ କରିଛନ୍ତି। ସେ ଟୁଇଟ୍ କରି ଜଣାଇଛନ୍ତି-‘ଅର୍ଜୁନ ରେଡ୍ଡୀ’ର ରିମେକ୍ ପାଇଁ ପ୍ରମୁଖ ଚରିତ୍ରରେ ଶାହିଦ କପୁରଙ୍କ ସମେତ କାଇରା ଆଡଭାନୀଙ୍କୁ ନେଇ ଆମେ ଖୁସି। ଉକ୍ତ ପ୍ରକଳ୍ପର ସଫଳତା ପାଇଁ ଆଗାମୀ ଦିନକୁ ଅପେକ୍ଷା। ସୂଚନାଯୋଗ୍ୟ ଯେ, ମୂଳ ‘ଅର୍ଜୁନ ରେଡ୍ଡୀ’ର ନିର୍ଦ୍ଦେଶନା ଦେଇଥିଲେ ସନ୍ଦୀପ ରେଡ୍ଡୀ ଭାଙ୍ଗା। ଏହାର ପ୍ରଦର୍ଶନ ସଫଳ ହୋଇପାରିଥିଲା।








# ‘ସତ୍ୟ ଓ ଅହିଂସାର ପ୍ରାସଙ୍ଗିକତା ବହୁ ଅଧିକ’

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମଗ୍ର ଦେଶରେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ମଧ୍ୟ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀକୁ ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ପାଳନ କରିବେ। ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଅକ୍ଟୋବର ୨ ତାରିଖରୁ ୨୦୨୦ ଅକ୍ଟୋବର ୨ ତାରିଖ ଯାଏ ଏହା ପାଳନ କରାଯିବ। ସବୁ ବର୍ଗର ଲୋକଙ୍କୁ ନେଇ ଜୟନ୍ତୀ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୫ଟି ସବ୍ କମିଟି ଗଠନ କରାଯାଇଛି। ଅନେକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଜୟନ୍ତୀ କମିଟିର ସଦସ୍ୟମାନଙ୍କ ମତାମତ ଗ୍ରହଣ କରାଯାଇଛି।

ବୈଠକ ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାତ୍ମା ଗାନ୍ଧୀ ଥିଲେ ଯୁଗପୁରୁଷ। ଭାରତର ଆତ୍ମାର ପୁନଃ ଜାଗରଣ ପାଇଁ ସେ ଉଦ୍ୟମ କରିଥିଲେ। ଦେଶର ସ୍ୱାଧୀନତା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ସମାଜର ମୌଳିକ ମୂଲ୍ୟବୋଧର ବିକାଶ ଥିଲା ତାଙ୍କର ପ୍ରକୃତ ଉଦ୍ଦେଶ୍ୟ। ସେଥିପାଇଁ ସେ ସତ୍ୟ ଓ ଅହିଂସା ଉପରେ ଗୁରୁତ୍ୱ ଦେଉଥିଲେ। ଆଜିର ଯୁଗରେ ଏହି ଦୁଇଟି ମନ୍ତ୍ରର ଗୁରୁତ୍ୱ ଅନେକ ବଢ଼ିଯାଇଛି। ସେଥିପାଇଁ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସାମିଲ କରିବା ପାଇଁ ସେ ପ୍ରସ୍ତାବ ଦେଉଛନ୍ତି। ସାମାଜିକ ଅନ୍ୟାୟ ଓ ଦାରିଦ୍ର୍ୟ ବିରୋଧରେ ଅହିଂସା ହେଉଛି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମହାତ୍ମା ଗାନ୍ଧୀ ସମୁଦାୟ ୮ଥର ଓଡ଼ିଶା ଆସି ବହୁ ଅଞ୍ଚଳ ବୁଲି ଓଡ଼ିଶାର ବାସ୍ତବ ସ୍ଥିତି ଅନୁଭବ କରିଥିଲେ। ଖଦି କାର୍ଯ୍ୟକ୍ରମର ପ୍ରସାର ପାଇଁ ସେ ଓଡ଼ିଶାରୁ ହିଁ ପ୍ରେରଣା ପାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ନେତା ଭବାନୀ ଚରଣ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ।



**ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ**

- ୨ ବର୍ଷ ପାଳନ କରିବେ ରାଜ୍ୟ ସରକାର
- ଗଠନ ହେଲା ୫ ସବ୍ କମିଟି

# ଦକ୍ଷିଣ ଓଡିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୫।୯ (ବ୍ୟୁରୋ)– ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡିଶାର ଅଧିକାଂଶ ସ୍ଥାନରେ ଏବଂ ଉତ୍ତର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ଭୁବନେଶ୍ୱରରେ ୨୮.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱରରେ ୪, କେନ୍ଦୁଝରରେ ୬, ସମ୍ବଲପୁରରେ ୭, ଟିଟିଲାଗଡରେ ୩୯, ଦାରିଙ୍ଗିବାଡିରେ ୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ସ୍ୱାଭାବିକ ଠାରୁ ୧୬ ପ୍ରତିଶତ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ୮ ଜିଲାର ୧୯ ବ୍ଲକରେ ସ୍ୱଳ୍ପ ବୃଷ୍ଟି ହୋଇଥିବା ବେଳେ ୪ ଜିଲାରେ ମରୁଡି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକରେ ୧୯.୭ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ପାଲଲହଡାରେ ୨୫.୫, ଅନୁଗୋଳରେ ୩୧.୭, ବଲାଙ୍ଗୀରରେ ୨୧.୩, ପଦ୍ମପୁରରେ ୨୧.୧, ସୋହେଲାରେ ୨୪.୬, ଚମ୍ପୁଆରେ ୨୨.୧, ବନ୍ଧୁଗାଁରେ ୨୯.୧, ନାରାୟଣ ପାଟଣାରେ ୩୫.୧, ରାସଗୋବିନ୍ଦପୁରରେ ୨୨.୧, ବିଶୋଇରେ ୧୯.୬ ପ୍ରତିଶତ ବର୍ଷା ହୋଇଛି।

**୨୩ ବ୍ଲକରେ ମରୁଡି ପରିସ୍ଥିତି**








Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER: HeroFinCorp. HDFC BANK We understand your world. IndusInd Bank TWO WHEELER LOANS. HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ଏସେନ ହୀରୋ - 7799766425. ସନୀ ହୀରୋ - 7799766401. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଜା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ନା ସାକନରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571. ହୀରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍ଡ- ଟୁ ହୁଇଲର୍ - ବିଦ୍ୟାଧରପୁର, କଟକ - 8093080012.

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶ୍ୱେତା
ପରିବାରବର୍ଗ


ଜଗତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Widower groom Manager 42, Bank Officer 35 (Caste-no-bar). Contact: 7873374269. D-8523

Wanted bride divorcee Karan boy age 48+ job at Birla Sunlife & doing business. Contact: 7008201045. D-8547

### GROOM WANTED

Asst. Professor 7th Pay Scaleରେ ଚାକିରି କରୁଥିବା ବଣିଆ ପାତ୍ରୀ (31)ଙ୍କ ପାଇଁ ଯେକୌଣସି ଜାତିର ବର ଖୋଜା ଚାଲୁଅଛି। ଯୋଗାଯୋଗ: 7381460016. D-60815

Beautiful Karan girl 1991, 5'3" MBA serving HDFC Bank 'Sunasansar'. 9937512659. D-8498

Very beautiful Brahmin girl, 30, 5'5", MBBS MD Doctor. 9437555525. D-63373

Wanted B.Tech/ MBA groom Khandayat/ Karan working in reputed company for a fair and beautiful Khandayat girl B.Tech, MBA, working in an MNC at Bangalore, 5'4", 27 yrs. Contact: 9619485527, 9167149844. D-8528

Wanted only Karan groom for B.Tech girl 36/5'2" (Rasi 11/5) working in MNC at Hyderabad as Business Analyst. Contact No.: 8093545435 for early marriage. D-63848

Khandayat girl 5'6, DOB-1985, working in MNC, Noida. 9337019409. D-8562

Agriculture Department ରେ ଚାକିରି 43 ବର୍ଷ ଝିଅ ପାଇଁ ଯେକୌଣସି ଜାତିର ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8658204685. D-8567

Now Matrimonial ads. only on Wednesday & Sunday
Book 1 Get 1 FREE

## classified




### LEASE

2015 Model LPT 407 for lease on monthly basis in and around Twincity. Contact: 9040551000. D-60922




### SALE

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64176

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Bhubaneswar AIIMS Hospital Doon School 30' road gharabari possession plot. 9438191293. D-62793

1600 sqft. land private property with a 3 storied building with 3750 sqft. builtup is for sale near Dhauli OTDC Tourist Centre, Bhubaneswar. Suitable for guesthouse. Contact: 8249185093. D-63376

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8550

2650 sqft. gharabari plot at Pokhariput, Bhubaneswar. Price- 45 lakhs. 7504392698. D-64180

Book 3BHK duplex house Jagamara, Bhubaneswar having land area 1260 sqft. and 1900 sqft. construction area. Price- 77 lakh. Bank finance available. 9078151122. D-64181

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ୍ ମିଳୁଅଛି। 9439864322. D-64329

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 450/-ରେ ବିକ୍ରିହେବ। 9438855652, 9090053827. D-64330

20,000 sqft. (approx) land for sale/ lease near NH. before Reliance Petrol-pump, Nayagarh. Contact: 9040551000. D-60924




Family accommodation having 2 rooms, 2 bathrooms, modular kitchen and car parking space at Madhusudan Nagar, Bhubaneswar very close to main road Sachibalayamarg near Akash Medical Coaching Centre and Appolo Pharmacy. Rent-12,000/-. Contact: 9861023510. D-63375

3BHK flat, 3rd floor on Patia Station road. Contact: 8480744664. D-61023

2BHK house (ground floor) with garage at Nayapalli (near UCO Bank), Bhubaneswar for family (officials). Mobile: 9338578779, 9777644160. D-64174

Single room near Sanjivani Hospital, Samantrapur, Puri road. 9937210090, 9437001226. D-63377

2500 sqft. first floor for rent at Patrapada NH. side for godown. Contact: 9040551000. D-60923




Shivam logistic packers movers. Household/ car relocation countrywide. 9777044177, 9338461133. D-8576




Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Newly opening ayurvedic full body massage by expert lady therapist. 9583125024. D-63098

Saishree ayurvedic full body massage ladies & gents. 9078429117, 7438896074. D-63100

G.S Spa herbal full body massage ladies/ gents. 9938526614, 8658292358. D-63099

Newly open herbal full body massage with refreshment well trained therapist. 7381239385. D-8556

ଫୁଲ୍ ବଡି ମସାଜ (ଦେଶୀ ମୋଡାଘଷା) only gents @ 250/-. 9583978590, 7064653554. D-8551

Newly opening ayurvedic body massage in joint pains, smart therapist. 9776383819. D-64177

Newly opening ayurvedic body massage smart therapist, Shree Herbal. 7750020754. D-64178

Experience full body massage with us by experts. Enquiry: 7377048581. D-64179

Opening newly ayurvedic full body massage ladies, gents. 7609922705, 7438851534. D-38532

All type of massage and good therapy full body massage Sai herbal spa. 7609005923. D-64205

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8565

### AFFIDAVIT

By virtue of an affidavit sworn before Kaberi Muduli E.M. Puri on dated 04.09.18. I changed my surname from Bijayini Sahoo to Bijayini Mohanty. Henceforth I am known as Bijayini Mohanty for all purposes. D-63728

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ଜଗତ୍ ଜ୍ୟୋତି ବେହେରା**
ପଟିଆ

ଆଜି ତୋର ତୃତୀୟ ଜନ୍ମଦିନ ଅବସରରେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: **ଜେଜୀ, ବଡବାପା, ବଡମା, ବାବା, ମାମା ଓ ପରିବାରବର୍ଗ।** ଧ-୮୪୮୬

### ଜନ୍ମଦିନ ଶୁଭେଚ୍ଛା



**ଗୁଡୁଲ (ଶ୍ୱେତା)**
**Unit-IX, Road- 3, Bhubaneswar**

ଆଜି ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ନିକଟରେ ଆମର ଏତିକି ଗୁହାରି, ମା' ତୋତେ ପଣତକାନି ତଳେ ଘଣ୍ଟ ଘୋଡାଇ ରଖନ୍ତୁ। ନୀରୋଗ ରଖନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ ଓ ଭଲମଣିଷଟିଏ କରନ୍ତୁ। ଶୁଭେଚ୍ଛା ସହ: ତୋର ଅଜା-ଧନ୍ଦୁ, ଆଇ-ଅର୍ଚ୍ଚନା, ମାଆ-ରୀତା, ବାପା, ବାବା, ମାମା, ମାଉସୀ-କୁନୁ, ଗେଲୁ, ସାନଭାଇ-ଆଶୁ। ଧ-୮୫୪୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମହାରଥୀଙ୍କ ବିବାଦୀୟ ଭିଡିଓ ଭାଇରାଲ

**ମନ୍ତ୍ରୀ ପଦରୁ ବହିଷ୍କାର ଦାବି କଲା ଭାଜପା ମହିଳା ମୋର୍ଚ୍ଚା**

ପୁରୀ ଅଫିସ, ୨୫।୯

କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଏକ ଭିଡିଓ ସୋସିଆଲ ମଡିଆରେ ଭାଇରାଲ ହୋଇଛି। କୃଷିମନ୍ତ୍ରୀ ଉକ୍ତ ଭିଡିଓରେ ମହିଳାଙ୍କ ପ୍ରତି ତାଚ୍ଛଲ୍ୟ ଓ ଆକ୍ଷେପ କରି କହିଛନ୍ତି। ଏହି ଭିଡିଓକୁ ନେଇ ମହିଳାମାନଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ। ୨୪ ଘଣ୍ଟା ମଧ୍ୟରେ ମନ୍ତ୍ରୀ ପଦରୁ ବହିଷ୍କାର କରିବା ଲାଗି ଦାବି କରିଛି ଭାଜପା ମହିଳା ମୋର୍ଚ୍ଚା। ଅନ୍ୟପକ୍ଷରେ ବଡ଼ଦାଣ୍ଡ ଟାଉନ ଥାନା ସମ୍ମୁଖରେ ଭାଜପା ନଗର ମହିଳା ମୋର୍ଚ୍ଚା ପକ୍ଷରୁ କୃଷିମନ୍ତ୍ରୀ ମହାରଥୀଙ୍କ ଇସ୍ତଫା ଦାବିକରି କୁଶ ପୁତ୍ତଳିକା ଦାହ କରାଯାଇଛି।

ସୂଚନା ମୁତାବକ, ଉତ୍ତରା ଛକଠାରୁ ପିପିଲିର ସାତଶଙ୍ଖ ଛକ ପର୍ଯ୍ୟନ୍ତ ୩୦ହଜାର ମହିଳା ଛିଡା ହୋଇଥିଲେ। ଯଦି ୩୦ହଜାର ମହିଳା ଛିଡା ହେଲେ ତେବେ ତାଙ୍କର କେତେଟା ସ୍ୱାମୀ। ୨ଟା ଲେଖାଏ ହେଲେ ୬୦ହଜାର ସ୍ୱାମୀ। ପିଲାପିଲି କେତେଟା ? କିଛି ଲୋକଙ୍କ ଗହଣରେ ବସି ମହିଳାଙ୍କ ପ୍ରତି ଏଭଳି ତାଚ୍ଛଲ୍ୟ କରି କୃଷି, ପଶୁ ସମ୍ପଦ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ କହୁଥିବା ଦୃଶ୍ୟ ଅପଲୋଡ ହୋଇଥିବା ଭିଡିଓରେ ରହିଛି। ଏହାକୁ ନେଇ ଗର୍ଜିଛି ଭାଜପା ମହିଳା ମୋର୍ଚ୍ଚା। ଏକ ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, କୃଷିମନ୍ତ୍ରୀଙ୍କୁ ମହିଳାଙ୍କ ସ୍ୱାମୀ ଗଣିବାର ଅଧିକାର କିଏ ଦେଲେ। କୃଷିମନ୍ତ୍ରୀ ପଶୁପକ୍ଷୀ ଗଣିବା ମଧ୍ୟରେ ସୀମିତ ରୁହନ୍ତୁ। ମୁଖ୍ୟମନ୍ତ୍ରୀ ୨୪ଘଣ୍ଟା ମଧ୍ୟରେ ମନ୍ତ୍ରୀ ପଦରୁ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର କରନ୍ତୁ। ଯଦି ନ କରନ୍ତି ତେବେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପରିଡା କହିଛନ୍ତି।

ଅନ୍ୟପକ୍ଷରେ ପୁରୀ ନଗର ଭାଜପା ମହିଳା ମୋର୍ଚ୍ଚା ଟାଉନ ଥାନା ସମ୍ମୁଖରେ କୃଷି ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୁଶପୁତ୍ତଳିକା ଦାହ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ମହିଳା ସଭାପତି ସସ୍ମିତା ବେହେରା କହିଛନ୍ତି ଯେ, ଜଣେ ବରିଷ୍ଠ ମନ୍ତ୍ରୀ ଏଭଳି ଅଶାଳୀନ ମନ୍ତବ୍ୟ ଦେବା ଗ୍ରହଣଯୋଗ୍ୟ ନୁହେଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା'କୁ ସମ୍ମାନ କଥା କହୁଥିବାରୁ ଦଳର ଜଣେ ବରିଷ୍ଠ ନେତା ନିଜ ଉଚ୍ଚାରଣ ଓ ଆଚରଣରେ ସଞ୍ଜମତା ଆଣନ୍ତୁ। ନୈତିକତା ଦୃଷ୍ଟିରୁ ମହାରଥୀ ଇସ୍ତଫା ଦିଅନ୍ତୁ ଅଥବା ମୁଖ୍ୟମନ୍ତ୍ରୀ ତାଙ୍କୁ ବହିଷ୍କାର କରନ୍ତୁ। ନଚେତ୍ ଆଗାମୀ ଦିନରେ ମହିଳା କଂଗ୍ରେସ ପକ୍ଷରୁ ବିରୋଧ କରାଯିବ।

କୃଷିମନ୍ତ୍ରୀ ମହାରଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ବିରୋଧୀଙ୍କୁ କଥା ମିଳୁ ନ ଥିବାରୁ ଏଭଳି ଅକଥାକୁ ନେଇ ରାଜନୀତି କରୁଛନ୍ତି। ପ୍ରଦୀପ ମହାରଥୀଙ୍କ ସମ୍ପୂର୍ଣ୍ଣ ବକ୍ତବ୍ୟ ଦେଖିଲେ ଶୁଣିଲେ ଭାଜପା ଓ କଂଗ୍ରେସ ଜାଣିପାରିବେ ତାଙ୍କର କିଛି ଭୁଲ୍ ନାହିଁ। ବିରୋଧୀଙ୍କ ଅଭିଯୋଗ ଉଦ୍ଦେଶ୍ୟମୂଳକ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**—ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**—ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | |
|---|---|---|
| ବାଲେଶ୍ୱର | ୩୪.୮ | ୨୨.୭ |
| ଚାନ୍ଦବାଲି | ୩୫.୨ | ୨୬.୦ |
| କଟକ | ୩୪.୮ | ୨୪.୨ |
| ପାରାଦ୍ୱୀପ | ୩୨.୪ | ୨୭.୭ |
| ଭୁବନେଶ୍ୱର | ୩୪.୨ | ୨୫.୨ |
| ଗୋପାଳପୁର | ୩୩.୭ | ୨୬.୨ |
| ପୁରୀ | ୩୪.୦ | ୨୭.୦ |
| ଅନୁଗୋଳ | ୩୪.୧ | --- |
| ବାରିପଦା | ୩୫.୦ | ୨୫.୦ |
| ଝାରସୁଗୁଡ଼ା | ୩୪.୨ | ୨୬.୧ |
| କେନ୍ଦୁଝର | ୩୧.୮ | ୨୩.୨ |
| ସମ୍ବଲପୁର | ୩୪.୩ | ୨୬.୦ |
| ସୁନ୍ଦରଗଡ଼ | --- | ୨୨.୫ |
| ହୀରାକୁଦ | ୩୪.୧ | ୨୬.୨ |
| ତାଳଚେର | ୩୩.୬ | ୨୪.୯ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୫.୦ | ୨୪.୫ |
| କୋରାପୁଟ | ୨୯.୬ | ୧୯.୦ |
| ଫୁଲବାଣୀ | ୩୨.୦ | ୧୯.୨ |
| ଟିଟିଲାଗଡ଼ | ୩୪.୦ | ୨୧.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୪.୮ | ୨୪.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଚେନ୍ନାଇରେ ଓଡ଼ିଶା ଭବନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୯(ବ୍ୟୁରୋ)-ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସନ୍ଧ୍ୟାରେ ଚେନ୍ନାଇଠାରେ ଓଡ଼ିଶା ଭବନ ଉଦ୍‌ଘାଟନ କରିଛନ୍ତି। ଏହାକୁ ମିଶାଇ କୋଲକାତା, ମୁମ୍ବାଇ, ନୂଆଦିଲ୍ଲୀଠାରେ ଓଡ଼ିଶା ସରକାର ନିଜର ଆବାସିକ ଗୃହ ନିର୍ମାଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୁଇଦିନିଆ ଚେନ୍ନାଇ ଗସ୍ତରେ ଯାଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ସେଠାରେ ଅନୁଷ୍ଠିତ 'ମେକ୍ ଇନ୍ ଓଡ଼ିଶା ରୋଡ୍ ଶୋ'ରେ ଯୋଗ ଦେବେ। ସେଠାରେ ସେ ପୁଞ୍ଜିନିବେଶକାରୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିବା ସହ ରୋଡ୍ ଶୋ'ରେ ଅଭିଭାଷଣ ରଖିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମୁମ୍ବାଇ ଓ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ରୋଡ୍ ଶୋ'ରେ ଯୋଗଦେଇ ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆମନ୍ତ୍ରଣ କରିଛନ୍ତି। ଓଡିଶା ଭବନ ୨୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଦଶାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପଲକ୍ଷେ



**ସ୍ୱର୍ଗତ ଦେବଦତ୍ତ ସେନ୍**
ଇନ୍ଦିପୁର, କେନ୍ଦ୍ରାପଡା ଓ ଚିନ୍ତାମଣିଶ୍ୱର ଏରିଆ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୬।୧୯୫୫
ତିରୋଧାନ: ୧୨।୦୯।୨୦୧୮
ସମସ୍ତ ବନ୍ଧୁବର୍ଗ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅଶ୍ରୁଳ ପ୍ରାର୍ଥନା ଜଣାଉଛୁ। ଇତି ବନ୍ଧୁବର୍ଗ, ଆତ୍ମୀୟସ୍ୱଜନ ଓ ହତଭାଗ୍ୟ ପରିବାରବର୍ଗ। ଧ-୮୫୭୭

**ଏକାଦଶାହ ଉପଲକ୍ଷେ**
****ଶ୍ରଦ୍ଧାଞ୍ଜଳି****



✓ଦୋଳଗୋବିନ୍ଦ ପ୍ରଧାନ
ଆବିର୍ଭାବ: ୨୮.୦୭.୧୯୨୬
ତିରୋଧାନ: ୧୬.୦୯.୨୦୧୮
ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପ୍ରାକ୍ତନ ମନ୍ତ୍ରୀ ଶ୍ରୀଯୁକ୍ତ ଦୋଳଗୋବିନ୍ଦ ପ୍ରଧାନଂକର ବିୟୋଗରେ ପରିବାର ଓ ବନ୍ଧୁବର୍ଗ ମର୍ମାହତ। ସେ ଜଣେ ଆଦର୍ଶବାଦୀ, ସ୍ୱାଭିମାନୀ ଓ ଦେଶ ବତ୍ସଳ ବ୍ୟକ୍ତି ଥିଲେ। ତାଙ୍କର ବ୍ୟକ୍ତିତ୍ୱ ଓ କର୍ମମୟ ଜୀବନକୁ ନେଇ ଆମ୍ଭେମାନେ ଗର୍ବିତ । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଶୋକ ସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
**ପରିବାର ଓ ବନ୍ଧୁବର୍ଗ**
ଧ-୮୫୭୮



**Late Nihar Satpathy**
**(22.11.1966 - 15. 09. 2018)**
"With lots of love we miss you every moment. Your strength & love will always be a source of inspiration, to cherish, honour & emulate."
With profound grief and sadness we inform that Nihar Satpathy departed for his heavenly abode on 15th September 2018.
In grief: **Family & friends**.
D-8564


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶ୍ରୀଚନ୍ଦ୍ର ହେତୁ ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାର ଚେଷ୍ଟା କରିବେ। ଯାତ୍ରା, ବିବାଦ, ଗୃହାରମ୍ଭ ପ୍ରଭୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ଭ୍ରମଣ ଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିଯାଇପାରେ।

**ବୃଷ**
ବଳବାନ୍ ମଙ୍ଗଳ ପ୍ରଭାବରୁ ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ଭରସା କରି କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ**
ନୂତନ କର୍ମାରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ,ଗୃହ ଓ ଯାନବାହନ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି କରିବେ। ବିଗତ ଦିନର କଳହକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନଙ୍କ ସହ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ନୂତନ ଯୋଜନା କିମ୍ବା ଜମିଜମା ସମସ୍ୟାକୁ ନେଇ ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନରେ ମଧ୍ୟ ସାମୟିକ ବାଧାପ୍ରାପ୍ତ ହୋଇପାରେ।

**କର୍କଟ**
କର୍ମସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାର୍ଯ୍ୟ ହାସଲ ଦିଗରେ ସହାୟକ ହେବ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଅଫିସରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ପରିବାର ସଦସ୍ୟମାନଙ୍କ ନିକଟରୁ ସ୍ନେହ ଶ୍ରଦ୍ଧା ପାଇପାରନ୍ତି।

**ସିଂହ**
ଆର୍ଥିକ ଉନ୍ନତି କାରଣରୁ ନୂଆ ନୂଆ କାମ ଓ ଯୋଜନା ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ନିଜ ରାଶିରେ ବୁଧଙ୍କ ସ୍ଥିତି ଶାରୀରିକ ସୁସ୍ଥତା ଓ ବିଶିଷ୍ଟବ୍ୟକ୍ତିମାନଙ୍କ ସାନ୍ନିଧ ଲାଭର ସୁଯୋଗ ପ୍ରଦାନ କରିବ। କର୍ମକ୍ଷେତ୍ରରେ ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପରେ।

**ତୁଳା**
ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ଆଶା କରୁଥିବା କାମଟି ସମ୍ପନ୍ନ ନେଇ ଅନୁକୂଳ ସୁବିଧା ମନକୁ ଆହ୍ଲାଦିତ କରିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ବୃଦ୍ଧି ପାଇବ। ଜମିଜମା, ଆରକ୍ଷୀ ମାମଲା ପ୍ରଭୃତିର ସମାଧାନ ହୋଇଯିବ।

**ବିଛା**
ଆଜିର ଚନ୍ଦ୍ର ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ପ୍ରୀତିଦାୟକ ରହିବା ସହ ସାଧାରଣ ବ୍ୟତିକ୍ରମ ମଧ୍ୟରେ ସ୍ୱାସ୍ଥ୍ୟୋନ୍ନତି କାରଣରୁ ମନ ହାଲୁକା ରହିପାରେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ।

**ଧନୁ**
ଉଚ୍ଚାରୋହୀ ଶନି ରାଶିରେ ରହି ଆର୍ଥିକ, ଆଇନଗତ, ସାଂଗଠନିକ ତଥା ରାଜନୈତିକ କ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିପାରେ। କଳା, କ୍ରୀଡା, ସାହିତ୍ୟ, ଚଳଚ୍ଚିତ୍ରରେ ସମସ୍ୟା ସମାଧାନପୂର୍ବକ ସାମାନ୍ୟ ଅଗ୍ରଗତି ଘଟିବ।

**ମକର**
ଚନ୍ଦ୍ରଙ୍କ ସ୍ଥିତି କାରଣରୁ ପରିବାରର ନିର୍ଦ୍ଦେଶରେ ଆପଣ କାମ କରିବାକୁ ବାଧ ହେବେ। ପାଖ ପଡୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ସନ୍ଧ୍ୟା ସମୟରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନସନ ଲାଗି ରହିବ।

**କୁମ୍ଭ**
ତୃତୀୟ ଚନ୍ଦ୍ର ନବମ ଭାବକୁ ଦେଖୁଥିବାରୁ ଧାର୍ମିକ କାର୍ଯ୍ୟ ପାଇଁ ପୂର୍ବ ପ୍ରସ୍ତୁତି କରିପାରନ୍ତି। ନିଜ ଲୋକମାନେ ଯେତେ ପ୍ରକାର ସମସ୍ୟା ସୃଷ୍ଟି କଲେ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମୀନ**
ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ବୃହସ୍ପତି ଆପଣଙ୍କୁ ଅର୍ଥ ଓ ସମ୍ମାନ ଦେବାର ପରିବେଶ ସୃଷ୍ଟି କରିପାରେ। କିନ୍ତୁ ପରିବାରରେ ଆନ୍ତରିକତାର ଅଭାବ ଜନିତ କେତେକ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ବହୁତ ଦିନରୁ ଲାଗି ରହିଥିବା ରୋଗ ଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଅଟକି ରହିଥିବା କାମଟି ଅପରାହ୍ନେ ସମ୍ପନ୍ନ କରିବେ।

ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର, ସେପ୍ଟେମ୍ବର ୨୬ ତାରିଖ, ବିଶ୍ୱ ମୂକ ବଧିର ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଶ୍ରାଦ୍ଧ, ଦିବା ଘ୬।୧୧ମି. ଗତେ ଘ୮।୪୧ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୫ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୧ମି. ମଧ୍ୟେ ଘ୧୦।୧୧ମି. ଗତେ, ଘ୧୧।୪୧ମି. ମଧ୍ୟେ ଘ୪।୦୫ମି. ଗତେ, ଘ୫।୩୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୧।୩୮ମି. ଗତେ ଘ୧।୦୭ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

ନିର୍ବାଚନୀ କାମରେ ନିୟମ ଉଲ୍ଲଂଘନ

### ଦୁଇ ବରିଷ୍ଠ କିରାଣି ନିଲମ୍ବିତ

**ଝାରସୁଗୁଡ଼ା ଅଫିସ,୨୫।୯:** ନିର୍ବାଚନୀ କାମରେ ନିୟୋଜିତ ଥିବା ସମୟରେ ନିୟମ ଉଲ୍ଲଂଘନ କରି ସୋସିଆଲ ମିଡିଆ ବ୍ୟବହାର କରିବା ଅଭିଯୋଗରେ ମଙ୍ଗଳବାର ଦୁଇ ବରିଷ୍ଠ କିରାଣିଙ୍କୁ ନିଲମ୍ବନ କରାଯାଇଛି। ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କିରାଣି ବଳଦେବ ପଟେଲ ଏବଂ ବ୍ରଜମୋହନ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମ ପର୍ଯ୍ୟାୟ ଇଭିଏମ୍ ଯାଞ୍ଚ କାମ ଚାଲିଛି। ଏହି ଯାଞ୍ଚ ପ୍ରକ୍ରିୟା ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ୧ ମଧ୍ୟରେ ଶେଷ କରିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଇତିମଧ୍ୟରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ପଶ୍ଚିମ ଓଡ଼ିଶା ବାର୍ ସମୂହକୁ ନେଇ ଗଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଇଏସି) ତରଫରୁ ନ୍ୟାୟିକ ଏବଂ ରାଜସ୍ୱ ଅଦାଲତ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ନିର୍ବାଚନୀ ଜରୁରୀ କାର୍ଯ୍ୟ ଭାବେ ଇଭିଏମ୍ ଯାଞ୍ଚ ଚାଲିଛି। ଇଭିଏମ୍ ଯାଞ୍ଚ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଦୁଇ କିରାଣି ବଳଦେବ ଏବଂ ବ୍ରଜମୋହନ ସୋସିଆଲ ମିଡିଆ ବ୍ୟବହାର କରିଥିଲେ। ଯାହା ଦ୍ୱାରା ନିର୍ବାଚନୀ କାମରେ ବାଧା ସୃଷ୍ଟି ହେବା ଏବଂ ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ-୧୯୫୯ ଉଲ୍ଲଂଘନ ହୋଇଥିବା ଦର୍ଶାଇ ଜିଲାପାଳ ସେମାନଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ଆଦେଶ ପରେ ବରିଷ୍ଠ କିରାଣି ପ୍ରଧାନ ଲଖନପୁର ତହସିଲରେ ଏବଂ ପଟେଲ ଝାରସୁଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିୟୋଜିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କଲେଜ ଛାତ୍ରୀଙ୍କୁ ଭୁଜାଲିରେ ଆକ୍ରମଣ

- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ, ଉତ୍ତେଜନା
- ଏକତରଫା ପ୍ରେମ ଆକ୍ରମଣର କାରଣ

**କଣ୍ଟାପଡା, ୨୫।୯(ଡି.ଏନ୍.ଏ.)**

ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁରସ୍ଥିତ ଏକ କଲେଜର ଜଣେ ଛାତ୍ରୀଙ୍କୁ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭୁଜାଲିରେ ଆକ୍ରମଣ କରାଯାଇଛି। ଏଥିରେ ଛାତ୍ରୀଙ୍କ ପିଠି, ଡାହାଣ ଗୋଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏକତରଫା ପ୍ରେମ କରି ବିଫଳ ହେବାରୁ ଜଣେ ଯୁବକ ଏଭଳି କାଣ୍ଡ ଘଟାଇଥିବା ଜଣାପଡିଛି। ଛାତ୍ରୀଙ୍କ ବାପା ଓଲଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବାଲିଅନ୍ତା ଥାନା ଅଞ୍ଚଳର ଛାତ୍ରୀ ଜଣଙ୍କ ଅଡଶପୁର କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ କଳା ଶ୍ରେଣୀରେ ଅଧ୍ୟୟନ କରନ୍ତି। ସେହି ଥାନା ଅନ୍ତର୍ଗତ ଦେଉଳି ଉପରସାହି ଗ୍ରାମର ଜଣେ ଯୁବକ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଯୁବକ ଜଣଙ୍କ ପ୍ରେମ ନିବେଦନ କରିବାରୁ ଛାତ୍ରୀ ଅରାଜି ହୋଇଥିଲେ। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଛାତ୍ରୀ ଓ ତାଙ୍କର ୨ଜଣ ସାଙ୍ଗ କ୍ଲାସ୍ ସାରି ଚାଲିଚାଲି ଘରକୁ ଫେରୁଥିଲେ। ଅଡଶପୁର ଶିଶୁ ବିଦ୍ୟାମନ୍ଦିର ନିକଟରେ ଅଭିଯୁକ୍ତ ଓ ତାଙ୍କର ୨ଜଣ ସହଯୋଗୀ ଏକ ବାଇକ୍‌ରେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ହଠାତ୍ ଅଭିଯୁକ୍ତ ଜଣଙ୍କ ଏକ ଭୁଜାଲିରେ ସମ୍ପୃକ୍ତ ଛାତ୍ରୀଙ୍କୁ ପଛପଟୁ ଆକ୍ରମଣ କରିବା ପରେ ସେମାନେ ଫେରାର ହୋଇଯାଇଥିଲେ। ଛାତ୍ରୀ ଜଣଙ୍କ ଚିତ୍କାର କରିବାରୁ ସେଠାରେ କେତେଜଣ ଲୋକ ପହଞ୍ଚି ଚିକିତ୍ସାଲାଗି ତାଙ୍କୁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ଏହି ଘଟଣା ଜଣାପଡିବା ପରେ ଛାତ୍ରୀଙ୍କ ଗ୍ରାମର ଲୋକମାନେ ଉତ୍ତ୍ୟକ୍ତ ହୋଇପଡିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ସେମାନେ ବରାହିପୁର ନିକଟରେ ଫୁଲନଖରା-ନିଆଳି ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ କଟକ ସଦର ଏସ୍‌ଡିପିଓ ଜିତେନ୍ଦ୍ର ଦଳାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲୋକମାନେ ରାସ୍ତାରୋକୋ କରିଛନ୍ତି।

# ଡାକ୍ତରଙ୍କ ଘରୁ ୨୦ ଲକ୍ଷର ସୁନାଗହଣା ଲୁଟ୍

- ଭଦ୍ରକରେ ମାତିଲେ ଲୁଟେରା
- ୧୦ ଘଣ୍ଟା ବ୍ୟବଧାନରେ ୨ଟି ଲୁଟ୍
- ପୋଲିସ ପାଉନି ଟେର୍

**ଭଦ୍ରକ ଅଫିସ,୨୫।୯**

ଭଦ୍ରକ ଜିଲାରେ ଲୁଟେରାମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିକ ପରେ ଗୋଟିଏ ବଡଧରଣର ଲୁଟ ଘଟାଇ ଚାଲିଛନ୍ତି। ସୋମବାର ଅପରାହ୍ନରେ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ୩୦ ଲକ୍ଷ ଟଙ୍କା ଲୁଟି ନେବା ପରେ ବିଳମ୍ବିତ ରାତିରେ ଜଣେ ମହିଳା ଡାକ୍ତରଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟ ହୋଇଛି। ୧୦ ଘଣ୍ଟା ସମୟ ବ୍ୟବଧାନରେ ସହରରେ ଏଭଳି ଲୁଟ ଆତଙ୍କ ଖେଳାଇଛି। ଟାଉନ ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଚଳାଇଥିଲେ ମଧ୍ୟ ଲୁଟେରାଙ୍କ ଟେର୍ ପାଇ ନାହିଁ। କେଉଁ ଗୋଷ୍ଠୀ ଏଥିରେ ସମ୍ପୃକ୍ତ ତାହା ସ୍ପଷ୍ଟ ହୋଇ ନ ଥିବାରୁ ଏହା ପୋଲିସକୁ ଚିନ୍ତାରେ ପକାଇଛି।

ସୋମବାର ଅପରାହ୍ନରେ ଭଦ୍ରକ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଜଳଙ୍ଗା ୟୁକୋ ବ୍ୟାଙ୍କକୁ ଏକ କାର୍ ଯୋଗେ ୩୦ ଲକ୍ଷ ଟଙ୍କା ନିଆଯାଉଥିବା ସମୟରେ କୁଆପଦା ନିକଟରେ ୩ ଜଣ ଲୁଟେରା ବନ୍ଧୁକ ଦେଖାଇ ଟଙ୍କା ଭର୍ତ୍ତି ଟିଣବାକ୍ସ ଲୁଟି ନେଇଥିଲେ। ପରେ ରାତିରେ ସହରର ଅପର୍ତ୍ତିବିନ୍ଧା ନିୟୁ କଲୋନୀରେ ରହୁଥିବା କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସସ୍ମିତା ଖିଲାରଙ୍କ ଘରୁ ଲୁଟେରାମାନେ କଳାକନା ବୁଲାଇଛନ୍ତି। ଲୁଟେରାମାନେ ରୋଷେଇ ଘର ଦେଇ ଭିତରକୁ ପଶି ଆଲମିରାରୁ ନଗଦ ୧୫ ହଜାର ଟଙ୍କା, ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଓ ହୀରା ଖଚିତ ଅଳଙ୍କାର ଲୁଟିନେଇଛନ୍ତି। ଡା. ଖିଲାର ପୋଲିସକୁ ଜଣାଇଛନ୍ତି ଯେ, ସେ ରାତି ପ୍ରାୟ ୧୨ଟା ବେଳେ ଶୋଇବାକୁ ଯାଇଥିଲେ। ରାତି ୨ଟା ୧୦ରେ ନିଦରୁ ଉଠି ଆଲମିରା ଖୋଲାପଡିଥିବା, ରୋଷେଇ ଘର ଝରକା ଭଙ୍ଗା ଯାଇଥିବା ଓ ପଛପାଖ ଦ୍ୱାର ଖୋଲା ଥିବା ଦେଖି ଲୁଟ୍ ହୋଇଥିବା ଜାଣି ପୋଲିସକୁ ସୂଚନା ଦେଇଥିଲେ। ମଙ୍ଗଳବାର ସକାଳେ ଟାଉନ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସହରରେ ଏବେ ପୂଜା ବଜାର ଗହଳି ଲାଗି ରହିଥିବାରୁ ବାହାର ଅଞ୍ଚଳରୁ ଲୁଟେରାମାନେ ପଶି ଆସିଥିବା ଚର୍ଚ୍ଚା ହେଉଛି। ଗତ ସପ୍ତାହରେ ସହରରେ ଆଉ ଦୁଇଟି ଲୁଟ୍ ଘଟିଥିଲା। ଗତବର୍ଷ ପୂଜା ବଜାର ବେଳେ ସିରିଜି ଏଟିଏମ୍ ଲୁଟ ସମେତ ରାହାଜାନୀ, ଡାକାୟତି ଘଟାଇ ଲୁଟେରାମାନେ ପୋଲିସର ନିଦ ହଜାଇଥିଲେ।

# ଗୁଳି ମାଡ଼ରେ ପୁଅ ଗୁରୁତର, ବାପା ଆହତ

## ଯୁବନେତାଙ୍କୁ ଆକ୍ରମଣର ପ୍ରତିଶୋଧ

**ଜୟପୁର,୨୫।୯(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ସହରର ଜନଗହଳିପୂର୍ଣ୍ଣ ସ୍ଥାନ ରଜାନହର ଛକରେ ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ ଗୁଳି ଫୁଟିଛି। ପଥର ମାଡ଼ ବି ହୋଇଛି। ଏଥିରେ ବାପା-ପୁଅ ନରେନ୍ଦ୍ର ନାୟକ ଓ ସନ୍ତୋଷ ନାୟକ ଗୁରୁତର ହୋଇଛନ୍ତି। ସୋମବାର ଜୟପୁର ଟାଉନ ଯୁବ ବିଜେଡି ସଭାପତି ବିକାଶ ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହାପଛରେ ବାପା-ପୁଅଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ପ୍ରତିଶୋଧ ନେବା ପାଇଁ ଯୁବନେତା ଏଭଳି କରିଥିବା ଅଭିଯୋଗ ହୋଇଛି। ତେବେ ସହରରେ ଦିନ ଦିପହରେ ଗୁଳି ଫୁଟିବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିବା ବେଳେ ଦୋକାନ ବଜାର ବନ୍ଦ ରହିଛି।

ସୂଚନା ଅନୁଯାୟୀ, ନରେନ୍ଦ୍ର ଓ ତାଙ୍କ ପୁଅ ସନ୍ତୋଷ ମଙ୍ଗଳବାର ଅପରାହ୍ନ ଗୋଟାଏ ପରେ ବାଇକରେ ଯାଉଥିବା ବେଳେ ରଜାନହରଠାରେ ୮ ଜଣ ଦୁର୍ବୃତ୍ତ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ସନ୍ତୋଷଙ୍କ ପିଠିରେ ଗୁଳି ବାଜିଥିବା ବେଳେ ନରେନ୍ଦ ପଥର ମାଡ଼ରେ ଗୁରୁତର ହୋଇଥିଲେ। ହଠାତ୍ ଗୁଳି ଶବ୍ଦ ଶୁଣି ହତଚକିତ ହୋଇଯାଇଥିଲେ ଶତାଧିକ ଜନତା। ଗୁଳିମାଡ଼ କରି ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ବାପ-ପୁଅଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ମେଡିକାଲ କଲେଜ ଓ ହସ୍‌ପିଟାଲ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ପୋଲିସ ୨ଟି ଜୀବନ୍ତ ଗୁଳି, ପିସ୍ତଲର ଭଙ୍ଗାଅଂଶ ଓ ବାଇକ ଜବତ କରିଛି।

■ ଆଜିଠାରୁ ସୁନ୍ଦରୀ ଧରା ଅଭିଯାନ

# ପହଞ୍ଚିଲେ ଡେରାଡୁନ, ଭୁବନେଶ୍ୱର ଟିମ୍

**ବନ୍ତଳା, ୨୫।୯ (ଡି.ଏନ.ଏ.)**



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଛଡ଼ାଯାଇଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀକୁ ନେଇ ସମସ୍ୟା ବଢୁଥିବା ବେଳେ ଶେଷରେ ତାକୁ କାବୁ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାରଠାରୁ ସୁନ୍ଦରୀକୁ ଧରାଯିବା ପ୍ରକ୍ରିୟା ଆରମ୍ଭ କରାଯିବ। ୨/୩ ଦିନ ମଧ୍ୟରେ ଯେମିତି ହେଲେ ସୁନ୍ଦରୀକୁ କାବୁ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଗତ ୧୨ ତାରିଖ ଠାରୁ ଅଭୟାରଣ୍ୟର ବିଭିନ୍ନ ଗ୍ରାମ ନିକଟକୁ ଯାଇ ସୁନ୍ଦରୀ ମଣିଷ ଓ ଗୋରୁଙ୍କୁ ଆକ୍ରମଣ କରୁଛି। ୧୦ ଦିନ ହେଲା ବାଘୁଣୀ ଆଠମଲ୍ଲିକ ବନଖଣ୍ଡ ହାତୀଧର ଜଙ୍ଗଲରେ ଥିବାରୁ ସ୍ଥାନୀୟ ଲୋକେ ଭୟ ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେଣୁ ସୁନ୍ଦରୀକୁ ଧରିବା ପାଇଁ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ, ଡବ୍ଲ୍ୟୁସିସି, ସ୍ପେଶାଲ ଇନ୍‌ଭେଷ୍ଟିକେଶନ ଓ ଭୁବନେଶ୍ୱର ପିସିସିଏଫ୍‌ର ଟିମ୍ ମଙ୍ଗଳବାର ରାତିରେ ଏଠାରେ ପହଞ୍ଚିଛନ୍ତି। ଡେରାଡୁନ ଓ ଭୁବନେଶ୍ୱର ଟିମ୍ ପହଞ୍ଚିଥିବାରୁ ମୋଟ୍ ୪ଟି ଟିମ୍‌କୁ ନେଇ ଗୋଟିଏ କମିଟି ଗଠନ କରାଯିବ। ବୁଧବାରଠାରୁ ବାଘୁଣୀକୁ ଧରିବାକୁ ଏହି କମିଟି ଅପରେସନ ଆରମ୍ଭ କରିବ। ଏଥିପୂର୍ବରୁ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟରେ ରଖାଯାଇଥିବା ୮ ଫୁଟ ଲମ୍ବା ଓ ୪ ଫୁଟ ଉଚ୍ଚତାର ଯନ୍ତାକୁ ୪ ଦିନ ପୂର୍ବରୁ ଆଠମଲ୍ଲିକ ବନଖଣ୍ଡ କାର୍ଯ୍ୟାଳୟକୁ ଅଣାଯାଇଛି। ଅନ୍ୟ ଏକ ଯନ୍ତା ରାଇଗୁଡ଼ା ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇଛି।

ଏ ସମ୍ପର୍କରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା କୁହନ୍ତି, ଭୁବନେଶ୍ୱର ଓ ଡେରାଡୁନର ୨ଟି ଟିମ୍ ଆସିଛନ୍ତି। ସମୁଦାୟ ୪ଟିମ୍‌କୁ ନେଇ ଗୋଟିଏ କମିଟି ଗଠନ ହେବ। ଟ୍ରାଙ୍କୁଲାଇଜ କରାହେବ କି ନାହିଁ କିଛି ନିଷ୍ପତ୍ତି ହୋଇନାହିଁ। ଅନ୍ୟ ପ୍ରକ୍ରିୟାରେ ଧରାଯିବା ପାଇଁ ଚେଷ୍ଟା କରାଯିବ। ଠିକ୍ ସମୟ ଆସିଲେ ପରିସ୍ଥିତି ଦେଖି ଆୟତ୍ତ କରାଯିବ। ଏଥିପାଇଁ ୨ରୁ ୩ ଦିନ ଲାଗିବ ବୋଲି ଡ. ପଣ୍ଡା ପ୍ରକାଶ କରିଛନ୍ତି।









# ଉତ୍ତମ ରାୟ

ଭାରତୀୟ ରାଜନୀତିରେ ଅପରାଧୀକରଣ ପ୍ରସଙ୍ଗ ଦୀର୍ଘ ବର୍ଷ ଧରି ରହିଆସିଛି। ଅତୀତକୁ ଦେଖିଲେ ଉତ୍ତର ଭାରତରେ ରାଜନେତାଙ୍କୁ ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନେ ସମର୍ଥନ କରିଆସୁଥିଲେ। କିନ୍ତୁ ଏହି ବ୍ୟକ୍ତିମାନେ ଯେତେବେଳେ ସିଧାସଳଖ ରାଜନୀତିକୁ ଆସିବା ପାଇଁ ମନ ବଳାଇଲେ, ସେତେବେଳେ ନେତାମାନେ ସେମାନଙ୍କୁ ଅଟକାଇ ପାରିଲେ ନାହିଁ। ଫଳରେ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ବିଭିନ୍ନ ଅପରାଧରେ ସମ୍ପୃକ୍ତ କେତେକ ନିର୍ବାଚିତ ହେବାରେ ଲାଗିଲେ। ପରିସ୍ଥିତି ଗମ୍ଭୀର ହେବା ପରେ ଏହି ପ୍ରସଙ୍ଗ ବିରାଟ ରୂପ ଧାରଣ କରିଛି। କେଉଁ ଧରଣର ଅପରାଧ ଥିଲେ ଜଣେ ନିର୍ବାଚନ ଲଢ଼ିପାରିବେ ନାହିଁ ତାହା ଉପରେ ଅନେକ ସମୟରେ ବିତର୍କ ଲାଗି ରହିଛି। ତେବେ ସମ୍ପୂର୍ଣ୍ଣ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଆଇନ ରହିଛି। କିନ୍ତୁ ଜଣଙ୍କ ନାମରେ ଚାର୍ଜଶିଟ୍ ବା ଅଭିଯୋଗପତ୍ର ଦାଖଲ ହୋଇଥିଲେ ତାଙ୍କୁ ନିର୍ବାଚନ ପାଇଁ ଅଯୋଗ୍ୟ ଘୋଷଣା କରାଯିବା ଦରକାର ବୋଲି ହୋଇଥିବା ଏକାଧିକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୫ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଥିଲେ ମଧ୍ୟ ସେ ନିର୍ବାଚନ ଲଢ଼ିପାରିବେ। ଏ ସଂକ୍ରାନ୍ତରେ ପାର୍ଲାମେଣ୍ଟ ନିଷ୍ପତ୍ତି ନେଉ। ରାଜନୀତିରୁ ଅପରାଧକୁ ଦୂରେଇ ଦେବା ଲାଗି ଆଇନ ପ୍ରଣୟନକାରୀମାନେ ଆଇନ ଆଣିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ଲକ୍ଷ୍ମଣରେଖା ଅତିକ୍ରମ କରିବାକୁ ଚାହିଁ ନାହାନ୍ତି। କାର୍ଯ୍ୟପାଳିକା ଚାହିଁଲେ ଅପରାଧ ରୋକାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

ଏଠାରେ ଏକ ଉଦାହରଣ ଦିଆଯାଇପାରେ। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ ହେଉ ନ ଥିଲେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥାଆନ୍ତି ବା ସ୍ଥଳବିଶେଷରେ ସଭା କରି ପ୍ରତିବାଦ କରୁଥିବା ଦେଖାଯାଏ। ଏଭଳି ପରିସ୍ଥିତିରେ ସ୍ଥାନୀୟ ନେତା ବା ବିଧାୟକ କିମ୍ବା ସାଂସଦ ପ୍ରତିବାଦ କରୁଥିବା ଲୋକଙ୍କ ସହ ସାମିଲ ହେବାକୁ ବାଧ୍ୟ ହୋଇଥାଆନ୍ତି। ଏହି ପରିପ୍ରେକ୍ଷୀରେ ଥାନାବାବୁମାନେ ଆନ୍ଦୋଳନ ବା ବିକ୍ଷୋଭ କରୁଥିବା ଲୋକଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଅବରୋଧ ହଟାଇବା ପାଇଁ ପଦକ୍ଷେପ ନେଇଥାଆନ୍ତି। ତେଣୁ ସମ୍ପୃକ୍ତ ରାଜନେତାମାନେ ମଧ୍ୟ ପୋଲିସ ଅଫିସରଙ୍କ ଆକ୍ରୋଶର ଶିକାର ହୋଇଥାଆନ୍ତି। ସମସ୍ତେ ଜାଣନ୍ତି, ସ୍ଥାନୀୟ ଅଞ୍ଚଳରେ ସରକାର କହିଲେ ବିଡିଓ, ତହସିଲଦାର, କନିଷ୍ଠ ଯନ୍ତ୍ରୀ ଏବଂ ଥାନାବାବୁଙ୍କୁ ବୁଝାଯାଇଥାଏ। ତେଣୁ ନିର୍ଦ୍ଦିଷ୍ଟ ଥାନା ଅଞ୍ଚଳରେ ଘଟିଥିବା ଘଟଣାରେ ଥାନା ଅଧିକାରୀ ସମ୍ପୃକ୍ତ ରାଜନେତାଙ୍କ ଉପରେ ମାମଲା ରୁଜୁ କରିଥାଆନ୍ତି। ତାହାହେଲେ ହିଁ ଗିରଫ ଯଥାର୍ଥ ହୋଇଥାଏ। ଏପରିକି ସେହି ପୋଲିସ ଅଫିସର ଅତିଶୀଘ୍ର ଏଭଳି ଘଟଣାରେ ଅଭିଯୋଗପତ୍ର ପ୍ରସ୍ତୁତ କରିଥାଆନ୍ତି। ସାଧାରଣରେ ଥାନା ଅଧିକାରୀମାନେ ବାସ୍ତବ ଅପରାଧ ଘଟଣାରେ ଏହି ଅଭିଯୋଗପତ୍ର ଦାଖଲ କରିବାରେ ଅହେତୁକ ବିଳମ୍ବ କରୁଥିବା ବେଳେ ରାଜନେତାମାନଙ୍କ ବିରୋଧରେ ତତ୍କ୍ଷଣାତ୍ ପଦକ୍ଷେପ ନେଇଥାଆନ୍ତି।

ଭାରତରେ ନିର୍ବାଚନ ସଂସ୍କାର ଦାବି କରୁଥିବା ଗୋଟିଏ ଗୋଷ୍ଠୀ ଚାହୁଁଥିଲା ଯେ, ଥାନା ତରଫରୁ ଅଭିଯୋଗପତ୍ର କଚେରିରେ ଦାଖଲ ହେବା ମାତ୍ରେ ନିର୍ବାଚିତ ପ୍ରତିନିଧି କିମ୍ବା ନିର୍ବାଚନ ଲଢ଼ିବାକୁ ଯାଉଥିବା ପ୍ରାର୍ଥୀ ଅଯୋଗ୍ୟ ଘୋଷିତ ହେବା ଉଚିତ। ଅପରପଟେ ମିଥ୍ୟାରେ ପୋଲିସ ଦ୍ୱାରା ଦିଆଯାଇଥିବା ମାମଲାଗୁଡ଼ିକ ଅଧିକାଂଶ ସମୟରେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥାଏ। ଏ କ୍ଷେତ୍ରରେ ନିର୍ଦ୍ଦୋଷ ସାବ୍ୟସ୍ତ ହେବା ସତ୍ତ୍ୱେ ଲୋକପ୍ରତିନିଧିଙ୍କ ସୁଯୋଗ ହାତଛଡ଼ା ହୋଇଯାଇଥାଏ। ଅର୍ଥାତ୍ ସରକାରୀ କର୍ମଚାରୀଙ୍କ ହାତରେ ରାଜନେତାଙ୍କ ଭାଗ୍ୟଡୋରି ସର୍ବଦା ବନ୍ଧା ପଡ଼ିଥାଏ। ଆମ ଦେଶ ବିଶେଷକରି ଆମ ରାଜ୍ୟର ଥାନାଗୁଡ଼ିକରେ ଥିବା ଅଧିକାଂଶ ପୋଲିସ ଅଫିସରଙ୍କ ନୈତିକତା ଓ ସଚ୍ଚୋଟପଣିଆ ସମ୍ପର୍କରେ ରାଜ୍ୟବାସୀ ଅତି ଭଲ ଭାବେ ଜାଣିଛନ୍ତି। ସାଧାରଣ ଲୋକ ବାଛିଥିବା ପ୍ରତିନିଧିର ଭାଗ୍ୟ ଯେତେବେଳେ ଏହିଭଳି ସରକାରୀ କର୍ମଚାରୀଙ୍କ ହାତରେ ସମ୍ପୂର୍ଣ୍ଣ ଭାବେ ବନ୍ଧା ପଡ଼ିଯିବ, ସେତେବେଳେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ। ଉପରେ କରାଯାଇଥିବା ଅବତାରଣା ଏକ କ୍ଷୁଦ୍ର ଦୃଷ୍ଟାନ୍ତ ମାତ୍ର। ତେଣୁ ସୁପ୍ରିମକୋର୍ଟ ବିଭିନ୍ନ ଦିଗକୁ ବିଚାର କରି ଦେଇଥିବା ରାୟ ଅତି ଉତ୍ତମ।

## ଚିରନ୍ତନୀ

ମୋ ବିରହେ ପରା ତାରକା ଗହଳେ    ଆକାଶ ନଇଁଛି ଧରିଣୀର ତଳେ
ମୋ ବିରହେ ସତେ ସାଗର ବକ୍ଷେ    ଲାଗିଛି ଚିର ପରାସ
ଆଜି ଚଳିବି ମୁଁ ପରବାସ।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୬ ସେପ୍ଟେମ୍ବର ୧୯୯୩

- ଦୀର୍ଘ ୪୭ ବର୍ଷ ପରେ ଭାରତ ଦକ୍ଷିଣ ଆଫ୍ରିକା ଉପରୁ ତା'ର ବାଣିଜ୍ୟ ଓ ବିନିଯୋଗ (ଅର୍ଥନୈତିକ) କଟକଣାକୁ ଆଜିଠାରୁ ପ୍ରତ୍ୟାହାର କରିନେଇଛି।
- ଭାରତର ସୋଲି ଜାହାଙ୍ଗୀର ସୋରାବ୍‌ଜୀ ପୂର୍ବତନ ଯୁଗୋସ୍ଲାଭିଆ ପାଇଁ ଅନ୍ତର୍ଜାତୀୟ ଯୁଦ୍ଧ ଅପରାଧୀ କୋର୍ଟର ପ୍ରୋସିକ୍ୟୁଟର ମନୋନୀତ।

## su|do|ku ସୁ-ଡୋ-କୁ



ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରେ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂରାଜୀ ଲିପି ରହିବ।



ଗତକାଲିର ଉତ୍ତର



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

# ସମ୍ପଦର ଯାତନା

ବଙ୍କାଟେଢ଼ା ଏକ ବାଡ଼ି ସାହାରାରେ ବଡ଼ କଷ୍ଟରେ ଚାଲୁଛନ୍ତି ଅଶୀତିପର ବୃଦ୍ଧ ସୁନା ପ୍ରଧାନ। ଘରେ ତାଙ୍କର ଯୁବତୀ ବୋହୂ ପାଞ୍ଚବର୍ଷରୁ ଅଧିକ କାଳ ହେଲାଣି ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ପାଣି ଗଳୁଥିବା ନୁଆଁଣିଆ ଚାଳଘରଟିରୁ ଦାରିଦ୍ର୍ୟର ଚିତ୍ର ପୂରା ବାରି ହୋଇଯାଉଛି। ସୁନା ପ୍ରଧାନ ବାରମ୍ବାର ଦୌଡ଼ନ୍ତି ପଞ୍ଚାୟତକୁ, ଏପରି କି କେତେଥର ଦୌଡ଼ିଛନ୍ତି ତାଙ୍କ ଗାଁ ତଳକାଇଁସାରିରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ବାଂଶପାଳ ବ୍ଲକ୍ ଅଫିସକୁ। କେବଳ ଗୋଟିଏ ଆଶାରେ ଯେ, ବାର୍ଦ୍ଧକ୍ୟ ଭତ୍ତାଟିଏ ପାଇଁ ସେ ହକ୍‌ଦାର ବୋଲି ସରକାର ମାନିବେ। ମାତ୍ର ସରକାର ମାନିନାହାନ୍ତି ଏଯାଏ। କେନ୍ଦୁଝର ଜିଲାର ସେହି ତଳକାଇଁସାରି ଗାଁ ମୁଣ୍ଡରୁ ହିଁ ଶିଖକୁ ତୀଖ ହୋଇ ଛିଡାହୋଇଛି ଗନ୍ଧମାର୍ଦ୍ଦନ ପାହାଡ଼। ପାହାଡ଼ ଉପରେ ଓଡ଼ିଶା ଖଣି ନିଗମ ଖୋଳିଚାଲିଛି ଭରଣ ଭରଣର ଲୁହାପଥର। କୁଆଡ଼େ କରୁଛି ଓଡ଼ିଶା ଓ କେନ୍ଦୁଝର ଜିଲାକୁ ସମୃଦ୍ଧ। କିନ୍ତୁ ସେହି ପାହାଡ଼ରୁ ଦିନେ ଫଳ, ପତ୍ର, ଛତୁ, କନ୍ଦା ଗୋଟେଇ ତଥା ସେହି ପାହାଡ଼ରୁ ବାହାରୁଥିବା ଝରରୁ ନିଜର ସ୍ୱଳ୍ପଜମିରେ ଫସଲ ଫଳାଇ ନିଜ ଜୀବନକୁ ସାଉଣ୍ଟି ଏବେ ଅସହାୟ ହୋଇସାରିଥିବା ସୁନାଙ୍କ ଭଳି ବୃଦ୍ଧଙ୍କୁ ଭତ୍ତାଟିଏ ମଧ୍ୟ ମିଳିପାରୁନି। ଗନ୍ଧମାର୍ଦ୍ଦନ ପାହାଡ଼ର ଆରପଟେ ଆଉ ଏକ ଗାଁ- ଲୁଣାଘର। ବସ୍ତିରେ ଗତବର୍ଷ ଯାଏ ପିଇବା ପାଣିର ବନ୍ଦୋବସ୍ତ ନ ଥିଲା। ନଳକୂଅ ଥିଲା, କିନ୍ତୁ ପାଣି ପିଇବାଯୋଗ୍ୟ ନୁହେଁ। ଗତବର୍ଷ ବିଦ୍ୟାଳୟ ହତାରେ ଖୋଳା ହୋଇଥିବା ନଳକୂଅରୁ ଯୋଗକୁ କେମିତି ମିଠା ପାଣି ବାହାରିଲା ଯେ, ସେଇଦିନଠୁ ସେଇ ନଳକୂଅ ଗୋଟିକ ହିଁ ଗାଁ ଲୋକଙ୍କ ସାହାରା। ଆଗରୁ ବଡ଼ ମଉଜରେ ବ୍ୟବହାର କରୁଥିବା ଛାମୁଣ୍ଡା ନାଳର ପାଣି ଏବେ ଟ୍ରକ୍‌ଗୁଡ଼ିକର ଗାଧୁଆ ତୁଠ ହୋଇସାରିଛି। ଆଉ ଗୋଟିଏ ଗାଁ- ଆମ୍ବଡହରା। ଗାଁର ଦୁଇଜଣ ଆଦିବାସୀ ଚାଷୀ ଚାରିବର୍ଷ ତଳୁ ମନରେଗା ଯୋଜନାରେ ତାଙ୍କ ଜମିରେ ଚାଷ-ପୋଖରୀ ଖୋଳି ଏଯାଏ ପଇସା ପାଇବାକୁ ଅପେକ୍ଷା କରି ରହିଛନ୍ତି- ବୋଧହୁଏ ଆଉ ମିଳିବନି। କାରଣ ସେ ଲାଞ୍ଚ ଦେବାକୁ ମନା କଲେ। ଗନ୍ଧମାର୍ଦ୍ଦନ ପାହାଡ଼ର ଆଉ ଗୋଟିଏ କୋଣରେ ଅଛି ଉପର ଜାଗର ଗାଁ। ଗାଁ ମୁଣ୍ଡରୁ ହିଁ ଖଣି ଖୋଳା ଆରମ୍ଭ ହୋଇଛି। ଗାଁର ପ୍ରାୟ ସମସ୍ତେ ଶ୍ରମଜୀବୀ। ଅଳ୍ପ କିଛି କିଛି ଜମି ଅଛି, ଯାହା କିଛି ମାସ ହିଁ ଖାଦ୍ୟ ଯୋଗାଇଥାଏ। ଜଙ୍ଗଲ ହିଁ ଥିଲା ତାଙ୍କର ପ୍ରମୁଖ ସାଧନ। ଏବେ ସେଇ ପାହାଡ଼ ଓ ଜଙ୍ଗଲ ତାଙ୍କୁ ଅପହଞ୍ଚ। କାରଣ ତାହା ଆଉ ତାଙ୍କ ଇଲାକା ହୋଇ ରହିନାହିଁ, ତାହା ଖଣି କମ୍ପାନୀର ହୋଇଯାଇଛି। ଗାଁରେ ରହୁଥିବା ୧୪୬ ପରିବାର ମଧ୍ୟରୁ ପ୍ରାୟ ସମସ୍ତେ ଆଦିବାସୀ ଓ ଗରିବ। କିନ୍ତୁ କେବଳ ୪୫ଟି ପରିବାର ପାଖରେ ବିପିଏଲ କାର୍ଡ ଅଛି। ପାହାଡ଼ ଉପର ଆଲୁଅରେ ଝଲସି ଯାଉଛି ଖଣି କିନ୍ତୁ ଗାଁ ଲୋକଙ୍କ ପାଇଁ ଡିବିରି ହିଁ ଭରସା। ମୋଟେ ୧୪ଟି ଘରେ ହିଁ ବିଜୁଳି ସଂଯୋଗ ହୋଇଛି। ଖଣିଠାରୁ କୋଶ କୋଶ ଦୂରରେ ଥିବା ଗାଁଗୁଡ଼ିକର ସାହିବସ୍ତି, ଅଗଣା କେବେଠୁ କଂକ୍ରିଟ ହୋଇସାରିଲାଣି ଖଣିର ଲାଭ ପଇସାରେ କିନ୍ତୁ ଏଇସବୁ ଗାଁର ଦାଣ୍ଡ ଏବେ ବି ନୁଖୁରା ହୋଇ ପଡିଛି। କୁନି କୁନି ପିଲାଙ୍କ ଦୁର୍ଭାଗ୍ୟକୁ ଇଚିଣ୍ଡା ଗାଁ ବିଦ୍ୟାଳୟଟି ଠିକ୍ ରାସ୍ତାକଡ଼ରେ ଅଛି। ଅନ୍ୟମାନଙ୍କ ପାଇଁ ରାସ୍ତାକଡ଼ ଅଧିକ ପସନ୍ଦ। କିନ୍ତୁ ଏଠି ତାହା ନରକ। ବିଦ୍ୟାଳୟର ପିଲା ଓ ଶିକ୍ଷକ ଦଣ୍ଡେ ବି ଭଲରେ ନିଃଶ୍ୱାସ ମାରି ପାରୁନାହାନ୍ତି। ଖଣି ଓ ଟ୍ରକ୍ ଧୂଳିରେ ଜର୍ଜରିତ ସେମାନେ। ତଥାକଥିତ 'ଡେଭଲପ୍‌ମେଣ୍ଟ' ବା ଉନ୍ନତି ଏହି ଗାଁରେ ଅପହଞ୍ଚ କହିଲେ ଭୁଲ୍ ହୋଇଯିବ, ସେଠି 'ଉନ୍ନତି'ର କରାଳ ରୂପ ସ୍ଥାନୀୟ ଲୋକଙ୍କୁ ଗ୍ରାସି ଦେଇଛି। ଲୋକଙ୍କ ଜଙ୍ଗଲ ତାଙ୍କ ହାତପାଆନ୍ତାରୁ ଚାଲିଯାଇଛି, ଝରଣା ଶୁଖିଯାଇଛି, ଜମିରେ ଖଣି ମଇଳାର ପରସ୍ତ ବସି ଉତ୍ପାଦକତା ଖସି ଯାଉଛି, ଘାସଲତାବୁଦାରେ ଖଣି ଓ ଟ୍ରକ୍ ଧୂଳିର ବହଳ ଆସ୍ତରଣ ବସି ଗାଈଗୋରୁ, ଛେଳିମେଣ୍ଢାଙ୍କ ଖାଦ୍ୟ ହଜିଯାଇଛି। ରାସ୍ତା ଉନ୍ନତ ହୋଇଛି ସତ, କିନ୍ତୁ ତାହା ଖଣିଜବୁହା ଟ୍ରକ୍‌ଗୁଡ଼ିକ ପାଇଁ। ଟ୍ରକ୍ ତାଡ଼ନାରେ ଗାଁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ସ୍କୁଲ ପିଲାମାନେ ଉପର ଶ୍ରେଣୀର ବିଦ୍ୟାଳୟକୁ ଯିବା ପାଇଁ ଡରୁଛନ୍ତି। ଜଙ୍ଗଲରୁ କାଠ, ପତ୍ର କି ଫଳମୂଳ ସଂଗ୍ରହ କରି ବିକିଲେ ହିଁ ଗାଁ ଲୋକେ ବଜାରରୁ ତେଲଲୁଣ ଟିକେ କିଣିପାରନ୍ତି। ଏବେ ସେତିକି ବି ସଂଗ୍ରହ କରିବା ଲୋକଙ୍କ ପାଇଁ ଦୁରୂହ ହୋଇଯାଇଛି।

ଇଂଲିଶରେ 'ରିସୋର୍ସ କର୍ସ' ବା 'ସମ୍ପଦର ଯାତନା' ବୋଲି ଗୋଟେ ପ୍ରବାଦ ଅଛି। ସମ୍ପତ୍ତିକୁ ଭୋଗ କରିବା ପାଇଁ ଆଧୁନିକ ମଣିଷର ପ୍ରୟାସ ସମ୍ପଦ ଥିବା ଅଞ୍ଚଳରେ ରହୁଥିବା ଲୋକଙ୍କ ବିପତ୍ତି ହିଁ ବଢ଼ାଇଛି। ସମ୍ପଦର ଲାଭ ଅନ୍ୟମାନେ ଉଠାଇଛନ୍ତି କିନ୍ତୁ ସମ୍ପଦକୁ ସମ୍ଭାଳି ରଖିଥିବା ଲୋକେ ତଳିତଳାନ୍ତ ହୋଇଛନ୍ତି। ଉପରୋକ୍ତ କିଛି ଉଦାହରଣ ତାହାର ପ୍ରମାଣ। ସେହିଭଳି 'ସମ୍ପଦର ଯାତନା' ଦ୍ୱାରା ପୀଡ଼ିତ ଲୋକମାନଙ୍କର ଯାତନା ହ୍ରାସ କରିବା ତଥା ଖଣି-ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଲକ୍ଷ୍ୟରେ ସରକାର 'ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ' ନାମରେ ଏକ ଆଇନ ଆଣିଛନ୍ତି। ଏହି ଆଇନ ଅନୁସାରେ ଖଣିଜ ଦ୍ରବ୍ୟ ଉତ୍ପାଦିତ ହେବାମାତ୍ରେ ଲାଭର ଏକ ନିର୍ଦ୍ଦିଷ୍ଟ ଭାଗ ସିଧା ଜିଲା ଖଣିଜ ପାଣ୍ଠିରେ ଜମା ହୁଏ, ଯାହାକୁ ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ଜୀବନ ଓ ଜୀବିକାକୁ ଉନ୍ନତ ଏବଂ ସ୍ଥିର କରିବାରେ ବିନିଯୋଗ କରାଯିବା କଥା। କେନ୍ଦୁଝର ଖାଲି ଓଡ଼ିଶାରେ ନୁହେଁ, ଭାରତର ସବୁଠାରୁ ଅଧିକ ପାଣ୍ଠି ସଂଗ୍ରହ କରିଥିବା ଜିଲା। ଏହି ଫାଉଣ୍ଡେଶନ ଆରମ୍ଭ ହେବା ଦିନରୁ ବିଗତ ଅଢ଼େଇ ବର୍ଷରେ କେନ୍ଦୁଝର ଜିଲା ୨,୦୦୦ କୋଟି ଟଙ୍କାର ବିପୁଳ ପାଣ୍ଠି ସଂଗ୍ରହ କରିସାରିଲାଣି। ଜିଲାର ସମଗ୍ର ଜନସଂଖ୍ୟାକୁ ହିସାବକୁ ନେଲେ ମୁଣ୍ଡପିଛା ହାରାହାରି ୧୧,୧୦୦ ଟଙ୍କାରୁ ବି ଅଧିକ ହେବ। ସାଧାରଣ ହାରାହାରି ହିସାବରେ ବି ସେହିଭଳି ଗୋଟିଏ ଗୋଟିଏ ଗାଁରେ ବର୍ତ୍ତମାନ ସୁଦ୍ଧା ୭୦-୮୦ ଲକ୍ଷ ଲେଖାଏଁ ଟଙ୍କା ପହଞ୍ଚି ଯାଇସାରିଥିବା କଥା। ଆଉ ଇଏ ତ ପ୍ରତ୍ୟକ୍ଷ ଭାବରେ ଖଣି ପ୍ରଭାବିତ ଗାଁ, ଅନ୍ୟୂନ ତିନି ଚାରି କୋଟି ଲେଖାଏଁ ଟଙ୍କା ସେହି ଗାଁମାନଙ୍କରେ ଖର୍ଚ୍ଚ ହୋଇସାରିଥିବା କଥା। କିନ୍ତୁ ଖଣି ଦ୍ୱାରା ପ୍ରତ୍ୟକ୍ଷ ଓ ପ୍ରଭୂତ ଭାବରେ ପ୍ରଭାବିତ ଏହି ତିନି ଗାଁରେ ସେହି ପାଣ୍ଠିରୁ ଗୋଟିଏ ଟଙ୍କା ବି ପହଞ୍ଚି ନାହିଁ ଏଯାଏ।

ଆମ ବିଚାରରେ ଆସୁଥିବା କିଛି ଚିନ୍ତନ ଆମ ଆଚାରରେ ଆଦୌ ପ୍ରତିଫଳିତ ହୋଇପାରୁନାହିଁ। ଖଣି ଆକ୍ରାନ୍ତ ଲୋକଙ୍କ ପାଇଁ 'ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ' ଏକ ବଢିଆ ଚିନ୍ତନ, କିନ୍ତୁ ତାହାର ରୂପାୟନ ଅତ୍ୟନ୍ତ ନୈରାଶ୍ୟଜନକ। ସେହି ପାଣ୍ଠି ବି ଲକ୍ଷ୍ୟସ୍ଥଳରେ ପହଞ୍ଚୁନାହିଁ। ଖଣି ଆକ୍ରାନ୍ତ ଲୋକଙ୍କ ବର୍ତ୍ତମାନର ଯନ୍ତ୍ରଣାକୁ ଉପଶମ କରିବାର ଆବଶ୍ୟକତା ତ ନିହାତି ଅଛି। କିନ୍ତୁ ତାଙ୍କ ଭବିଷ୍ୟତକୁ ଆଲୋକିତ ନ କଲେ ବି ଅନ୍ଧାର ନ କରିବାର ଦାୟିତ୍ୱ ସରକାର ଓ ଆମ ସମସ୍ତଙ୍କ ଉପରେ ରହିଛି। ଆଉ ୧୦-୨୦ ବର୍ଷରେ ଗନ୍ଧମାର୍ଦ୍ଦନ ପାହାଡ଼ ତଥା ସେଭଳି ଅନ୍ୟ ଖଣିରୁ ସବୁ ଲୁହାପଥର ଖୋଳି ନେବାପରେ ଆଉ କିଛି ନ ଥିବ। ଜଙ୍ଗଲ, ଝରଣା, ଚାଷଜମି ସବୁ ଉଜୁଡି ଯାଇଥିବ। ସେତେବେଳେ ଖଣିଜ ପାଣ୍ଠି ବି ମିଳିବ ନାହିଁ। ଖଣି କାରଣରୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ଲୋକଙ୍କର ଭବିଷ୍ୟତକୁ ସୁରକ୍ଷିତ କରିବାରେ ଟିକିଏ ବି ହେଳା କ୍ଷମଣୀୟ ନୁହେଁ।



ରୁଦ୍ର ପ୍ରସନ୍ନ ରଥ

# ଆମ ପୋଲିସ ଓ ଆମେ

ଓଡ଼ିଆରେ ଗୋଟିଏ ଢଗ ଅଛି- ଚାକିରି କରିବ ପୋଲିସ, ମାଛ ଖାଇବ ଇଲିଶି। ପୋଲିସ ଚାକିରିର ରାଜକୀୟ ଠାଣିକୁ ନେଇ କୁହାଯାଇଥିଲା ଏ କଥା। ଆଉ ସେହି ଧାରାକୁ ଧରି ଆମେ ପୋଲିସ ଚାକିରିକୁ ଅନେକ ଦିନ ଧରି ଶ୍ରେଷ୍ଠ ବୋଲି ମନେ କରିଆସିଥିଲେ। ଅନେକଙ୍କ ପାଇଁ ପୋଲିସ ହେଉଛି କ୍ଷମତାର ପ୍ରତୀକ, ଆଉ ଥୋକେଙ୍କ ପାଇଁ ଏହା ଏକ ବର୍ବର ଏବଂ ବିଫଳ ବ୍ୟବସ୍ଥା। କିନ୍ତୁ ପ୍ରକୃତରେ ଆମ ପୋଲିସକୁ ଆମେ କିପରି ଦେଖିବାକୁ ଚାହୁଁଛେ, ତାହା ଅନେକାଂଶରେ ଆମ ମାନସିକତା ଉପରେ ନିର୍ଭରଶୀଳ।

ଆମ ଗଣମାଧ୍ୟମ, ଫିଲ୍ମ ଏବଂ ସାହିତ୍ୟ ବାରମ୍ବାର ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଥାଏ। ତା'ର ଦକ୍ଷତାକୁ ନେଇ ଆମେ ଦାଣ୍ଡରେ ଘାଟରେ ବେଶ୍ ଅରୁଚିକର ଭାଷାରେ କଥାବାର୍ତ୍ତା କରୁ। ସତେଯେମିତି ଘଟଣା ଘଟିଗଲା ପରେ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚୁଥିବା, ଲାଞ୍ଚ ଖାଉଥିବା କିମ୍ବା କଥା କଥାରେ ନାଲି ଆଖି ଦେଖାଉଥିବା ପୋଲିସ ଜଣକ ସାରା ଓଡ଼ିଶା କିମ୍ବା ଭାରତର ପୋଲିସ ବାହିନୀର ପ୍ରତିନିଧି। ଆମ ଫିଲ୍ମରେ ପୋଲିସକୁ ବୋକା ବନାଉଥିବା କିମ୍ବା ହତ୍ୟା କରି ଜେଲରୁ ଫେରାର ହୋଇଯାଉଥିବା ଚୋର କିମ୍ବା ଡକାୟତ ବି ଆମ ଆଗରେ କିଛି ସମୟ ପାଇଁ ହେଉ ପଛେ ହିରୋର ମାନ୍ୟତା ପାଏ। ପୋଲିସକୁ ମାଡ଼ ମାରିପାରୁଥିବା କିମ୍ବା ପୋଲିସ ସହ ଯୁକ୍ତି କରିପାରୁଥିବା ଲୋକ ବି ଅନେକ ସମୟରେ ଏ ଦେଶରେ ନେତା ପାଲଟିଯାଏ।

ପୋଲିସ କର୍ମଚାରୀଟିଏ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଆମରି ହିଁ ସେବା କରିଥାଏ। ଆଇନ ଶୃଙ୍ଖଳା ପରିସ୍ଥିତି, ନିର୍ବାଚନ, ପ୍ରାକୃତିକ ଦୁର୍ବିପାକ, ନେତାଙ୍କୁ ସୁରକ୍ଷା ଯୋଗାଇବା, ବିଭିନ୍ନ ପୂଜାପାର୍ବଣରେ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିବା, ଦଙ୍ଗା ଆଦିକୁ ପ୍ରତିହତ କରିବା ପାଇଁ ନିରନ୍ତର କାର୍ଯ୍ୟରତ ଥାଏ। ଅନେକ କ୍ଷେତ୍ରରେ ପୋଲିସ ଭାଇମାନେ ରକ୍ତ ଦାନ କିମ୍ବା ସମାଜ ସଚେତନତା ପାଇଁ ପରୀ ରଥ ପରି କାର୍ଯ୍ୟକ୍ରମ ମାନ ଆୟୋଜନ କରିଥାନ୍ତି। ଏତେସବୁ କାମ କରୁଥିବା ପୋଲିସର ଲୋକବଳ ବେଶ୍ ସୀମିତ। ପୋଲିସର ପ୍ରାୟ ଛୁଟି ନ ଥାଏ। ଦିନରାତି ଡ୍ୟୁଟି। ଅନେକ ସମୟରେ ତଳିଆ ପୋଲିସର ଜୀବନ କର୍ମଚାପରେ ଦୁର୍ବିଷହ ହୋଇଗଲେ ବି ଶୁଣିବାକୁ କେହି ନ ଥାନ୍ତି। ଖରାବେଳେ ଖାଇବାକୁ କିମ୍ବା ରାତିରେ ଭଲଭାବେ ଶୋଇବାକୁ ମଧ୍ୟ ସୁଯୋଗ ମିଳେନି। ଏମିତି ଚାଲିଥାଏ ବର୍ଷ ବର୍ଷ ଧରି। ନିଜ ଦେହ ଖରାପ ହେଲେ ବିଶ୍ରାମ ପାଇଁ କିମ୍ବା ପିଲାଙ୍କ ପାଠପଢ଼ା ଦେଖିବା ପାଇଁ ପୋଲିସ ପାଖରେ ସମୟ ନ ଥାଏ। ଅଥଚ ପୋଲିସ ଆଖିଆଗରେ ଆଇନକୁ ଭାଙ୍ଗିଦେବା ପାଇଁ ଆମେ ସତତ ଚେଷ୍ଟିତ ଥାଉ। ହେଲମେଟ ନ ପିନ୍ଧି, ମଦ ପିଇ ଗାଡି ଚଳାଇବା କିମ୍ବା ପୋଲିସ ସାମ୍ନାରେ ଗାଳିଗୁଲଜ କରିବାକୁ ଆମେ ବୀରପୁଙ୍ଗବର କାର୍ଯ୍ୟ ବୋଲି ବିଚାର କରୁ!

୨୦୧୪ରେ ପାର୍ଲାମେଣ୍ଟରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ଦେଶରେ ୨୨.୮ଲକ୍ଷ ଅନୁମୋଦିତ ପଦବୀ ରହିଥିଲା। ଏବେ ଏଥିରୁ ପ୍ରାୟ ୨୫% ଅର୍ଥାତ୍ ୫.୬ ଲକ୍ଷ ପଦବୀ ଖାଲିପଡିଛି। ପୁଣି ୨୦୧୫ ସୁଦ୍ଧା ଭାରତରେ ପ୍ରତି ୧ ଲକ୍ଷ ଜନସଂଖ୍ୟା ପାଇଁ ମାତ୍ର ୧୪୫ ଜଣ ପୋଲିସ ରହିଥିବା ବେଳେ ଜାତିସଂଘର ହିସାବ ଅନୁଯାୟୀ, ଏହା ୨୨୨ ହେବା କଥା। ଅର୍ଥାତ୍ ଆମ ପାଖରେ ଆବଶ୍ୟକ ସଂଖ୍ୟକ ପୋଲିସ ନାହାନ୍ତି। କର୍ମଚାରୀ ଅଭାବ ସାଙ୍ଗକୁ ଦିନକୁ ଦିନ ବଢୁଥିବା ସହରର କାୟା, ବେରୋଜଗାରି, ନୂଆ ଅପରାଧ ଏବଂ ଅପରାଧର ନୂଆ ନୂଆ ତରିକା ପୋଲିସ ଉପରେ ଅତ୍ୟଧିକ କାର୍ଯ୍ୟଚାପ ସୃଷ୍ଟି କରୁଛି। ୨୦୧୫ରେ ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭ୍‌ଲପ୍‌ମେଣ୍ଟ ଏବଂ ଆଡ୍‌ମିନିଷ୍ଟ୍ରେଟିଭ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ପୋଲିସ ସ୍ୱାସ୍ଥ୍ୟକୁ ନେଇ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ବେଶ୍ ଭୀତି ଉଦ୍ରେକକାରୀ। ଏହି ଅଧ୍ୟୟନ ଅନୁଯାୟୀ ପ୍ରାୟ ୯୦% ପୋଲିସ ଦିନକୁ ୭-୧୬ ଘଣ୍ଟା ଯାଏ କାମ କରନ୍ତି। ଆଉ ପ୍ରାୟ ୭୩% ପୋଲିସ ମାସକୁ ଦିନଟିଏ ବି ଛୁଟି ପାଇବା କଷ୍ଟକର ହୋଇପଡେ। ଏପରି କାର୍ଯ୍ୟଚାପରେ କାମ କରୁଥିବା ପୋଲିସ ପାଇଁ ଆମ ମନରେ ସମ୍ବେଦନଶୀଳତା ନାହିଁ। ପୋଲିସ ଅନେକ ସମୟରେ ନିଜେ ଦୁର୍ଘଟଣାଗ୍ରସ୍ତ ଗାଡିରୁ ଲୋକଙ୍କୁ ଉଦ୍ଧାର କରେ, ନିଜେ ଶବକୁ ନେଇ ମେଡିକାଲ ଯାଏ, ମାତ୍ର ଏ ସବୁ ସ୍ଥାନରୁ ଅନେକ କ୍ଷେତ୍ରରେ ସାକ୍ଷୀଟିଏ ଯୋଗାଡ଼ କରିବା ପୋଲିସ ଲାଗି କଷ୍ଟକର ହୋଇପଡ଼େ।

ଓଡ଼ିଶା କଥା ଦେଖାଯାଉ। ୧।୧।୨୦୧୬ ସୁଦ୍ଧା ଓଡ଼ିଶାରେ ମୋଟ ଅନୁମୋଦିତ ପୋଲିସ ସଂଖ୍ୟା ୬୬,୧୮୪ ହୋଇଥିବା ବେଳେ ୫୫,୪୪୧ ଜଣ ହିଁ କାର୍ଯ୍ୟରତ ଥିଲେ ବୋଲି ଜଣାପଡିଛି। ଉତ୍ତରପ୍ରଦେଶ ପରି ରାଜ୍ୟରେ ଗୋଟିଏ ଗୋଟିଏ ଥାନାରେ ୬୦-୭୦ କର୍ମଚାରୀ ଥିଲା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୧୫-୨୫ ଭିତରେ। ଓଡ଼ିଶାରେ ପ୍ରତି ୧୦୦ କିମି ପିଛା ୩୫ ଜଣ ପୋଲିସ ଥିବା ବେଳେ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୧୩୦ ଜଣ ପୋଲିସ ଅଛନ୍ତି। ଏତଦ୍‌ବ୍ୟତୀତ ପୋଲିସ ପାଖରେ ଆବଶ୍ୟକ ସାଜସରଞ୍ଜାମର ଘୋର ଅଭାବ ରହିଛି। ଯେଉଁ ହାରରେ ଅନ୍ୟ ସରକାରୀ ପ୍ରତିଷ୍ଠାନଗୁଡିକର ଆଧୁନିକୀକରଣ ହେଉଛି, ତା' ତୁଳନାରେ ପୋଲିସ ବିଭାଗ ବେଶ୍ ପଛରେ।

ଅନେକ ସମୟରେ ବିଭିନ୍ନ କାରଣ ପାଇଁ ପୋଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚେ। ରାଜନୈତିକ ଫାଇଦାକୁ ଆଖିଆଗରେ ରଖି ନେତାଙ୍କ ହାତବାରିସି ହୋଇ କାମ କରେ, ଲାଞ୍ଚ ନେଇ ଧରାପଡ଼େ। ମାତ୍ର ଏସବୁ ପୋଲିସର ସାମଗ୍ରିକ ଚେହେରା ନୁହେଁ। ପୋଲିସ ଆମ ଭିତରୁ ଆସିଥିବା ଜଣେ ସାଧାରଣ ମଣିଷ। ଆମ ପରି ତା'ର ମଧ୍ୟ ନିଜର ଶାରୀରିକ ଆଉ ମାନସିକ ଦକ୍ଷତାର ସୀମା ଅଛି। ସେ ସେତେବେଳେ ହିଁ ଭଲଭାବେ ଦାୟିତ୍ୱ ସମ୍ପାଦନ କରିପାରିବ, ଯେତେବେଳେ ଆମ ସହାୟତା ଏବଂ ସମ୍ବେଦନଶୀଳତା ତା'ସହ ରହିବ।

ଧବଳଗିରି, ଯାଜପୁର ରୋଡ୍,
ମୋ- ୭୯୭୮୬୭୧୭୭୬

## ଏଇ ଭାରତରେ

ଅନେକ ସମୟରେ ଇସ୍ରାଏଲ୍ ପୋଲିସ ଅଫିସରମାନେ କେରଳର କନ୍ନୁର ସହରକୁ ବୁଲି ଆସନ୍ତି। ଏହି ସହରର ଏକ ପୋଷାକ ତିଆରି କାରଖାନାରେ ଇସ୍ରାଏଲ୍ ପୋଲିସ ନିମନ୍ତେ ହାଲୁକା ନୀଳରଙ୍ଗର ୟୁନିଫର୍ମ ତିଆରି ହୁଏ। ହସ୍ତତନ୍ତର ସୁନ୍ଦର କାରିଗରି ଏବଂ ବସ୍ତ୍ର ରପ୍ତାନିରେ ଏହି ଅଞ୍ଚଳର ଏକ ଗୌରବମୟ ପରମ୍ପରା ରହିଛି। କନ୍ନୁର ଜିଲାର ଭାଲିୟାଭେଲିଚମ୍‌ସ୍ଥିତ ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ମେରିଆନ୍ ଆପାରେଲ୍ ପ୍ରା. ଲିଃ. ନାମକ ଏହି କମ୍ପାନିରେ ଶହ ଶହ ଟେଲର ବସ୍ତ୍ର ସିଲେଇ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଇସ୍ରାଏଲ୍ ପୋଲିସ ନିମନ୍ତେ କାରିଗରମାନେ ଦୁଇ ପକେଟ୍ ବିଶିଷ୍ଟ ଶାର୍ଟ ତିଆରି କରିବା ସହିତ ଏଥିରେ ଟ୍ରେଡ୍‌ମାର୍କ ଚିହ୍ନ ସିଲାଇ କରନ୍ତି। ସ୍ଥାନୀୟ ଡ୍ରେସ୍‌ମେକରମାନେ ଦୀର୍ଘ ୩ ବର୍ଷ ହେଲା ବର୍ଷକୁ ପାଖାପାଖି ୧ଲକ୍ଷ ଶାର୍ଟ ଇସ୍ରାଏଲ୍ ପୋଲିସକୁ ଯୋଗାଇ ଆସୁଛନ୍ତି। ଏହି କମ୍ପାନି କୁଏଟ୍ ଅଗ୍ନିଶମ କର୍ମଚାରୀ ଏବଂ ଜାତୀୟ ନିରାପତ୍ତା ରକ୍ଷୀଙ୍କୁ ୟୁନିଫର୍ମ ଯୋଗାଇବାକୁ ଅର୍ଡର ମଧ୍ୟ ପାଇଛି। ସବୁକିଛି ବିଧିବଦ୍ଧ ଭାବରେ ଚାଲିଲେ ମେରିଆନ୍ ଆପାରେଲ୍ ମଧ୍ୟ ଫିଲିପାଇନ୍ସ ସେନାଙ୍କ ନିମନ୍ତେ ୟୁନିଫର୍ମ ସିଲେଇ କରିବ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଫିସର ସୂଚନା ଦେଇଛନ୍ତି।



ଜିଲା ଡାଏରୀ
ବରଗଡ଼

## ଚିନ୍ତାରେ ଚାଷୀ

ଚଳିତ ଖରିଫ ଋତୁରେ ବରଗଡ଼ ଜିଲାରେ ଆଖିଦୃଶିଆ ଧାନ ଫସଲ ହୋଇଥିବା ଖବର ମିଳୁଛି। ତା' ସତ୍ତ୍ୱେ ଚାଷୀକୁଳ ମଧ୍ୟରେ ଚକଡ଼ା ପୋକ ପାଇଁ ଭାଲେଣି ଦେଖାଦେଇଛି। କାରଣ ପଡ଼ୋଶୀ ବଲାଙ୍ଗିର ଜିଲାର କେତେକ ଅଞ୍ଚଳରେ ଚକଡ଼ା ପୋକର ପ୍ରାଦୁର୍ଭାବ ଦେଖାଦେଇଛି। ୩/୪ଦିନ ହେଲା ଜିଲାରେ ବର୍ଷା ଛାଡ଼ି ଯାଇ ଖରାପାଗ ଆରମ୍ଭ ହୋଇଛି। ପୁଣି ମଝିରେ ମେଘୁଆ ପାଗ ସାଙ୍ଗକୁ ଅସରାଏ ବିକ୍ଷିପ୍ତ ବର୍ଷା ହେଉଛି। ଏଭଳି ପାଗ ଚକଡ଼ା ପୋକ ପାଇଁ ଅନୁକୂଳ। ତେବେ ନିକଟ ଭବିଷ୍ୟତରେ ଆଉ ବର୍ଷା ନ ହେଲେ ଅଣଜଳସେଚିତ ଅଞ୍ଚଳରେ ଗର୍ଭିଣୀ ଅବସ୍ଥାରେ ରହିଥିବା ଧାନ ନଷ୍ଟ ହେବାର ବି ଭୟ ରହିଛି। ତେବେ ଚକଡ଼ା ପୋକର ଆଶଙ୍କା ଥିବାରୁ ଜିଲା କୃଷିବିଭାଗ ପକ୍ଷରୁ ଏବେଠାରୁ ତତ୍ପରତା ପ୍ରକାଶ ପାଇବା ଉଚିତ ବୋଲି ମତପ୍ରକାଶ ପାଉଛି। ନଚେତ୍ ବିଗତ ଦିନ ପରି ଚକଡ଼ା ପୋକ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇପାରେ।

-ଶଙ୍କର ବଲ୍ଲଭ ମିଶ୍ର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ବ୍ୟାପାରରେ ହସ୍ତକ୍ଷେପ

ମହାଶୟ,

ଶ୍ରୀମନ୍ଦିର ହିନ୍ଦୁଙ୍କର ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ। ଏହାର ଗରିମା କ୍ଷୁଣ୍ଣ କରିବା ଧର୍ମନିରପେକ୍ଷ ରାଷ୍ଟ୍ରର ଆଦର୍ଶ ନୁହେଁ। ବଡ଼ ଦେଉଳକୁ ଦଳିତ, ବିଦେଶୀ ଓ ବିଧର୍ମୀଙ୍କ ପ୍ରବେଶ, ଠାକୁର/ରଥ ସ୍ପର୍ଶ, ହୁଣ୍ଡି ସ୍ଥାପନ, ଦଇତାଙ୍କ ଦୌରାତ୍ମ୍ୟ ଦମନ ପରି ସ୍ପର୍ଶକାତର ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବା ପରିବର୍ତ୍ତେ ଗଜପତି ମହାରାଜା ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତାମତକୁ ପ୍ରାଧାନ୍ୟ ଦିଆଯାଉ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋରଧା

### ଧର୍ମ ବନାମ ଆଧ୍ୟାତ୍ମିକତା

ଧରିତ୍ରୀ (୧୨।୮)ରେ ପ୍ରକାଶ ତ୍ରିପାଠୀଙ୍କ ଦ୍ୱାରା ଲିଖିତ 'ଧର୍ମ ବନାମ ଆଧ୍ୟାତ୍ମିକତା' ପାଠ କରି ଖୁବ୍ ଆନନ୍ଦ ପାଇଲି। ଏଥିରେ ଛଦ୍ମ ଧର୍ମାନ୍ଧତା ଅପେକ୍ଷା ମାନବିକତାପୂର୍ଣ୍ଣ ସମ୍ବେଦନଶୀଳ ଆଧ୍ୟାତ୍ମିକତାର ଏକ ସୁନ୍ଦର ଉଦାହରଣ ପ୍ରଦାନ କରାଯାଇଛି। ବାସ୍ତବରେ ଅନ୍ୟକୁ ସହାୟତା କରିବାରେ ହିଁ ଜୀବନ ଅର୍ଥପୂର୍ଣ୍ଣ ମନେହୁଏ। ଚେତନଶୀଳ ଲୋକମାନେ ଉକ୍ତ ପ୍ରବନ୍ଧରୁ ଅନେକ କିଛି ଶିଖିପାରିଲେ ସମାଜର ମଙ୍ଗଳ ହୁଅନ୍ତା।

ଡ. ବିଦ୍ୟାଧର ବେହେରା, ଘୁଟୁରୁ, କେନ୍ଦୁଝର

### ଶ୍ରୀମନ୍ଦିରରେ ଜଗନ୍ନାଥ ଦର୍ଶନ

ଦେବ ଦେବ ମହାଦେବଙ୍କୁ ବୃଷଭ ପଛରେ ରହି ଓ ଜଗତର ନାଥ ଜଗନ୍ନାଥଙ୍କୁ ଗରୁଡ ପଛରେ ରହି ଦର୍ଶନ କରିବା ବିଧି ଆଗରୁ ଥିବାରୁ ଭକ୍ତ ସାରିଆ ଭିକ 'ଥକାମନ ଚାଲ ଯିବା-ଚକା ନୟନ ଦେଖିବା' ଭଜନରେ ଲେଖିଛନ୍ତି, 'ଗରୁଡ଼ ପଛରେ ଦେଖ କି ଶୋଭା କଳାଶ୍ରୀମୁଖ'। ସେ ବିଧିରେ ଗରୁଡ ପଛରେ ଯଦି ଦର୍ଶନ ମିଳନ୍ତା, ତା' ହେଲେ ଆଉ ଭିତରକୁ ଲୋକେ ଯିବାକୁ ମନ ବଳାଉ ନ ଥାନ୍ତେ। ମନ୍ଦିର ଭିତରେ ଠେଲାପେଲା, ଦଳାଚକଟା ହୁଅନ୍ତା ନାହିଁ କି ରୋଗଣା ବୁଢ଼ାବୁଢ଼ୀ ଓ ଆମର ମାଆ ଭଉଣୀ ଦର୍ଶନ ନ ପାଇ ନିରାଶ ହୁଅନ୍ତେ ନାହିଁ।

କାଳିଚରଣ ରଥ, ବ୍ରହ୍ମପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ମରିସସ୍‌ର ପୂର୍ବତନ ରାଷ୍ଟ୍ରପତି

**ପୁରୀ ଅଫିସ,୨୫।୯:** ମରିସସ୍‌ର ପୂର୍ବତନ ରାଷ୍ଟ୍ରପତି ରାଜକେଶ୍ୱର ପର୍‌ୟାଗ୍ ସପତ୍ନୀକ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୧୦ରେ ପର୍‌ୟାଗ୍ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ସ୍ୱାଗତ ଜଣାଇ ମନ୍ଦିରକୁ ପାଛୋଟି ନେଇଥିଲେ। ପର୍‌ୟାଗ୍ ଦମ୍ପତି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୪୦ ମିନିଟ୍ ମନ୍ଦିରରେ ବିତାଇବା ପରେ ସିଂହଦ୍ୱାର ନିକଟରେ ପର୍‌ୟାଗ୍ ଗଣମାଧ୍ୟମକୁ କହିଥିଲେ ଯେ, ମହାପ୍ରଭୁଙ୍କୁ ଦର୍ଶନ କରି ବହୁତ ଖୁସି ଲାଗିଲା। ଦେଶ ଭଲ ଭାବେ ଆଗକୁ ବଢୁ ଏବଂ ଦେଶର ଜନସାଧାରଣ ସୁଖରେ ରୁହନ୍ତୁ ବୋଲି ଭଗବାନଙ୍କ ପାଖରେ ପ୍ରାର୍ଥନା କଲି। ଭାରତ ଏବଂ ମରିସସ୍ ମଧ୍ୟରେ ସୁସମ୍ପର୍କ ଅକ୍ଷୁଣ୍ଣ ରହୁ ଏବଂ ଭାରତବାସୀ ସୁଖ ଶାନ୍ତିରେ ରୁହନ୍ତୁ ମହାପ୍ରଭୁଙ୍କ ନିକଟରେ କାମନା କଲି। ଶ୍ରୀମନ୍ଦିର ସଂସ୍କାର ପ୍ରଶ୍ନରେ ସେ କହିଲେ, ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର। କିନ୍ତୁ ସଂସ୍କାର ଯାହା ହେଉନା କାହିଁକି ସମସ୍ତେ ମହାପ୍ରଭୁଙ୍କୁ ଭଲରେ ଦର୍ଶନ କରିବା ଦରକାର।

### ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା
### ୪ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ବନ୍ତଲା/ଅନୁଗୋଳ ଅଫିସ,୨୫।୯(ଡି.ଏନ.ଏ.):** ଅନୁଗୋଳ ଥାନା ପଞ୍ଚମହଲା ନିକଟରେ ଜଣେ ଛାତ୍ରୀଙ୍କୁ ଗଣ ବଳାତ୍କାର କରାଯାଇଥିବା ମାମଲାର ଶୁଣାଣି କରି ମଙ୍ଗଳବାର ଜିଲା ଦୌରାଜଜ୍ ସଞ୍ଜୟ କେଶରୀ ସ୍ୱାଇଁ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସେମାନେ ହେଲେ ଅନୁଗୋଳ ଥାନା ପଞ୍ଚମହଲା ଗ୍ରାମର କୃଷ୍ଣଚନ୍ଦ୍ର ନାଏକ, ବିଶ୍ୱମ୍ଭର ଭୋଇ, ଲିଙ୍ଗରାଯୋଡି ଗ୍ରାମର ଦୁଷ୍ମନ୍ତ ବେହେରା, ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ଗ୍ରାମର ସିଦ୍ଧାନ୍ତ ପଲେଇ। ଏଥିସହିତ ୨୫ ହଜାର ଟଙ୍କାର ଜୋରିମାନା ଓ ଅନାଦାୟ ସ୍ଥଳେ ଅଧିକ ୬ ମାସ କାରାଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୭ ମାର୍ଚ୍ଚ ୩୧ ଅପରାହ୍ନ ୧ଟା ବେଳେ ସମ୍ପୃକ୍ତା ଛାତ୍ରୀ ମାଉସୀ ପୁଅ ଭାଇଙ୍କ ସହ ଯାଉଥିବା ବେଳେ ୬ ଅଭିଯୁକ୍ତ ସେମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ଉଭୟଙ୍କୁ ମାଡ଼ ମାରି ମୋବାଇଲ, କାନଫୁଲ, ଲକେଟ ସହିତ ୭ ଶହ ଟଙ୍କା ଲୁଟି ନେଇଥିଲେ। ଏହାପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ବଳାତ୍କାର କରିବା ସହିତ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। ଏହାପରେ ୨୦ ହଜାର ଟଙ୍କା ନ ଦେଲେ ଇଣ୍ଟରନେଟରେ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ଉଭୟଙ୍କୁ ଛାଡି ଦେଇଥିଲେ। ଘଟଣା ସମ୍ପର୍କରେ ଛାତ୍ରୀଙ୍କ ପରିବାର ପକ୍ଷରୁ ୨୦୧୭ ଏପ୍ରିଲ ୧ରେ ଅନୁଗୋଳ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୧୮୧/୨୦୧୭ରେ ମାମଲା ରୁଜୁ କରି ଅତି ଗୋପନର ସହ ତଦନ୍ତ ଚଳାଇ ସେହି ମାସ ୧୪ ତାରିଖରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିଲେ।

### ପ୍ରେମିକଙ୍କ ଯୌନାଙ୍ଗ କାଟିଦେଲେ ପ୍ରେମିକା

**ଲୋଇସିଂହା,୨୫।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ କନ୍ଧାଜୁରୀ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବତୀ ନିଜ ପ୍ରେମିକଙ୍କୁ ସାକ୍ଷାତ କରିବାକୁ ଡାକି ବ୍ଲେଡ୍‌ରେ ତାଙ୍କ ଯୌନାଙ୍ଗ କାଟିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ପ୍ରେମିକଙ୍କୁ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କନ୍ଧାଜୁରୀ ଗ୍ରାମର ଜଣେ ଯୁବକ ଓ ବସ୍ତିର ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା। ଉଭୟଙ୍କ ପରିବାର ଏହା ଜାଣିଥିଲେ। ଇତିମଧ୍ୟରେ ଯୁବକଙ୍କ ବିବାହ ଅନ୍ୟତ୍ର କରିବାକୁ ତାଙ୍କ ପରିବାର ଲୋକେ ଯୋଜନା କରିଥିଲେ। ଏହା ଜାଣି ଯୁବତୀ ସୋମବାର ରାତି ପ୍ରାୟ ୧୦ଟାରେ ମୋବାଇଲ ଫୋନ ଯୋଗେ ତାଙ୍କୁ ଡାକିଥିଲେ। ପ୍ରେମିକାଙ୍କ ଫୋନ୍ କଲ୍ ପାଇ ଯୁବକ ତାଙ୍କ ପାଖକୁ ଆସିଥିଲେ। ପରିବାର ଲୋକେ ଅନ୍ୟତ୍ର ତାଙ୍କର ବିବାହ ସ୍ଥିର କରିଛନ୍ତି। ତେଣୁ ତୁମେ ମଧ୍ୟ ଅନ୍ୟତ୍ର ବିବାହ କରିଦିଅ ବୋଲି ଯୁବକ ଯୁବତୀଙ୍କୁ କହିଥିଲେ। ମାତ୍ର ଯୁବତୀ ଏଥିରେ ରାଜି ହୋଇ ନ ଥିଲେ। ପୋଲିସ ଏକ ମାମଲା ରୁଜୁ କରି ଯୁବତୀଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚୁରା କରୁଛି।

# ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ

**ପୁରୀ ଅଫିସ, ୨୫।୯**

**ଗର୍ଭଗୃହରେ ରକ୍ତଛିଟା**



ଶ୍ରୀମନ୍ଦିର ଗର୍ଭଗୃହରେ ପଡିଛି ରକ୍ତଛିଟା। ଜଣେ ସେବକଙ୍କ ଗୋଡ଼ ଖସିଯିବାରୁ ସେ ପଡିଯାଇଥିଲେ। ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ଗର୍ଭଗୃହରେ ରକ୍ତ ପଡିଥିଲା। ଫଳରେ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ମଙ୍ଗଳବାର ସକାଳ ଧୂପ ସରି ଭୋଗମଣ୍ଡପ ବସିଥିବା ବେଳେ ଏହି ଘଟଣା ଘଟିଥିଲା। ବଡ଼ ମହାସ୍ନାନ ପାଇଁ ନୀତିରେ ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଥିବା ଜଣାପଡିଛି।

ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସୂଚନା ମୁତାବକ, ପୂର୍ବାହ୍ନ ୧୧ଟା ୧୫ ସୁଦ୍ଧା ସକାଳ ଧୂପ ସରିଥିଲା। ଭୋଗମଣ୍ଡପ ବସିଥିବା ବେଳେ ପ୍ରାୟ ୧୧ଟା ୪୦ରେ ଦଇତା ସେବକ ଗଙ୍ଗାଧର ଦାସମହାପାତ୍ର ଦର୍ଶନ ପାଇଁ ଯାଇଥିଲେ। ଗର୍ଭଗୃହରେ ତାଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡିଯାଇଥିଲେ। ତାଙ୍କ ମୁହଁରେ ଆଘାତ ଲାଗି ରକ୍ତଛିଟା ପଡିଥିଲା। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେହିଠାରେ ନୀତି ଅଟକିଥିଲା। ଏହାପରେ ବଡ଼ ମହାସ୍ନାନ କରାଯାଇଥିଲା।

ସୂଚନାଥାଉ କି, ପାଳିଆ ସେବକଙ୍କ ଛଡା ଅନ୍ୟ କେହି ଠାକୁରଙ୍କୁ ଛୁଇଁଦେଲେ କିମ୍ବା ଠାକୁରଙ୍କ ଲାଗି ଜିନିଷ ଛୁଆଁ ହୋଇଗଲେ ଛୁଆଁ ଦୋଷ ହୋଇଥାଏ। ଏ କ୍ଷେତ୍ରରେ ମହାପ୍ରଭୁଙ୍କର ମହାସ୍ନାନ ହୋଇଥାଏ। ଛୁଆଁ ହେତୁ ମହାସ୍ନାନ ହେଲେ ମନ୍ଦିର ଧୁଆଯାଏ ନାହିଁ। କେବଳ ପୂଜାପଣ୍ଡା ଆସି ମନ୍ତ୍ର ପଢି ପଞ୍ଚାମୃତରେ ମହାସ୍ନାନ ପୂଜା କରିଥାନ୍ତି। ସୋମବାର ମଧ୍ୟ ଏହିପରି ଭାବେ ମହାପ୍ରଭୁଙ୍କ ମହାସ୍ନାନ ହୋଇଥିଲା। ସନ୍ଧ୍ୟା ଆଳତି ପରେ ଠାକୁରଙ୍କ ମଇଲମ ହୋଇ ବେଶ ସମୟରେ ଶ୍ରୀମନ୍ଦିରର ଜଣେ କର୍ମଚାରୀ (ଚର୍ଚ୍ଚା)ଙ୍କ ହାତ ଫୁଲମାଳରେ ବାଜି ଯାଇଥିଲା। ସେହିଠାରେ ନୀତି ଅଟକିଥିଲା। ମହାପ୍ରଭୁଙ୍କ ମହାସ୍ନାନ ପରେ ଅଟକିଥିବା ନୀତି ପୁଣି ଆରମ୍ଭ ହୋଇଥିଲା।

### କାହିଁକି ହୁଏ ବଡ଼ ମହାସ୍ନାନ

ସ୍ୱତ୍ୱଲିପି ମୁତାବକ, ଶ୍ରୀମନ୍ଦିରରେ ଅକସ୍ମାତ୍ ଦୁର୍ଘଟଣା ଘଟିଲେ ଅର୍ଥାତ୍ କୁକୁର ପ୍ରବେଶ କଲେ କିମ୍ବା ଶ୍ରୀମନ୍ଦିର ହତାରେ ମୃତଦେହ ଓ ଅସ୍ଥି ଦେଖାଗଲେ ଠାକୁରଙ୍କ ନୀତି ବନ୍ଦ ରୁହେ। ନୀତିର ଉପକରଣମାନ ବାହାରକୁ ବାହାର କରାଯାଇ ଠାକୁରଙ୍କ ବଡ଼ ମହାସ୍ନାନ ହୋଇଥାଏ। ଜୟ ବିଜୟ ଦ୍ୱାରଠାରୁ ଭିତର ପୋଖରିଆ ପର୍ଯ୍ୟନ୍ତ ଧୁଆଯାଇ ଚୂନପାଣି ପଡେ। ରତ୍ନସିଂହାସନରେ ପୋଛା ମରାଯିବା ପରେ ସିଂହାସନ ତଳେ ମହାସ୍ନାନ ପୂଜା ବଢିଥାଏ। ଏହି ମହାସ୍ନାନ ପୂର୍ବରୁ ସମସ୍ତ ରୋଷ ଧୁଆଯାଏ। ରୋଷଘରେ ଥିବା ସମସ୍ତ ଜିନିଷ ବାହାର କରାଯାଏ। ପୁନର୍ବାର ରୋଷରେ ହୋମ ହୁଏ। ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ହୋଇଥାଏ। ସେହିପରି ଭିତରକାଠ ପାଖରୁ ସିଂହାସନ ପର୍ଯ୍ୟନ୍ତ କୌଣସି ସ୍ଥାନରେ ଯଦି ଝାଡ଼ା, ପରିସ୍ରା ଓ ଛେପ ଆଦି ପଡେ ତେବେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ହୁଏ। କୌଣସି କାରଣବଶତଃ ରକ୍ତଛିଟା ପଡିଲେ ବି ବଡ଼ ମହାସ୍ନାନ ହୋଇଥାଏ। ଏଥିରେ ରତ୍ନ ସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୁଆ ହୋଇ ଚୂନପାଣି ପଡେ। ପୂଜାପଣ୍ଡା ବଡ଼ ମହାସ୍ନାନ ପୂଜା କରିବା ପରେ ପୁଣି ନୀତି ଆରମ୍ଭ ହୁଏ।

# ଓଡ଼ିଶା ଢାଞ୍ଚାରେ ଆଇଟିଆଇର ଆଧୁନିକୀକରଣ କରିବ ଆନ୍ଧ୍ର

### ଦକ୍ଷତା ସଂଗ୍ରହାଳୟ ବୁଲି ଦେଖିଲେ ଆନ୍ଧ୍ରପ୍ରଦେଶ ଶ୍ରମମନ୍ତ୍ରୀ



ଆନ୍ଧ୍ର ପ୍ରଦେଶ ଶ୍ରମମନ୍ତ୍ରୀ ପିଠାନୀ ସତ୍ୟନାରାୟଣ ମଙ୍ଗଳବାର ଅପରାହ୍ନରେ କଟକ ଖପୁରିଆସ୍ଥିତ ଆଇଟିଆଇ ପରିସରରେ ଥିବା ଦେଶର ପ୍ରଥମ ଦକ୍ଷତା ସଂଗ୍ରହାଳୟ ପରିଦର୍ଶନ କରୁଛନ୍ତି।

**କଟକ ଅଫିସ,୨୫।୯**

ଆନ୍ଧ୍ରପ୍ରଦେଶର ଶ୍ରମମନ୍ତ୍ରୀ ତଥା ଟିଡିପି ନେତା ପିଠାନୀ ସତ୍ୟନାରାୟଣ ମଙ୍ଗଳବାର ଅପରାହ୍ନରେ କଟକ ଖପୁରିଆସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ଓ ଏହା ପରିସରରେ ଥିବା ଦେଶର ପ୍ରଥମ ଦକ୍ଷତା ସଂଗ୍ରହାଳୟ ପରିଦର୍ଶନ ଆସିଥିଲେ। ତାଙ୍କ ସହ ଆନ୍ଧ୍ର ପ୍ରଦେଶର ମୁଖ୍ୟ ଶାସନ ସଚିବ ଜେ.ଏସ୍.ଭି. ପ୍ରସାଦ ଥିଲେ। ତେବେ ସେମାନେ ଏଠାରେ ଥିବା ଭିତ୍ତିଭୂମି, ୱାର୍କଶପ୍ ଓ ସ୍ମାର୍ଟ କ୍ଲାସ୍ ରୁମ୍ ବୁଲି ଦେଖିବା ସହ ବେଶ୍ ପ୍ରଶଂସା କରିଥିଲେ। ଏହି ଅବସରରେ ମନ୍ତ୍ରୀ ପିଠାନୀ କହିଲେ, ଏହା ଏକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ। ଏଠାରେ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଅଧ୍ୟାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଓ ଶିଳ୍ପ ତାଲିମ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କର ବେଶ ଆଗ୍ରହ ରହିଥିବା ମୁଁ ଅନୁଭବ କରିଛି। ଆନ୍ଧ୍ର ପ୍ରଦେଶର ୭୯ଟି ଆଇଟିଆଇର ଆଧୁନିକୀକରଣ କରାଯିବ। ଆଗକୁ ଆମ ରାଜ୍ୟରେ ଥିବା ସବୁ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଏହିଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରିବାକୁ ଚେଷ୍ଟା କରିବୁ ବୋଲି ସେ କହିଥିଲେ।

ଏହିଶିଳ୍ପ ତାଲିମ କେନ୍ଦ୍ରରେ ଦେଢଘଣ୍ଟାରୁ ଅଧିକ ସମୟ ବିତାଇବା ମଧ୍ୟରେ ମନ୍ତ୍ରୀ ପିଠାନୀ ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତେବେ ଡ. ମହାନ୍ତି କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ଶ୍ରମମନ୍ତ୍ରୀ ସ୍ମାର୍ଟ କ୍ଲାସ ରୁମଠାରୁ ଆରମ୍ଭ କରି ସଂଗ୍ରହାଳୟ ବୁଲି ଦେଖିବା ପରେ ପ୍ରଶଂସା କରିଛନ୍ତି। ତଥାପି ଆଗକୁ ଆମେ ଆମ ଶିଳ୍ପ ତାଲିମ କେନ୍ଦ୍ରର କର୍ମଶାଳାରେ ଆହୁରି ଅଧିକ ଉନ୍ନତି ଆଣିବା ସହ ପ୍ଲେସମେଣ୍ଟ ରେକର୍ଡ ଆହୁରି ବଢାଇବାକୁ ଚେଷ୍ଟା କରିବୁ ବୋଲି ମହାନ୍ତି ଜଣାଇଛନ୍ତି।

■ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଉଦ୍‌ଯାପିତ

# ପ୍ରତି ବୁଥ୍‌କୁ ଯିବ ମହିଳା ମୋର୍ଚ୍ଚା

**ପୁରୀ ଅଫିସ, ୨୫।୯**

**ସବୁ ରାଜ୍ୟରେ ହେବ ଶକ୍ତିକେନ୍ଦ୍ର ମହିଳା ସମ୍ମିଳନୀ**



ଉଦ୍‌ଯାପନୀ ଉତ୍ସବରେ ମଞ୍ଚସୀନ ଭାଜପା ନେତୃବୃନ୍ଦ।

୨୦୧୯ରେ ହୋଇପାରେ ସାଧାରଣ ନିର୍ବାଚନ। ଏହି ନିର୍ବାଚନ ବୈତରଣୀ ପାରହେବା ଲାଗି ମହିଳା ଭୋଟରଙ୍କୁ ଟାର୍ଗେଟ କରିଛି ଭାଜପା। ମହିଳା ଭୋଟରଙ୍କୁ କିଭଳି ଦଳ ଆଡକୁ ଆକର୍ଷିତ କରାଯାଇପାରିବ ସେଥିଲାଗି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଯୋଜନା ପ୍ରସ୍ତୁତ ହୋଇଛି। ନରେନ୍ଦ୍ର ମୋଦି ସରକାରଙ୍କ ମହିଳା କଲ୍ୟାଣକାରୀ ଯୋଜନାକୁ ନେଇ ଭାଜପା ମହିଳା ମୋର୍ଚ୍ଚା କର୍ମୀ ବୁଥ୍‌ସ୍ତରରେ ପହଞ୍ଚିବେ। ପ୍ରତି ଘରକୁ ଯାଇ କେନ୍ଦ୍ରର କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବୁଝାଇବେ। ରାଜ୍ୟ ସରକାରଙ୍କ ବିଫଳତାଙ୍କୁ ବଖାଣି ଭୋଟରଙ୍କୁ ଭାଜପାଭିମୁଖୀ କରିବା ଲାଗି ଦୁଇଦିନ ଧରି ପୁରୀ ଠାରେ ଚାଲିଥିବା ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ପରାମର୍ଶ ଦିଆଯାଇଛି।

ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଛି। ବୈଠକର ଆଲୋଚନା ସଂକ୍ରାନ୍ତରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡ଼ା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଏଣିକି ପ୍ରତି ରାଜ୍ୟରେ ଶକ୍ତିକେନ୍ଦ୍ରସ୍ତରୀୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ଅନୁଷ୍ଠିତ ହେବ। ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାରୁ ଯେଉଁ ମହିଳାମାନେ ବଞ୍ଚିତ ହୋଇଛନ୍ତି ଆଗାମୀ ୩ମାସ ମଧ୍ୟରେ ଏହି ଯୋଜନା ସେମାନଙ୍କ ପାଖରେ ପହଞ୍ଚାଯିବ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତି ଏମ୍‌ପି ମୀନାକ୍ଷୀ ଲେଖି କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଜନଧନ ଯୋଜନାରେ ୧୬କୋଟି ମହିଳାଙ୍କ ଆକାଉଣ୍ଟ ଖୋଲାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୫କୋଟି ମହିଳାଙ୍କୁ ମାଗଣାରେ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳାମାନଙ୍କୁ ପ୍ରାଥମିକତା ଦିଆଯାଇଛି। ଇନ୍ଦ୍ରଧନୁଷ୍ ଏବଂ ସୁରକ୍ଷିତ ମାତୃତ୍ୱ ଯୋଜନାରେ ଉଭୟ ମା' ଏବଂ ଶିଶୁ ଲାଭବାନ ହେଉଛନ୍ତି। ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବୃଦ୍ଧି କରାଯାଇଛି। ବେଟି ପଢାଓ, ବେଟି ବଚାଓ, ମୁଦ୍ରା ଆଦି ଯୋଜନାରେ ମହିଳାମାନେ ଉପକୃତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମହିଳା କଲ୍ୟାଣ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଲାଗି ମହିଳା ମୋର୍ଚ୍ଚା କାମ କରିବ। ଟ୍ରିପଲ ତଲାକ୍ ବିରୋଧରେ କେନ୍ଦ୍ର ସରକାର କଡ଼ା ନିୟମ ଆଣିଛନ୍ତି। ମହିଳାଙ୍କ ସୁରକ୍ଷା କେନ୍ଦ୍ର ସରକାରଙ୍କ ପ୍ରାଥମିକତା ବୋଲି ସେ କହିଥିଲେ। ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କୁ ସମର୍ପଣ ଓ ନିଷ୍ଠାର ସହ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବାକୁ ଲେଖି ପରାମର୍ଶ ଦେଇଥିଲେ। ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ବିଜୟା ରାହାତ୍‌କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ଯୋଗ ଦେଇଥିଲେ।

### ଏ ପଜିଟିଭ୍ ବଦଳରେ ଦିଆଗଲା ବି ପଜିଟିଭ୍ ରକ୍ତ

**କଟକ ଅଫିସ,୨୫।୯**

ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ଘରୋଇ ହସ୍ପିଟାଲ। ଅସ୍ତ୍ରୋପଚାର ହୋଇଥିବା ଜଣେ ରୋଗୀଙ୍କୁ ଏ ପଜିଟିଭ୍ ବଦଳରେ ଦିଆଯାଇଛି ବି ପଜିଟିଭ୍ ରକ୍ତ। ଫଳରେ ସମ୍ପୃକ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଛି। ମାଲଗୋଦାମ ଥାନା ଅନ୍ତର୍ଗତ ଛତ୍ର ବଜାର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଘଟିଛି ଏହି ସ୍ୱର୍ଶକାତର ଘଟଣା। ଏନେଇ ରୋଗୀଙ୍କ ପରିବାର ଲୋକେ ମଙ୍ଗଳବାର ଥାନାରେ ଅଭଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଭଦ୍ରକ ଜିଲା ଚରମ୍ପା ଅଞ୍ଚଳର ସରୋଜିନୀ ଦାସ ନାମ୍ନୀ ଜଣେ ମହିଳା ପେଟ ରୋଗରେ ପୀଡିତ ଥିଲେ। ଚିକିତ୍ସା ପାଇଁ ଶୁକ୍ରବାର ତାଙ୍କୁ ପରିବାର ଲୋକେ କଟକ ଆଣି ମାଲଗୋଦାମ ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରୀକ୍ଷା ପରେ ସରୋଜିନୀଙ୍କ ପେଟରେ ଟ୍ୟୁମର ହୋଇଥିବା ଜଣାପଡିଥିଲା। ରବିବାର ଉକ୍ତ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ୨ ୟୁନିଟ୍ ରକ୍ତ ଦିଆଯିବା ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ସୋମବାର ହସ୍ପିଟାଲ ତରଫରୁ ତାଙ୍କୁ ରକ୍ତ ଦିଆଯାଇଥିଲା। ହେଲେ ସରୋଜିନୀଙ୍କ ବ୍ଲଡ ଗ୍ରୁପ୍-ଏ ପଜିଟିଭ୍ ହୋଇଥିବାବେଳେ ହସ୍ପିଟାଲ ତରଫରୁ ତାଙ୍କୁ ବି-ପଜିଟିଭ୍ ରକ୍ତ ଦିଆଯାଇଥିଲା। ୩୦ ମିନିଟ୍ ପର୍ଯ୍ୟନ୍ତ ବି-ପଜିଟିଭ୍ ରକ୍ତ ସରୋଜୀନିଙ୍କ ଶରୀରକୁ ଯାଇଥିଲା।

# ଏୟାର ଓଡ଼ିଶାର ଉଡ଼ାନ୍ ବାତିଲ

**ଝାରସୁଗୁଡ଼ା ଅଫିସ,୨୫।୯**

**ଗୋଟିଏ ଦିନ ଚାଲିଲା, ତା' ପରେ ବନ୍ଦ**

ଉଡାନ୍ ଯୋଜନାରେ ସୋମବାର ବିମାନ ସେବା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ବନ୍ଦ ହୋଇଯାଇଛି। ମେଣ୍ଟେନାନ୍ସ କାରଣରୁ ମଙ୍ଗଳବାର ବିମାନ ଚଳାଚଳ ବନ୍ଦ ରଖାଯାଇଥିବା ନେଇ ଏୟାର ଓଡ଼ିଶାଠାରୁ ସୂଚନା ପାଇଥିବା କହିଛନ୍ତି ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ। ତେବେ କେବେ ସୁଦ୍ଧା ବିମାନ ଚଳାଚଳ ପୁନଶ୍ଚ ଆରମ୍ଭ ହେବ ସେ ସମ୍ପର୍କରେ ଏୟାର ଓଡ଼ିଶା ପକ୍ଷରୁ କୌଣସି ନିଶ୍ଚିତ କରାଯାଇ ନ ଥିବା ନିର୍ଦ୍ଦେଶକ ଚୌହାନ କହିଛନ୍ତି।

ସେପ୍ଟେମ୍ବର ୨୨ରେ ବିମାନବନ୍ଦର ଉଦ୍‌ଘାଟନ ହୋଇଥିଲା। ୨୪ ତାରିଖରେ ଏୟାର ଓଡ଼ିଶାର ଏକ ବିମାନ ୪ ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ଝାରସୁଗୁଡ଼ା ଏବଂ ସମାନ ଯାତ୍ରୀଙ୍କୁ ନେଇ ଝାରସୁଗୁଡ଼ାରୁ ରାୟପୁର ଅଭିମୁଖେ ଯାଇଥିଲା। କିନ୍ତୁ ୨୪ ତାରିଖରେ ବିମାନଟି ରାୟପୁରରୁ ଫେରି ନ ଥିଲା। ୨୫ ତାରିଖରେ ଫେରିବା ଯୋଜନା ରହିଥିଲେ ମଧ୍ୟ ମେଣ୍ଟେନାନ୍ସ ପାଇଁ କୋଲକାତା ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଅପରପକ୍ଷରେ ଅଫ୍‌ଲାଇନରେ ଟିକେଟ ବୁକିଂ ହେଉଥିବାରୁ ଯାତ୍ରୀମାନେ ବିମାନଯାତ୍ରା ସମ୍ପର୍କରେ ସୂଚନା ପାଇପାରୁ ନାହାନ୍ତି। ଅନ୍‌ଲାଇନ୍ ବୁକିଂ ପାଇଁ ଏୟାର ଓଡ଼ିଶା ପକ୍ଷରୁ ବୈଷୟିକ କାମ ଚାଲିଛି। ଖୁବ୍‌ଶୀଘ୍ର ଅନ୍‌ଲାଇନ୍ ବୁକିଂ ହୋଇପାରିବ ବୋଲି କୁହାଯାଉଛି।

# ଓଡ଼ିଶାରେ ଗୋ ଚାଲାଣକୁ ନେଇ ମାନେକାଙ୍କ ଉଦ୍‌ବେଗ

**କଟକ ଅଫିସ,୨୫।୯**




ଜାତୀୟ ଆଲୋଚନାଚକ୍ରରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀଙ୍କ ସହ ଅନ୍ୟମାନେ।

- ■ସରକାର, ପୋଲିସ ଓ ଜନସାଧାରଣଙ୍କୁ ଦାୟୀ କଲେ
- ■ଜୀବହତ୍ୟା ପ୍ରଥା ବନ୍ଦ ହେବା ଦରକାର
- ■ଓଟ ଚାଲାଣ ଯୋଗୁ ସୁରକ୍ଷା ବିପନ୍ନ ହେଉଛି

ବେଆଇନ ଗୋ-ଚାଲାଣ କ୍ଷେତ୍ରରେ ଓଡ଼ିଶା ବହୁ ଆଗରେ। ପ୍ରତିଦିନ ଓଡ଼ିଶାରୁ ଗୋରୁ ବୋଝେଇ ଗାଡ଼ି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ପଡୋଶୀ ରାଜ୍ୟକୁ ଯାଉଛି। ସେଠାରୁ ବାଂଲାଦେଶ ଓ ଅନ୍ୟ ଦେଶକୁ ପଠାଯାଉଛି। ଏହି କାରବାରକୁ ରୋକିବା ପାଇଁ ଦାବି ହୋଇ ଆସୁଥିବାବେଳେ ଅନେକ ଥର ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ହେଲେ ଏହାକୁ ରୋକାଯିବା ପରିବର୍ତ୍ତେ ପରୋକ୍ଷ ପ୍ରୋତ୍ସାହନ ଦିଆଯାଉଛି। ପୋଲିସର ଜ୍ଞାତସାରରେ ଚାଲିଥିବା ଏହି ବେଆଇନ କାରବାର ଏବେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସ୍ଥିତିକୁ ଜାହିର କରୁଛି। ଏ ନେଇ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଉଦ୍‌ବେଗ ପ୍ରକାଶ କରିବା ସହ ଓଡ଼ିଶା ସରକାର ଏ ଦିଗରେ ସଚେତନ ହୋଇ ତୁରନ୍ତ ଏହି କାରବାରକୁ ବନ୍ଦକରିବା ଦରକାର ବୋଲି କହିଛନ୍ତି।

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ) ଓ ହ୍ୟୁମାନ ସୋସାଇଟି ଇଣ୍ଟରନ୍ୟାଶନାଲ (ଏଚ୍‌ଏସ୍‌ଆଇ)ର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱବିଦ୍ୟାଳୟଠାରେ 'ପ୍ରାଣୀ ଓ ପରିବେଶ ମଙ୍ଗଳ' ଉପରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ମାନେକା ଯୋଗଦେଇ ରାଜ୍ୟର ଗୋ-ଚାଲାଣ ସ୍ଥିତିକୁ ନେଇ ସିଧାସଳଖ ଓଡ଼ିଶା ପୋଲିସ, ପ୍ରାଣୀ ସମ୍ପଦ ବିଭାଗ ଓ ଜନସାଧାରଣଙ୍କୁ ଦୋଷ ଦେଇଛନ୍ତି। ଜାଣିଶୁଣି ଏଭଳି ବେଆଇନ ଓ ଘୃଣ୍ୟ କାର୍ଯ୍ୟକୁ ଏଠାରେ ପ୍ରଶ୍ରୟ ଦିଆଯାଉଛି ବୋଲି ମାନେକା କହିଛନ୍ତି। ବାଂଲାଦେଶ ୱେବ୍‌ସାଇଟରେ ୨୦ହଜାର ଟନ୍ ଗୋମାଂସ ବିଦେଶୀକୁ ରପ୍ତାନି ହେଉଛି ବୋଲି ଦର୍ଶାଯାଇଛି। ଯେଉଁ ଦେଶରେ ଗୋରୁ ନାହାନ୍ତି ସେଠାରୁ ରପ୍ତାନୀ ହେଉଥିବା ଏତେ ପରିମାଣର ଗୋ ମାଂସ କୁଆଡୁ ଆସୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରାଣୀ ସମ୍ପଦର ସୁରକ୍ଷା ନ କଲେ ମଣିଷ ସମ୍ପଦ ବିପଦରେ ପଡ଼ିବ। ପରସ୍ପର ଉପରେ ନିର୍ଭର କରି ଏ ପୃଥିବୀ ତିଷ୍ଠିରହିଛି। ସୁସ୍ଥ ଜୀବନ ଶୈଳୀରେ କିପରି ବଞ୍ଚିବାକୁ ହେବ ସେ ଦିଗରେ ଲୋକମାନେ ଏବେଠାରୁ ଚେଷ୍ଟାକରିବା ଉଚିତ ବୋଲି ମାନେକା କହିଛନ୍ତି।

ଖାଦ୍ୟ ପ୍ରସ୍ତୁତିରେ ହେଉଥିବା ଦୁର୍ନୀତି ସମ୍ପର୍କରେ ମାନେକା କହିଲେ, ଦେଶର ବିଭିନ୍ନ ସ୍ଥାନ ବୁଲିବା ବେଳେ କିପରି ବିଷଦ୍ୱାରା ଖାଦ୍ୟ ସାମଗ୍ରୀ ତିଆରି ହେଉଛି ତାହାକୁ ନିଜ ଆଖିରେ ଦେଖିଛି। ମାରାତ୍ମକ ସଲ୍‌ଫ୍ୟୁରିକି ଏସିଡ ବ୍ୟବହାର କରାଯାଇ ପନିର, କୁକୁର ଓ ଘୁଷୁରିଙ୍କ ଚମଡ଼ାକୁ ତରଳାଯାଇ ଘିଅ ପ୍ରସ୍ତୁତ ହେଉଥିବା ଭଳି ସଙ୍ଗିନ ତଥ୍ୟ ସେ ଉପସ୍ଥାପନ କରିଥିଲେ। ଦିନକୁ ଦିନ ନୂଆ ନୂଆ ରୋଗ ସୃଷ୍ଟି ହେଉଛି। ରୋଗୀଙ୍କ ସଂଖ୍ୟା ବଢୁଛି। ରୋଗକୁ ପ୍ରତିହତ କରିବା ପାଇଁ ନୂତନ ଆଣ୍ଟିବାୟୋଟିକ ଉଦ୍ଭାବନ ହୋଇପାରୁନି। ଜୀବଙ୍କୁ ବିନାଶ କରି ସମୃଦ୍ଧ ହେଉଥିବା ମଣିଷ ସମାଜ ଜୀବରକ୍ଷା ଦିଗରେ ଚେଷ୍ଟା ନ କଲେ ବିପତ୍ତିରେ ପଡ଼ିବ ବୋଲି ମାନେକା କହିଛନ୍ତି। ଏଥିସହ ସେ କୁକୁଡ଼ା ମାଂସରୁ ସୃଷ୍ଟି ହେଉଥିବା ରୋଗ ସମ୍ପର୍କରେ କହିଥିଲେ।

ସେହିଭଳି ରାଜସ୍ଥାନରୁ ହେଉଥିବା ଓଟ ଚାଲାଣକୁ ନେଇ ମାନେକା କ୍ଷୋଭ ପ୍ରକାଶ କରି କହିଲେ, ଗୁଜରାଟର ସୀମାନ୍ତ କଚ୍ଛ ଅଞ୍ଚଳରେ ସେନା ଯାତାୟାତ କ୍ଷେତ୍ରରେ ଓଟ ବ୍ୟବହାର କରନ୍ତି। ମାତ୍ର ଚାଲାଣ ଯୋଗୁ ଏବେ ଓଟ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି। ଏଥିଯୋଗୁ କଚ୍ଛଠାରେ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଆଗାମୀ ଦିନରେ ସମସ୍ୟାରେ ପଡ଼ିବ। ତେଣୁ ଅର୍ଥ ଲାଳସାରେ ଗୋରୁ ଓ ଓଟ ଆଦି ପ୍ରାଣୀମାନଙ୍କୁ ବିକ୍ରି କରିବା ପରିବର୍ତ୍ତେ ସାଧାରଣ ଲୋକେ ନିଜର ତଥା ଦେଶର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଜୀବହତ୍ୟାକୁ ନେଇ ପୂର୍ବରୁ ରହି ଆସିଥିବା ପ୍ରଥା ବନ୍ଦ ହେଉ ବୋଲି ମାନେକା କହିଛନ୍ତି। ଏହି ଆଲୋଚନାଚକ୍ରରେ ଏନଏଲୟୁ କୁଳପତି ପ୍ରଫେସର ଡ. କ୍ରୀଷ୍ଣା ଦେବା ରାଓ, ଜୀବବିଜ୍ଞାନୀ ପ୍ରଫେସର ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦୀ, ଏଚ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ ଏନ୍.ଜି. ଜୟସିହ୍ମା, ବନ୍ୟପ୍ରାଣୀ ପ୍ରଚାର ନିର୍ଦ୍ଦେଶକ ସୁମନ୍ତ ବିନ୍ଦୁମାଧବ, ପିପୁଲ ଫର୍ ଆନିମଲର ଟ୍ରଷ୍ଟି ଗୌରୀ ମଲେଖୀ, ଏମ୍‌ଏଡିର ପ୍ରତିଷ୍ଠାତା ଅଭିଜୟ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ।

ଦିବ୍ୟାଙ୍ଗ ଭୋଟରଙ୍କ ସୁଗମ ମତଦାନ ଲାଗି କର୍ମଶାଳା

### ଅଧିକ ଦିବ୍ୟାଙ୍ଗ ବୁଥରେ ହେବ ସ୍ୱତନ୍ତ୍ର ର୍ୟାମ୍ପ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ରାଜ୍ୟରେ ଥିବା ଦିବ୍ୟାଙ୍ଗମାନଙ୍କ ମତଦାନ ଅଧିକାରକୁ ସାକାର କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜିଲାସ୍ତରର ସମସ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଦିବ୍ୟାଙ୍ଗଙ୍କ ଲାଗି କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସିଭିଲ୍ ସୋସାଇଟିର କର୍ମକର୍ତ୍ତାମାନଙ୍କୁ ନେଇ ରାଜ୍ୟସ୍ତରୀୟ ଦିନିକିଆ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଛନ୍ତି। ଜାତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟର ଦିବ୍ୟାଙ୍ଗ ଭୋଟରମାନଙ୍କ ନାମ ପଞ୍ଜୀକରଣ କରିବା ସହ ଆଗାମୀ ନିର୍ବାଚନରେ ସେମାନଙ୍କ ସୁଗମ ମତଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଚଳିତ ମାସ ଶେଷ ସୁଦ୍ଧା ପ୍ରତ୍ୟେକ ଜିଲାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରିବା ସହ ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରାଯିବ। ଆସନ୍ତା ଅକ୍ଟୋବର ୫ରେ ଗ୍ରାମପଞ୍ଚାୟତସ୍ତରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ପଞ୍ଜୀକରଣ କ୍ୟାମ୍ପ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ସବୁ ଜିଲାପାଳମାନଙ୍କୁ ଚିଠି ଦ୍ୱାରା ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ବୁଥ୍‌ରେ ଅଧିକ ଦିବ୍ୟାଙ୍ଗ ଭୋଟର ଥିବେ ସେଠାରେ ସ୍ୱତନ୍ତ୍ର ର୍ୟାମ୍ପ ନିର୍ମାଣ ସହ ଗୋଟିଏ ଲେଖା ହ୍ୱିଲ୍ ଚେୟାରର ବ୍ୟବସ୍ଥା କରାଯିବ। ଏହି କର୍ମଶାଳାରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ଆର୍ ଯାଦବ ଯୋଗଦେଇ ଦିବ୍ୟାଙ୍ଗ ଭୋଟରଙ୍କ ନାମ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି।



"ମନକୁ ଯଦି କାମରେ ନ ଲଗାଇବ, ସେଥିରେ କଳଙ୍କି ଲାଗି ଶେଷରେ ଅକାମୀ ହୋଇଯିବ ।
-ସାର୍ ଜନ୍ ସାଇମନ



## ସଂକ୍ଷେପରେ

ଭାଲୁକୁଣୀ ଭସାଣି ଶୋଭାଯାତ୍ରାରେ ଦୁର୍ଘଟଣା

## ଡିଜେ ଗାଡ଼ି ଚଢ଼ିଯିବାରୁ କଲେଜ ଛାତ୍ରଙ୍କ ମୃତ୍ୟୁ

**ବିଞ୍ଝାରପୁର,୨୫ା୯(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଲାରପୁର କଲ୍ୟାଣେଶ୍ୱର ଛକରେ ଭାଲୁକୁଣୀ ଭସାଣି ଶୋଭାଯାତ୍ରା ବେଳେ ଡିଜେ ଗାଡି ଚଢି ଯିବାରୁ ଘଟଣା ସ୍ଥଳରେ ଜଣେ କଲେଜ ଛାତ୍ରଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ଖବରମୁତାବକ କଲ୍ୟାଣେଶ୍ୱର ଛକନିକଟରେ ସୋମବାର ବିଳମ୍ବିତ ରାତିରେ ଭାଲୁକୁଣୀ ଭସାଣି ସାରି ଫେରୁଥିବା ସମୟରେ ଡିଜେ ଗାଡିର ଚକାତଳେ ଚନ୍ଦ୍ରମୁଁ ପଞ୍ଚାୟତର ମଲୀପୁର ଗ୍ରାମର ଗୟାଧର ସାମଲଙ୍କ ପୁଅ ସୌମ୍ୟ ରଞ୍ଜନ(୧୮) ପଡ଼ି ଯାଇଥିଲେ। ଫଳରେ ଘଟଣା ସ୍ଥଳରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ବିଞ୍ଝାରପୁର ପୋଲିସ ମୃତଦେହ ଜବତ କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ.୨୩୦/୧୮) ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ପଠାଯାଇଥିଲା। ମଙ୍ଗଳବାର ସୌମ୍ୟଙ୍କ ମୃତଦେହ ବିଞ୍ଝାରପୁରରେ ପହଞ୍ଚିବା ପରେ ସେ ଅଧ୍ୟୟନ କରୁଥିବା ବରୁଣେଶ୍ୱର କଲେଜକୁ ନିଆଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହିତ ଶୋକସଭା ଅନୁଷ୍ଠିତ ହୋଇଥିଲା। କଲେଜଛାତ୍ର ସୌମ୍ୟରଞ୍ଜନଙ୍କ ମୃତ୍ୟୁରେ ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବଜ୍ରପାତରେ ଶ୍ରମିକଙ୍କ ମୃତ୍ୟୁ

**ରସୁଲପୁର,୨୫ା୯(ଡି.ଏନ୍.ଏ.):** କୁଆଖିଆ ଥାନା ଅନ୍ତର୍ଗତ ଶିଙ୍ଗାପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମ ସଅର ସାହିର ମଦନ ମୋହନ ସାମଲ(୪୫) ନାମକ ଜଣେ ଶ୍ରମିକଙ୍କ ମଙ୍ଗଳବାର ବଜ୍ରପାତରେ ମୃତ୍ୟୁ ଘଟିଛି। ମଦନ ବିଲରେ କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ଗ୍ରାମମୁଣ୍ଡ ସ୍ମଶାନ ନିକଟରେ ବଜ୍ରପାତର ଶିକାର ହୋଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ। ପରେ ଗ୍ରାମ ମୁଣ୍ଡରେ ମଦନ ପଡ଼ିଥିବା ଦେଖି ତାଙ୍କୁ ତୁରନ୍ତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

## ମଦ ଜବତ, ଜଣେ ଗିରଫ

**କଳିଙ୍ଗନଗର, ୨୫ା୯(ଡି.ଏନ୍.ଏ.):** ଦାନଗଦୀ ଫାଣ୍ଡି ପୋଲିସ୍ ମଙ୍ଗଳବାର ଜଣେ ଦେଶି ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଦାନଗଦୀ ବ୍ଲକ ତ୍ରିଜଙ୍ଗା ଅଞ୍ଚଳର ବାବୁଲି ପାତ୍ର(୪୫) । ବାବୁଲି ଏକ ବ୍ୟାଗରେ ୧୬ ଲିଟର ଦେଶୀ ମଦ ନେଇ ଧୂଳିଗଡ଼ଠାରୁ ଦାନଗଦୀକୁ ରାସ୍ତାରେ ଚାଲିଚାଲି ଆସୁଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଧୂଳିଗଡ଼ ଗ୍ରାମ ନିକଟରୁ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ମାମଲା (୨୪୫/୨୦୧୮) ରୁଜୁକରି ବାବୁଲିଙ୍କୁ କୋର୍ଟଚାଲାଣ କରିଛି।

## ଧରଣୀଧର ଦତ୍ତଙ୍କ ତ୍ରୟୋଦଶ ଶ୍ରାଦ୍ଧୋତ୍ସବ

**ଡୁବୁରୀ, ୨୫ା୯(ଡି.ଏନ୍.ଏ.):** ସ୍ୱାଧୀନତା ସଂଗ୍ରାମୀ ତଥା ସୁକିନ୍ଦା ଗାନ୍ଧୀ ଭାବେ ପରିଚିତ ଧରଣୀଧର ଦତ୍ତଙ୍କ ତ୍ରୟୋଦଶ ଶ୍ରାଦ୍ଧୋତ୍ସବ ସୋମବାର ଦାନଗଦୀ ବ୍ଲକ ଚିତ୍ରୀସ୍ଥିତ ଚଣ୍ଡିମାତା ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି । ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ବଂଶୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସ୍ମୃତି ସଭାରେ ମୁଖ୍ୟ ଅତିଥିଭାବେ ରାମଚନ୍ଦ୍ର ନାୟକ, ମୁଖ୍ୟବ୍ୟକ୍ତାଭାବେ ଦୁଷ୍ମନ୍ତ କୁମାର ନାୟକ ଓ ଅନ୍ୟତମ ବ୍ୟକ୍ତାଭାବେ ରାଜ କିଶୋର ପାଢ଼ୀ ଯୋଗଦେଇ ସ୍ୱର୍ଗତ ଦତ୍ତଙ୍କ ବହୁମୁଖୀ ପ୍ରତିଭା ଓ ସ୍ୱାଧୀନତା ସଂଗ୍ରାମରେ ସ୍ୱର୍ଗତ ଧରଣୀଧରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କୁମାର ସାହୁ, ଗୋକୁଳ ବିଶ୍ୱାଳ, ଶରତ ରାୟ, ତ୍ରୈଲୋଚନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି କୁଳମଣି ଦତ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗଳ କିଶୋର ହୋତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଉପଲକ୍ଷେ ପ୍ରକାଶିତ ସ୍ମରଣିକା ଗାନ୍ଧୀ ମଣିଷ ଉନ୍ମୋଚନ କରାଯାଇଛି। ସଂସଦ ପକ୍ଷରୁ କବି ପ୍ରଫୁଲ୍ଲ କୁମାର ଦାସ, ଆଦର୍ଶ ଶିକ୍ଷକ ଯୋଗେନ୍ଦ୍ର ନାଥ ସାହୁ , ଚିକିତ୍ସକ ବସନ୍ତ ତ୍ରିପାଠୀ, ଯାଜପୁର ଜିଲ୍ଲା ମାଟ୍ରିକ ଟପ୍ପର ସୁସ୍ମିତା ପଣ୍ଡା, ଶିଶୁ ପ୍ରତିଭା ସିମ୍ପଲ ସ୍ୱୟଂସିଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ଭୁବନ ମୋହନ ମହାନ୍ତି, ଦୟାନିଧି ଦାଶ, ଲବଙ୍ଗଲତା ପରିଡାଙ୍କ ସଂଯୋଜନାରେ କବିତା ପାଠୋତ୍ସ ଆୟୋଜିତ ହୋଇଥିଲା। ଗୁଣନିଧି ଗୁରୁ କବିତାଗୁଡ଼ିକକୁ ସମୀକ୍ଷା କରିଥିଲେ ।

## ■ ଯାଜପୁର ସିମେଣ୍ଟ କାରଖାନା ପାଇଁ ଜନଶୁଣାଣି

# ସାରାଂଶରେ ବିଭ୍ରାନ୍ତିକର ତଥ୍ୟକୁ ସମାଲୋଚନା

■ପ୍ରସ୍ତାବିତ ସ୍ଥାନରୁ ୫କି.ମି. ମଧ୍ୟରେ ରହିଛି ବଡଶୁଣି ସଂରକ୍ଷିତ ଜଙ୍ଗଲ

■ଜନଶୁଣାଣିକୁ ବିରୋଧ ପାଇଁ ସଜବାଜ

**ଯାଜପୁର ଅଫିସ,୨୫ା୯**

ମେସର୍ସ ଯାଜପୁର ସିମେଣ୍ଟ ପ୍ରାଇଭେଟ ଲିମିଟେଡ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାର୍ଷିକ ୧.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପ୍ରତିଷ୍ଠା ପ୍ରସ୍ତାବ ରଖିଛି । ଏଥିପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ(ଏସ୍ଇଆଇଏଏ) ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ପାଇଁ ଆବେଦନ କରିଛି। ଏହିକ୍ରମରେ ଆସନ୍ତା ଅକ୍ଟୋବର ୨୬ତାରିଖରେ ଦାନଗଦୀ ଭବନଠାରେ ଜନଶୁଣାଣି କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍ପିସିବି) ପକ୍ଷରୁ ନିଷ୍ପତ୍ତି ହୋଇଛି । ତେବେ ଏଥିପାଇଁ ଯାଜପୁର ସିମେଣ୍ଟ କମ୍ପାନୀ ପକ୍ଷରୁ ପ୍ରସ୍ତୁତ କାର୍ଯ୍ୟନିର୍ବାହୀ ସାରାଂଶରେ ବିଭ୍ରାନ୍ତି କରାଯାଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ଏସପିସିବି ପକ୍ଷରୁ ଜାରି ବିଜ୍ଞାପନରେ ପ୍ରସ୍ତାବିତ କାରଖାନା ପାଇଁ ସ୍ଥାନ, ଖାତା ଓ ପ୍ଲଟ ନମ୍ବର ଭଳି ନିର୍ଦ୍ଦିଷ୍ଟ ଉଲ୍ଲେଖ ନ କରି ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଇଥିବା ଅଭିଯୋଗ ହୋଇଛି। ତେଣୁ ଯଖପୁରା, କଚେରୀ, ଦଶମାନିଆ ଆଦି ଗ୍ରାମର ଲୋକେ ଅତି ପ୍ରଦୂଷିତ ଏହି ସିମେଣ୍ଟ କାରଖାନାକୁ ବିରୋଧ କରିବାକୁ ଅଣ୍ଟା ଭିଡ଼ିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ରାମ୍କୋ ସିମେଣ୍ଟ ହରିଦାସପୁରଠାରେ ବିନା ଜନଶୁଣାଣି କିମ୍ବା ପରିବେଶୀୟ ମଞ୍ଜୁରୀ ନ ଆଣି କାରଖାନା ନିର୍ମାଣ ଚଳାଇଥିବା ଘଟଣାକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରି ପାରୁନାହାନ୍ତି।

ଯାଜପୁର ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପୋର୍ଟଲ୍ୟାଣ୍ଡ ପୋଯୋଲୋନା ସିମେଣ୍ଟ, ପୋର୍ଟଲ୍ୟାଣ୍ଡ ସ୍ଲାଗ ସିମେଣ୍ଟ ଏବଂ ଭୂମିଷ୍ଟ ବ୍ଲାଷ୍ଟ ଫର୍ନେସ ସ୍ଲାଗର ଉତ୍ପାଦନ କରିବ । ଭର୍ଟିକାଲ ରୋଲର ମିଲ୍ ବୈଷୟିକ ଜ୍ଞାନ କୌଶଳ ଆପଣାଇବ। ଏଥିପାଇଁ ୪୦ ହଜାର ଲକ୍ଷ ଟଙ୍କା ବ୍ୟୟଅଟକଳ ରହିଛି। ପାରିପାର୍ଶ୍ୱିକ ଉନ୍ନତି ନିମନ୍ତେ ୨ହଜାର ଲକ୍ଷ ଟଙ୍କା ଅଟକଳ କରିଛି। ନିର୍ମାଣ ସମୟରେ ୨୫୦-୩୦୦ଜଣ ନିଯୁକ୍ତି ପାଇବେ ଏବଂ ଉତ୍ପାଦନ ସମୟରେ ମାତ୍ର ୫୮ଜଣ ନିଯୁକ୍ତିରେ ରହିବେ ବୋଲି ପ୍ରସ୍ତାବ ରହିଛି। ଏଥିପାଇଁ ଇଡ୍କୋ ଜରିଆରେ ୨୬.୫୦ଏକର ଜମି ଅଧିଗ୍ରହଣ କରାଯାଇଛି। ଜନଶୁଣାଣି ପାଇଁ ପ୍ରସ୍ତୁତ ସାରାଂଶରେ ପ୍ରସ୍ତାବିତ ପ୍ରକଳ୍ପର ୧୦କିମି ବ୍ୟାସାର୍ଦ୍ଧ ବିଶିଷ୍ଟ ଅଞ୍ଚଳ ମଧ୍ୟରେ କୌଣସି ସଂରକ୍ଷିତ ଜଙ୍ଗଲ ଦେଖାଯାଏ ନାହିଁ ବୋଲି ଦର୍ଶାଯାଇଛି। ହେଲେ ପ୍ରକଳ୍ପର ୪/୫ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଘନ ବଡ଼ଶୁଣି ସଂରକ୍ଷିତ ଜଙ୍ଗଲ ରହିଛି। ଯାହାକି ଏହି ସିମେଣ୍ଟ କାରଖାନା ପାଇଁ ବଡ଼ଶୁଣି ସଂରକ୍ଷିତ ଜଙ୍ଗଲ ଉପରେ ପ୍ରଭାବ ପଡ଼ିବ ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ପ୍ରକଳ୍ପରେ କାର୍ଯ୍ୟ ନିର୍ବାହକ, ତତ୍ତ୍ୱାବଧାନ, ପ୍ରଶାସନୀୟ, କୁଶଳୀ, ଅଣକୁଶଳୀ ଓ ସୁରକ୍ଷା ଅନ୍ତର୍ଭୁକ୍ତ ବିଭାଗରେ ଆଖପାଖ ଗ୍ରାମର ଲୋକଙ୍କୁ କମ୍ପାନୀରେ ନିଯୁକ୍ତି ପାଇବାର ସୁଯୋଗ ଦିଆଯିବ। ତେବେ ଏହି ପ୍ରତିଶ୍ରୁତିକୁ ଅଞ୍ଚଳବାସୀ ବିଶ୍ୱାସରେ ନେଇ ପାରୁନାହାନ୍ତି। ପୂର୍ବରୁ ଯେତେ କମ୍ପାନୀ ଗଢ଼ି ଉଠିଛି ଏଭଳି ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଜ୍ଞତା ଆଳରେ ବାହାର ଲୋକଙ୍କୁ ନିଯୁକ୍ତି ଦେଇ ଚାଲିଛନ୍ତି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ପ୍ରକଳ୍ପ ସ୍ଥାନର ନିକଟରେ ଥିବା ଜନବସତି ଅଞ୍ଚଳ ଭାବେ କେବଳ ଦାନଗଦୀକୁ ନିଆଯାଇଛି ଯାହାକି ୯.୭ କିମି ଦୂରରେ ଅବସ୍ଥିତ ଅଛି ବୋଲି ସାରାଂଶରେ ଦର୍ଶାଯାଇଛି। ହେଲେ ବାସ୍ତବରେ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରୁ ଯଖପୁରା, କଚେରୀ, କୁଜୁମୀସାହି, ଦଶମାନିଆ ପ୍ରଭୃତି ଗ୍ରାମ ରହିଛି। ଏହି ଅତି ପ୍ରଦୂଷଣକାରୀ କାରଖାନା ଦ୍ୱାରା ସଂପୃକ୍ତ ଅଞ୍ଚଳବାସୀ ବାୟୁ, ଜଳ ପ୍ରଦୂଷଣର ଶିକାର ହେବେ ବୋଲି ଆଶଙ୍କା ପ୍ରକଟ କରୁଛନ୍ତି। ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଦୈନିକ ୮୦ ଘନ ମିଟର ଜଳର ଆବଶ୍ୟକତା ପଡିବ। ଏଥିପାଇଁ କମ୍ପାନୀ ଭୂତଳ ଜଳ ବ୍ୟବହାର କରିବ। ଯଦ୍ୱାରା ଭୂତଳ ଜଳସ୍ତର ଆହୁରି ହ୍ରାସ ପାଇବା ନିଶ୍ଚିତ ହୋଇଛି। ଏହାବାଦ ଧୂଳିକଣା ଓ ସିମେଣ୍ଟ ଗୁଣ୍ଡ ଉଡି ସଚରାଚରକୁ ପ୍ରଦୂଷିତ କରିବା ଆଶଙ୍କାରେ ଅଞ୍ଚଳବାସୀ ରହିଛନ୍ତି। ପରିବେଶବିତ ତଥା ଶ୍ରମିକ ନେତା ଅଶ୍ୱିନୀ ଧଳ କୁହନ୍ତି କଳିଙ୍ଗନଗର ବ୍ୟାପକ ଅଞ୍ଚଳ। କାରଖାନା ପ୍ରତିଷ୍ଠା ନେଇ ଏସ୍ପିସିବି ପକ୍ଷରୁ ଜାରି ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ସ୍ଥାନର ସୂଚନା ନାହିଁ । ପୂର୍ବରୁ ଯେତେ କାରଖାନା ଗଢ଼ି ଉଠିଛି, ସେମାନେ ପ୍ରଦୂଷଣର ବିଭିନ୍ନ ଆଇନକୁ ମାନୁ ନାହାନ୍ତି । ସ୍ଥାନୀୟ ନିଯୁକ୍ତିକୁ ମଧ୍ୟ ଗୁରୁତ୍ୱ ଦେଉ ନାହାନ୍ତି । ଏଣୁ ଯାଜପୁର ସିମେଣ୍ଟକୁ ଅଞ୍ଚଳବାସୀ ବିରୋଧ କରିବେ ବୋଲି ସେ କହିଛନ୍ତି । ଯଖପୁରା ପୂର୍ବତନ ସରପଞ୍ଚ ପୁଷ୍ପକାନ୍ତ ନାୟକ କୁହନ୍ତି ଏଠାରେ କାରଖାନାର ଆବଶ୍ୟକତା ନାହିଁ । ଲୋକଙ୍କୁ ଭୁଆଁ ବୁଲାଇ ବିଭିନ୍ନ କାରଖାନା ପ୍ରତିଷ୍ଠା ଚାଲିଛି। ଯାଜପୁର ସିମେଣ୍ଟ କାରଖାନା ଏକ ଅତି ପ୍ରଦୂଷଣ । ଏଥିଯୋଗୁ ପ୍ରଦୂଷଣରେ ଲୋକେ ଅତିଷ୍ଠ ହୋଇ ବିଭିନ୍ନ ରୋଗର ଶିକାର ହେବେ । ତେଣୁ ତାକୁ ବିରୋଧ କରିବା ନିଶ୍ଚିତ । ଏ ସଂକ୍ରାନ୍ତରେ ଏସପିସିବିର ଆଞ୍ଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି ସାରାଂଶରେ ଯାହାସବୁ ତ୍ରୁଟି ରହିଛି ସେ ନେଇ ଅଭିଯୋଗ ହେଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଲୋକଙ୍କ ମତ ନେଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

## ୬ଦଫା ଦାବିରେ ଅଗ୍ନିସେବା କର୍ମଚାରୀଙ୍କ ଆନ୍ଦୋଳନ



**ବିଞ୍ଝାରପୁର,୨୫ା୯(ଡି.ଏନ.ଏ.)**

ଓଡ଼ିଶା ଅଗ୍ନିସେବା କର୍ମଚାରୀ ଓ ହାବିଲଦାର ଆସୋସିଏଶନ ଡାକରାରେ ବିଞ୍ଝାରପୁର ଅଗ୍ନିସେବା କର୍ମଚାରୀମାନେ ୬ ଦଫାଦାବିରେ ସୋମବାରଠାରୁ ଅନ୍ଦୋଳନକୁ ଓହ୍ଲାଇଛନ୍ତି। ଦୀର୍ଘ ବର୍ଷଧରି ନିରବଚ୍ଛିନ୍ନ ଭାବେ ଜନସାଧାରଣଙ୍କୁ ବହୁ ପ୍ରତିକୂଳ ପରିସ୍ଥିତିରେ ଅଗ୍ନିନିର୍ବାପନ, ବହୁମୁଖୀ ଉଦ୍ଧାର କାର୍ଯ୍ୟ, ବନ୍ୟା, ବାତ୍ୟା ଓ ସଡ଼କ ଦୁର୍ଘଟଣାରେ ଉଦ୍ଧାର କାର୍ଯ୍ୟ ସହିତ ରାଜ୍ୟ ବାହାରେ ବହୁ ପ୍ରକାର ସେବା ଯୋଗାଇ ଆସୁଥିବା ଏହି ଅଗ୍ନିସେବା କର୍ମଚାରୀମାନଙ୍କ ମୌଳିକ ଦାବିକୁ ରାଜ୍ୟ ସରକାର ଅଣଦେଖା କରିଆସୁଛନ୍ତି। ରାଜ୍ୟସରକାରଙ୍କ ଅବହେଳା ତଥା ପାନ୍ତରଅନ୍ତର ନୀତି ପ୍ରତିବାଦରେ ଏହି କର୍ମଚାରୀ ମାନେ ୬ଦଫା ଦାବି ନେଇ ସୋମବାଠାରୁ ଆନ୍ଦୋଳନରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

## ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତିର ଭାଗବତ ସଭା



ଭାଗବତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବିରଜାକ୍ଷେତ୍ର,୨୫ା୯(ଡି.ଏନ୍.ଏ)**

ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତିର ୭୩ମଣ୍ଡଳ ପକ୍ଷରୁ ମଙ୍ଗଳବାର ଏକ ଭାଗବତ ସଭା ଅନୁଷ୍ଠିତ ହୋଇଛି। ତଳିହା ପଞ୍ଚାୟତର ଗୋବିନ୍ଦଜୀଉ ମନ୍ଦିର ପ୍ରାଙ୍ଗଣରେ ୭୩ ମଣ୍ଡଳର କର୍ମକର୍ତ୍ତା, ସଭ୍ୟାସଭ୍ୟମାନେ ଏକତ୍ରିତ ହୋଇଥିଲେ। ଏହି ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଓ ସମ୍ମାନିତ ଅତିଥିଭାବେ ପତଞ୍ଜଳୀ ଯୋଗସମିତିର ସଭାପତି ମନ୍ମଥ ସାମଲ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଅମୃତବାଣୀକୁ ଉପସ୍ଥିତ ଭାଗବତପ୍ରେମୀଙ୍କୁ ଶୁଣାଇଥିଲେ। ମୁଖ୍ୟ ବକ୍ତାଭାବେ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ଶ୍ରୀକୃଷ୍ଣଙ୍କ କଥାରସାମୃତ ଉପସ୍ଥିତ ଭକ୍ତଙ୍କୁ ଶୁଣାଇଥିଲେ। ସତ୍ ଚରିତ୍ର ନିର୍ମାଣ ସଙ୍ଗେ ସଙ୍ଗେ ପ୍ରତ୍ୟେକ ଗ୍ରାମ ଓ ଘରେ ଘରେ ଭାଗବତ ପ୍ରତିଷ୍ଠା ଓ ପାରାୟଣ କରିବା ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତିର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ସଭା ପୂର୍ବରୁ ନୃସିଂହ ଚରଣ ଖିଲାର ଭାଗବତ ପାଠ ପଢ଼ି ଭକ୍ତମାନଙ୍କୁ ଶୁଣାଇଥିଲେ । ଏହି ଭାଗବତ ସଭାକୁ ଉଦ୍ୟୋକ୍ତା ବ୍ୟାସ ସୁଧୀର କୁମାର ପଣ୍ଡା, ସଂଯୋଜକ ଅଶୋକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ମଦ ଜବତ, ୩ ଗିରଫ

**ଧର୍ମଶାଳା, ୨୫ା୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଧର୍ମଶାଳା ଓ ଜେନାପୁର ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ୩ଟି ସ୍ଥାନରେ ଚଢାଉ କରି ବ୍ୟାପକ ପରିମାଣର ଚୋରା ମଦ ଜବତ କରିବା ସହ ୩ଜଣ ଚୋରା ମଦବ୍ୟବସାୟୀଙ୍କୁ ଗିରଫ କରିଛି । ପୋଲିସ ସଙ୍ଖାରୀଡିହସ୍ଥିତ ଏକ ଢାବା ଉପରେ ଚଢାଉ କରି ଢାବା ମାଲିକ ଅଭୟପୁର ଗ୍ରାମର ନରହରୀ ବେହେରାଙ୍କୁ ଗିରଫ କରିବା ସହ ୨୭ଲିଟର ବିଦେଶୀ ମଦ ଜବତ କରିଥିଲା। ଏ ନେଇ ଏକ ମାମଲା (୩୬୧/୧୮) ରୁଜୁ କରି ନରହରୀକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି । ସେହିପରି ଜେନାପୁର ପୋଲିସ କଣ୍ଟାପାଟଣା ଗ୍ରାମର ବାଙ୍କନିଧି ମହାରଣାଙ୍କ ଦୋକାନ ଉପରେ ସୋମବାର ଚଢାଉ କରି ୧୫ଲିଟର ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ଏକ ମଦ ଜବତ ମାମଲାରେ ଫେରାର୍ ଥିବା ଅଣ୍ଡିଆ ଗ୍ରାମର ମକରା ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

## ଜିଲ୍ଲାସ୍ତରୀୟ ଶାରଦୀୟ କ୍ରୀଡ଼ୋତ୍ସବ ଉଦ୍ଘାଟିତ

**ବିଞ୍ଝାରପୁର,୨୫ା୯(ଡି.ଏନ.ଏ.)**



ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡା ଉତ୍ସବକୁ ଉଦ୍ଘାଟନ କରୁଛନ୍ତି।

ଯାଜପୁର ଜିଲ୍ଲାସ୍ତରୀୟ ଶାରଦୀୟ କ୍ରୀଡ଼ା ଉତ୍ସବ ସୋମବାର ଅପରାହ୍ନରେ ବିଞ୍ଝାରପୁର ବ୍ଲକ ଅଧୀନ ବରୁଣାସ୍ଥିତ ବିଶ୍ୱନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ସମାରୋହରେ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଯୋଗ ଦେଇ ଏହି କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ଭାରପ୍ରାପ୍ତ ଶାରିରୀକ ଶିକ୍ଷା ନିରୀକ୍ଷକ ରାଧାକୃଷ୍ଣ ବୋଷ, ସମ୍ମାନୀତ ଅତିଥିଭାବେ ପ୍ରଧାନଶିକ୍ଷକ ରାମଚନ୍ଦ୍ର ତ୍ରିପାଠୀ, ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ରବିନାରାୟଣ ମହାନ୍ତି, ଜିଲ୍ଲା ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାମଲ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମଧୁସୂଦନ ଧଳ, ନନ୍ଦ କିଶୋର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ଦଶଟି ବ୍ଲକରୁ ବାଳକ ବିଭାଗରୁ ୧୭୮ଜଣ, ବାଳିକା ବିଭାଗରେ ୧୮୭ଜଣ ଯୋଗଦାନ କରିଥିଲେ । କ୍ରୀଡ଼ାରେ ୧୪ବର୍ଷରୁ କମ୍ ଓ ୧୭ବର୍ଷରୁ କମ୍ ବାଳିକାବାଳକ ବିଭାଗରେ ୧୦୦ମିଟର, ୨୦୦ ମିଟର, ୪୦୦ମି, ୮୦୦, ୧୫୦୦ ଓ ୩୦୦୦ମିଟର ଦୌଡ, ଲମ୍ବ, ଉଚ୍ଚ ଡିଆଁ, ସଟ୍ପୁଟ, ଡିସକସ୍, ଜାଭେଲିନ୍ ଥ୍ରୋ, ଚେସ୍, ବ୍ୟାଡ୍ମିଟନ ଖେଳ କରାଯାଇ ୩୦ଜଣ କୃତୀ ଛାତ୍ରଛାତ୍ରୀ କେନ୍ଦୁଝର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ ଅଂଶ ଗ୍ରହଣକରିବା ନିମନ୍ତେ ମନୋନୀତ ହୋଇଥିଲେ। ଜିଲ୍ଲାସ୍ତରୀୟ ଖୋ ଖୋ ଖେଳ ପ୍ରତିଯୋଗିତାରେ ମନୋନୀତ ହୋଇଥିବା ୨୪ଜଣ ବାଳ ବାଳିକାଙ୍କୁ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ତାଉଁତରା ଠାରେ ୨ଦିନ ପ୍ରଶିକ୍ଷିତ ହେବାପରେ ମଙ୍ଗଳବାର ରାଜ୍ୟସ୍ତରୀୟ କ୍ରୀଡାରେ ଯୋଗ ଦେବାପାଇଁ ୫ଜଣ କ୍ରୀଡା ଶିକ୍ଷକଙ୍କ ସହିତ ଟିଟିଲାଗଡ ଯାତ୍ରା କରିଛନ୍ତି। ଉକ୍ତ କ୍ରୀଡାଟିକୁ ରାଜେନ୍ଦ୍ର ଦାସ, ରାଜେଶ ସେଠୀ, ଶଙ୍କର୍ଷଣ ବେହେରା, ପ୍ରେମଲତା ଧଳ, ବିଚିତ୍ର ରାଉତ, ବନବିହାରୀ ଦାସ ସ୍ମିତା ପରିଡା, ନିରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ଯାଜପୁର ବ୍ଲକରେ ଏମ୍ଜିଏନ୍ଆର୍ଇଜିଏସ୍ ଜନଶୁଣାଣି ଶିବିର

■୨୬ ପଞ୍ଚାୟତରେ ହୋଇଥିବା କାର୍ଯ୍ୟର ହେଲା ସମୀକ୍ଷା

**ବିରଜାକ୍ଷେତ୍ର,୨୫ା୯(ଡି.ଏନ୍.ଏ)**

ଯାଜପୁର ପଞ୍ଚାୟତ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍ଜିଏନ୍ଆର୍ଇଜିଏସ୍)ର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଯାଜପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ବ୍ଲକ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ଏପିଓ ଅନୀତା ପତି, ଡିଏସ୍ଏ ସତ୍ୟନାରାୟଣ ବେହେରା, ଆସିଷ୍ଟାଣ୍ଟ ଇଞ୍ଜିନିୟର ସରୋଜ ରାଉତ, ବରୀ ବିଧାୟକ ପ୍ରତିନିଧି ଗଣେଶ ମହାକୁଡ଼ ପ୍ରମୁଖ ଯୋଗଦେଇ ଯାଜପୁର ବ୍ଲକର ୨୬ ଗୋଟି ପଞ୍ଚାୟତରେ ହୋଇଥିବା ଏମ୍ଜିଏନ୍ଆର୍ଇଜିଏସ୍ କାର୍ଯ୍ୟର ସମୀକ୍ଷା କରିବା ସହ ଉପସ୍ଥିତ ଥିବା ଜନପ୍ରତିନିଧିଙ୍କ ଅଭିଯୋଗ ଶୁଣାଣି କରି ବିହିତ ପଦକ୍ଷେପ ନିଆଯିବ ବୋଲି ପରାମର୍ଶ ଦେଇଥିଲେ। ୨୦୧୭ ଅକ୍ଟୋବରଠାରୁ ୨୦୧୮ମାର୍ଚ୍ଚ ପର୍ଯ୍ୟନ୍ତ ଯାଜପୁର ବ୍ଲକର ୨୬ ଗୋଟି ପଞ୍ଚାୟତରେ ହୋଇଥିବା ଏମ୍ଜିଏନ୍ଆର୍ଇଜିଏସ୍ କାର୍ଯ୍ୟର ସମୀକ୍ଷା ଜନଶୁଣାଣି ଶିବିରରେ କରାଯାଇଥିଲା। ୨୬ ଗୋଟି ପଞ୍ଚାୟତରେ ଏହି ୬ ମାସ ମଧ୍ୟରେ ୯୩% କର୍ମଦିବସ ସୃଷ୍ଟି ହୋଇଛି ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ। ଏହି ଜନଶୁଣାଣି ଶିବିରରେ ୨୬ଗୋଟି ପଞ୍ଚାୟତର ଜନପ୍ରତିନିଧିଙ୍କ ସହ ସାଧାରଣ ଜନତା ଉପସ୍ଥିତ ଥିଲେ।

## ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ତହସିଲଦାର

**ରସୁଲପୁର,୨୫ା୯(ଡି.ଏନ୍.ଏ.)**

ରସୁଲପୁର ତହସିଲଦାର ପ୍ରତାପଚନ୍ଦ୍ର ରାଉତ ମଙ୍ଗଳବାର ଅପରାହ୍ନରେ ମଧୁବନ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଡାକ୍ତରଖାନାର ପୁରୁଣା ଓ ନୂଆ କୋଠାକୁ ବୁଲି ଦେଖିଥିଲେ। ଡାକ୍ତରଖାନାରେ ଜଣେ ମାତ୍ର ଡାକ୍ତର ରୋଗୀ ସେବା କରୁଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ରୋଗୀ ଧାଡ଼ିରେ ଛିଡା ହୋଇ ଡାକ୍ତରୀ ପରୀକ୍ଷା ପାଇଁ ଅପେକ୍ଷା କରିଥିବା ଦେଖିବାକୁ ପାଇଥିଲେ। ତହସିଲଦାର ଡାକ୍ତରଖାନାରେ ପହଁଚିବା ବେଳକୁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଦୀପକ ଦାସ ଉପସ୍ଥିତ ନ ଥିଲେ। ସ୍ଥାନୀୟ ଅଞ୍ଚଳର ବିବାଦ ଯୋଗୁଁ ଡାକ୍ତରଖାନା ନୂତନ କୋଠାକୁ ସ୍ଥାନାନ୍ତରିତ ହୋଇପାରୁ ନାହିଁ ବୋଲି ଡାକ୍ତର ବିଶ୍ୱରଞ୍ଜନ କର ତହସିଲଦାରଙ୍କୁ ଅବଗତ କରାଇଥିଲେ । ଏ ନେଇ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ଲକ୍ଷ୍ମଣ ରାଉତ, ରାଧାନାଥ ରଥ ପ୍ରମୁଖ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ପୁରଣା କୋଠାରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଗୀଙ୍କ ଚିକିତ୍ସା ଚାଲୁଥିବା ନେଇ ତହସିଲଦାର ପରିଦର୍ଶନ ସମୟରେ ଜାଣିବାକୁ ପାଇଥିଲେ। ପ୍ରସବ ଗୃହ ଛାତରୁ ପାଣି ଗଳୁଥିବାରୁ ଗର୍ଭବତୀ ମହିଳାଙ୍କୁ ଆଡମିସନ କରା ନ ଯାଇ ଅନ୍ୟତ୍ର ପଠାଇ ଦିଆଯାଉଛି। ଡାକ୍ତରଖାନାର ନୂଆ କୋଠା ବ୍ୟକ୍ତିଗତ ଜମିରେ ହୋଇଥିବା ଅଭିଯୋଗକରି ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତି ଉଚ୍ଚନ୍ୟାୟାଳୟରେ ଅଭିଯୋଗ କରିଥିଲେ । ଉକ୍ତ ମାମଲା ଫଇସାଲା ହୋଇସାରିଛି। ମାତ୍ର ଅଭିଯୋଗକାରୀ ଜଣକ ଡାକ୍ତରଖାନା ପାଚେରି ଭାଙ୍ଗି ଡାକ୍ତରଖାନା ହତା ଭିତର ଦେଇ ଯାତାୟତ କରୁଛନ୍ତି। ତାଙ୍କୁ ଅନ୍ୟତ୍ର ଜମି ଯୋଗାଇ ଦିଆଯିବାକୁ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ପକ୍ଷରୁ ତହସିଲଦାରଙ୍କୁ ଅନୁରୋଧ କରାଯାଇଥିଲା। ତହସିଲାଦାର ଏ ସମ୍ପର୍କିତ କାଗଜପତ୍ରକୁ ଯାଞ୍ଚ କରିବା ପରେ ଯାହା କିଛି ନିଷ୍ପତି ନେବେ ବୋଲି କହିଛନ୍ତି। ତହସିଲ ସୁପରଭାଇଜର ମହେଶ୍ୱର ସେଠୀଙ୍କୁ ଏନେଇ ତଦନ୍ତ କରି ଜଣାଇବାକୁ ପରାମର୍ଶ ଦେଇଛନ୍ତି। ଡାକ୍ତରଖାନା ସ୍ଥାନାନ୍ତର ହେବା ଆଶା ଉଜ୍ଜ୍ୱଳ ହୋଇଛି।



ତହସିଲଦାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି।

## ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା ଅଭିଯାନ









ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ବରୀସ୍ଥିତ ବାଲିବିଲ ନୋଡାଲ୍ ସ୍କୁଲର ଛାତ୍ରୀଛାତ୍ର(ବାମ), ବରୀ କଳାମାଟିଆ ଶହୀଦ୍ ବିଦ୍ୟାପୀଠର ଛାତ୍ରୀଛାତ୍ର ଓ ଧର୍ମଶାଳା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ।



ମନୁଷ୍ୟକୁ କେବଳ ତିନୋଟି ଉପାଧି ଦିଆଯାଇପାରେ - ଶହୀଦ, ବୀର ଓ ସନ୍ଥ । ଏହା ବ୍ୟତୀତ ଆଉ ଯେତେ ଉପାଧି ସେଗୁଡ଼ିକ କିଛି ନୁହେଁ।
- ୱିଲିୟମ ଇ-ଗ୍ଲାଡ଼ଷ୍ଟୋନ୍



## ସଂକ୍ଷେପରେ

### କୋର୍ଟରେ ତାଲା ପକାଇଲେ ୩ ଓକିଲ ସଂଘ

ଯାଜପୁରରୋଡ,୨୫।୯(ନି.ପ୍ର.)- ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଯାଜପୁରରୋଡର ୩ ଓକିଲ ସଂଘ ମଙ୍ଗଳବାର କୋର୍ଟରେ ତାଲା ପକାଇଛନ୍ତି। ଏଥିସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି କାର୍ଯ୍ୟାଳୟ ବନ୍ଦ କରିଛନ୍ତି। ୩ ଓକିଲ ସଂଘଙ୍କ ମଧ୍ୟରେ ବ୍ୟାସନଗର, କଳିଙ୍ଗନଗର ଓ ଯାଜପୁରରୋଡ ଓକିଲ ସଂଘ ସାମିଲ ଥିଲେ।

### ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ

ଛତିଆ,୨୫।୯(ଡି.ଏନ୍.ଏ)- ବୈରୀ ଥାନା ଅନ୍ତର୍ଗତ ଛତିଆ ହାଇସ୍କୁଲ ନିକଟରେ ଥିବା ଏକ ଜଳଖିଆ ଦୋକାନରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଜଳିଯାଇଛି। ବୈରୀ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଦୋକାନ ଜଳୁଥିବାର ଦେଖି ତୁରନ୍ତ ଦମକଳ ବାହିନୀକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସେମାନେ ଘଟଣାସ୍ଥଳରେ ପହଞ୍ଚିପାରି ନ ଥିଲେ। ଛତିଆ ଗ୍ରାମର ସହଦେବ ସାହୁ ଦୀର୍ଘଦିନ ହେବ ସ୍କୁଲ ନିକଟରେ ଜଳଖିଆ ଦୋକାନ କରିଥିଲେ। ବୈରୀ ଥାନା କର୍ମଚାରୀ ନିଆଁ ଲିଭାଇବା ପାଇଁ ସହଦେବଙ୍କୁ ଖବର ଦେଇଥିଲେ। ଏ ନେଇ ସହଦେବ ଛତିଆ ବିଟ୍ ହାଉସ୍‌ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବୈରୀ ପୋଲିସ ପକ୍ଷରୁ ଏକ ମାମଲା(୧୦୨/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଆମ ପୋଲିସ ସମିତି କାର୍ଯ୍ୟକ୍ରମ

ସିଂହପୁର,୨୫।୯(ଡି.ଏନ୍.ଏ)- ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରୀ ଫାଣ୍ଡି ଅଧୀନ ଜରୀ ବିସିଜେ ହାଇସ୍କୁଲ ପରିସରରେ ମଙ୍ଗଳବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭ୍ୟା ସୁଷମା ସେଠୀ ସଭାପତିତ୍ୱ କରିଥିଲେ। ବିଞ୍ଝାରପୁର ଥାନା ସେକେଣ୍ଡ ଅଫିସର ଅଶୋକ ସ୍ୱାଇଁ, ଜରୀ ଫାଣ୍ଡି ଅଧିକାରୀ ଇନ୍ଦ୍ରମଣୀ ଜୁଆଙ୍ଗ, ବିଞ୍ଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ, ମନୋଜ ସାମଲ, ଭୁବନାନନ୍ଦ ସାମଲ, ଅକ୍ଷୟ ନାୟକ, ନନ୍ଦକିଶୋର ମଲିକ, ଗନ୍ଧର୍ବ ଦାସ, ପ୍ରତାପ ପାତ୍ର ପ୍ରମୁଖ ଯୋଗଦେଇ ପୋଲିସ ସହିତ ଜନସାଧାରଣଙ୍କ ସହଯୋଗ ରହିଲେ ସମସ୍ତ କାର୍ଯ୍ୟ ସହଜ ହେବ ବୋଲି କହିଥିଲେ। ସିଂହପୁର, ଜରୀ, ବାଙ୍ଗରା ପଞ୍ଚାୟତରେ ଚୋରାମଦ କାରବାର, ସିଂହପୁର ବଜାର ଟ୍ରାଫିକ ସମସ୍ୟା ଓ ବଜାରର ପରିମଳ ଉପରେ ଜନସାଧାରଣଙ୍କ ପକ୍ଷରୁ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା।

### ମଦ ଜବତ, ଜଣେ ଗିରଫ

ଛତିଆ,୨୫।୯(ଡି.ଏନ୍.ଏ.)- ଚୋରା ମଦ କାରବାର ହେଉଥିବା ଅଭିଯୋଗରେ ବିଟ୍ ହାଉସ୍ ଅଧିକାରୀ ଅମିୟ କୁମାର ବେହେରା ମଙ୍ଗଳବାର ସୋଲର ଛକରେ ଚଢ଼ାଉ କରି ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲେ। ଏ ନେଇ ବୈରୀ ଥାନାରେ ଏକ ମାମଲା(୧୦୧/୧୮) ରୁଜୁ କରାଯାଇଛି। ଅଭିଯୁକ୍ତ ହେଲେ ବୈରୀ ଥାନା ଅନ୍ତର୍ଗତ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଗ୍ରାମର ଅକ୍ଷୟ କୁମାର ବେହେରା(୨୨)। ପ୍ରକାଶ ଯେ, ବୈରୀ ଥାନାଧିକାରୀ ସୋଲର ଛକ ଦେଇ ଯାଉଥିବା ସମୟରେ କୌଣସି ସୂତ୍ରରୁ ମଦ କାରବାର ହେଉଥିବା ଖବର ପାଇ ବିଟ୍ ହାଉସ ଅଧିକାରୀଙ୍କୁ ଖବର ଦେଇଥିଲେ।

### ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ଗଠିତ

କୋରେଇ,୨୫।୯(ସ୍ୱ.ପ୍ର.)- ପଥରପଦା ନେତାଜୀ କ୍ଲବ ପରିସରରେ ମଙ୍ଗଳବାର ନୃସିଂହ ଚରଣ ଦଳାଇଙ୍କ ଆବାହକତ୍ୱରେ ଏକ ସଭା ଆୟୋଜିତ ହୋଇଛି। ଏଥିରେ ବୈଷ୍ଣବ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଏହି ପରିପ୍ରେକ୍ଷୀରେ ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ଗଠିତ ହୋଇଛି। ନବ ଗଠିତ ସଙ୍ଗଠନ ପାଣିକୋଇଲି ତଥା ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ବରିଷ୍ଠ ନାଗରିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି କାର୍ଯ୍ୟକ୍ରମ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ସର୍ବସମ୍ମତି କ୍ରମେ ନୃସିଂହ ଚରଣ ଦଳାଇ ସଭାପତି, ସୁରେନ୍ଦ୍ର କୁମାର ରାୟ ସାଧାରଣ ସମ୍ପାଦକ, ବୈଷ୍ଣବ ଚରଣ ସାହୁ କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। ରଘୁନାଥ ମାଝୀ, ଶତ୍ରୁଘ୍ନ ନାୟକ, ଚନ୍ଦ୍ରମଣି ସ୍ୱାଇଁ, ଉଦ୍ଧବ ମହାରଣା, ସତ୍ୟାନନ୍ଦ ମହାରଣା, ପୁରୁଷୋତ୍ତମ ବାରିକ, ଲମ୍ବୋଦର ପଣ୍ଡା, ମଦନ ମୋହନ ସାମଲ, ଗୋକୁଳାନନ୍ଦ ମହାରଣା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅକ୍ଟୋବର ୭ରେ ପୁନଶ୍ଚ ବୈଠକ କରାଯାଇ ପୂର୍ଣ୍ଣାଙ୍ଗ କମିଟି ଗଠନ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଟ୍ରେକରରେ ଯାତ୍ରୀ ପରିବହନ, କାର୍ଯ୍ୟାନୁଷ୍ଠାନ ଶୂନ

ରସୁଲପୁର,୨୫।୯(ଡି.ଏନ୍.ଏ.)



- ଯାତ୍ରୀଙ୍କ ସୁରକ୍ଷା ପ୍ରତି ଦିଆଯାଉନି ଧ୍ୟାନ
- ସରକାରୀ ତହବିଲ୍‌କୁ କର ଆସୁନି

କୁଆଖିଆ ଅଞ୍ଚଳରେ ଟ୍ରେକ୍‌ରରେ ଯାତ୍ରୀ ପରିବହନ ହେଉଛି। ରାସ୍ତାରେ ଗଡୁଥିବା ଟ୍ରେକରଗୁଡ଼ିକ ବିନା କାଗଜପତ୍ରରେ ଚାଲୁଛି। ଟ୍ରେକରରେ ଯାତାୟତ କରୁଥିବା ଯାତ୍ରୀଙ୍କ ସୁରକ୍ଷାପ୍ରତି ଧ୍ୟାନ ଦିଆଯାଉ ନାହିଁ। ଗାଡ଼ିଗୁଡ଼ିକ ବେଆଇନ ଭାବରେ ଯାତାୟତ କରୁଥିବାରୁ ସରକାରୀ ତହବିଲକୁ କର ଆକାରରେ ଟଙ୍କାଟିଏ ମଧ୍ୟ ଆସିପାରୁ ନାହିଁ। ଏ ସବୁ ଘଟଣା ସ୍ପଷ୍ଟ ଦିବାଲୋକରେ ଚାଲୁଥିଲେ ସୁଦ୍ଧା ଆଇନ ଉଲଙ୍ଘନକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ରାଜ୍ୟସଡ଼କ ପରିବହନ ବିଭାଗର ଅଧିକାରୀମାନେ ସବୁ ଜାଣି ବି ଚୁପ୍ ରହୁଥିବା ଦେଖାଯାଉଛି। ଅଧିକାରୀମାନଙ୍କ ନୀରବତା ଯୋଗୁ ଟ୍ରେକର ମାଲିକ ଓ ଚାଳକମାନେ ବେଧଡ଼କ ଭାବେ ଟ୍ରେକରରେ ବିପଦପୂର୍ଣ୍ଣଭାବେ ଆବଶ୍ୟକଠାରୁ ଅଧିକ ଯାତ୍ରୀ ପରିବହନ କରୁଥିବା ଲକ୍ଷ୍ୟ କରାଯାଉଛି।

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି କୁଆଖିଆ ବଜାରରେ ମିନି ଗ୍ୟାରେଜ ଆସୋସିଏଶନ ନାମରେ ଏକ ଷ୍ଟାଣ୍ଡ ରହିଛି । ବିଗତ ବର୍ଷଗୁଡ଼ିକରେ ବରୀ, ବ୍ରହ୍ମବରଦା, ଯାଜପୁରଟାଉନ, ବନ୍ଧଡିହ, କାଇପଡା, କଳାମାଟିଆ, ସୁଜୁନପୁର ଆଦି ସ୍ଥାନକୁ ଯାତାୟତ କରିବା ପାଇଁ ଯାତ୍ରୀମାନେ ଛୋଟଛୋଟ ଗାଡ଼ିଗୁଡ଼ିକ ଉପରେ ନିର୍ଭର କରୁଥିଲେ। ବିଶେଷକରି ଟ୍ରେକର ଗୁଡ଼ିକ ଯାତ୍ରୀ ପରିବହନ କରିବାରେ ବ୍ୟବହାର ହେଉଥିଲା। ସମୟ ବଦଳିବା ସହ ଏହି ଗାଡ଼ିଗୁଡ଼ିକର ଆବଶ୍ୟକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟ୍ରେକରଗୁଡ଼ିକର ନିର୍ମାଣକାରୀସଂସ୍ଥା ବନ୍ଦ ହୋଇଯିବା ଫଳରେ ଏହାର ଯନ୍ତ୍ରାଂଶ ବଜାରରେ ଉପଲବ୍ଧ ହେଉନାହିଁ । ଫଳରେ ମାଲିକମାନେ କବାଡିଆ ଦୋକାନରୁ ପୁରୁଣା ଯନ୍ତ୍ରାଂଶ ଓ ଅନ୍ୟ କମ୍ପାନୀର ଯନ୍ତ୍ରାଂଶ ଲଗାଇ ଗାଡ଼ି ମରାମତି କରି କାମ ଚଳାଉଛନ୍ତି। ଏସବୁ ମରାମତି କାର୍ଯ୍ୟକୁ ମୋଟର ଭେଇକିଲ ଇନ୍ସପେକ୍ଟରଙ୍କ ଅନୁମତି ମିଳୁନାହିଁ । ଫଳରେ ପରିବହନ ବିଭାଗ ପକ୍ଷରୁ ରାସ୍ତାରେ ଗାଡ଼ି ଚଳାଇବା ପାଇଁ ଅନୁମତି ମଧ୍ୟ ଦିଆଯାଉ ନାହିଁ। ଏହାଛଡ଼ା ଗାଡିର ଦୁଇପାର୍ଶ୍ୱ ଖୋଲା ରହୁଛି । ଯାହାକି ଯାତ୍ରୀମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗାଡିଗୁଡ଼ିକୁ ରାସ୍ତାରେ ଚାଲିବା ଅନୁମତି ମିଳୁ ନ ଥିବାରୁ ଗାଡି ମାଲିକମାନେ ଦୀର୍ଘଦିନ ହେବ ରାସ୍ତାକର, ଇନ୍ସ୍ୟୁରାନ୍ସ, ଭାଟ୍ ଆଦି ସରକାରଙ୍କୁ ପ୍ରଦାନ କରୁନାହାଁନ୍ତି। ୨୦୧୫-୧୬ରେ ସରକାର ଟ୍ରେକର ଗୁଡିକୁ ଅନୁମତି ନ ଦେବା ପାଇଁ ପରିବହନ ବିଭାଗକୁ ଜଣାଇଥିଲେ। ତଦ୍‌ନୁଯାୟୀ ଗତ ମାସରେ ପିରବହନ ବିଭାଗ ସହ ଗାଡିର ମାଲିକମାନଙ୍କ ସହ ଆଲୋଚନା ହୋଇଥିଲା। ଟ୍ରେକରଗୁଡିକ ଯାତ୍ରୀ ପରିବହନ ଉଦ୍ଦେଶ୍ୟରେ ଚଳାଉନାହାଁନ୍ତି ବୋଲି ବୈଠକରେ ମାଲିକମାନେ ଚଣ୍ଡିଖୋଲ ପରିବହନ ଅଧିକାରୀଙ୍କ ନିକଟରେ ସଫେଇ ଦେଇଥିଲେ। ଗାଡିଗୁଡିକ ଘରୋଇ ଭାବରେ ବ୍ୟବହାର କରୁଛନ୍ତି। ଟ୍ରେକରଗୁଡିକୁ ନ ଚଳାଇ ଘର ଆଗରେ ଥୋଇ ରଖିଛନ୍ତି ବୋଲି ଆଉ କେତେକ ମାଲିକ କହିଥିଲେ । ବାରଣ ସତ୍ତ୍ୱେ ବି ଟ୍ରେକର ଗୁଡିକ ରାସ୍ତାରେ ବେଧଡ଼କ ଗଡୁଛି । ଅଧିକାଂଶ ଟ୍ରେକର ଜିଲାର ବରୀ ଅଞ୍ଚଳକୁ ଗମନାଗମନ କରୁଛି । ତା ପୁଣି ଗାଡ଼ିଗୁଡିକ ଓଭର ଲୋଡିଂ ପରିବହନ କରୁଛନ୍ତି। ଯାତ୍ରୀମାନେ ଟ୍ରେକର ପଛରେ ଓହଳି ଅସୁରକ୍ଷିତ ଭାବରେ ଯାତାୟତ କରୁଛନ୍ତି। ଏଭଳି ଘଟଣା ଖୁଲମଖୁଲା ଘଟୁଛି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । କୁଆଖିଆ ଅଞ୍ଚଳ ଚଣ୍ଡିଖୋଲ ପରିବହନ ଅଧିକାରୀଙ୍କ ଅଧିନରେ ଥିବାବେଳେ ବରୀ ଅଞ୍ଚଳ ଯାଜପୁର ପରିବହନ ଅଧିକାରୀଙ୍କ ଅଧିନରେ ରହିଛି । ଉଭୟ ଅଧିକାରୀ ଏ ନେଇ ନୀରବଦ୍ରଷ୍ଟା ସାଜିଛନ୍ତି । ଏ ସଂପର୍କରେ ଚଣ୍ଡିଖୋଲ ପରିବହନ ଅଧିକାରୀ ଲାଲମୋହନ ସେଠୀଙ୍କୁ ପଚାରିବାରୁ ଏଭଳି ଘଟଣା ତାଙ୍କ ନଜରକୁ ଆସିନାହିଁ । ସେ ଘଟଣାସ୍ଥଳ ପରିଦର୍ଶନ ଯିବେ । ବାସ୍ତବ ସ୍ଥିତି ପରଖିବାପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

### ସରକାରୀ କାର୍ଯ୍ୟାଳୟରେ ତାଲା ପକାଇଲା ଓକିଲ ସଂଘ

ଚଣ୍ଡିଖୋଲ,୨୫।୯(ଡି.ଏନ.ଏ)

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ତରଫରୁ ମଙ୍ଗଳବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ତାଲା ପକାଯାଇଛି। ଫଳରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚଣ୍ଡିଖୋଲସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଦର୍ପଣ ତହସିଲ, ଧର୍ମଶାଳା ତହସିଲ ଓ ରସୁଲପୁର ତହସିଲରେ ତାଲା ପକାଇଥିଲେ। ବାର ଆସୋସିଏଶନ ସଭାପତି ଶରତ ଷଡଙ୍ଗୀ ଓ ସମ୍ପାଦକ ଜନ୍ ବେହେରାଙ୍କ ନେତୃତ୍ୱରେ କୈଳାସ ଚନ୍ଦ୍ର ସାମଲ, ଅଶୋକ ନାଥ ଶର୍ମା, ରେଣୁବାଳା ମହାନ୍ତି, ଉଦୟନାଥ ସାହୁ, ନଳିନୀ ମିଶ୍ର, ଶିରିଶ ସାମଲ, ଆଶିଷ କୁମାର ମହାପାତ୍ର, ଲକ୍ଷ୍ମୀଧର ମହାନ୍ତି, ଶୁକାନ୍ତ ବଳ, ନିରଞ୍ଜନ ସାମଲ ପ୍ରମୁଖ ବହୁ ଓକିଲ ସାମିଲ ଥିଲେ।

### ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

ଯାଜପୁରରୋଡ,୨୫।୯(ନି.ପ୍ର.)

ସ୍ଥାନୀୟ ଡାକବଙ୍ଗଳାଠାରେ ଚିଦାନନ୍ଦ ଆଶ୍ରମ ଦିବ୍ୟଜୀବନ ସଂଘ ପକ୍ଷରୁ ମଙ୍ଗଳବାର ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜାଙ୍କ ୧୨୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଗୁରୁ ସଦ୍‌ଗୁରୁ ମହାରାଜାଙ୍କର ବିଗ୍ରହକୁ ନଗର ପରିକ୍ରମା କରାଯାଇ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ପ୍ରଚାରକମାନେ ଯୋଗ ଦେଇଥିଲେ।

## ଜି.ସି. କଲେଜ ସମସ୍ୟା ନେଇ ଅଧ୍ୟକ୍ଷଙ୍କୁ ଦାବିପତ୍ର

ବରୀ,୨୫।୯(ସ୍ୱ.ପ୍ର.)



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଅଭିଭାବକ ।

ବରୀ ଅଞ୍ଚଳର ସର୍ବ ପୁରାତନ ଗୋପବନ୍ଧୁ ଚୌଧୁରୀ(ଜି.ସି.) ମହାବିଦ୍ୟାଳୟର ସମସ୍ୟା ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ମଙ୍ଗଳବାର ଅଧ୍ୟକ୍ଷ ନାରାୟଣ ପ୍ରସାଦ ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୬୫ରୁ ସ୍ଥାପିତ ଏହି ମହାବିଦ୍ୟାଳୟରେ ସମସ୍ୟା ଲାଗି ରହିଛି। ମହାବିଦ୍ୟାଳୟରେ ଅଧ୍ୟାପିକା ଅଧ୍ୟାପକ ପଦବୀ ଖାଲି ପଡିଛି। ଶୌଚାଳୟ ନ ଥିବାରୁ ଛାତ୍ରୀଛାତ୍ର ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଠାଗାରରେ ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ବହି ମିଳୁ ନ ଥିବାବେଳେ ସାଇକେଲ ଷ୍ଟାଣ୍ଡ ନ ଥିବା ନେଇ ଅଭିଯୋଗ ହୋଇଛି। ଅକ୍ଟୋବର ୧୨ ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବ। ନିୟମିତ ପାଠପଢା ଉପରେ ଗୁରୁତ୍ୱ ଦେବା ସହ ଖାଲି ପଡ଼ିଥିବା ଅଧ୍ୟାପିକା ଅଧ୍ୟାପକ ପଦବୀ ପୂରଣ ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ଅଧ୍ୟକ୍ଷ ଜେନାଙ୍କୁ ପଚାରିବାରେ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଅଭିଯୋଗ ମିଳିଛି। ତାଙ୍କଦ୍ୱାରା ଯାହା ସମ୍ଭବ ହେବ, ତୁରନ୍ତ ସମାଧାନ କରିବା ପାଇଁ ଚେଷ୍ଟା କରୁଛନ୍ତି। ମହାବିଦ୍ୟାଳୟର ଅନେକ ସମସ୍ୟା ଦୂର କରାଯାଇଛି ବୋଲି ସେ କହିଛନ୍ତି।

### ମିନାବଜାରରେ ଗଣ୍ଡଗୋଳ ଅଭିଯୋଗ: ଜଣେ କୋର୍ଟ ଚାଲାଣ

କୋରେଇ,୨୫।୯(ସ୍ୱ.ପ୍ର.)

ମୀନାବଜାରରେ ଗଣ୍ଡଗୋଳ କରିବା ସହ ଦୋକାନୀଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ କୋରେଇ ପୋଲିସ ମଙ୍ଗଳବାର ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଅଞ୍ଚଳର ସେକ୍ ଫିରୋଜ। ଏ ନେଇ ମୀନାବଜାର ବ୍ୟବସାୟୀ ସଂଘ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(୧୯୭/୧୮) ରୁଜୁ କରିଛି। ପ୍ରକାଶ ଯେ, କୋରେଇ ଥାନା ଅନ୍ତର୍ଗତ ସାଦକପୁର ପଞ୍ଚାୟତ ମୀନା ବଜାରରେ ସୋମବାର ସେକ୍ ଗଣ୍ଡଗୋଳ କରିବା ସହ ଦୋକାନୀଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି କେତେଜଣଙ୍କୁ ଜୀବନରୁ ମାରିଦେବାକୁ ଧମକ୍ ଦେଇଥିବା ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ବଜାର ବନ୍ଦ ରହିଥିଲା।

■ନାବାଳକଙ୍କ ମୃତଦେହ ଉଦ୍ଧାର ଘଟଣା

### ତଦନ୍ତ ଦାବିରେ ଏସ୍‌ଡିପିଓଙ୍କୁ ଭେଟିଲେ ଗ୍ରାମବାସୀ

ଯାଜପୁରରୋଡ,୨୫।୯(ନି.ପ୍ର.)

ବରୁଣ୍ଡାଇ କଲ୍ୟାଣ ମଣ୍ଡପ ନିକଟସ୍ଥ ଏକ ଦୋକାନ ଉପର ମହଲାରୁ ନାବାଳକଙ୍କ ମୃତଦେହ ଉଦ୍ଧାର ଘଟଣାର ତଦନ୍ତ କରାଯାଇ ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ଗ୍ରାମବାସୀ ମଙ୍ଗଳବାର ଏସ୍‌ଡିପିଓ କେଦାରନାଥ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସୋମବାର ଜିଲପାଳ, ଏସ୍‌ପିଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲା।

ପ୍ରକାଶ ଯେ, ଗତ ୧୭ ତାରିଖରେ କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡାଇ କଲ୍ୟାଣ ମଣ୍ଡପ ନିକଟରେ ଥିବା ମହାଲକ୍ଷ୍ମୀ ମାର୍ବଲ ଆଣ୍ଡ ଫର୍ଟିଲାଇଜର ଦୋକାନ ଉପର ମହଲାରୁ ଜଣେ ନାବାଳକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ବେକରେ ଗାମୁଛା ବାନ୍ଧି ଝରକାରେ ବନ୍ଧା ଯାଇଥିବାବେଳେ ମାତ୍ର ୫ ଶହ ମିଟର ଦୂରରେ ପିନ୍ଧାଲୁଗା ପଡିଥିବା ପୋଲିସ ଦେଖିଥିଲା। ନାବାଳକ ଜଣକ ଉକ୍ତ ଥାନା ଅନ୍ତର୍ଗତ ମକୁନ୍ଦପୁର ପଞ୍ଚାୟତର। ତେବେ ତାଙ୍କୁ ହତ୍ୟା କରାଯାଇଥିବା ଗ୍ରାମବାସୀ ଓ ପରିବାର ଲୋକେ ସନ୍ଦେହ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ମୃତକଙ୍କ ବାପା ଦ୍ୱିତୀୟ ବିବାହ କରିବା ପରେ ସାବତ ମା'ଙ୍କ ସହ କଳହ ଲାଗିରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଥିଲେ। ତେଣୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇପାରେ ବୋଲି ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏ ନେଇ କୋରେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୧୧/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା।

■ରୋପ୍ୟକାନ୍ତଙ୍କ ମୃତ୍ୟୁ ଘଟଣା

## ୬ ଜଣଙ୍କ ନାଁରେ ହତ୍ୟା ଅଭିଯୋଗ

ବରୀ/ରତ୍ନଗିରି,୨୫।୯
(ସ୍ୱ.ପ୍ର./ଡି.ଏନ୍.ଏ)

ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣାରେ ବରୀ ପୋଲିସ ମଙ୍ଗଳବାର ୬ ଜଣଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଛି। ଏ ନେଇ ଏକ ମାମଲା(୧୩୨/୧୮) ରୁଜୁ କରାଯାଇଛି। କିନ୍ତୁ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନେ ହେଲେ କଳାମାଟିଆ ପଞ୍ଚାୟତସ୍ଥିତ କାଇପଡ଼ା ଗ୍ରାମର ପ୍ରବୀର କୁମାର ଧଳ, ସମୀର ମଲିକ, ବିକାଶ ରାଉତ, ଗେଟମ ପାଲ, ଶାରଦା ମଲିକ, ଚୁଗୁଲା ମଲିକ।

ପ୍ରକାଶ ଯେ, ଗତ ୯ ତାରିଖରେ ରୌପ୍ୟକାନ୍ତ ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଯାଇ ଘରକୁ ଫେରି ନ ଥିଲେ। ୧୦ ତାରିଖରେ ସେ ନିଖୋଜ ହେବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ଗତ ୧୧ ତାରିଖରେ କଳାମାଟିଆ ଗ୍ରାମସ୍ଥିତ ଏକ ପୋଖରୀରୁ ମୃତଦେହ ଉଦ୍ଧାର କରାଯାଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା(୧୨/୧୮) ରୁଜୁ କରାଯାଇଥିଲା। ପରେ ପରିବାର ଲୋକେ ରୌପ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ପୁନଶ୍ଚ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୋଗ ରଖି ନ ଥିଲା। ଗତ ୧୫ ତାରିଖରେ ପରିବାର ଲୋକେ ଏସ୍‌ପିଙ୍କୁ ଭେଟି ତଦନ୍ତ ଦାବି କରିଥିଲେ। ଗତ ୨୦ ତାରିଖରେ ବ୍ୟବଚ୍ଛେଦ ରିପୋର୍ଟ ଆସିଥିଲେ ମଧ୍ୟ ଏଥିରେ ମୃତ୍ୟୁର କାରଣ ଉଲ୍ଲେଖ ନାହିଁ। ଅଧିକ ପରୀକ୍ଷା ପାଇଁ ଏହି ରିପୋର୍ଟ ଫୋରେନ୍ସିକ ଲ୍ୟାବ୍‌କୁ ପଠାଯାଇଛି। ଏ ନେଇ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଥାନା ଘେରାଉ କରାଯିବା ସହ ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା। ଏ ସଂକ୍ରାନ୍ତରେ ଥାନା ଅଧିକାରିଣୀ ରୋଜାଲିନ ପଟେଲଙ୍କୁ ପଚାରିବାରେ, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ହେଲେ ମୃତ୍ୟୁର କାରଣ ଉଲ୍ଲେଖ ନ ଥିବାରୁ ଅଧିକ ତଦନ୍ତ ପାଇଁ ଫୋରେନ୍ସିକ ଲ୍ୟାବ୍‌କୁ ପଠାଯାଇଛି। ରିପୋର୍ଟ ଆସିଲେ ଆଇନ ଅନୁଯାୟୀ ପୋଲିସ କାମ କରିବ ବୋଲି କହିଛନ୍ତି।

### ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ଚଣ୍ଡିଖୋଲ,୨୫।୯(ଡି.ଏନ.ଏ)

ବଡ଼ଚଣା ଭାଜପା ତରଫରୁ ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅମର ନାୟକ, ଅଶୋକ କୁମାର ସାମଲ, ପାଣ୍ଡବ ଚରଣ ଧଳ, ଜ୍ଞାନରଞ୍ଜନ ସାହୁ, ମହିଳା ଉପସଭାନେତ୍ରୀ ଦେବଯାନୀ ପ୍ରଧାନ, ଉପସଭାପତି ଶାରଦା ରାଉତ, ପ୍ରୀତମ ନାୟକ, ନୃସିଂହ ନାରାୟଣ ହୋତା, ବିକାଶ ଦାସ ଓ ଆଶିଷ ଜେନାଙ୍କ ସମେତ ବହୁ କର୍ମୀ ଯୋଗଦେଇ ଦୀନଦୟାଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ବିଡିଓଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ସରପଞ୍ଚ ନିଲମ୍ବିତ

ବରୀ/ରତ୍ନଗିରି, ୨୫।୯
(ସ୍ୱ.ପ୍ର./ଡି.ଏନ୍.ଏ)

ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠୀଙ୍କୁ ଦୁର୍ବ୍ୟବହାର ଓ ସରକାରୀ ଅର୍ଥ ଲୁଟ୍ ଅଭିଯୋଗରେ ମଙ୍ଗଳବାର ବରୀ ସରପଞ୍ଚ ରମାକାନ୍ତ ମଲିକ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଚିଠି ନଂ. ୧୭୯୫୨, ୨୦।୦୯।୨୦୧୮ରେ ଗ୍ରାମ ପଞ୍ଚାୟତ ନିୟମ ୧୯୬୪ ଅନୁଯାୟୀ ସରପଞ୍ଚ ମଲିକଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ, ବରୀ ପଞ୍ଚାୟତ ସମିତିକୁ ଅବଗତ କରାଯାଇଛି। ପ୍ରକାଶ ଯେ, ୨୦୧୭ ଜୁନ୍‌ରେ ଭାରପ୍ରାପ୍ତ ବିଡିଓଙ୍କୁ ଦୁର୍ବ୍ୟବହାର କରିବା ନେଇ ଥାନାରେ ଅଭିଯୋଗ ହେବା ସହ ସରକାରୀ ଅର୍ଥ ଲୁଟ୍ ଅଭିଯୋଗରେ ପଞ୍ଚାୟତିରାଜ ବିଭାଗକୁ ଚିଠି କରାଯାଇଥିଲା। ଏ ସଂକ୍ରାନ୍ତରେ ସରପଞ୍ଚ ରମାକାନ୍ତ ମଲିକଙ୍କୁ ପଚାରିବାରେ, ରାଜନୈତିକ ଅଭିସନ୍ଧି ରଖି ତାଙ୍କୁ ନିଲମ୍ବିତ କରାଯାଇଛି। ଆଇନକୁ ସେ ସମ୍ମାନ ଦିଅନ୍ତି। ଆବଶ୍ୟକ ପଡ଼ିଲେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଥିଲେ।

## ମହିଳା, ଯୁବ ସମାବେଶ ପାଇଁ ବିଜେଡିର ପ୍ରସ୍ତୁତି




ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ।

ଚଣ୍ଡିଖୋଲ,୨୫।୯(ଡି.ଏନ.ଏ.)

ମହିଳା, ଯୁବ ସମାବେଶ ପାଇଁ ମଙ୍ଗଳବାର ଚଣ୍ଡିଖୋଲସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେପ୍ଟେମ୍ବର ୩୦ରୁ ମହିଳା ସମାବେଶ, ଅକ୍ଟୋବର ୨ରୁ ଜନସମ୍ପର୍କ ପଦଯାତ୍ରା ଓ ଅକ୍ଟୋବର ୫ରୁ ଯୁବ ସମାବେଶ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ପ୍ରଚାର କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଆବଶ୍ୟକ ବୋଲି କହିଥିଲେ। ସେଥିପାଇଁ ୩ ପର୍ଯ୍ୟାୟରେ ହେବାକୁ ଥିବା ସମାବେଶ ପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ବିନୋଦିନୀ ସାହୁ, ଉପସଭାପତି ନିରଞ୍ଜନ ସେନାପତି, ଭାଗ୍ୟଧର ମଲିକ, ପୂଜାରୀଣୀ ବଳ, ସରସ୍ୱତୀ ବେହେରା, ରତ୍ନମଞ୍ଜରୀ ନାୟକ, କିରଣ କୁମାର ଶତପଥୀ, ମାଧବାନନ୍ଦ ମହାପାତ୍ର, ସଚ୍ଚିଦାନନ୍ଦ ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସମାରୋହ

## ୨୨୭ ଶ୍ରମିକଙ୍କୁ ୩୭ ଲକ୍ଷ ୧୨ ହଜାର ଟଙ୍କା ସହାୟତା

କୋରେଇ,୨୫।୯(ସ୍ୱ.ପ୍ର.)-



ବିଧାୟକ ଆକାଶ ଦାସ ନାୟକ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ।

ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କୋରେଇ ବ୍ଲକ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସମାରୋହ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଡିଓ ହେମନ୍ତ କୁମାର ଗିରି ସଭାପତିତ୍ୱ କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଜିଲା ଶ୍ରମ ଅଧିକାରୀ ଶିବ ଶଙ୍କର ମିଶ୍ର, ଉପ ଶ୍ରମ ଆୟୁକ୍ତ ସୁନିଲ୍ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ କୋରେଇ ବ୍ଲକର ୨୨୭ ନିର୍ମାଣ ଶ୍ରମିକଙ୍କୁ ଜିଲା ଶ୍ରମ ବିଭାଗ ପକ୍ଷରୁ ୩୭ ଲକ୍ଷ ୧୨ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ସେଥିମଧ୍ୟରୁ ଶ୍ରମିକଙ୍କ ପିଲାମାନଙ୍କ ପାଠପଢା ପାଇଁ ୧୩୮ ହିତାଧିକାରୀଙ୍କୁ ମୋଟ ୭ ଲକ୍ଷ ୩୨ ହଜାର ଟଙ୍କା, ବିବାହ ସହାୟତା ବାବଦକୁ ମୋଟ ୬୦ ଶ୍ରମିକଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ପ୍ରସୂତୀକାଳୀନ ସହାୟତା ବାବଦରେ ଜଣଙ୍କୁ ମାତ୍ର ୧୦ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ବାବଦକୁ ୧୪ ଶ୍ରମିକଙ୍କ ପରିବାରକୁ ୧ ଲକ୍ଷ ଲେଖାଏ ୧୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ୧୪ ଜଣ ଶ୍ରମିକଙ୍କ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦକୁ ୫ ହଜାର ଲେଖାଏ ୭୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ଶ୍ରମିକଙ୍କୁ ଦୂରାରୋଗ୍ୟ ଚିକିତ୍ସା ସାହାୟତା, ଗୃହ ନିର୍ମାଣ ନିମନ୍ତେ ଅନୁଦାନ, ଯନ୍ତ୍ରପାତି କ୍ରୟ ସହାୟତା, ସାଇକଲ୍ ସହାୟତା, ନିରାପତ୍ତା ଉପକରଣ, ନିର୍ମାଣ ଶ୍ରମିକ ପେନ୍‌ସନ୍ ଯୋଜନା ଏବଂ କର୍ମକୁଶଳ ଅଭିବୃଦ୍ଧି ନିମନ୍ତେ ସହାୟତା ଦିଆଯାଇଛି। ହେଲେ ସଚେତନତା ଅଭାବରୁ ବହୁ ନିର୍ମାଣ ଶ୍ରମିକ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଗାମୀ ଦିନରେ କୋରେଇରେ କାର୍ଯ୍ୟ କରୁଥିବା ସମସ୍ତ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରିବା ପାଇଁ ବିଭାଗୀୟ ଅଧିକାରୀ ଏବଂ ବ୍ଲକ୍ ପ୍ରଶାସନ ପଦକ୍ଷେପ ନେବ ବୋଲି କହିଥିଲେ। ସମସ୍ତ ଶ୍ରମିକଙ୍କୁ ପଞ୍ଜୀକୃତ କରାଇବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଜିଲା ଗ୍ରାମୀଣ ଶ୍ରମ ନିରିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଥାନାରେ ପ୍ରେମୀଯୁଗଳଙ୍କ ବାହାଘର



**କେନ୍ଦ୍ରାପଡ଼ା ଅଫିସ୍, ୨୫।୯:** କେନ୍ଦ୍ରାପଡ଼ା ସଦର ଥାନାରେ ମଙ୍ଗଳବାର ଏକ ପ୍ରେମୀଯୁଗଳଙ୍କ ବାହାଘର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ କାବୁଲି ବାରିକଙ୍କ ସୂଚନା ଅନୁଯାୟୀ, କଟକ ଜିଲା ମାହାଙ୍ଗା ଥାନା ଗୋପାଳପୁର ଗ୍ରାମର ବବଲୁ ଗୁରୁ ଓ ସଦର ଥାନା ଅଧୀନ ଅଙ୍ଗୁଲାଇ ପଞ୍ଚାୟତ ଜରିପଡ଼ା ଗ୍ରାମର ସୁରେଖା ବେହେରା ପରସ୍ପରକୁ ଭଲ ପାଉଥିଲେ। ଦୁହେଁ ବିବାହ ପାଇଁ ଇଚ୍ଛୁକ ଥିଲେ ମଧ ବବଲୁଙ୍କ ପରିବାର ଏଥିରେ ରାଜି ହୋଇ ନଥିଲେ। ଏ ନେଇ ପ୍ରେମୀଯୁଗଳ ସଦର ଥାନାରେ ଜଣାଇବା ପରେ ବବଲୁଙ୍କ ପରିବାର ସଦସ୍ୟଙ୍କୁ ଡକାଯାଇଥିଲା। ତେବେ ସେମାନେ ନ ଆସିବାରୁ ଓ ଉଭୟ ସାବାଳକ ଦୃଷ୍ଟିରୁ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିବା ଥାନା ଅଧିକାରୀ ବାରିକ ସୂଚନା ଦେଇଛନ୍ତି। ଏହି ବାହାଘରରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ ପୁଅର ବାପା ଭାବେ ବିବାହକର୍ମରେ ଯୋଗ ଦେଇଥିବା ବେଳେ ଝିଅଘର ପରିବାର ସଦସ୍ୟ ସାମିଲ ହୋଇଥିଲେ।

### ପଞ୍ଚାୟତ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା

ରାଜନଗର,୨୫।୯ (ଡି.ଏନ୍.ଏ.) ରାଜନଗର ବ୍ଲକ ରଙ୍ଗଣୀ ଓ କେରୁଆଁପାଳ ପଞ୍ଚାୟତରେ ପାଲ ବଣ୍ଟନରେ ପାତର ଅନ୍ତରନୀତିକୁ ନେଇ ବିବାଦ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବିପନ୍ନ ଲୋକେ ମଙ୍ଗଳବାର ପଞ୍ଚାୟତ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ପକେଇ ଦେଇଛନ୍ତି। ରବିବାରଠାରୁ ଏହି ଲୋକମାନେ ରଙ୍ଗଣୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ୨ଶହରୁ ଉର୍ଦ୍ଧ୍ୱ ବିପନ୍ନ ପରିବାର ଏଥିରେ ସାମିଲ ହୋଇଥିଲେ। ସୋମବାର ରାଜନଗର ତହସିଲଦାର ନୀହାର ରଞ୍ଜନ ମଲ୍ଲିକ ଟେଲିଫୋନ ଯୋଗେ ଧାରଣାକାରୀଙ୍କ ସହ ଆଲୋଚନା କରି ବାଦ୍ ପଡ଼ିଥିବା ବିପନ୍ନ ପରିବାରଗୁଡ଼ିକୁ ପାଲ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ୨୯ରୁ ସ୍ୱର୍ଣ୍ଣିମ ଭାରତ ସଚେତନତା ରଥ

**କେନ୍ଦ୍ରାପଡ଼ା ଅଫିସ୍, ୨୫।୯:** ୨୦୧୭ ଅଗଷ୍ଟ ୧୭ ତାରିଖରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ମହାବିଦ୍ୟାଳୟ ପକ୍ଷରୁ ଅହମଦାବାଦଠାରେ ଆରମ୍ଭ ହୋଇଥିବା ସ୍ୱର୍ଣ୍ଣିମ ଭାରତ ସଚେତନତା ରଥ ଆସନ୍ତା ୨୯ ତାରିଖରେ କେନ୍ଦ୍ରାପଡା ଜିଲାରେ ପହଞ୍ଚିବ। ସ୍ୱର୍ଣ୍ଣିମ ଭାରତ ଗଢ଼ିବାର ଲକ୍ଷ୍ୟ ନେଇ ଆସିଥିବା ଏହି ରଥ ଯୁବବର୍ଗଙ୍କୁ ଆଧାତ୍ମିକ ମୂଲ୍ୟବୋଧ ଓ ଚରିତ୍ର ନିର୍ମାଣ ପ୍ରତି ପ୍ରୋତ୍ସାହିତ କରିବ ବୋଲି ସୁନାଇଲୋସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସ୍ନେହ ମଙ୍ଗଳବାର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ, ଏହି ରଥ ଅଦ୍ୟାବଧି ୭ଟି ରାଜ୍ୟ ପରିଭ୍ରମଣ କରିସାରିଛି। ଆସନ୍ତା ୨୯ ତାରିଖ ପୂର୍ବାହ୍ନ ୯ଟାରେ କେନ୍ଦ୍ରାପଡ଼ା ସହରକୁ ଆଗମନ କରିବା ସହିତ ଶୋଭାଯାତ୍ରାରେ ସହର ପରିକ୍ରମା କରିବ। ୧୦ ଟା ୩୦ ମିନିଟରେ ପୁରୁଣା ବସ୍ଷ୍ଟାଣ୍ଡ ଓ ମଧ୍ୟାହ୍ନ ୧୨ଟାରେ ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର ବଡଦାଣ୍ଡରେ ପହଞ୍ଚିବ। ସନ୍ଧ୍ୟାରେ ଟାଉନ୍ ହଲଠାରେ ଏକ ସଚେତନତା ପାଇଁ ସଭାର ଆୟୋଜନ କରାଯାଇଛି।

### ସରକାରୀ କାର୍ଯ୍ୟାଳୟ ବନ୍ଦକଲେ ଆଇନଜୀବୀ

**ରାଜନଗର, ୨୫।୯ (ଡି.ଏନ୍.ଏ.):** ଆଇନଜୀବୀଙ୍କୁ ମାଡ ପ୍ରତିବାଦରେ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଓଡିଶା ହାଇକୋର୍ଟବାର ଆସୋସିଏଶନର ଡାକରା ମୁତାବକ ମଙ୍ଗଳବାର ରାଜନଗର ବାର ଆସୋସିଏଶନର ଆଇନଜୀବୀମାନେ ସରକାରୀ କାର୍ଯ୍ୟାଳୟଗୁଡିକୁ ବନ୍ଦ କରିଛନ୍ତି। ସେମାନେ ରାଜନଗର ତହସିଲ କାର୍ଯ୍ୟାଳୟ, ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ, ସିଡିପିଓଙ୍କ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ଏହି ଆନ୍ଦୋଳନରେ ରାଜନଗର ବାର ଆସୋସିଏଶନର ସଭାପତି ପ୍ରଦୀପ କୁମାର ଦାସ, ସମ୍ପାଦକ ଉମେଶ ଚନ୍ଦ୍ର ଦାସ, ଲକ୍ଷ୍ମଣ ରାଉତ, ଭଜକୃଷ୍ଣ ମିଶ୍ର, ବୀରକିଶୋର ମହାନ୍ତି, ସୁଶାନ୍ତ କୁମାର ଜେନା ଓ ମହେଶ୍ୱର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

■ ଫସଲ ବୀମା ଯୋଜନାରେ ପାତରଅନ୍ତର ନୀତିକୁ ବିରୋଧ

# ପ୍ରତିବାଦରେ ଚାଷୀଙ୍କ ରାସ୍ତାରୋକୋ



ଚାଷୀମାନେ କଣ୍ଡିଆ-ରାଜକନିକା ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରିଛନ୍ତି।

ରାଜକନିକା,୨୫।୯ (ଡି.ଏନ.ଏ.) ରାଜକନିକା ବ୍ଲକ ଅନ୍ତର୍ଗତ ସିହୋପଡା ଓ ପାରିନୂଆପଡା ପଞ୍ଚାୟତର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପାତରଅନ୍ତର ନୀତିକୁ ବିରୋଧ କରାଯାଇଛି। ପ୍ରତିବାଦରେ ମଙ୍ଗଳବାର ଅପରାହ୍ଣରେ ୨ ପଞ୍ଚାୟତର ବହୁ ଚାଷୀ କଣ୍ଡିଆ-ରାଜକନିକା ପୂର୍ତ୍ତବିଭାଗ ରାସ୍ତାର ସିହୋପଡା ପଞ୍ଚାୟତ ଛକରେ ରାସ୍ତାରୋକୋ କରିଥିଲେ। ସୂଚନାଯୋଗ୍ୟ, ରାଜନଗର ବ୍ଲକର ୨୯ ପଞ୍ଚାୟତକୁ ଖରିଫ ଫସଲ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷତିପୂରଣ ଦେବା ପାଇଁ ଘୋଷଣା କରାଯାଇଥିଲା। ମାତ୍ର କ୍ଷତିପୂରଣ ଦେବା ସମୟରେ ଏହି ୨ ପଞ୍ଚାୟତକୁ ବାଦ ଦିଆଯାଇଛି। ଏନେଇ ଉଭୟ ପଞ୍ଚାୟତର ୪ ହଜାର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଚାଷୀମାନେ କ୍ଷତିପୂରଣ ଦାବି କରି କେନ୍ଦ୍ରାପଡା ଜିଲାପାଳ, କନିକା ତହସିଲଦାର,ରାଜକନିକା ବିଡିଓ ଏବଂ କେନ୍ଦ୍ରାପଡା ଏସପିଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଫଳରେ ଚାଷିମାନେ ବାଧହୋଇ ରାସ୍ତାରୋକୋ କରିଛନ୍ତି ବୋଲି କହିଥିଲେ। ସେମାନେ କଣ୍ଡିଆ-ରାଜକନିକା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଆନ୍ଦୋଳନ ଯୋଗୁ ରାଜକନିକା ଓ ଯାଜପୁର ଅଞ୍ଚଳକୁ ଯାତାୟତ କରୁଥିବା ବହୁ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏପରିକି ସାଇକେଲ ଯାତାୟାତ ମଧ ଠପ୍ ହୋଇ ଯାଇଥିଲା। ରାଜକନିକା ବ୍ଲକ, ତହସିଲ, ଥାନା ଓ କଲେଜକୁ ଯାଉଥିବା ଛାତ୍ରୀଛାତ୍ର ଓ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଆନ୍ଦୋଳନର ସଭାପତି ଶରତ ଚନ୍ଦ୍ର ବାରିକ , ସିହୋପଡା ପଞ୍ଚାୟତର ସରପଞ୍ଚ ମୀନକେତନ ମହାପାତ୍ର,ପ୍ରାକ୍ତନ ସରପଞ୍ଚ ନିମାଇଁ ଚରଣ ମଲିକ, ବିଧୂଦତ୍ତ ନାୟକ, ହିମାଂଶୁ ନାୟକ, କାଳନ୍ଦୀସାହାଣି ଏବଂ ରବି ନାରାୟଣ ଦାସ ପ୍ରମୁଖ ସାମିଲ ହୋଇଥିଲେ। ରାଜକନିକା ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଘଟଣା ସ୍ଥଳରେ ପୋଲିସ ମୁତୟନ କରାଯାଇଥିଲା।

■ପାଟନାଳୀରୁ ଧରା ହେଉଛି କୁଇଣ୍ଟାଲ କୁଇଣ୍ଟାଲ ଚୂନାମାଛ

## କଠିନ ପରିଶ୍ରମ ପରେ, ମିଳୁନି ଉପଯୁକ୍ତ ପାରିଶ୍ରମିକ



ବାଘେଣୀ ପାଟନାଳୀରୁ ଜନୈକ ଧୀବର ପରିବାର ମାଛ ଧରୁଛନ୍ତି।

**ପାଟକୁରା, ୨୫।୯ (ଡି.ଏନ୍.ଏ.)**

ଲଘୁଚାପ ବର୍ଷା ଛାଡିବା ପରେ ପାଟକୁରା ଥାନା ଅଧୀନ ବ୍ରାହ୍ମଣୀ ଗ୍ରାମ ଦେଇ ପ୍ରବାହିତ ବାଘେଣୀ ପାଟନାଳୀରୁ ସ୍ଥାନୀୟ ଧୀବରମାନେ କୁଇଣ୍ଟାଲ କୁଇଣ୍ଟାଲ ଚୂନାମାଛ ଧରୁଛନ୍ତି। ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ମାଛ ଧରୁଥିବା ବେଳେ ଏହାର ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ଅଧିକ ମାଛ ପଡୁଥିବାରୁ ନିକଟସ୍ଥ ବଜାରରେ ଏହା ବିକ୍ରି ହୋଇପାରୁନାହିଁ। ଫଳରେ ସେମାନେ ପାରାଦୀପର ମାଛ ବ୍ୟବସାୟୀଙ୍କୁ କିଲୋଗ୍ରାମ୍ ପିଛା ୧୦ଟଙ୍କା ହିସାବରେ ବିକ୍ରି କରୁଛନ୍ତି। ତେବେ ଏତେ ମାଛ ଓଜନ କରି ହେଉ ନଥିବାରୁ ଅନୁମାନରେ ବିକ୍ରି ହେଉଥିବା ଜନୈକ ଧୀବର କହିଛନ୍ତି। ମାଛ ଅଧିକ ପଡୁଥିବାରୁ କମ୍ ଦାମ୍‌ରେ ବିକ୍ରି କରିବାକୁ ପଡୁଛି ବୋଲି ସେ କହିଛନ୍ତି।

■ ଓକିଲଙ୍କ ଆନ୍ଦୋଳନ, ମିଳିଲାନି ଜାମିନ

## ବାପାଙ୍କ ଶବାଧାରରେ ଯୋଗ ଦେଲେନି ମାଛୁ

**କେନ୍ଦ୍ରାପଡା ଅଫିସ, ୨୫।୯**

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସମାନ ଅଲ୍ଲୀଙ୍କ ସହଯୋଗୀ ମାଛୁ ଓରଫ ସୟଦ ସେକ୍ ଆଶାଦୁଲ କାଦିରଙ୍କୁ ଜାମିନ ନ ମିଳିବାରୁ ସେ ବାପାଙ୍କ ଶବାଧାର (ଜନାଜା) ରେ ଯୋଗଦେଇ ପାରି ନଥିବା ଜଣାପଡିଛି। ସୂଚନା ଅନୁଯାୟୀ, ମାଛୁଙ୍କ ବାପା ସେକ୍ କରିମ ବକ୍ସଙ୍କର ମଙ୍ଗଳବାର ହୃଦଘାତରେ ମୃତ୍ୟୁ ହୋଇଥିଲା। ଖବରପାଇ ବାପାଙ୍କ ଜନାଜାରେ ସାମିଲ ପାଇଁ ମାଛୁ ଉଦ୍ୟମ କରିଥିଲେ। ତେବେ ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ଏହା ସମ୍ଭବ ହୋଇପାରି ନଥିଲା। ସୂଚନାଯୋଗ୍ୟ, ଗତ ଜୁନ ୩୦ ତାରିଖରେ କ୍ରାଇମବ୍ରାଞ୍ଚ ଟିମ୍ ଟିଟୋଙ୍କୁ ଗିରଫ କରିଥିବା ବେଳେ ଜୁଲାଇ ୩୧ରେ ତାଙ୍କ ପ୍ରମୁଖ ସହଯୋଗୀ ମାଛୁଙ୍କୁ ଗିରଫ କରିଥିଲା।

■ ମହାକାଳପଡ଼ା ହାଜତ ମୃତ୍ୟୁ ଘଟଣା

## ଆର୍‌ଡିସି, ଡିଜିପିଙ୍କୁ ଆପ୍‌ର ଦାବିପତ୍ର

**କଟକ ଅଫିସ, ୨୫।୯**

ମହାକାଳପଡ଼ା ଥାନା ହାଜତ ମୃତ୍ୟୁ ଅଭିଯୋଗ ଘଟଣାକୁ ନେଇ ଏବେବି ନ୍ୟାୟ ଅପେକ୍ଷାରେ ପରିବାର। ଏକ ମାମଲାରେ ଗିରଫ ହୋଇଥିବା ଅବିନାଶ ପାଇଟାଲଙ୍କ ସନ୍ଦେହଜନକ ମୃତ୍ୟୁ ପରେ ପୂରା ପରିବାର ଭାଙ୍ଗି ପଡିଥିବାବେଳେ ସରକାର କେବଳ ତତ୍କାଳୀନ ଥାନାଧିକାରୀଙ୍କୁ ନିଲମ୍ବିତ କରି ଚୁପ୍ ବସିଛନ୍ତି। ଏପରି ସ୍ଥଳେ ଆମ୍ ଆଦ୍‌ମୀ ପାର୍ଟି ସଙ୍ଗୀନ ଅଭିଯୋଗ ଆଣିବା ସହ କେନ୍ଦ୍ରାଞ୍ଚଳ ଆର୍‌ଡିସି ଓ ଡିଜିପିଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛି। ଅବିନାଶଙ୍କୁ ଥାନା ହାଜତରେ ନୃଶଂସ ଭାବେ ମାଡ଼ ମରାଯାଇ ହତ୍ୟା କରାଯାଇଥିବା ଦଳ ଅଭିଯୋଗ କରିଛି। ଏଥିପାଇଁ ଥାନାର ତତ୍କାଳୀନ ଥାନାଧିକାରୀ ଶ୍ୟାମଘନ ବେହେରାଙ୍କୁ ତୁରନ୍ତ ଗିରଫ କରିବା ସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦେବା ପାଇଁ ଦଳ ଦୃଢ଼ ଦାବି କରିଛି। ଆମ୍ ଆଦ୍‌ମୀ ପାର୍ଟିର କଟକ ନଗର ଓ ରାଜ୍ୟ ସଂଖ୍ୟାଲଘୁ ସଭାପତି ମୁକ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନବେଳେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ନାବାଳିକାଙ୍କୁ ଅସଦାଚରଣ, ଜଣେ ଗିରଫ

**କେନ୍ଦ୍ରାପଡା ଅଫିସ, ୨୫।୯**

ଗତ ୨୨ତାରିଖ ସନ୍ଧ୍ୟାରେ ଟାଉନ ଥାନାରେ ହୋଇଥିବା ନାବାଳିକାଙ୍କୁ ଅସଦାଚରଣ ଘଟଣାରେ ପୋଲିସ ଏହି ଥାନା ଅଧୀନ କଜଳା ଗ୍ରାମର ଟୁନା ଦାସ(୪୨)ଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଟାଉନ ଥାନା ଅଧିକାରୀ ତପନ କୁମାର ନାୟକଙ୍କ ସୂଚନା ଅନୁଯାୟୀ, ଗତ ୨୨ତାରିଖରେ ପୀଡିତା ଜାଳ ସଂଗ୍ରହ କରିବାକୁ ନିକଟସ୍ଥ ଏକ ମହାବିଦ୍ୟାଳୟ ପରିସରକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ଟୁନା ପୀଡିତାଙ୍କୁ ଅସଦାଚରଣ କରିଥିବା ନାବାଳିକାଙ୍କ ଭଉଣୀ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିଲା।

## ଚାଷ କ୍ଷତି ଭରଣା ପାଇଁ ଗଣବିକ୍ଷୋଭ



ଜିଲାପାଳଙ୍କ ଅଫିସ୍ ଆଗରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ।

କେନ୍ଦ୍ରାପଡା ଅଫିସ, ୨୫।୯ ଗତ ଲଘୁଚାପଜନିତ ବର୍ଷା କେନ୍ଦ୍ରପଡା ଜିଲାର କୃଷିକୁ ବିଶେଷ ପ୍ରଭାବିତ କରିଛି। ଏଥିରେ ହୋଇଥିବା କ୍ଷୟକ୍ଷତିକୁ ଭରଣା ପାଇଁ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ନଗର ସଭାପତି ସୌମେନ୍ଦ୍ର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଚିନ୍ମୟ ବେହୁରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ଅଜୟ ପ୍ରଧାନ, ଚିତ୍ରସେନ ପରିଡ଼ା, ଜ୍ୟୋତିରଞ୍ଜନ ପ୍ରଧାନ, ନାରାୟଣ ପରିଡ଼ା, ପୀତବାସ ବେହେରା ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଚାଷନୀତିକୁ ସମାଲୋଚନା କରିଥିଲେ। ଏଥିସହ ଫସଲହାନିର ଉପଯୁକ୍ତ କ୍ଷତିପୂରଣ, କୃଷିଋଣ ଛାଡ଼, ଭାଗଚାଷୀ ଆଇନ ପ୍ରଣୟନ ଓ କ୍ଷତିପୂରଣ, ଗୋବରୀ କେନାଲର ପୁନରୁଦ୍ଧାର ଏବଂ ଶୀତଳଭଣ୍ଡାର ଦାବି ଉତ୍‌ଥାପନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ପୂର୍ବରୁ ସହରର କଜଳାସ୍ଥିତ କଂଗ୍ରେସ ଭବନରୁ ଏକ ରାଲି ସହର ପରିକ୍ରମା କରିଥିଲା। ସମ୍ବିତ ଶ୍ରୀଚନ୍ଦନ, ସଞ୍ଜୟ ରାଉତ, ଶରତ ବେହୁରା ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ଦେଇଥିଲେ।

■ ଧରିତ୍ରୀ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ

# ସାମିଲ ହେଲା ମହମ୍ମଦ ହସିମୁଦ୍ଦିନ ଉ.ପ୍ରା. ସ୍କୁଲ



ଧରିତ୍ରୀ ଓ ଓଡ଼ିଶାପୋଷ୍ଟ ତରଫରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନରେ ଆଳି ବ୍ଲକ ପଦନପୁରସ୍ଥିତ ମହମ୍ମଦ ହସିମୁଦ୍ଦିନ ଉ.ପ୍ରା. ସ୍କୁଲର ଛାତ୍ରୀଛାତ୍ରଙ୍କ ସଚେତନତା କାର୍ଯ୍ୟକ୍ରମ।

**ଆଳି, ୨୫।୯ (ଡି.ଏନ.ଏ.)**

ଓଡ଼ିଶାକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଧରିତ୍ରୀ ଓ ଓଡ଼ିଶାପୋଷ୍ଟ ତରଫରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନରେ ଆଳି ବ୍ଲକ ପଦନପୁରସ୍ଥିତ ମହମ୍ମଦ ହସିମୁଦ୍ଦିନ ଉ.ପ୍ରା. ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାହ୍ନରେ ସ୍କୁଲ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ଲାଷ୍ଟିକ ବ୍ୟବହାରର ଭୟାବହତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଇଫ୍‌ତେକାର ଆଦିଲ, ପ୍ରମୋଦ କୁମାର ମଲ୍ଲିକ, ନାରାୟଣ ପୂଝାରୀ, ମୋନାଲିସା ବେହେରା ଓ ପ୍ରଭାସ କୁମାର ବେହୁରାଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଆଳି, ୨୫।୯ (ଡି.ଏନ୍.ଏ.)**

ଓଡ଼ିଶା ଅଗ୍ନିଶମ କର୍ମଚାରୀ ସଂଘ ଡାକରାରେ ଆଳିନିଆଳ ହାଟସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ଆଗରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଧାରଣାରେ ମୁଖ୍ୟ ଆଗ୍ନିକ ବିଭୁତି ଭୂଷଣ ନାୟକ, ଡ୍ରାଇଭର ହାବିଲଦାର ଶ୍ରୀନିବାସ ମହାପାତ୍ର, ଆଗ୍ନିକ ଡ୍ରାଇଭର ଦୀପକ କୁମାର ବେହେରା, ଆଗ୍ନିକ ପ୍ରଶାନ୍ତ ମହାଭୋଇ, ଶିବପ୍ରସାଦ ଭୋଳ, ସୁରେନ୍ଦ୍ର କୁମାର ମାଝି, ସତ୍ୟନାରାୟଣ ପ୍ରଧାନ, ଦୀପକ କୁମାର ନାୟକ, ପରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମୁଖ୍ୟ ଆଗ୍ନିକ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଦାଦାଗିରି

## ଆକ୍ରମଣରେ ଗର୍ଭବତୀଙ୍କ ସ୍ୱାମୀ ଗୁରୁତର

**ମହାକାଳପଡା, ୨୫।୯(ଡି.ଏନ୍.ଏ.)**

ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇବାରେ ସହଯୋଗ କରିବା ବଦଳରେ ଚିକିତ୍ସାଳୟକୁ ଯାଇଥିବା ଜଣେ ଗର୍ଭବତୀଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ମହାକାଳପଡା ବ୍ଲକ ଗଗୁଆ ପଞ୍ଚାୟତ ଅଧୀନ ବାବରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଏନେଇ ମହିଳା ଜଣକ ମଙ୍ଗଳବାର ତନ୍ତିଆପାଳ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କ ଗିରଫ ଦାବିକରି ଥାନାରେ ଧାରଣା ଦେଇଥିଲେ। ସୂଚନାଯୋଗ୍ୟ, ଏହି ବ୍ଲକ ଅନ୍ତର୍ଗତ ସୁନିତି ପଞ୍ଚାୟତସ୍ଥିତ ଖରିଅଣ୍ଠା ଗ୍ରାମର ଗୟାଧର ନାୟକଙ୍କ ସ୍ତ୍ରୀ ଇନ୍ଦୁମତୀ ନାୟକଙ୍କୁ ସୋମବାର ସନ୍ଧ୍ୟାରେ ପ୍ରସୂତିଜନିତ ଯନ୍ତ୍ରଣା ହୋଇଥିଲା। ଏନେଇ ତାଙ୍କୁ ନିକଟସ୍ଥ ବାବର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଇନ୍ଦୁମତୀଙ୍କୁ ଗର୍ଭ ଯନ୍ତ୍ରଣା ସହ ରକ୍ତସ୍ରାବ ହେଉଥିବା କହି ତୁରନ୍ତ ଚିକିତ୍ସା କରିବା ପାଇଁ ସେଠାରେ ଥିବା ଡାକ୍ତରଙ୍କୁ ଗୟାଧର ଅନୁରୋଧ କରିଥିଲେ। ମାତ୍ର ସେତେବେଳେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ ତାଙ୍କ ସମ୍ପର୍କୀୟଙ୍କ ପ୍ରଥମେ ଚିକିତ୍ସା ହେବ ବୋଲି କହିଥିଲେ। ଏନେଇ ଗୟାଧର ଓ ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ କର୍ମଚାରୀ ଗୟାଧରଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଗୟାଧରଙ୍କ ମୁଣ୍ଡ ଫାଟିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ତନ୍ତିଆପାଳ ମେରାଇନ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହି ସମୟ ମଧ୍ୟରେ ବାବରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଇନ୍ଦୁମତୀଙ୍କ ଶିଶୁକନ୍ୟା ଜାତ ହୋଇଥିଲା। ସେ ଶିଶୁକନ୍ୟାକୁ କୋଳରେ ଧରି ସ୍ୱାମୀଙ୍କ ସହ ଥାନାକୁ ଯାଇ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ।

# କୃଷିଋଣ ଛାଡ଼ ପାଇଁ ଦାବିକଲା ଆଞ୍ଚଳିକ କୃଷକ ସମାଜ

**ପଟ୍ଟାମୁଣ୍ଡାଇ,୨୫।୯(ସ୍ୱ.ପ୍ର.)**

ଗତ ଲଗାଣ ବର୍ଷାରେ କୃଷକଙ୍କର ଅପୂରଣୀୟ କ୍ଷତ ଘଟିଛି। ବର୍ଷାପାଣିରେ ବୁଡି ରହି ଧାନଗଛ ମୂଳ ଧୋଇ ହୋଇ ଯାଇଛି। ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ପରିବାର ଚଳାଇବା ଓ କୃଷିଋଣ ଶୁଝିବା ଚିନ୍ତାରେ ହତାଶ ହୋଇ ପଡିଛନ୍ତି। ଏଥିନେଇ କେନ୍ଦ୍ରାପଡା ବ୍ଲକ କେଶପୁର, ଚନ୍ଦନପୁର ପଞ୍ଚାୟତର ଆଞ୍ଚଳିକ କୃଷକ ସମାଜ ପକ୍ଷରୁ କୃଷିଋଣ ଛାଡ କରିବା ପାଇଁ ଜିଲାପାଳ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଲଘୁଚାପଜନିତ ବର୍ଷାରେ ପଟ୍ଟାମୁଣ୍ଡାଇ ବ୍ଲକର ନୀଳକଣ୍ଠପୁର, ବଡମୂଳବସନ୍ତ ପଞ୍ଚାୟତ ସହିତ କେନ୍ଦ୍ରାପଡା ବ୍ଲକ, କେଶପୁର, ଚନ୍ଦନପୁର, ସାନମାଣିତିଆ

**ଲଘୁଚାପ ବର୍ଷା ବିପ୍ରାତ**



ପ୍ରଭୃତି ୫ଟି ପଞ୍ଚାୟତର ପ୍ରାୟ ୮ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନଫସଲ ପଚି ନଷ୍ଟ ହୋଇଯାଇଛି। ଚାଷୀମାନେ ଧାର କରଜ କରିବା ସହିତ ସୋସାଇଟି ଓ ବ୍ୟାଙ୍କର କୃଷିଋଣ କରି ଧାନଚାଷ କରିଥିଲେ। ମାତ୍ର ଧାନଫସଲ ମୂଳ ଧୋଇ ହୋଇଯିବା ପରେ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। କେଶପୁର ପଞ୍ଚାୟତର ଅରୁଆ, କେଶପୁର, ହାଟପାଟଣା, ବାଘୁଆ, ମୂଷାଡିଆ, ଚନ୍ଦନପୁର, ନୀଳକଣ୍ଠପୁର, ତମାଳ ଶାସନ, ବସୁପୁର, ଦକ୍ଷିଣ, ସାନମାଣିତିଆ, ବଡମାଣିତିଆ, କାଚରାପଡିଆ, ଇଙ୍କରଦିଆ ଆଦି ଗ୍ରାମରେ ଧାନ ଫସଲର ବ୍ୟାପକ କ୍ଷତି ଘଟିଛି। ସେହିପରି ନୀଳକଣ୍ଠପୁର ଓ ବଡମୂଳ ବସନ୍ତ ପଞ୍ଚାୟତର କଦଳୀବଣ, ଗୋବିନ୍ଦପୁର, ବଡମୂଳବସନ୍ତ, ସାନମୂଳ ବସନ୍ତ, ନପଙ୍ଗ, ବାଟିପଡା, ପୋହଳ, ନସିପୁର, ବନ୍ଧସାହି, ପଣ୍ଡହୁଡା ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବେଲତଳ, କୈଳାସୀ ଭେଡାରେ ମଧ ଧାନଫସଲ ପଚି ନଷ୍ଟ ହୋଇଯାଇଛି। ଆଞ୍ଚଳିକ କୃଷକ ସମାଜ ସଭାପତି ହୃଷୀକେଶ ମଲିକ, ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ ଗତ ୧୯ ତାରିଖରେ କେନ୍ଦ୍ରାପଡା ଜିଲାପାଳ ଦାଶରଥୀ ଶତପଥୀଙ୍କୁ ଭେଟି କ୍ଷତିଗ୍ରସ୍ତ କୃଷକଙ୍କ କୃଷିଋଣ ଛାଡ କରିବା ପାଇଁ ଦାବିପତ୍ର ଦେଇଛନ୍ତି। ସେହିପରି ଚନ୍ଦନପୁର ପଞ୍ଚାୟତର ଶତାଧିକ କୃଷକ ଚଉଦକୁଲାଟ ଛକରେ ବୁଧବାର ପଟ୍ଟାମୁଣ୍ଡାଇ-ଇନ୍ଦୁପୁର ରାସ୍ତା ଅବରୋଧ କରି କୃଷିଋଣ ଛାଡ କରିବାକୁ ଦାବି କରିଥିଲେ। କେନ୍ଦ୍ରାପଡା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଆନ୍ଦୋଳନସ୍ଥଳରେ ପହଞ୍ଚି କୃଷକମାନଙ୍କ ସହିତ ଆପୋଷ ଆଲୋଚନା କରିଥିଲେ। କ୍ଷୟକ୍ଷତି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ ଦାବି

ତିର୍ତ୍ତୋଲ,୨୫।୯(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ପୋରଗଦେଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ ସରିଥିବା ମାର୍କେଟ କମ୍ପ୍ଲେକ୍ସ ଗୃହ ଦୀର୍ଘଦିନ ହେବ ଆବଣ୍ଟନ ନହୋଇ ଅବ୍ୟବହୃତ ଭାବରେ ପଡିରହିଛି। ବ୍ୟବସାୟ କରିବା ନିମନ୍ତେ ଏହି ମାର୍କେଟ କମ୍ପ୍ଲେକ୍ସ ଗୃହ ନେବାକୁ ବହୁ ଆଗ୍ରହୀ ଲୋକ ପଞ୍ଚାୟତରେ ଦରଖାସ୍ତ କରିଥିଲେ ମଧ୍ୟ ସେମାନଙ୍କୁ ଏହା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ଗୃହ ଆବଣ୍ଟନ ନହେବା କାରଣରୁ ପଞ୍ଚାୟତ କର୍ତ୍ତୃପକ୍ଷ ରାଜସ୍ୱ ହରାଉଛନ୍ତି। ଏଥିସହ ଏହି ଗୃହର ରକ୍ଷଣାବେକ୍ଷଣ କରା ନ ଯିବାରୁ କାନ୍ଥରୁ ସବୁ ଚୁନ ଛାଡି ଗଲାଣି। ଗ୍ରୀଲ ଇତ୍ୟାଦି କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ଏହାର ଆବଣ୍ଟନ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ପଞ୍ଚାୟତର ପ୍ରେମଚାନ୍ଦ ମହାନ୍ତି, ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

### ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ

ବିରିଡି,୨୫।୯(ଡି.ଏନ୍.ଏ.): ବିରିଡି ବ୍ଲକ ଅଳକା ମହାବିଦ୍ୟାଳୟ ଅନନ୍ତବଟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ମୁଖ୍ୟ ଡ. ପ୍ରଶାନ୍ତ କିଶୋର ପରିଡ଼ା ପୌରୋହିତ୍ୟ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧାପକ ଡ. ଅକ୍ଷୟ କୁମାର ଭଦ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ଯୋଜନାର ରାଜ୍ୟ ପରାମର୍ଶଦାତା ମଧୁସୂଦନ ଦାଶ, ସମ୍ମାନିତ ଅତିଥି ଭାବେ ଅଧକ୍ଷ ବନମାଳୀ ବେହେରା, ହାସ୍ୟମୟୀ ଦେବୀ ଓ ଲକ୍ଷ୍ମୀକାନ୍ତ ପାଇକରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜତୀୟ ସେବା ଯୋଜନା ସମ୍ପର୍କରେ କହିଥିଲେ। ଯଜ୍ଞଶିଖା ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ମମତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା



ବିରିଡ଼ି,୨୫।୯(ଡି.ଏନ.ଏ.): ଦିନଦୟାଲ ଉପାଧାୟ ଗ୍ରାମୀଣ କୌଶଳ ଯୋଜନା ମାଧମରେ ବିରିଡ଼ି ବ୍ଲକସ୍ତରୀୟ କର୍ମ ନିଯୁକ୍ତି ମେଳା ମଙ୍ଗଳବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଛି। ୧୮ରୁ ୩୫ବର୍ଷ ବୟସ ଭିତରେ ଓ ୫ମରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ଗ୍ରାମାଞ୍ଚଳର ବେକାରୀ ଯୁବତୀ ଯୁବକମାନଙ୍କୁ ମାଗଣାରେ ବିଭିନ୍ନ ସ୍କିମରେ ତାଲିମ ପ୍ରଦାନ କରି ନିଯୁକ୍ତି ଦେବା ଏହି ଯୋଜନାର ଲକ୍ଷ୍ୟ ବୋଲି ଏପିଡି ଏସ୍‌ଡି ପ୍ରସନ୍ନ କୁମାର ମିଶ୍ର କହିଛନ୍ତି। ଏହି ମେଳାରେ ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ଏବିଡିଓ ଗିରିଜା ପ୍ରସାଦ ବାରିକ, ଓରମାସର ସହକାରୀ ନିର୍ବାହୀ ପ୍ରଭାତ କୁମାର ଦାସ, ଜିଲା ସଂଯୋଜକ ସ୍କିଲ ସୁବାଶିଷ ନାୟକ, ପ୍ରଗତି ସହାୟକ ସୁରେନ୍ଦ୍ର ନାଥ ଶତପଥୀ ପ୍ରମୁଖ ମେଳାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମେଳାରେ ବିଭିନ୍ନ କମ୍ପାନୀର ଅଧିକାରୀମାନେ ଯୋଗଦେଇ ଆବେଦନକାରୀଙ୍କୁ ଚୟନ କରିଥିଲେ। ବିଭିନ୍ନ ବିଭାଗରେ ମୋଟ୍ ୪୩୯ ପିଲା ତାଲିମ ପାଇଁ ଆବେଦନ କରିଥିଲେ। ଆଜି ଦିନଦୟାଲ ଉପାଧାୟଙ୍କର ୧୦୨ତମ ଜନ୍ମଦିନ ହେତୁ କାର୍ଯ୍ୟକ୍ରମକୁ ଏଠାରେ କରାଗଲା ବୋଲି ବ୍ଲକ ଅଧକ୍ଷ ଭୋଇ କହିଥିଲେ । ଶେଷରେ ପ୍ରଗତି ସହାୟକ ଶତପଥୀ ଧନ୍ୟବାଦ ଦେଇଥିଲେ।

### ବିତରକ ସଂଘର ସହାୟତା

ପାରାଦୀପ,୨୫।୯(ସ୍ୱ.ପ୍ର.): ପାରାଦୀପ ଖବରକାଗଜ ବିତରକ ସଂଘ ପକ୍ଷରୁ ମଙ୍ଗଳବାର ଜଣେ ବିତରକଙ୍କ ଚିକିତ୍ସା ନିମନ୍ତେ ୫ହଜାର ଟଙ୍କା ସହାୟତା ଦିଆଯାଇଛି। ସେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପାଟଳଦା ଗ୍ରାମର ପ୍ରଭାକର ତ୍ରିପାଠୀ (୫୦)। ତାଙ୍କର କିଡ୍‌ନୀ ୨ଟି ନଷ୍ଟ ହୋଇଯାଇଛି। ସେ ଏବେ ଶଯ୍ୟାଶାୟୀ ଅଛନ୍ତି। ଏହି ଖବର ପାଇବା ପରେ ପାରାଦୀପ ବିତରକ ସଂଘ ଯାହା କିଛି ସହଯୋଗ ପ୍ରଦାନ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛି ବୋଲି ସଂଘର ସଭ୍ୟମାନେ କହିଛନ୍ତି।

# ତହସିଲ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ବିକ୍ଷୋଭ

କୁଜଙ୍ଗ,୨୫।୯(ସ୍ୱ.ପ୍ର.)



ବିକ୍ଷୋଭରେ ସାମିଲ ହୋଇଥିବା ଚାଷୀମାନେ।

- ବର୍ଷାରେ ନଷ୍ଟ ଫସଲର କ୍ଷତିପୂରଣ ପ୍ରଦାନ ଦାବି
- ସ୍ଥାୟୀ ଜଳନିଷ୍କାସନ ବ୍ୟବସ୍ଥା ହେଉ

କୁଜଙ୍ଗ ବ୍ଲକ ମଙ୍ଗରାଜପୁର ଗ୍ରାମର ଶତାଧିକ ଚାଷୀ ମଙ୍ଗଳବାର ଜଳ ନିଷ୍କାସନ ଓ ଫସଲ ହାନୀର କ୍ଷତିପୂରଣ ପ୍ରଦାନ ଦାବିରେ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚଳିତ ମାସରେ ଲଗାତର ଦୁଇଥର ଲଗାଣ ବର୍ଷା ହେବା ଫଳରେ କୁଜଙ୍ଗ ତହସିଲ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମ ସହ ଆଖପାଖ ଅଞ୍ଚଳରେ ବହୁ ଚାଷଜମି ଜଳମଗ୍ନ ହୋଇଥିଲା। ଜଳ ନିଷ୍କାସନ ହୋଇ ନପାରିବାରୁ ଏଥିରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ତେଣୁ ଫସଲ ହାନୀର କ୍ଷତିପୂରଣ ପ୍ରଦାନ ଓ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଦାବିରେ ଚାଷୀମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେଲେ ବୋଲି କହିଛନ୍ତି। ଲଗାଣ ବର୍ଷା କାରଣରୁ ଅଢେଇଶହ ଏକର ଜମିରେ ଧାନ ସହ ଅନ୍ୟାନ୍ୟ ପରିବା ଫସଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସନ୍ତରା ନଦୀରେ ତୈଳ ବିଶୋଧନାଗାର ପ୍ରକଳ୍ପ ନିକଟରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୋଲ ଭଙ୍ଗା ଯାଇ ନ ଥିବାରୁ ନଦୀରେ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ସେହିପରି ହଳଦୀପାଣୀ ପୋଲ ପୁରୁଣା ହୋଇଯାଇଥିବାରୁ ଏହା ପୋତି ହୋଇଯାଇଛି। ଏହି ସ୍ଥାନରେ ନୂତନ ପୋଲ ନିର୍ମାଣ କରି ଏକ ସ୍ଲୁଇସ ଗେଟ କଲେ ଜଳ ପରିଚାଳନା ଠିକ୍ ଭାବେ ହୋଇପାରିବ ବୋଲି ଚାଷୀମାନେ କହିଛନ୍ତି। ଏନେଇ ଚାଷୀ ପ୍ରତିନିଧିମାନ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ କର୍ତ୍ତୃପକ୍ଷଙ୍କୁ ଏହି ଦାବିପତ୍ର ପଦାନ କରିବା ସହିତ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ତହସିଲଦାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୁରେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ମହାପାତ୍ର, ସାମାଜିକ କର୍ମୀ ବିପିନ ତ୍ରିପାଠୀ, ଅକ୍ଷୟ ପଣ୍ଡା, ଯୋଗେନ୍ଦ୍ରନାଥ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ୫ ଶହରୁ ଅଧିକ ଚାଷୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା।

## ରାମଚଣ୍ଡୀ କୃଷକ ସଭାର କର୍ମକର୍ତ୍ତା ଚୟନ

କୁଜଙ୍ଗ,୨୫।୯(ସ୍ୱ.ପ୍ର.)

ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଥିବା ଶହ ଶହ କନ୍ଧା ଚାଷୀମାନଙ୍କୁ ନେଇ ଗଠିତ ରାମଚଣ୍ଡୀ କୃଷକ ସଭାର ଏକ ପ୍ରସ୍ତୁତି ବୈଠକ ଏବଂ କର୍ମକର୍ତ୍ତା ନିର୍ବାଚନ ସୋମବାର କୁଜଙ୍ଗସ୍ଥ ଲୋକନାଥ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ସାମ୍ୟବାଦୀ ନେତା ବସନ୍ତ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୁଜଙ୍ଗ ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ। ଗତ ୭୦ ବର୍ଷ ଧରି ଚାଷୀମାନେ ଜଙ୍ଗଲ କାଟି ସେଠାରେ ଚାଷବାସ କରିଆସୁଥିବାବେଳେ ଏବେ ବନ ବିଭାଗ କର୍ମଚାରୀମାନେ ସେମାନଙ୍କୁ ହଇରାଣ କରୁଛନ୍ତି। ସେହିପରି ବଙ୍ଗୀୟ ଅନୁପ୍ରବେଶକାରୀଙ୍କ ପ୍ରାଦୁର୍ଭାବ ଯୋଗୁ ଓଡ଼ିଆ ଚାଷୀମାନେ ସେମାନଙ୍କ ଅଧିକାର ହରାଇବାକୁ ଯାଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କିଥିଲା। ଏଥିପାଇଁ ଆଗାମୀ ଦିନରେ ସଂଗଠିତ ହୋଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ବାବାଜୀ ମହାରଥା, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ମହାପାତ୍ର, ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଅନିରୁଦ୍ଧ ବେହେରା, ସାଧାରଣ ସମ୍ପାଦକ ଭାବେ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ଭାବେ ହରେକୃଷ୍ଣ ମାଝୀ, ସହସମ୍ପାଦକ ଭାବେ ସୁବାସ ମହାପାତ୍ର, କୃତ୍ତିବାସ ସ୍ୱାଇଁ, କୋଷାଧକ୍ଷ ଭାବେ ବସନ୍ତ ଛାଟୋଇଙ୍କୁ ମନୋନୀତ କରାଯାଇଥିଲା। ଚାଷୀ ସଙ୍ଗଠନର ଉପଦେଷ୍ଟା ଭାବେ ରମଣୀ ରଞ୍ଜନ ରାଉତରାୟ, ଶରତ ଚନ୍ଦ୍ର ବେହେରା, ବସନ୍ତ ସାମଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଆସନ୍ତା ଶୁକ୍ରବାର ସ୍ଥାନୀୟ ଲୋକନାଥ ଭବନଠାରେ କାର୍ଯ୍ୟକାରୀ କମିଟି ବୈଠକ ବସି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି କୁହାଯାଇଥିଲା। ଚାଷୀନେତା ପୀତାମ୍ବର ଦାସ, ଅଭିଜିତ ସାହୁ, ବାବୁରାମ ଚୌଧୁରୀ, ଶରତ ଚନ୍ଦ୍ର ବେହେରା, ସୁବାସ ମହାପାତ୍ର, ରବୀନ୍ଦ୍ର ନାଥ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମା ରାମଚଣ୍ଡୀ କୃଷକ ସଭା ଜରିଆରେ କୁଜଙ୍ଗ ଅଞ୍ଚଳର ସମସ୍ତ ଚାଷୀ ସେମାନଙ୍କ ଅଧିକାର ପାଇବେ ବୋଲି ସମସ୍ତେ ମତପ୍ରକାଶ କରିଥିଲେ।

## ମଦ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଲେ ମହିଳା

କୁଜଙ୍ଗ,୨୫।୯(ସ୍ୱ.ପ୍ର.)

କୁଜଙ୍ଗ ଥାନା ଅନ୍ତର୍ଗତ ଗଣ୍ଡକିପୁର ତରପଡ଼ା ଗ୍ରାମର ମହିଳାମାନେ ମଙ୍ଗଳବାର ମଦ କାରବାର ବିରୋଧରେ ସ୍ୱରତ୍ତୋଳନ କରିଛନ୍ତି। ଚୋରା ମଦ କାରବାର ଅବାଧରେ ଚାଲିଥିବାରୁ ଗ୍ରାମରେ ଆପରାଧିକ କାର୍ଯ୍ୟ ଓ ହିଂସାକାଣ୍ଡ ଘଟୁଛି। ଏନେଇ ସେମାନେ ଥାନାରେ ଅଭିଯୋଗ କରିବା ସହ ଧାରଣା ମଧ୍ୟ ଦେଇଛନ୍ତି। ଗ୍ରାମର ଏକାଧିକ ଯୁବକ ଖୋଲାଖୋଲି ଭାବେ ମଦ ବ୍ୟବସାୟ କରୁଛନ୍ତି। ଏଥିଯୋଗୁ ଜନସାଧାରଣ ପ୍ରଭାବିତ ହେଉଛନ୍ତି। ଯୁବକ, ନାବାଳକମାନେ ମଧ ଏହାର ପ୍ରଭାବରେ ଆସି ଗ୍ରାମରେ ନାନାଦି ଗଣ୍ଡଗୋଳ ଘଟାଉଛନ୍ତି। ଏ ସମ୍ପର୍କରେ ପୋଲିସକୁ ଅଭିଯୋଗ କଲେ ଏହା ଅବକାରୀ ବିଭାଗର କାର୍ଯ୍ୟ, ଆମେ ଏହି କାରବାର ବନ୍ଦରେ ସହଯୋଗ କରିବୁ। କିନ୍ତୁ ଅବକାରୀ ବିଭାଗ ସମସ୍ୟାର ସମାଧାନ କରିପାରିବ ବୋଲି କୁହାଯାଉଛି। ଏହି ମଦ ବିରୋଧୀ ଆନ୍ଦୋଳନରେ ନୟନା ତରାଇ, ସସ୍ମିତା ପରିଡ଼ା, ଚିନ୍ମୟୀ ତରାଇ, ସାବିତ୍ରୀ ବେହେରା, କେତକୀ ମାଝୀ, ବେଙ୍ଗ ସାମଲ, ଦେବକୀ ମାଝୀ, ସୋର ସାମଲ, ଛବି ସାମଲ,ସବିତା ମାଝୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଶେଷରେ ଅବକାରୀ ବିଭାଗ ସହଯୋଗରେ ପୋଲିସ ମଦ କାରବାର ବନ୍ଦ କରିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ମଦ କାରବାର ବନ୍ଦ ଦାବିରେ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

## ନବନିର୍ମାଣ କୃଷକ ସଂଗଠନର ସାଂଗଠନିକ ବୈଠକ

ବାଲିଆ,୨୫।୯

ବିରିଡ଼ି ବ୍ଲକ ବଡଖଣ୍ଡାୟତା ପଞ୍ଚାୟତର ଶିଦ୍ଧ ବଟଠାରେ ମଙ୍ଗଳବାର ପୂର୍ବାହ୍ନରେ ନବନିର୍ମାଣ କୃଷକ ସଂଗଠନର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ସଂଗଠକ ରଜନିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିରିଡି ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ କୃଷକ ଓ ସଂଗଠକ ଯୋଗ ଦେଇଥିଲେ। ଜଗତ୍‌ସିଂହପୁର ଜିଲା ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ରଶ୍ମୀରଞ୍ଜନ ସ୍ୱାଇଁ ଯୋଗଦେଇ ସଂଗଠନର ଆଗାମି ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ସଂଗଠନକୁ ବଢ଼ାଇବା ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ନବନିର୍ମାଣ କୃଷକ ସଂଗଠନ ସଭାପତି ଆଲୋକ କୁମାର ସ୍ୱାଇଁ, ସହ ସମ୍ପାଦକ ଗୁଣନିଧି ସ୍ୱାଇଁ, ରାଜ୍ୟ ସଦସ୍ୟ ଦଶରଥ ବସ୍ତିଆ, ବରିଷ୍ଠ ସଭ୍ୟ ବିଧାନ ଚନ୍ଦ୍ର ଜେନା, ଜ୍ଞାନରଞ୍ଜନ ଜେନା, ସୁକାନ୍ତ କୁମାର ଭୂୟାଁ, ମନ୍ମଥ କୁମାର ଜେନା, ସୁଦାମ ଚରଣ ଖଟେଇ, ରମେଶ ଚନ୍ଦ୍ର ପାଳ, ରମଣି ବେହେରା, ପଞ୍ଚାନନ ବାରିକ, ଶ୍ରୀଧର ଖଟେଇ, ପ୍ରଭାକର ବାରିକ, ନାରଣ ଖଟେଇ ପ୍ରମୁଖ ସଂଗଠନର ବିଭିନ୍ନ ଦିଗ ଉପରେ ଅଲୋକପାତ କରିଥିଲେ। ଏହି ଅବସରରେ ବିରିଡି ବ୍ଲକର ବିଭିନ୍ନ ଜୋନରେ ସଂଗଠନକୁ ସକ୍ରିୟ କରିବା ସହ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି କୃଷକଙ୍କୁ ଏକତ୍ରିତ କରିବାକୁ ଆହ୍ୱାନ ଦିଆଯାଇଥିଲା। କୃଷକମାନଙ୍କ ହକ ପାଇଁ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେବାକୁ ଆସନ୍ତା ଅକ୍ଟୋବର ୨୯ରୁ ହେବାକୁଥିବା ପଦଯାତ୍ରା ସଫଳ କରିବାକୁ କୁହାଯାଇଥିଲା।

### ଅଙ୍ଗନୱାଡି ହେଲପର ନିଯୁକ୍ତିରେ ଅନିୟମିତତା

## ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଅନଶନ

ରାଜନଗର, ୨୫।୯ (ଡି.ଏନ୍.ଏ.)

ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ବଳଭଦ୍ରପୁର ଗାଁର ଅଙ୍ଗନୱାଡି କେନ୍ଦ୍ରରେ ହେଲପର ପଦବୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗ୍ରାମର ଜଣେ ମହିଳା ମଙ୍ଗଳବାର ୫ ବର୍ଷର ଝିଅକୁ ଧରି ରାଜନଗର ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ଗାଁର ଅନ୍ୟ ମହିଳାମାନେ ଏଥିରେ ତାଙ୍କୁ ସମର୍ଥନ ଜଣାଇ ଅନଶନରେ ସାମିଲ ହୋଇଥିଲେ। ଗ୍ରାମର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳଙ୍କୁ ଭେଟି ଉକ୍ତ ବିଧବାଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ବଳଭଦ୍ରପୁର ଗାଁର ବିଧବା ଲତାମଞ୍ଜରି ପାତ୍ର ଅଙ୍ଗନୱାଡି ସହାୟିକା ପଦପାଇଁ ଆବେଦନ କରିଥିଲେ। ଏହି ପଦରେ ବିଧବା ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ ଲାଗି ସରକାରୀ ନିୟମ ରହିଛି। ମାତ୍ର ଏପରି କରା ନଯାଇ ସିଡିପିଓ ଭୋଟିଂ ମାଧ୍ୟମରେ ଏନେଇ ଚୟନ କରିଛନ୍ତି। ଫଳରେ ନିରାଶ୍ରୟ ଲତାମଞ୍ଜରି ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ତାଙ୍କୁ ସମର୍ଥନ କରୁଥିବା ଗ୍ରାମବାସୀ ଜିଲାପାଳ ଦାଶରଥି ଶତପଥୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ତାଙ୍କୁ ଉକ୍ତ ପଦବୀରେ ନିଯୁକ୍ତି ଦେବା ଲାଗି ସେମାନେ ଦାବି କରିଛନ୍ତି। ଅପରପକ୍ଷେ ରାଜନଗର ସିଡିପିଓ ପୁଷ୍ପଲତା ଦାସ କୁହନ୍ତି, ହେଲପର ଚୟନରେ କୌଣସି ଅନିୟମିତତା ହୋଇନାହିଁ। ସରକାରୀ ନିୟମ ଅନୁଯାୟୀ ନିଯୁକ୍ତି ଦିଆଯାଇଛି। ଖବରପାଇ ରାଜନଗର ବିଡିଓ ମନ୍ଦରଧର ମହାଲିକ ଅନଶନସ୍ଥଳରେ ପହଞ୍ଚି ଲତାମଞ୍ଜରିଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସେ କେନ୍ଦ୍ରାପଡା ଉପଜିଲାପାଳଙ୍କୁ ଅବଗତ କରାଇଥିଲେ। ଏନେଇ ବୁଧବାର ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବାପରେ ମହିଳାମାନେ ଅନଶନରୁ ଉଠିଛନ୍ତି।

## ଧାରଣାରେ ବସିଲେ ଅଗ୍ନିଶମ କର୍ମଚାରୀ

ବାଲିଆ,୨୫।୯

ବିରିଡ଼ି ଦମକଳ ବାହିନୀର ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ସହ ହାଜିପୁରଠାରେ ଥିବା ଦମକଳ କେନ୍ଦ୍ର ସମୁଖରେ ଧାରଣାରେ ବସିଛନ୍ତି। ସେମାନଙ୍କୁ ଓଡ଼ିଶା ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ, ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିବା ଓ ସେମାନଙ୍କୁ ନିଜ ଜିଲାରେ ଚାକିରିରେ ରଖିବା, ନିୟମିତ ଦରମା ଦେବା, ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବା ଆଦି ବିଭିନ୍ନ ଦାବି କରିଛନ୍ତି। ବିରିଡି ଦମକଳ କେନ୍ଦ୍ରର ୨ ଜଣ ମୁଖ୍ୟ ଆଗ୍ନିକ, ୨ ଜଣ ଗାଡି ଚାଳକ ଓ ୯ ଜଣ ଆଗ୍ନିକ ଏଥିରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ବିଡିଓ, ତହସିଲଦାର ଓ ଥାନା ଅଧିକାରିଙ୍କୁ ନେଇ ଏକ କମିଟି ଗଠନ କରାଯିବା ସହ କୌଣସି ଜରୁରୀ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିଥିବା ଦମକଳ କେନ୍ଦ୍ରାଧିକାରୀ ଅଶୋକ ଶତପଥୀ କହିଛନ୍ତି।

## ତାସ ଖେଳରୁ କ୍ୟାବିନ ପୋଡ଼ି ଅଭିଯୋଗ

ବାଲିକୁଦା,୨୫।୯(ସ୍ୱ.ପ୍ର.)

ବାଲିକୁଦା ଥାନା ଅଧୀନ କାଳିଓ ପଞ୍ଚାୟତର ତଳସାହି ଗୋଡିଦା ଗ୍ରାମରେ ତାସ ଖେଳକୁ କେନ୍ଦ୍ର କରି ଏକ କ୍ୟାବିନ୍ ପୋଡି ଦିଆଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ଏକ ଚଉତରା ଉପରେ ଗତ ୮ ତାରିଖ ଦିନ କବି ସେଠୀଙ୍କ ସହ ଅନ୍ୟମାନେ ବସି ତାସ ଖେଳୁଥିଲେ। ଏହି ସମୟରେ ଶରତ ନାୟକ ପହଞ୍ଚି ଖେଳ ଦେଖିବା ସହ ଗୋଟିଏ ପକ୍ଷର ଖେଳାଳିମାନଙ୍କୁ ସମର୍ଥନ କରିଥିଲେ। ଏଥିରେ କବି ରାଗିଯାଇ ଶରତଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶରତ ଏକ ବାଡିରେ କବିଙ୍କୁ ବାଡେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଶରତ ମଧ ପାଲଟା ଅଭିଯୋଗ କରିଥିଲେ। ସରପଞ୍ଚ ଓ ମୁରବୀମାନେ ବସି ସମସ୍ୟା ସମାଧାନ କରିବାକୁ କହିଥିଲେ। କିନ୍ତୁ କବି ଧରାଛୁଆଁ ଦେଇ ନ ଥିଲେ। ୧୧ ତାରିଖରେ କବି ପୁଣି ଡାକ ଯୋଗେ ବାଲିକୁଦା ଥାନାକୁ ଏକ ଏତଲା ପଠାଇଥିଲେ। ୧୫ ତାରିଖରେ ଜାତୀୟ ଅନୁସୁଚୀତ ଜାତି କମିସନଙ୍କ ନିକଟକୁ ମଧ ଅଭିଯୋଗ ପଠାଇଥିଲେ। ଏଥିରେ ସୁଫଳ ନ ମିଳିବାରୁ ୨୨ ତାରିଖରେ ଏସପିଙ୍କୁ ଗୁହାରି କରିଥିଲେ। ୨୫ ତାରିଖ ରାତିରେ କବି ଗାଁ ଛକରେ ଏକ ଛୋଟ କ୍ୟାବିନରେ କରିଥିବା ଷ୍ଟେଶନାରୀ ଦୋକାନରେ ନିଆଁ ଲାଗିଯାଇଥିଲା। ଶରତ ଏହି ନିଆଁ ଲଗାଇଥିବା ଅଭିଯୋଗ କରି ମଙ୍ଗଳବାର କବି ଏସପିଙ୍କୁ ଫେରାଦ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଏହି ଦୋକାନ ପୋଡିଯାଇଥିଲେ ମଧ୍ୟ ସେଥିରେ ଥିବା କୌଣସି ଜିନିଷ କିଭଳି ପୋଡିଲା ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି।

## ୨ ବଖରା ପୋଡିଗଲା

ଜଗତ୍‌ସିଂହପୁର ଅଫିସ, ୨୫।୯

ସ୍ଥାନୀୟ ଦେଉଳୀଗ୍ରାମେଶ୍ୱରରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ୨ ବଖରା ପୋଡିଯାଇଛି। ଭୌତିକ କ୍ରିୟାରୁ ଏଭଳି ଘଟିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଘର ମାଲିକ ଶରତ ବାରିକ କହିଛନ୍ତି, ଘରର ଏକ କୋଣରୁ ହଠାତ୍ ନିଆଁ ଲାଗି ଯାଇଥିଲା। ତାହାକୁ ଲିଭାଇବା ପରେ ଅନ୍ୟ ଏକ କୋଣରୁ ଧୂଆଁ ଉଠିଥିବା ଦେଖାଯାଇଥିଲା। ଗତ ୨ ଦିନ ହେବ ଏହିପରି ହେଉଥିବାରୁ ପରିବାର ଲୋକେ ଭୟଭୀତ ହୋଇ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି।

## ସେସୁ ଅଧିକାରୀଙ୍କୁ ଭେଟିଲା ବିଦ୍ୟୁତ୍ ଉପଭୋକ୍ତା ସଂଘ

ରଘୁନାଥପୁର, ୨୫।୯( ଡି.ଏନ.ଏ.)

ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ସୋମବାର ରଘୁନାଥପୁର ସେସୁ କାର୍ଯ୍ୟାଳୟ ସମ୍ମୁଖରେ ରଘୁନାଥପୁର ବିଦ୍ୟୁତ୍ ମଣ୍ଡଳ ଉପଭୋକ୍ତା ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଜଗତ୍‌ସିଂହପୁର ଜିଲା ସେସୁ ଏକଜିକ୍ୟୁଟିଭ ଇଞ୍ଜିନିୟର ଜଗଦୀପ ଚନ୍ଦ୍ର ସାହୁ ମଙ୍ଗଳବାର ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ଏନ୍‌ଜେନ କାର୍ଯ୍ୟାଳୟରେ ଅପରାହ୍ନରେ ଉପଭୋକ୍ତା ସଂଘର ସଭାପତି ରଞ୍ଜନ କୁମାର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା, ଉପଦେଷ୍ଟା ଡା. ରାଜକିଶୋର ବରାଳ, ବିଚିତ୍ର ସ୍ୱାଇଁଙ୍କ ସମେତ କେତେଜଣ କର୍ମକର୍ତ୍ତାଙ୍କ ସହ ଏକଜିକ୍ୟୁଟିଭ ଇଞ୍ଜିନିୟର ସାହୁ, ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରି, ଜେଇ ଭବାନୀ ପ୍ରସାଦ ମହାନ୍ତି, ଏନ୍‌ଜେନ ଏସ୍‌ଡିଓ ସୁନୀଲ କୁମାର ସାହୁ ଓ ଜେଇ ସୀତାଂଶୁ ନନ୍ଦ ଆଲୋଚନାରେ ଉପସ୍ଥିତ ଥିଲେ। ବୈଠକରେ ବିଦ୍ୟୁତ୍ ସରବାରହରେ ସୁବ୍ୟବସ୍ଥା, ଅତ୍ୟନ୍ତ ଜରୁରୀ ସ୍ଥାନରେ ବିଦ୍ୟୁତ୍ ତାର ତଥା ଖୁଣ୍ଟର ରକ୍ଷଣାବେକ୍ଷଣ, ପ୍ରତି କ୍ୟାମ୍ପରେ ଏନ୍‌ଜେନ ପକ୍ଷରୁ ଦୁଇଜଣ କର୍ମଚାରୀଙ୍କୁ ରଖାଯିବା ଏବଂ ସର୍ବପରେ ବିଦ୍ୟୁତ୍ ସେବାକୁ ନିୟମିତ ଜାରି ରଖିବା ପାଇଁ ଅଧିକାରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଏକ ଅଭିଯୋଗ ପତ୍ର ଶକ୍ତିମନ୍ତ୍ରୀ ଓ ଶକ୍ତି ସଚିବଙ୍କୁ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷରେ ଏକ ମାସ ମଧ୍ୟରେ ବିଦ୍ୟୁତ୍ ସରବରାହରେ ସୁଧାର ନ ଆସିଲେ ବାଧ ହୋଇ ରଘୁନାଥପୁର ସେସୁ ଅଧୀନରେ ଥିବା ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ବିଲ ପୈଠରୁ ବିରତ ରହିବେ ବୋଲି ସର୍ତ୍ତ ରଖିଥିଲେ।

# ଅକାଳରେ ସ୍ୱାମୀ ଚାଲିଗଲେ, ପୁଅକୁ କର୍କଟ

ଜଗତ୍‌ସିଂହପୁର ଅଫିସ,୨୫।୯

ଆର୍ଥିକ ଅନାଟନ ସତ୍ତ୍ୱେ ମନରେ ଅନେକ ସ୍ୱପ୍ନ ଥିଲା। ଭାବିଥିଲେ ପିଲା ଦୁହିଁଙ୍କୁ ପାଠ ପଢାଇ ମଣିଷ କରିବେ। ସେମାନଙ୍କ ଖୁସି ଦେଖି ଖୁସି ମନାଇବେ। ଆଉ ବାର୍ଦ୍ଧକ୍ୟ ସମୟରେ ପିଲାଙ୍କ ଆଶ୍ରାରେ ଜୀବନ କାଟିଦେବେ। କିନ୍ତୁ ସବୁ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଅକାଳରେ ଜୀବନର ସବୁଠୁ ବଡ଼ ସମ୍ବଳ ସ୍ୱାମୀଙ୍କ ମୃତ୍ୟୁ ଘଟିଲା। ଏ ପରିସ୍ଥିତିରେ ଆଖିର ଲୁହ ଆଖିରେ ମାରି ୨ ସନ୍ତାନଙ୍କ ଭବିଷ୍ୟତ ପାଇଁ ଜିଇଁବାକୁ ଚେଷ୍ଟା କଲେ। କିନ୍ତୁ ଦଇବ ତାହା ମଧ କରାଇ ଦେଲାନି। ୧୪ ବର୍ଷ ବୟସର ଏକମାତ୍ର ପୁତ୍ର ଏବେ କର୍କଟ ରୋଗରେ ପୀଡିତ। ଚିକିତ୍ସା ପାଇଁ ଅର୍ଥ ନାହିଁ। ଏଭଳି ପରିସ୍ଥିତିରେ ବିଚରା ବିଧବା ମହିଳା ଜଣଙ୍କ ଏକ ପ୍ରକାର ସ୍ତବ୍ଧ ହୋଇଯାଇଛନ୍ତି। ଏହା ହେଉଛି ସ୍ଥାନୀୟ ଯଶୋବନ୍ତପୁରର କଲ୍ୟାଣୀ ପ୍ରଧାନ (୨୮)ଙ୍କ କଥା। ପୁଅ ଜ୍ଞାନ କର୍କଟ ରୋଗରେ ପୀଡିତ ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବା କଲ୍ୟାଣୀଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ଅନନ୍ୟୋପାୟ ହୋଇ ସେ ଭଗବାନଙ୍କୁ ହାତ ଟେକି ଦେଇଛନ୍ତି। ଜିଲା ପ୍ରଶାସନ, କୌଣସି ସଂସ୍ଥା କିମ୍ବା ସହୃଦୟ ବ୍ୟକ୍ତି ତାଙ୍କୁ ସହାୟତାର ହାତ ବଢ଼ାଇବାକୁ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

ଗୋଟିଏ ଝିଅ, ଗୋଟିଏ ପୁଅ ଓ ସ୍ୱାମୀଙ୍କୁ ନେଇ କଲ୍ୟାଣୀଙ୍କ ସଂସାର। ସ୍ୱାମୀ ମୁଲପାତି ଲାଗି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର କଷ୍ଟେମଷ୍ଟେ ଚଳି ଯାଉଥିଲା। ଏକଦା ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ନିବାସ ମୁଖ୍ୟ ଫାଟକ କାମ ହେଉଥାଏ। ଠିକାଦାର ଲୋକ ଆଣି କାମ କରୁଥିଲେ। ସେତେବେଳେ ମିସ୍ତ୍ରୀ ସହ କଲ୍ୟାଣୀଙ୍କ ସ୍ୱାମୀ ମୂଲିଆ ଭାବେ ଯୋଗ ଦେଇଥାନ୍ତି। ଦୁର୍ଭାଗ୍ୟ କାମ ଚାଲିଥିବା ବେଳେ କଲ୍ୟାଣୀଙ୍କ ସ୍ୱାମୀ ସିଡ଼ିରୁ ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ କଲ୍ୟାଣୀ ଅସହାୟ ହୋଇପଡିଥିଲେ। ଯାହାହେଉ ସେତେବେଳେ ମହାବିଦ୍ୟାଳୟ ପରିଚାଳନା କମିଟି କଲ୍ୟାଣୀଙ୍କ ଦୁଃଖ ପାଇଁ ସମବେଦନା ଜଣାଇ ମାସିକ ୨ ହଜାର ଟଙ୍କା ପାରିଶ୍ରମିକରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ନିଯୁକ୍ତି ଦେଇଥିଲା। ଏହି ଟଙ୍କାରେ କଲ୍ୟାଣୀ ପିଲା ଦୁହିଁଙ୍କୁ ସରକାରୀ ବିଦ୍ୟାଳୟରେ ପାଠ ପଢାଇବା ସହ ଜିଇଁବାକୁ ଚେଷ୍ଟା କରିଥିଲେ। ବିନା ଟ୍ୟୁଶନରେ ପିଲା ଦୁହେଁ ଭଲ ପଢୁଛନ୍ତି। ବଡ଼ଝିଅ ମାଟ୍ରିକ୍‌ରେ ୮୫%ରୁ ଅଧିକ ନମ୍ବର ରଖି ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନରେ ନାମ ଲେଖାଇଛନ୍ତି। ପୁଅଟି ମଧ ମେଧାବୀ। ୭ମ ଶ୍ରେଣୀରେ ଜାତୀୟ ଗ୍ରାମୀଣ ମେଧା ବୃତ୍ତି (ଏନ୍‌ଆର୍‌ଟିଏସ୍) ପାଇଛି। ପିଲାଦୁହିଁଙ୍କ ପାଠ ପଢା ଦେଖି କଲ୍ୟାଣୀ ସେମାନଙ୍କ ଠାରୁ ଅନେକ କିଛି ଆଶା ରଖିଛନ୍ତି। ସେମାନେ ଭଲ ଚାକିରି କରି ତାଙ୍କ ଦୁଃଖ ଦୂର କରିବେ ବୋଲି ଭାବିଛନ୍ତି । କିନ୍ତୁ ଏ ପରିସ୍ଥିତିରେ ହଠାତ୍ ପୁଅକୁ କର୍କଟ ରୋଗ ହୋଇଥିବା ଜାଣିବା ପରେ ସେ ଭାଙ୍ଗି ପଡିଛନ୍ତି। କିଛି ଦିନ ପୂର୍ବରୁ ପୁଅ ବେକ ଗଳା ପାଖରେ ଫୁଲିଥିଲା। ଭାବିଥିଲେ ଥଣ୍ଡାରୁ ଏଭଳି ହୋଇଛି। ଧାର କରି ଚିକିତ୍ସା କରିଥିଲେ। କିନ୍ତୁ ଭଲ ନ ହେବାରୁ କଟକ ବଡ଼ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତରଙ୍କଠାରୁ ଯାହା ଶୁଣିଲେ ତାହା ତାଙ୍କୁ ସ୍ତବ୍ଧ କରି ଦେଇଛି। ପୁଅକୁ ଏବେ ସେ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରିଛନ୍ତି। କିନ୍ତୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ମିଶି କିଛି ଆର୍ଥିକ ସହଯୋଗ କରିଛନ୍ତି । କିନ୍ତୁ ତାହା ଯଥେଷ୍ଟ ନୁହେଁ। ଏ ପରିସ୍ଥିତିରେ କଲ୍ୟାଣୀଙ୍କ ପାଖରେ ଭଗବାନଙ୍କୁ ଭରସା କରିବା ଛଡ଼ା ଅନ୍ୟ ବିକଳ୍ପ ନାହିଁ।



ଜ୍ଞାନ ପ୍ରଧାନ

- ଚିକିତ୍ସାରେ ଅର୍ଥ ବାଧକ
- ସହାୟତା ପାଇଁ ନିବେଦନ

## ସଂକ୍ଷେପରେ

### ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ ଯୁବକ ଗୁରୁତର

ଧର୍ମଶାଳା, ୨୫ା୯(ଡି.ଏନ୍.ଏ.) : ଧର୍ମଶାଳା ଥାନା ନେଉପୁର ନିକଟରୁ ଏକ ମାର୍କେଟ କଂପ୍ଲେକ୍ସ ନିକଟରେ ୨ ଜଣ ଯୁବକ ଦୁର୍ବୃର୍ତ୍ତଙ୍କ ଆକ୍ରମଣ ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣକରି ସେମାନଙ୍କଠାରୁ ୧୫ହଜାର ଟଙ୍କା, ବାଇକ ଓ ମୋବାଇଲ ଲୁଟିନେଇଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ସେକ ସାହିଲ ଚାନ୍ଦ ଓ ସେକ ସୋହେଲ ସୋମବାର ସନ୍ଧ୍ୟାରେ ଚଣ୍ଡିଖୋଲ ବଜାରରୁ ବାଇକ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ୪ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଟଙ୍କା ଛଡାଇବାକୁ ଉଦ୍ୟମ କରିଥିଲେ । ଏହାର ପ୍ରତିବାଦ କରିବାରୁ ସେମାନେ ଲୁହାରଡରେ ସାହିଲ ଓ ସୋହେଲଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇ ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି । ଏ ନେଇ ସାହିଲଙ୍କ ବାପା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

### କଲ ଲାକୋ ବଦରାଙ୍କ ଶହେତମ ଜୟନ୍ତୀ

ଢୁବୁରୀ,୨୫ା୯(ଡିଏନଏ):ଆଦି ସଂସ୍କୃତି ଏବଂ ବିଜ୍ଞାନ ସଂସ୍ଥାନ ମଧୁବନ କଳିଙ୍ଗନଗର ଆନୁକୂଲ୍ୟରେ ଅତ୍ ଗୁରୁ କଲ ଲାକୋ ବଦରାଙ୍କ ଶହେତମ ଜୟନ୍ତୀ ସୋମବାର ସ୍ଥାନୀୟ ବିର୍ସାମୁଣ୍ଡା ମଣ୍ଡପଠାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ବିଙ୍ଗ୍ ବିକ୍ରମ ସିଂ ବଦରା ଯୋଗଦେଇଥିବାବେଳେ ଆଦି ସଂସ୍କୃତି ଏବଂ ବିଜ୍ଞାନ ସଂସ୍ଥାନ ଝାଡଖଣ୍ଡର ଉପ ସଭାପତି ପଦନ ହେସା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସମ୍ପାଦକ ଜଗନ୍ନାଥ ହାଁସଦା ସମ୍ମାନୀତ ଅତିଥିଭବେ ଯୋଗଦେଇଥିଲେ। ଅତିଥିମାନେ ଅତ୍ ଗୁରୁଙ୍କ ଦ୍ୱାରା ଗଣନା ହୋ କ୍ୟାଲେଣ୍ଡର ଲିଟା ଗର୍ଗଗଣିଡ, ପ୍ରକୃତି ସହିତ ପର୍ବପର୍ବାଣି କିପରି ଅଙ୍ଗାଅଙ୍ଗି ଭାବେ ଜଡିତ ସେ ବିଷୟରେ ଆଲୋକପାତ କରିଥିଲେ। ଏହି କ୍ୟାଲେଣ୍ଡର ଅନୁସାରେ ପର୍ବପର୍ବାଣି ପାଳନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

■ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ନଗଡ଼ା ଗସ୍ତ

# ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ

କାଳିଆପାଣି, ୨୫ା୯(ଡି.ଏନ୍.ଏ.)


ଖାଦ୍ୟ ଆୟୋଗ ଅଧକ୍ଷଙ୍କ ସହ ଉପସ୍ଥିତ ବିଭାଗୀୟ ଅଧିକାରୀ ।

■ତୃତୀୟ ଥର ପାଇଁ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ନଗଡ଼ା ଗସ୍ତ

■ଆଧାରକାର୍ଡ ପ୍ରଦାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ନଗଡ଼ାକୁ ଆଦର୍ଶ ଗ୍ରାମରେ ପରିଣତ କରିବା ଦିଗରେ ସୋମବାର ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ରଙ୍ଗଲାଲ ଜାମୁଡା ନଗଡ଼ା ଗସ୍ତ କରି ଫେରିଛନ୍ତି। ସେ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ସହିତ ନଗଡ଼ା ଯାଇ ସ୍ଥିତି ସମୀକ୍ଷା କରିବା ସହିତ ଗୁହିଆଶାଳ ଗ୍ରାମ ଓ ତୁମୁଣୀରେ ରହୁଥିବା ଜୁଆଙ୍ଗ ଜନଜାତିଙ୍କ ଜୀବନ ଶୈଳିଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ଅଧିକାରୀ ଗୁହିଆଶାଳ ଓ ତୁମଣୀରୁ ଜୁଆଙ୍ଗମାନଙ୍କ ସ୍ଥିତି ସମୀକ୍ଷା କରି ଫେରିବା ପରେ ତଳନଗଡ଼ା ଗସ୍ତରେ ଥିବା ଖାଦ୍ୟ ଆୟୋଗଙ୍କୁ ଭେଟିଥିଲେ । ପରେ ନଗଡ଼ା ପ୍ରାଥମିକ ବିଦ୍ୟାଳୟରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଅଧକ୍ଷ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାକି ପଡ଼ିଥିବା ଜାଣି ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡିଛି। ଏହା ପୂର୍ବରୁ ଅଧକ୍ଷ ଗତ ବର୍ଷ ଦୁଇ ଥର ନଗଡ଼ା ଗସ୍ତ କରିଛନ୍ତି।

ପ୍ରଶାସନିକ ଅଧିକାରୀଙ୍କ ସହ ଖାଦ୍ୟ ଆୟୋଗ ନଗଡ଼ାରେ ପହଞ୍ଚି ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟଙ୍କୁ ଅଗମ୍ୟ ଗୁହିଆଶାଳ ଗ୍ରାମକୁ ଯାଇ ସେଠାର ପରିସ୍ଥିତ ଦେଖି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଚାର୍ଯ୍ୟ ନିଜର ସହକର୍ମୀଙ୍କ ସହ ଗୁହିଆଶାଳ ଗ୍ରାମକୁ ପାଦଚଲା ରାସ୍ତାରେ ଚାଲିଚାଲି ଯାଇ ସେଠାରେ ରହିଥିବା ଜୁଆଙ୍ଗ ଜନଜାତିଙ୍କୁ ଭେଟି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି କଳିଙ୍ଗନଗର ଏଡ଼ିଏମ୍ ସନ୍ତୋଷ କୁମାର ମିଶ୍ର ତୁମୁଣୀକୁ ଯାଇ ଜୁଆଙ୍ଗ ଜନଜାତିଙ୍କ ଜୀବନ ଶୈଳି ଅନୁଧ୍ୟାନ କରିଥିଲେ। ବିଭାଗୀୟ ଅଧିକାରୀ ଗୁହିଆଶାଳ ଓ ତୁମୁଣୀରେ ବିଭିନ୍ନ ଅବ୍ୟସ୍ଥା ଯାଞ୍ଚ କରି ଫେରିବା ପରେ ତଳନଗଡ଼ା ଗସ୍ତରେ ରହିଥିବା ଖାଦ୍ୟ ଆୟୋଗଙ୍କୁ ଭେଟିଥିଲେ । ପରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ନଗଡ଼ା ପ୍ରାଥମିକ ବିଦ୍ୟାଳୟରେ ଏକ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଅଧକ୍ଷ ଉପସ୍ଥିତ ଅଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଯଥା–ଅନ୍ତୋୖର୍ଦୟ ଯୋଜନା, ରାଶନକାର୍ଡ଼ ମାଧ୍ୟମରେ ଉପଯୁକ୍ତ ହିତାଧିକାରୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ । ସାମାଜିକ ସୁରକ୍ଷା ଆଇନ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ଚଳିତ ବର୍ଷ ୧୫ ତାରିଖ ସୁଦ୍ଧା ଏସ୍ଏଚ୍ଜି ମାଧ୍ୟମରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ, ପଞ୍ଚାୟତ ଅଧିକାରୀଙ୍କ ସହଯୋଗରେ କୃର୍ମି ଓ ଆଇରନ ବଟିକା ନିୟମିତ ଭାବେ ପ୍ରଦାନ କରିବା ଦିଗରେ ତଦାରଖ କରିବା ପାଇଁ ଜିଲା ଶିକ୍ଷାଧିକାରୀ, ସମାଜ ମଙ୍ଗଳ ଅଧିକାରୀ ଓ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମିଳିତଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଅଧକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଓ ନଗଡ଼ାବାସୀଙ୍କ ପାଇଁ ହୋଇଥିବା ଦକ୍ଷତା ବୃଦ୍ଧି ତାଲିମ ଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ବିଡ଼ିଓ ମଣିପ୍ରସାଦ ମିଶ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଅଧକ୍ଷ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ନଗଡ଼ା, ତୁମୁଣୀ ଓ ଗୁହିଆଶାଳ ଗ୍ରାମବାସୀଙ୍କୁ ଅଧିକ ସୁବିଧା ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନେବା ସହ ଆଧାରକାର୍ଡ ପ୍ରଦାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ, ଡିଡବ୍ଲ୍ୟୁଓ ଚେତନା ସେଠୀ, କଳିଙ୍ଗନଗର ଏଡ଼ିଏମ୍ ସନ୍ତୋଷ କୁମାର ମିଶ୍ର, ବିଡ଼ିଓ ମଣିପ୍ରସାଦ ମିଶ୍ର, ହର୍ଟିକଲଚର ଅଧିକାରୀ ପ୍ରଶାନ୍ତ କୁମାର ବସ୍ତିଆଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା ଯୁବକଂଗ୍ରେସ

ବାଲିଚନ୍ଦ୍ରପୁର, ୨୫ା୯(ସ୍ୱ.ପ୍ର)

କେନ୍ଦ୍ରରେ ଭାଜପା ଶାସିତ ଏନ୍‌ଡିଏ ସରକାର ସମୟରେ ରାଫେଲ ଯୁଦ୍ଧବିମାନ କିଣାରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ପ୍ରଧାନମନ୍ତ୍ରୀ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତକୁ ବିରୋଧ କରି ଯାଜପୁର ଲୋକସଭା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର କୃଷ୍ଣଦାସପୁରଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ ଯୋଗଦେଇ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ସ୍ୱୀକାର କରିଛନ୍ତି ଯେ, ମୋଦି ସରକାର ଅନିଲ ଆମ୍ବାନୀଙ୍କ କମ୍ପାନୀକୁ କାର୍ଯ୍ୟାଦେଶ ଦେବା ପାଇଁ ଚାପ ସୃଷ୍ଟି କରିଥିଲେ । ଭାରତ ସରକାରଙ୍କ ନିଜସ୍ୱ ସଂସ୍ଥା 'ହାଲ' କୁ କର୍ଯ୍ୟାଦେଶ ମିଳିଥିଲେ ଦେଶରେ ରୋଜଗାର ସୃଷ୍ଟ ହେବା ସହିତ ରାଜକୋଶ ବୃଦ୍ଧି ହୋଇପାରିଥାନ୍ତା। ତେଣୁ ମୋଦି ସରକାରଙ୍କ କମ୍ପାନୀ ଏହା ବଡ଼ଘୋଟାଲା ବୋଲି ସାମଲ କହିଥିଲେ। ଯୁବକଂଗ୍ରେସ କର୍ମୀମାନେ ଜାତୀୟ ରାଜପଥପାର୍ଶ୍ୱରେ କୃଷ୍ଣଦାସପୁର ଛକ ନିକଟରେ ଏହାର ପ୍ରତିବାଦ କରିବା ସହ ପ୍ରଧାନମନ୍ତ୍ରୀ ବାରମ୍ବାର ଦେଶବାସୀଙ୍କୁ ଦେଉଥିବା ପ୍ରତଶ୍ରୁତି, ପେଟ୍ରୋଲ ଓ ଡିଜେଲର ଅହେତୁକ ଦରବୃଦ୍ଧିର କଡା ସମାଲୋଚନା କରିବା ସହ ମୋଦି ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର କର, ରାଜେଶ ପ୍ରଧାନ, ଅମୂଲ୍ୟ ଦାସ, ଦିଲୀପ ନାୟକ, ମନୋରଞ୍ଜନ ରାଉତ,ପ୍ରହଲ୍ଲାଦ ବାରିକ, ପ୍ରେମାନନ୍ଦ ବେହେରା, ମାନସ ଦଳେଇ, ଅଶୋକ ବେହେରା, ରଞ୍ଜନ ବଳ, ଚନ୍ଦନ ଖଟୁଆ, ରାକେଶ ବାରିକଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

କଳିଙ୍ଗନଗର, ୨୫ା୯(ଡି.ଏନ୍.ଏ.)

ଯଖପୁରା ରେଲୱେ ଷ୍ଟେସନ୍ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣଙ୍କ ଯଖପୁରା ଗ୍ରାମର ରମେଶ ମହାରଣା (୨୯) । ରମେଶ କୌଣସି କାର୍ଯ୍ୟରେ ଷ୍ଟେସନକୁ ଯାଇଥିଲେ । ସେଠାରୁ ଫେରିବା ସମୟରେ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକେ ରମେଶଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଓଏମ୍‌ସିରେ ଶ୍ରମିକ ଶୋଷଣ ଶିକାର ଅଭିଯୋଗ

କାଳିଆପାଣି, ୨୫ା୯(ଡି.ଏନ୍.ଏ.)

ଯାଜପୁର ଜିଲା ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳରେ ଶ୍ରମିକ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି । ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପରିଚାଳିତ ସମସ୍ତ ୟୁନିଟିରେ ନିୟମିତ କର୍ମଚାରୀ ବ୍ୟତୀତ ବହୁ ସଂଖ୍ୟାରେ ଆଉଟସୋର୍ସିଂ କର୍ମଚାରୀ ଓ ଶ୍ରମିକ ନିୟୋଜିତ ହୋଇଛନ୍ତି । ସରକାରଙ୍କଠାରୁ ଶ୍ରମିକ ଯୋଗାଣନିମନ୍ତେ ପଞ୍ଜୀକରଣ ପ୍ରାପ୍ତ ହୋଇ ସାଇ ସିକ୍ୟୁରିଟି ସଂସ୍ଥା ପକ୍ଷରୁ ଖଣି ନିଗମ ପରିଚାଳିତ ବିଭିନ୍ନ ଖଣିରେ ଶ୍ରମିକ ଯୋଗାଣ କରାଯାଉଛି । ହେଲେ ସଂସ୍ଥା ଖଣି ନିଗମରେ ନିୟୋଜିତ ଶ୍ରମିକଙ୍କ ୪ ମାସର ଦରମା ପ୍ରଦାନ କରୁ ନ ଥିବା ଜଣାପଡିଛି। ଶ୍ରମିକମାନେ ମଜୁରି ଠିକାଦାରଙ୍କୁ ମାଗିବାରୁ ଠିକାଦାର ଧମକଚମକ ଦେଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଗତ ଜୁନ୍‌ରେ ଓଡ଼ିଶା ଖଣି ନିଗମ ୟୁନିଟରେ ଶ୍ରମିକ ଯୋଗାଣ ନିମନ୍ତେ ସାଇ ସିକ୍ୟୁରିଟି ସଂସ୍ଥା କାର୍ଯ୍ୟାଦେଶ ପାଇଥିଲା। ସଂସ୍ଥା ପକ୍ଷରୁ ନିଗମ ୟୁନିଟରେ ୨ ଶହରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି କରାଯାଇଛି। ସଂସ୍ଥା ପକ୍ଷରୁ କୌଣସି ଅଧିକାରୀ ଖଣି ଅଞ୍ଚଳକୁ ଆସୁ ନ ଥିବା ଶ୍ରମିକମାନେ କହିଛନ୍ତି। କାର୍ଯ୍ୟ ବୁଝାବୁଝି ପାଇଁ ନାମକୁ ମାତ୍ରଜଣେ ସୁପରଭାଇଜର ରହିଥିବାବେଳେ ଶ୍ରମିକଙ୍କ ଦରମା ପ୍ରଦାନରେ ଦିନ ଗଡାଯାଉଥିବା କେତେକ ଶ୍ରମିକ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି । ଏ ନେଇ ଖଣି ପରିଚାଳକ ଅବନୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ କୌଣସି ଉତ୍ତର ଦେଇ ନ ଥିଲେ ।

# ମଦ ଜବତ, ୱାର୍ଡ ସଭ୍ୟ ଗିରଫ

ବାଲିଚନ୍ଦ୍ରପୁର, ୨୫ା୯(ସ୍ୱ.ପ୍ର)

ବାଲିଚନ୍ଦ୍ରପୁର ପୋଲିସ ବେଆଇନ ମଦବିକ୍ରି ଅଭିଯୋଗରେ ମଙ୍ଗଳବାର ଚାରିନଙ୍ଗଳ ପଞ୍ଚାୟତର ଏକ ନମ୍ବର ୱାର୍ଡସଭ୍ୟ ସହଦେବ ରାଉତ ଓରଫ ଟିମାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସହଦେବ ଏକ ସାଇକେଲରେ ଚୋରା ମଦ ନେଇ ଗ୍ରାମକୁ ଯାଉଥିବାବେଳେ ପୋଲିସ ଚାରିନଙ୍ଗଳ ଘାଟକୂଳ ନିକଟରେ ତାଙ୍କୁ ଗିରଫ କରିବା ସହ ୩୦ ବୋତଲ ମଦ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ସହଦେବଙ୍କୁ କୋର୍ଟ ଚାଲାଣ କରିଛି।

# ଧର୍ମଶାଳା ବିଜେଡିର ଛାତ୍ର ସମାବେଶ

ଧର୍ମଶାଳା/ଚଢେଇଧରା, ୨୫ା୯(ଡି.ଏନ୍.ଏ.)



ଛାତ୍ର ସମାବେଶରେ ଉପସ୍ଥିତ ଅତିଥିମାନେ ।

ଧର୍ମଶାଳା ନିର୍ବାଚନମଣ୍ଡଳୀ ୧୨ନମ୍ବର ଜୋନ୍ ଗଡ଼ମଧୁପୁର ଇନ୍ଦ୍ରପଡିଆଠାରେ ଏକ ବିଶାଳ ଛାତ୍ର ସମାବେଶ ମଙ୍ଗଳବାର ରାଜ୍ୟ ବିଜେଡି ଛାତ୍ର ସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଯାଜପୁର ଏମ୍‌ପି ରୀତା ତରାଇ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଆକାଶ ଦାସନାୟକ, ଜିଲାପରିଷଦ ଅଧକ୍ଷ ନରେଶ ମହାନ୍ତି, ଅମରେଶ ପତ୍ରୀ,ପ୍ରଭାତ ବଳବନ୍ତରାୟ, ଶ୍ରୀମୟୀ ମିଶ୍ର, ହରିଶଙ୍କର ରାଉତ, ବିଶ୍ୱ ପ୍ରତାପ, ସ୍ନେହାଶିଷ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ପରେ ଆଲୋକପାତ କରିବା ସହ କେନ୍ଦ୍ର ସରକାରଙ୍କ ନୀତି ଉପରେ କଟୁ ସମାଲୋଚନା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ୧୩ନଂ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ମମତା ଦଣ୍ଡପାଟ, ପ୍ରଣତୀ ଲେଙ୍କା, ସୁରେକ୍ଷା ନାୟକ, ମଧୁପୁରଗଡ ସରପଞ୍ଚ ଝୁମୁରୀ ନାୟକ, ରାମଚନ୍ଦ୍ର ରାଉତ, ବିକାଶ ଦାସ, ଦିଲୀପ ବଳ, ଜୟନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅମିୟ ପରିଡା ଧନ୍ୟବାଦ ଦେଇଥିଲେ ।

# ଭାଗବତ ଜନ୍ମ ଉତ୍ସବ ପାଳିତ

ଧର୍ମଶାଳା, ୨୫ା୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ଶୈଳବିହାରସ୍ଥିତ ଭାଗବତ ଟୁଙ୍ଗୀ ଓ ଗଣେଶ ମଣ୍ଡପ ପରିସରରେ ଭାଗବତ ଜନ୍ମ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବ୍ରଜ କିଶୋର ଦାଶଙ୍କ ପୌରୋହିତ୍ୟରେ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା, ସମ୍ମାନିତ ଅତିଥିଭାବେ ଉପେନ୍ଦ୍ର ସାରଦା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ସାହୁ, ବୁଦ୍ଧିଜୀବୀ ଫୋରମ୍ ସଭାପତି ସୁନାକର ସାହୁ, ସାହିତ୍ୟିକ ବ୍ରଜବନ୍ଧୁ ଶତପଥୀ ଯୋଗଦେଇଥିଲେ। ଭାଗବତ ପଠନରେ ଗାୟକ, ଶ୍ରୋତା, ବାଖ୍ୟାକାର, ଟିକାକାର ଓ ପ୍ରଶ୍ନକର୍ତ୍ତା ସମସ୍ତେ ମୋକ୍ଷ ଲାଭ କରନ୍ତି ଓ ପରମାତ୍ମାଙ୍କ ସାନିଧ ଲାଭ କରନ୍ତି ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ।

# ଅନ୍‌ଲାଇନ୍‌ରେ ବାରୋର କାଇଁଚ ହସ୍ତଶିଳ୍ପ

କେନ୍ଦ୍ରାପଡ଼ା ଅଫିସ, ୨୫ା୯

■ଆମାଜନ୍, ଫ୍ଲିପ୍‌କାର୍ଟ ଶପିଂ ସାଇଟ୍‌ରେ ଉପଲବ୍ଧ

■ଦେଶ, ବିଦେଶରେ ଆଦର ବଢୁଛି

କେନ୍ଦ୍ରାପଡ଼ା ଜିଲାର ଧାନ କ୍ଷେତରେ ଅଯତ୍ନ ଭାବେ ବଢୁଥିବା କାଇଁଚ ଏବେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ପହଞ୍ଚୁଛି। କେନ୍ଦ୍ରାପଡ଼ା ବ୍ଲକ ବାରୋ ଗ୍ରାମର ଶ୍ରୀବଳଦେବଜୀଉ ସିଦ୍ଧ ମହାପୁରୁଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ତିଆରି କାଇଁଛ ହସ୍ତଶିଳ୍ପ ଏବେ ଆମାଜନ ଓ ଫ୍ଲିପ୍‌କାର୍ଟ ସପିଂ ସାଇଟ୍‌ରେ ଉପଲବ୍ଧ ହେଉଛି। ଦେଶ ବିଦେଶରେ ଏହାର ଆଦର ବି ବଢୁଛି। ଭଳି କି ଭଳି କାଇଁଚ ହସ୍ତକଳା ସାଧାରଣରେ ଆଦର ବଢ଼ିବା ସହିତ ୩୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସ୍ୱାବଲମ୍ବୀ କରି ଅର୍ଥ ରୋଜଗାରର ବାଟ ଦେଖାଇଛି।

ଏ ସମ୍ପର୍କରେ ବାରୋ ପଞ୍ଚାୟତ ଜଜାଙ୍ଗ ଗ୍ରାମର ଭଗବତୀ ତ୍ରିପାଠୀ କୁହନ୍ତି, ବର୍ଷାଜଳ ଜମି ରହୁଥିବା ସ୍ଥାନରେ କାଇଁଛ ଗଛ ଉଠିଥାଏ। ସାଧାରଣତଃ ଏହା ବିଲ ଓ ମୁଣ୍ଡିଆରେ ଦେଖାଯାଏ। କେନ୍ଦ୍ରାପଡ଼ା ବ୍ଲକର ଜଜାଙ୍ଗ, କପାଳେଶ୍ୱର, ବାରୋ, ସମଲପୁର, ପୋଇପାଟ, ତରାଣ୍ଡୋ, ତ୍ରିଲୋଚନପୁର, କୋରୋ, ଶ୍ୟାମସୁନ୍ଦରପୁର, ଗୋପ, ଅଳାବାଙ୍କ, ପଳସିଂହା, ମରଡ଼ପୁର ଆଦି ଗ୍ରାମ ନିକଟରେ ପ୍ରଚୁର ମାତ୍ରାରେ ଏହା ମିଳିଥାଏ। ସେହିପରି ଡେରାବିଶ ବ୍ଲକର ଛତା, ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ମାର୍ଶାଘାଇ ବ୍ଲକ ତୁଳସୀପୁର, ଭିରଙ୍ଗ, ପଳାଶପୁର, ଛଘରିଆ, ଅଙ୍ଗୁଳାଇ, ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର, ଓଉପଦା, ଓସମରା, ଡାମରପୁର ଆଦି ଅଞ୍ଚଳ କାଇଁଛର ଗନ୍ତାଘର ବୋଲି କୁହାଯାଏ। ବର୍ଷାଦିନେ ଏହା ୫ରୁ ୬ ଫୁଟ ପର୍ଯ୍ୟନ୍ତ ବଢ଼ିଥାଏ। ଏହାକୁ ଖରାରେ ଶୁଖାଇ ଦେଲେ ସୁନେଲି ରଙ୍ଗ ହୋଇଯାଏ। ପରେ ଆବଶ୍ୟକ ଅନୁଯାୟୀ କାଇଁଛ ଡାଙ୍ଗକୁ ବିଭିନ୍ନ ରଙ୍ଗ କରାଯାଏ। ଏହି କର୍ମରେ ନିପୁଣା ମନୋରମା ତ୍ରିପାଠୀ, ହେମଲତା ତ୍ରିପାଠୀ କହିଛନ୍ତି, ଏଥିରେ ରଙ୍ଗବେରଙ୍ଗର ଟୋପି ସହିତ ବାସ୍କେଟ, ହାତପଙ୍ଖା, ଖେଳଣା, ପେଡ଼ି, ଫୁଲଦାନୀ ଆଦି ତିଆରି କରାଯାଏ। ଏଥିସହିତ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ଆଳଙ୍କାରିକ ଉପକରଣର ଚାହିଦା ଅଛି। ସେହିପରି ପିଲାଙ୍କ କାନରେ କାନଫୁଲ, ବେକରେ କାଇଁଛର ମାଳ ପିନ୍ଧିବା ଏକ ଫେସନ ହୋଇଯାଇଛି। ବଟୁଆ, ହ୍ୟାଣ୍ଡବ୍ୟାଗ, ଚାବି ରିଂ, ମୋବାଇଲ ଷ୍ଟାଣ୍ଡ, ପେନ ଷ୍ଟାଣ୍ଡ ଆଦି କାଇଁଚ କଳା ସାମଗ୍ରୀ କମ୍ ଦରରେ ଅଧିକ ଆକର୍ଷଣୀୟ ଯୋଗୁ ଲୋକଙ୍କ ଆଦର ପାଲଟିଛି ବୋଲି ଜାନକୀ ପଣ୍ଡା ଓ ହେମଲତା ପରିଡ଼ା, ପ୍ରମିଳା ପରିଡ଼ା କହିଛନ୍ତି। ସହରରେ ଏହାର ଚାହିଦା ଅଧିକ ହେଉଥିବା ଦେଖି ଆମାଜନ ଓ ଫ୍ଲିପକାର୍ଟରେ କାଇଁଚ ତିଆରି ସାମଗ୍ରୀ ବିକ୍ରି କରିବା କଥା ଭାବିଥିବା ସେମାନେ ପ୍ରକାଶ କରିଛନ୍ତି। ରଶ୍ମିତା ବେହେରା କୁହନ୍ତି, ୨୦୦୬ରୁ ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ମହିଳାମାନେ ଏହି କଳାକୁ ଆଗକୁ ବଢ଼ାଇ ଆଣିଛନ୍ତି। ଏଥିପାଇଁ କିଛି ମହିଳା ଜିଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ତାଲିମ ନେଇଛନ୍ତି। ଏ ସମ୍ବନ୍ଧରେ ଜିଲା ଶିଳ୍ପକେନ୍ଦ୍ର ଅଧିକାରୀ ସନ୍ତୋଷ ମିଶ୍ର କହିଛନ୍ତି ଯେ, ଜିଲାର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ୨୨୪ ମହିଳା କାଇଁଛ କଳାର ଦକ୍ଷତା ବୃଦ୍ଧି ପାଇଁ ତାଲିମ ନେଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ବାରୋ ପଞ୍ଚାୟତ ତରାଣ୍ଡୋଠାରେ ଏକ ତାଲିମ କେନ୍ଦ୍ର ୨୦୦୨ରୁ ପ୍ରତିଷ୍ଠା କରାଯାଇଛି। ଏଥିସହ ବିଭିନ୍ନ ସମୟରେ ୨୧୭ଜଣ ମହିଳା ତାଲିମ ଗ୍ରହଣ କରିଛନ୍ତି। ତେବେ ବାରୋ ଓ ଜଜାଙ୍ଗ ଅଞ୍ଚଳରେ ଏହି କଳା କୁଟୀର ଶିଳ୍ପ ପାଲଟିଛି। ଏ ନେଇ କେତେକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ଥାନୀୟ ବ୍ୟାଙ୍କ ସହିତ ଅନୁବନ୍ଧିତ କରି ଋଣ ଯୋଗାଇ ଦିଆଯାଇଛି। ଜିଲାର ୪୬୮ ପରିବାର ଏହି ହସ୍ତଶିଳ୍ପ ପାଇଁ ସ୍ୱାବଲମ୍ବୀ ହୋଇଥିବା ସେ ପ୍ରକାଶ କରିଛନ୍ତି।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**URGENT REQUIRED**
A renowned financial institution required Experience & Fresher Collection Executives in BHUBANESWAR, CUTTACK & PURI. Any interested candidate can call
M-8249100064 Or Email- manasnayak06@gmail.com

Wanted following Staffs for our office around Cuttack.
- ACCOUNTANT
- SUPERVISORS
- CAR DRIVERS

Only Male: CONTACT:
9437496020
7381075901

**APPOINTMENT**
VIGEN INDIA Requied Smart Boys and Girls Candidates for Office Job. **Age:** 18 to 28. **Edu:** 10th to Graduate.
➢ For Lewis Road Candidates: 8249082502
➢ For Sastri Nagar Candidates: 9348916882
Fully Office Job. Fix Salary + Incentives. Contact within 4 days.

**DRIVER REQUIRED**
Requires Driver for Private Business House for 407 & 709 goods carrying vehicle at Bhubaneswar.
Contact:
9437022584, 9437460875

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**WALKING INTERVIEW**
- BANKING
- BACK OFFICE
- HR/ADMIN
- SALES / MARKETING

Qual.: 10, +2, Graduation, MBA
Male / Female
8480280229, 9583279596

**SMD TECHNOLOGIES**
(NSDC Partner)
invites job application from Graduates for teaching up to Class VIII/X in Kakatpur, Bhubaneswar and Project Coordinator.
Send Resume to:
hr@smdtech.co.in /
Ph: (033) 2590- 7788

A diversified group having interest in mining, logistics requires:
**SENIOR SAFETY OFFICER**
Location : Kalinga Nagar, Orissa
Candidates should have Diploma in Industrial Safety from a recognized institution and at least 8 – 10 years experience in a reputed organization, knowledge of Oriya essential.
Apply : hrkol@ircl.in

**୪୫ ଜଣ କର୍ମଚାରୀ ଆବଶ୍ୟକ**
(FOR A BOOK SALES COMPANY)
ବିନା ଖର୍ଚ୍ଚରେ ରହିବା ସୁବିଧା ସହିତ ମାସିକ ରୋଜଗାର Rs.8000/- ରୁ Rs.17000/- & more. Qualification - 10th ରୁ Graduation ଏବଂ ବୟସ (18-30) ବର୍ଷ ହୋଇଥିବା ଆବଶ୍ୟକ । ନିଜର Bio-Data ଏବଂ Aadhar Card ସହିତ ଆସନ୍ତା ୪ ଦିନ ମଧ୍ୟରେ ସାକ୍ଷାତ କରନ୍ତୁ ।
OFFICE ADDRESS : MICRO EXPANSION
N/6-315, Jaydev Vihar, Bhubaneswar.
Ph : 9238100178

**URGENTLY REQUIRED**
FIELD INVESTIGATION EXECUTIVES for all Odisha location & BACK OFFICE EXECUTIVES having Computer Knowledge for BBSR Office.
Add: Flat No. 307, Nirmala Plaza, Forest Park, BBSR-9.
CONTACT MOB: 7504008200
Send Resume to above address & email
dillipkumar00@gmail.com

**ଆବଶ୍ୟକ**
ଲୋଡର୍ - ଅନ୍‌ଲୋଡର୍
ଡେଲିଭରୀ ବଏଜ୍ ଏକ୍ସି.
ବାଇକ୍/ଡିଏଲ୍/ସ୍ମାର୍ଟ ଫୋନ୍ ଥିବା ଜରୁରୀ, ପାରିତୋଷିକ + ପିଏଫ୍ + ଇଏସ୍‌ଆଇସି + ପେଟ୍ରୋଲ ସୁବିଧା
ଆଗ୍ରହୀ ବ୍ୟକ୍ତିମାନେ ଯୋଗାଯୋଗ କରନ୍ତୁ:
8109036707, 89820 66707

**AREA MANAGER**
**LAVITA WARE PVT. LTD.** a leading sanitary & Bath fittings company urgently required a Area Manager for Odisha. Candidates having a experience of 2-3 yrs in channel & corporate sales through Dealer & Distributor.
Salary Negotiable with TA/DA
Contact: 9861033823, 9937144418

**URGENT REQUIREMENT**
**NIGAM SERVICES**
Official Job:
- BACK OFFICE EXECUTIVE
- FRONT OFFICE EXECUTIVE
- ACCOUNTANT
- DATA ENTRY OPERATOR

Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍,
ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

See Career Appointment on every Wednesday & Saturday

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ । ଯୋଗ୍ୟତା: 10th/ above.
Monthly Income upto Rs.25000/-.
Part Time / Full Time
Contact: 9938676412

**WANTED**
Candidates with 55% of marks at PG Level may attend the Walk-in-Interview for the Post of **LECT. IN ZOOLOGY** (against leave vacancy) at the College at 11.00 A.M. on Dt.29.09.2018.
Principal I/C/Secy.
Balanga College, Balanga, Puri
Mob.: 9776428131

**URGENT REQUIREMENT**
**NIGAM SERVICES**
- HOUSE MAID
- PEON
- DRIVER
- SECURITY GUARD
- SECURITY SUPERVISOR

Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**URGENTLY REQUIRED**
For Ladies Garment Showroom
1. SALESMAN / SALES GIRL
2. PEON

RIAZ Collections, Shop No.-5, Plot No.-616/4449, Shree Vihar, Patia, Bhubaneswar
Ph.- 9853715701, 9116923462

**URGENT REQUIREMENT**
**NIGAM SERVICES**
- CUSTOMER HANDLING EXECUTIVE
- SALES EXECUTIVE
- CUSTOMER CARE OFFICER
- HOME DELIVERY (BOY & GIRL)

Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**CANDIDATES REQUIRED FOR TRUST**
ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ।
POST: • DIST HEAD (15), • AREA MANAGER (10)
• MARKETING EXECUTIVE (30) • PEON (1)
• TELECALLER-Female (2)
• DESIGNER (1) Must have knowledge of Photoshop & CorelDRAW
SALARY: 5000/- to 25,000/-
Interested Candidates may walk in Interview within 7 days from the date of publication. TIME: 10.30 A.M. to 5 P.M.
Office Address: SAHAYAKA, Plot No: 246, Kharvel Nagar, Unit-3, BBSR,
Ph: 9437820775, 9078206566

**ସ୍ଥାୟୀ ନିଯୁକ୍ତି**
ଭାରତ ସରକାରଙ୍କ NSDL ର PAN, TAN, GST, NPS ଓ Micro Credit କାର୍ଯ୍ୟ ନିମନ୍ତେ
ନିମ୍ନ ପଦବୀ ପାଇଁ ବ୍ଲକସ୍ତରୀୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| | Post | Qualification | Salary |
|---|---|---|---|
| (1) | JUNIOR B.C | 10th Pass | 7300/- |
| (2) | INSPECTOR CUM A.O. | +2 or Above | 11000/- |

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ସେମାନଙ୍କର Biodata ସହ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ
ADDRESS-1: Plot No: 355, Sishupalgarh, BBSR, Ph. No: 9776934602
ADDRESS-2: Forest Colony, Gandhinagar, Koraput, Ph. No: 9438767252, 8637288711

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଟେଲିକମ୍ୟୁନିକେଶନ କ୍ଷେତ୍ରରେ ଫରେନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ(ଏଫ୍‌ଡିଆଇ) ପରିମାଣ ୪ ବର୍ଷ ମଧ୍ୟରେ ୬ ଗୁଣା ବୃଦ୍ଧି ପାଇଛି।
**– ମନୋଜ ସିହ୍ନା, ଟେଲିକମ ମନ୍ତ୍ରୀ**



ଗ୍ରାମପଞ୍ଚାୟତ ସ୍ତରରେ ୱାଇ-ଫାଇ ସୁବିଧା ପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ।
**– ଅରୁଣା ସୁନ୍ଦରରାଜନ, ଟେଲିକମ୍ ସଚିବ**

## ସଂକ୍ଷେପରେ

### ସରକାରୀ କମ୍ପାନୀ ହେବ ଜିଏସ୍‌ଟିଏନ୍

#### ନିଷ୍ପତ୍ତି ଆଜି

**ନୂଆଦିଲ୍ଲୀ, ୨୫-୯(ପି.ଟି.):** ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ର ଆଇଟି ବ୍ୟାକ୍‌ବୋନ୍ କୁହାଯାଉଥିବା ସଂସ୍ଥା ଜିଏସ୍‌ଟି ନେଟ୍‌ୱର୍କ ସରକାରୀ କମ୍ପାନୀରେ ପରିଣତ ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ଆଲୋଚନା ହେବ। କେନ୍ଦ୍ର ସରକାରଙ୍କର ୫୦% ଏବଂ ସମସ୍ତ ରାଜ୍ୟ ସରକାରଙ୍କର ମିଳିତ ଭାବେ ୫୦% ଅଂଶ ରହିବ। ଆସନ୍ତା କାଲିର ବୈଠକ ସମ୍ପର୍କରେ ସୂଚନା ରଖିଥିବା ଜଣେ ବରିଷ୍ଠ ଅଧିକାରୀ ଏହା କହିଛନ୍ତି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏଥିରେ ମୋଟ ୪୯% ଅଂଶ ରହିଛି। ବାକି ୫୧% ଅଂଶ ଏଚ୍‌ଡିଏଫ୍‌ସି ଲିମିଟେଡ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, ଆଇସିଆଇସିଆଇ ବ୍ୟାଙ୍କ, ଏନ୍‌ଏସ୍‌ଇ ଷ୍ଟ୍ରାଟେଜିକ୍ ଇନ୍‌ଭେଷ୍ଟମେଣ୍ଟ୍ ଏବଂ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ଭଳି ୫ଟି ଅଣସରକାରୀ ଆର୍ଥିକ ପ୍ରତିଷ୍ଠାନ ଅଧୀନରେ ଅଛି।

### ଦୈନିକ ୩୦୦ କୋଟି ଆୟ କରୁଛନ୍ତି ମୁକେଶ ଅମ୍ବାନୀ

**ନୂଆଦିଲ୍ଲୀ, ୨୫-୯:** ଦେଶର ସବୁଠାରୁ ଧନୀ ବ୍ୟକ୍ତି କୁହାଯାଉଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମାଲିକ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ଆଜକୁ ବର୍ଷେ ହେଲା ଦୈନିକ ୩୦୦ କୋଟି ଟଙ୍କା ବଢ଼ିଚାଲିଛି। ବାର୍କଲେଜ ହୁରୁନ ଇଣ୍ଡିଆ ଧନୀ ତାଲିକା ୨୦୧୮ରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି। ୩,୭୧,୦୦୦ କୋଟି ଟଙ୍କାର ସମ୍ପତ୍ତି ସହ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ଅମ୍ବାନୀ କ୍ରମାଗତ ୭ମ ବର୍ଷ ପାଇଁ ଶୀର୍ଷ ସ୍ଥାନରେ ବଜାୟ ରହିଛନ୍ତି। ଏସ୍‌ପି ହିନ୍ଦୁଜା ଓ ତାଙ୍କ ପରିବାର(୧,୫୯,୦୦୦ କୋଟି ଟଙ୍କା), ଏଲ୍.ଏନ୍.ମିତ୍ତଲ ଏବଂ ପରିବାର(୧,୧୪,୦୦୦ କୋଟି ଟଙ୍କା) ଏବଂ ଅଜିମ ପ୍ରେମଜୀ(୯୬,୧୦୦କୋଟି ଟଙ୍କା) ଙ୍କ ମୋଟ୍ ସମ୍ପତ୍ତି ଠାରୁ ଅଧିକ। ୧ ହଜାର କୋଟି ଟଙ୍କା ଅଥବା ତଦୂର୍ଦ୍ଧ୍ୱ ସମ୍ପତ୍ତି ଥିବା ବ୍ୟକ୍ତିମାନଙ୍କୁ ନେଇ ବାର୍କଲେଜ ହୁରୁନ ଇଣ୍ଡିଆ ଧନୀ ତାଲିକା ପ୍ରସ୍ତୁତ କରାଯାଇଛି। ୨୦୧୭ରେ ଏହି ତାଲିକାରେ ୬୧୭ ଜଣ ଥିବା ବେଳେ ଚଳିତବର୍ଷ ଏହା ୮୩୧ରେ ପହଞ୍ଚିଛି। ସନ୍ ଫାର୍ମା ମାଲିକ ଦିଲୀପ ସାଂଘଭି ଏହି ତାଲିକାରେ ୫ମ ଧନୀ ଭାବେ ସ୍ଥାନ ପାଇଛନ୍ତି।

## ମୁଣ୍ଡବ୍ୟଥା ହୋଇପାରେ ୯୧ ହଜାର କୋଟିର ଋଣବୋଝ

# ଋଣ ଭାରରେ ଆଇଏଲ୍ ଆଣ୍ଡ ଏଫ୍‌ଏସ୍

**ନୂଆଦିଲ୍ଲୀ, ୨୫-୯**

- ଏକଦା ଋଣ ଦେଉଥିବା ଆଇଏଲ୍ ଆଣ୍ଡ ଏଫଏସ୍ ଏବେ ଋଣୀ
- ଉଦ୍ଧାର ପାଇଁ ଆଗେଇ ଆସିଲା ଏଲ୍‌ଆଇସି
- ଏନ୍‌ଏଚ୍‌ଏଆଇର ୭୦୦କୋଟି ସହାୟତା



ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଋଣ ପ୍ରଦାନକାରୀ ଅଗ୍ରଣୀ କମ୍ପାନୀ ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ (ଆଇଏଲ୍ ଆଣ୍ଡ ଏଫ୍‌ଏସ୍) ଗ୍ରୁପ୍ ଏବେ ନିଜେ ୯୧ହଜାର କୋଟି ଟଙ୍କାର ଋଣଗ୍ରସ୍ତ ହୋଇଛି। ଅର୍ଥ ସଙ୍କଟ କାରଣରୁ ଏହା ଏବେ ଋଣ ଫେରାଇପାରୁନି। କମ୍ପାନୀ ଏବେ ଅର୍ଥନୀତି ପାଇଁ ମୁଣ୍ଡବିନ୍ଧାର କାରଣ ହେଲାଣି। କାରଣ ଏହା ଯୋଗୁ ଅନ୍ୟ କମ୍ପାନୀମାନେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିରେ ନିବେଶ କରିଥିବା ଏଲ୍‌ଆଇସି, ଏସ୍‌ବିଆଇ ସମେତ ଅନ୍ୟମାନଙ୍କ ନିବେଶ ଏବେ ବୁଡ଼ିଯିବାକୁ ବସିଛି। କେବଳ ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ଉପରେ ୩୫ ହଜାର କୋଟି ଏବଂ ଏହାର ସହାୟକ କମ୍ପାନୀ ଆଇଏଲ ଆଣ୍ଡ ଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍ ଉପରେ ୧୭ହଜାର କୋଟି ଟଙ୍କାର ଋଣ ବୋଝ ରହିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଏହାକୁ ୫୨ହଜାର କୋଟି ଟଙ୍କା ଋଣ ଦେଇଛନ୍ତି। ସୋମବାର ତୃତୀୟ ଥର ପାଇଁ କମ୍ପାନୀ ସୁଧ ପ୍ରଦାନ କରିବାରେ ବିଫଳ ହୋଇଛି।

ଚଳିତ ମାସ ଆରମ୍ଭରେ ଏହା ସ୍ମଲ୍ ଇଣ୍ଡଷ୍ଟ୍ରିଜ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିଡ୍‌ବି)କୁ ୧୦୦୦କୋଟି ଟଙ୍କାର ସ୍ୱଳ୍ପ ମିଆଦି ଋଣ ଫେରାଇ ପାରି ନ ଥିଲା। ସେହିପରି ଏହାର ଆର୍ଥିକ ସେବା ଯୋଗାଣକାରୀ କମ୍ପାନୀ ୫୦୦ କୋଟି ଟଙ୍କା ଫେରାଇବାରେ ଅସମର୍ଥ ହୋଇଛି। ଇତିମଧ୍ୟରେ କମ୍ପାନୀ ୪୯୦ କୋଟି ଟଙ୍କା ଫେରାଇ ନ ଥିବାବେଳେ ଅକ୍ଟୋବର ସୁଦ୍ଧା ସୁଧ ବାବଦରେ ଆହୁରି ୨୨୦ କୋଟି ଟଙ୍କା ଦେବ। ପରିସ୍ଥିତି ଏପରି ଯେ, କମ୍ପାନୀଙ୍କୁ ଋଣ ଓ ସୁଧ ବାବଦରେ ଆସନ୍ତା ୬ ମାସ ମଧ୍ୟରେ ୩୬୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି। କଟା ଘା'ରେ ଚୂନ ଦେବା ଭଳି ସିଡ୍‌ବି ଦେଇ ଥିବା ଋଣ ଅର୍ଥ ଫେରିପାଇବା ଲାଗି ଇତିମଧ୍ୟରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ସବୁଠୁ ବଡ଼ ଚିନ୍ତା ଏହି ଯେ, କମ୍ପାନୀ ଋଣ କରିଥିବା ମୋଟ୍ ଅର୍ଥର ୬୦ ପ୍ରତିଶତ ନନ୍ କନଭର୍ଟିବୁଲ୍ ଡିବେଞ୍ଚର ରହିଛି, ଯାହାକୁ ବଦଳାଯାଇପାରିବ ନାହିଁ। ଏଥିପାଇଁ କୌଣସି ସମ୍ପତ୍ତିକୁ ବନ୍ଧକ ରଖାଯାଇନି। ତେଣୁ ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ସମସ୍ତଙ୍କୁ ଠକିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି କମ୍ପାନୀର ଅଧିକାଂଶ ଡିବେଞ୍ଚରକୁ ବୀମା କମ୍ପାନୀ, ପେନସନ ଫଣ୍ଡ୍ ଏବଂ ପ୍ରୋଭିଡେଣ୍ଟ ଫଣ୍ଡ କିଣିଛନ୍ତି। ଏଠାରେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ଯେ, ବୀମା କମ୍ପାନୀ, ପେନସନ ଓ ପ୍ରୋଭିଡେଣ୍ଟ ଫଣ୍ଡରେ ସାଧାରଣ ଲୋକଙ୍କ ନିବେଶ ରହିଛି। ଏକ ଆକଳନରୁ ଜଣାପଡିଛି ଯେ, ଚଳିତ ବର୍ଷ ମେ' ୩୦ ସୁଦ୍ଧା ଜିଆଇସି, ପୋଷ୍ଟାଲ ଲାଇଫ୍ ଇନସ୍ୟୁରାନ୍ସ ଫଣ୍ଡ, ଏନ୍‌ପିଏସ୍, ସିବିଟି ଇପିଏଫ୍, ଏଲ୍‌ଆଇସି, ଏସ୍‌ବିଆଇ ଏମ୍ପ୍ଲୟିଜ ପେନସନ ଫଣ୍ଡ, ଦି ଏସବିଆଇ ଏମ୍ପ୍ଲୟିଜ ପ୍ରୋଭିଡେଣ୍ଟ ଫଣ୍ଡ, ରୁରାଲ୍ ପୋଷ୍ଟାଲ ଲାଇଫ, ଇନସ୍ୟୁରାନ୍ସ ଫଣ୍ଡ, ଇଣ୍ଡିଆ ଲଙ୍ଗ୍ ଟର୍ମ ଡେବ୍ଟ ଫଣ୍ଡ ମିଶି ପ୍ରାୟ ୪୬୩୦ କୋଟି ଟଙ୍କାର ନିବେଶ କରିଛନ୍ତି। ଆଇଏଲ୍ ଆଣ୍ଡ ଏଫଏସ୍ ନେଇଥିବା ଋଣ ଫେରାଇ ନ ପାରିଲେ ମଧ୍ୟବିତ୍ତଙ୍କ ଅର୍ଥ ନିଶ୍ଚିତ ବୁଡ଼ିଯିବ।

ଅନ୍ୟପକ୍ଷରେ ଜୀବନ ବୀମା କ୍ଷେତ୍ରରେ ଦେଶର ସର୍ବବୃହତ କମ୍ପାନୀ ଏଲ୍‌ଆଇସି କମ୍ପାନୀକୁ ସହାୟତା କରିବାକୁ ଆଗେଇ ଆସିଛି। ଏହାକୁ ବୁଡ଼ିବାକୁ ଦିଆଯିବନି ବୋଲି ଅଧ୍ୟକ୍ଷ ଭି.କେ ଶର୍ମା କହିଛନ୍ତି। କମ୍ପାନୀକୁ ସବୁପ୍ରକାର ସହାୟତା ଦେବା ନେଇ ସମସ୍ତ ପ୍ରକାର ବିକଳ୍ପ ରହିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) କମ୍ପାନୀକୁ ପ୍ରାୟ ୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା କରିଥିବା ଜଣାପଡିଛି।

## ଏମ୍‌ସିଏଲ୍‌ର ନୂତନ ଅଧ୍ୟକ୍ଷ ହେଲେ ରାଜୀବ ରଞ୍ଜନ ମିଶ୍ର

**ସମ୍ବଲପୁର, ୨୫-୯**



ମହାନଦୀ କୋଲଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ର ନୂତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ରାଜୀବ ରଞ୍ଜନ ମିଶ୍ର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ମିଶ୍ର ବର୍ତ୍ତମାନ ୱେଷ୍ଟର୍ନ କୋଲ୍ ଫିଲ୍ଡ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି। ଏହା ପୂର୍ବରୁ ସେ ସେଣ୍ଟ୍ରାଲ୍ କୋଲଫିଲ୍ଡ ଲିମିଟେଡର କାର୍ମିକ ନିର୍ଦ୍ଦେଶକ, ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନଷ୍ଟିଚ୍ୟୁଟ୍(ସିଏମ୍‌ପିଡିଆଇ)ରେ କାର୍ମିକ ଓ ପ୍ରଶାସନିକ ବିଭାଗର ମୁଖ୍ୟ ଭାବେ ମଧ୍ୟ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ଏମ୍‌ସିଏଲ୍ ପକ୍ଷରୁ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ପରେ ଏମ୍‌ସିଏଲ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ବ୍ୟାଙ୍କ ମୁଖ୍ୟଙ୍କୁ ଜେଟ୍‌ଲୀଙ୍କ କଡ଼ା ବାର୍ତ୍ତା

# ଋଣଖିଲାପୀ ହେଲେ ନିଅ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୨୫-୯**



କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ମଙ୍ଗଳବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟିଛନ୍ତି। ସେ ଏହି ଅବସରରେ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିର ସମୀକ୍ଷା କରିଛନ୍ତି। ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ବ୍ୟାଙ୍କ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜେଟ୍‌ଲୀ ବ୍ୟାଙ୍କ ମୁଖ୍ୟମାନଙ୍କୁ କହିଛନ୍ତି ଯେ, ବ୍ୟାଙ୍କଗୁଡିକର କାର୍ଯ୍ୟକଳାପ ସଂଗଠିତ ଭାବେ ହୋଇପାରିଲେ ଦେଶର ଆର୍ଥିକ ଅଭିବୃଦ୍ଧି ୮ ପ୍ରତିଶତ ହାରରେ ବୃଦ୍ଧି ପାଇବ। ଅର୍ଥ ମନ୍ତ୍ରୀ ତାଙ୍କ ଟୁଇଟ୍‌ରେ କହିଛନ୍ତି ଯେ, ବ୍ୟାଙ୍କଗୁଡିକ ଠିକ୍ ଭାବେ ଋଣ ଦିଅନ୍ତୁ ଏବଂ ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏହାଦ୍ୱାରା ସେମାନଙ୍କ ଉପରେ କେନ୍ଦ୍ର ସରକାର ଯେଉଁ ଭରସା ଜାହିର କରିଛନ୍ତି ତାହା ଯେପରି ବଳବତ୍ତର ରହିବ। ଋଣ ପ୍ରଦାନ ଓ ଆଦାୟରେ ଯେପରି ସ୍ୱଚ୍ଛତା ଆସିବ ସେ ଦିଗରେ ବ୍ୟାଙ୍କମାନେ ପଦକ୍ଷେପ ନେବାକୁ ଜେଟ୍‌ଲୀ ତାଗିଦ କରିଛନ୍ତି। ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦା, ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ନେଇ ଆଲୋଚନା ହୋଇଥିଲା। ଉଲ୍ଲେଖଥାଉ କି, ବ୍ୟାଙ୍କଗୁଡିକ ଇତିମଧ୍ୟରେ ମୋଟ୍ ଅନାଦାୟ ଋଣ ମଧ୍ୟରୁ ଆଜିସୁଦ୍ଧା ପ୍ରଥମ ତ୍ରୈମାସରେ ୩୬,୫୫୧ କୋଟି ଟଙ୍କା ଫେରିପାଇଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ୭୪,୫୬୨ କୋଟି ଟଙ୍କା ଆଦାୟ ହୋଇପାରିଛି। ବୈଠକ ଶେଷରେ ଜେଟ୍‌ଲୀ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ହ୍ରାସ ପାଉଛି। ଅନାଦାୟ ଋଣ ଆଦାୟ ବଢ଼ିଛି।

## ରାଣା କପୁରଙ୍କ କାର୍ଯ୍ୟକାଳ ବୃଦ୍ଧି ଲାଗି ୟେସ୍ ବ୍ୟାଙ୍କ ଚିଠି ଲେଖିବ

**ନୂଆଦିଲ୍ଲୀ, ୨୫-୯**

**୫ ଜଣିଆ କମିଟି ଖୋଜିବେ ନୂଆ ସିଇଓ**

ପ୍ରତିଷ୍ଠାତା ସିଇଓ ତଥା ଏମ୍‌ଡି ରାଣା କପୁରଙ୍କ କାର୍ଯ୍ୟକାଳକୁ ଆସନ୍ତା ବର୍ଷ ସେପ୍ଟେମ୍ବର ଯାଏ ବୃଦ୍ଧି କରିବାକୁ ୟେସ୍ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଚିଠି ଲେଖିବ। ଅନ୍ୟପକ୍ଷରେ ନୂଆ ସିଇଓ ଖୋଜିବା ଲାଗି ବ୍ୟାଙ୍କ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି, ଯେଉଁଥିରେ ବାହାରୁ ୨ ଜଣ ସଦସ୍ୟ ରହିବେ। ଏସମ୍ପର୍କରେ ବ୍ୟାଙ୍କ ବୋର୍ଡ ନିଷ୍ପତ୍ତି ନେଇଛି। ୨୦୧୯ ଜାନୁୟାରୀ ୩୧ ଯାଏ କପୁରଙ୍କ କାର୍ଯ୍ୟକାଳ ରହିବ ବୋଲି ଆର୍‌ବିଆଇ ପୂର୍ବରୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଷ୍ଟକ୍ ଏକ୍ସଚେଞ୍ଜକୁ ପଠାଯାଇଥିବା ପତ୍ରରେ ୟେସ୍ ବ୍ୟାଙ୍କ କହିଛି ଯେ, ଏହା ନୂଆ ସିଇଓ ଖୋଜିବା ଲାଗି ୫ ଜଣିଆ କମିଟି ଗଠନ କରିଛି, ଯେଉଁଥିରେ ବ୍ୟାଙ୍କର ମନୋନୀତ ୩ ସଦସ୍ୟ ରହିବେ। ବ୍ୟାଙ୍କ ବାହାରୁ ଅନ୍ୟ ଦୁଇ ଜଣଙ୍କୁ ନିଆଯିବ। ଆସନ୍ତା ବର୍ଷ ସେପ୍ଟେମ୍ବର ଯାଏ କପୁରଙ୍କ କାର୍ଯ୍ୟକାଳ ବୃଦ୍ଧି ଦ୍ୱାରା ବ୍ୟାଙ୍କ ଏହାର ଆକାଉଣ୍ଟକୁ ସଜାଡି ନେଇପାରିବ ଏବଂ ଏହାର ବାର୍ଷିକ ସାଧାରଣ ବୈଠକ ଆୟୋଜନରେ ସୁବିଧା ହେବ। ମଙ୍ଗଳବାର ୟେସ୍ ବ୍ୟାଙ୍କର ବୋର୍ଡ ବୈଠକରେ ବସି ସିନିୟର ଗ୍ରୁପ ପ୍ରେସିଡେଣ୍ଟ ରଜତ ମୋଙ୍ଗା ଏବଂ ପ୍ରଳୟ ମଣ୍ଡଳଙ୍କୁ ଏକଜିକ୍ୟୁଟିଭ ଡାଇରେକ୍ଟର ଭାବେ ନିଯୁକ୍ତ କରାଯାଇଛି।

## ଏପ୍ରିଲ-ଅଗଷ୍ଟରେ ବିତ୍ତୀୟ ନିଅଣ୍ଟ ୯୪.୭%

**ନୂଆଦିଲ୍ଲୀ, ୨୫-୯**

ଚଳିତ ବର୍ଷର ଏପ୍ରିଲ-ଅଗଷ୍ଟ ୫ମାସର ଅବଧିରେ ଦେଶର ବିତ୍ତୀୟ ନିଅଣ୍ଟ ପରିମାଣ ସୁଧାର ହୋଇ ୫.୯୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ସମ୍ପୂର୍ଣ୍ଣ ବର୍ଷର ୯୪.୭%। ସରକାର ମଙ୍ଗଳବାର ଏ ସମ୍ପର୍କରେ ତଥ୍ୟ ଜାରି କରିଛନ୍ତି। ଗତ ବର୍ଷର ଏହି ଅବଧିରେ ବିତ୍ତୀୟ ନିଅଣ୍ଟ ପରିମାଣ ୯୬.୧ ପ୍ରତିଶତ ଥିଲା ବୋଲି ସିଜିଏ ପକ୍ଷରୁ ଜାରି ତଥ୍ୟରେ କୁହାଯାଇଛି।

# ଭରସାଯୋଗ୍ୟ ସେବାକୁ ଗୁରୁତ୍ୱ ଦେଉଛି ରାଜ୍ ଇଲେକ୍‌ଟ୍ରୋନିକ୍ସ

**ସମୟ ସହ ଲୋକଙ୍କ ରୁଚିରେ ପରିବର୍ତ୍ତନ ଆସିଛି। ଟିଭି, ଫ୍ରିଜ ଏବଂ ୱାଶିଂମେଶିନ ଚାହିଦା ଏବେ ଦ୍ରୁତ ହାରରେ ବଢୁଛି। କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ହ୍ୱାଇଟଗୁଡ୍ ବିକ୍ରି ଏବେ ବଢ଼ିଛି। ଏଭଳି ଉତ୍ପାଦ ମାନୁଫାକ୍ଚର କରୁଥିବା କମ୍ପାନୀଗୁଡିକ ତୃଣମୂଳ ସ୍ତରର ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି କରିଛନ୍ତି। ହ୍ୱାଇଟଗୁଡ ରିଟେଲିଂ କ୍ଷେତ୍ରରେ ରାଜ୍ ଇଲେକଟ୍ରୋନିକ୍ସ ଏକ ଅନ୍ୟତମ ପ୍ରମୁଖ ନାମ। ରିଟେଲିଂ ଅଭିଜ୍ଞତାକୁ ନେଇ ଏହାର ସ୍ୱତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**



**ହ୍ୱାଇଟଗୁଡ ବାଣିଜ୍ୟକୁ କିଭଳି ଆସିଲେ?**

ଆମ ପରିବାର ପୂର୍ବରୁ ବାଣିଜ୍ୟ କାରବାରରେ ସମ୍ପୃକ୍ତ। ୧୯୮୦ ବେଳକୁ ଯାଜପୁର ରୋଡ୍‌ରେ ମାନୁଫାକଚରିଂ ଶିଳ୍ପ ସହ ଜଡିତ ଥିଲି। ସମୟ ପରିବର୍ତ୍ତନ ସହ ଟିଭି, ଫ୍ରିଜ ଭଳି ସାମଗ୍ରୀର ଚାହିଦା ବଢିବାରୁ ଏଭଳି ବାଣିଜ୍ୟକୁ ପ୍ରବେଶ ଲାଗି ନିଷ୍ପତ୍ତି ନେଇଥିଲୁ। ୧୯୯୦ରେ ଯାଜପୁରରେ କଞ୍ଜ୍ୟୁମର ଡ୍ୟୁରେବଲ ବାଣିଜ୍ୟରେ ପ୍ରଥମେ ପ୍ରବେଶ କରିଥିଲୁ। ଗୋଦରେଜ୍ ରେଫ୍ରିଜରେଟରରୁ ବାଣିଜ୍ୟ ଆରମ୍ଭ। ଏହା ପରେ ୱେଷ୍ଟର୍ନ ଟିଭି ଏବଂ ୧୯୯୩ରେ ବିପିଏଲ୍ ଟିଭି ସହ ଯୋଡି ହେଲୁ। ୧୯୯୪ରେ ଭୁବନେଶ୍ୱର ବାପୁଜୀ ନଗରରେ ଶୋ'ରୁମ ସ୍ଥାପନ ହୋଇଥିଲା। ବାପା(ରାଜ କିଶୋର ବିଶ୍ୱାଳ)ଙ୍କ ନାମ ଅନୁସାରେ ରାଜ୍ ଇଲେକଟ୍ରୋନିକ୍ସ ନାମ ଚୟନ କରିଛୁ।

**ରାଜ୍ୟରେ ରାଜ୍ ଇଲେକଟ୍ରୋନିକ୍ସର ସ୍ଥିତିକୁ ନେଇ କ'ଣ କହିବେ?**

ଆମେ ବର୍ତ୍ତମାନ ୨୦ ନିଜସ୍ୱ ଶୋ'ରୁମ ଦ୍ୱାରା ରିଟେଲ ବ୍ୟବସାୟରେ ସକ୍ରିୟ ଅଛୁ। ଏହା ବାଦ୍ ୩ କମ୍ପାନୀର ବିତରଣ ଦାୟିତ୍ୱ ମଧ୍ୟ ନେଇଛୁ। ହ୍ୱାଇଟ୍‌ଗୁଡ କ୍ଷେତ୍ରରେ ପ୍ରାୟ କମ୍ପାନୀ ସହ ଯୋଡି ହୋଇଛୁ। ଭୁବନେଶ୍ୱରରେ ପଟିଆ, ବରମୁଣ୍ଡା, ସିଆର୍‌ପି ଏବଂ ବାପୁଜୀ ନଗରରେ ୨ ଶୋ'ରୁମ ସହ ମୋଟ୍ ୫ ଶୋ'ରୁମ ଦ୍ୱାରା ସେବା ଦେଉଛୁ। ସେହିଭଳି କଟକରେ ୨, ଯାଜପୁର ଟାଉନ, ଯାଜପୁର ରୋଡ, ଭଦ୍ରକରେ ବିଶ୍ୱାଳ ସେଲସ୍, ବାଲେଶ୍ୱର, ତାଳଚେର, ଅନୁଗୋଳ, ରାଉରକେଲା, ଝାରସୁଗୁଡା, ବନ୍ତ, କେନ୍ଦୁଝରର କେଶଦୁରାପାଳ ଭଳି ସ୍ଥାନଗୁଡିକରେ ଶୋ'ରୁମ ମାନ ରହିଛି।

**ବାଣିଜ୍ୟ ସମ୍ପ୍ରସାରଣ ନେଇ କିଛି ଯୋଜନା ରହିଛି କି?**

ହଁ, ଏ ଦିଗରେ ବିଭିନ୍ନ ଯୋଜନାମାନ ହାତକୁ ନିଆଯାଉଛି। ଯାଜପୁର ରୋଡ୍‌ରେ ଏକ ନୂଆ ଷ୍ଟୋର ଖୋଲିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟର ଦକ୍ଷିଣ ଭାଗରେ ବଜାର ସ୍ଥିତିକୁ ଅନୁଧ୍ୟାନ କରାଯାଉଛି। ସ୍ଥିତିକୁ ବିଚାର କରି ଆଗାମୀ ଦିନରେ ନୂଆ ଷ୍ଟୋର ଖୋଲିବା ନେଇ ନିଷ୍ପତ୍ତି ହେବ।

**ରାଜ୍ ଇଲେକ୍‌ଟ୍ରୋନିକ୍ସ ଶୋ'ରୁମର ସ୍ୱତନ୍ତ୍ରତା ସମ୍ପର୍କରେ କ'ଣ ମତ ଦେବେ?**

ଲୋକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ ଇଲେକଟ୍ରୋନିକ୍ସ ଉପରେ ଗ୍ରାହକଙ୍କର ଭରସା ରହିଆସିଛି। ଆମେ ବିଶ୍ୱାସଯୋଗ୍ୟ ସେବା ପ୍ରଦାନକୁ ଗୁରୁତ୍ୱ ଦେଉଛୁ। ବର୍ତ୍ତମାନ ଶୋ'ରୁମ ଗୁଡିକରେ ଫାଇନାନ୍ସ ଦ୍ୱାରା ଅଧିକାଂଶ ସାମଗ୍ରୀ ବିକ୍ରି ହେଉଛି। ସୁବିଧାରେ ଫାଇନାନ୍ସ ଲାଗି ଏଚ୍‌ଡିଏଫ୍‌ସି, ବଜାଜ ଏବଂ କ୍ୟାପିଟାଲ ଫାଷ୍ଟ ଭଳି ସଂସ୍ଥା ସହ ଯୋଡି ହୋଇଛୁ। ଗ୍ରାହକଙ୍କୁ ୫ ସେକେଣ୍ଡରେ ଫାଇନାନ୍ସ ସୁବିଧା ଉପଲବ୍ଧ କରାଯାଉଛି। ସେହିଭଳି ୦% ଇଣ୍ଟ୍ରେଷ୍ଟ, ୦% ପ୍ରୋସେସିଂ ଭଳି ଅନ୍ୟାନ୍ୟ ସୁବିଧା ପ୍ରଦାନ କରୁଛୁ। କମ୍ପାନୀ ବାଦ ଶୋ'ରୁମରେ ପାର୍ବଣ କ୍ରୟ ଉପରେ ପ୍ରତି କ୍ରୟରେ ଉପହାର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଆମେ ନିଜସ୍ୱ ଅନ୍‌ଲାଇନ ପ୍ଲାଟଫର୍ମରେ ସାମଗ୍ରୀ ବିକ୍ରି କରୁଛୁ। ଫେସ୍‌ବୁକ ପ୍ରମୋଶନ, ହୋମ୍ ଡେଲିଭରି ଭଳି ପଦକ୍ଷେପ ନେଇଛୁ। ପାର୍ବଣ ବାଦ ବିବାହ ଏବଂ ଗ୍ରୀଷ୍ମ ସମୟରେ ସାମଗ୍ରୀ କ୍ରୟ ଉପରେ ଡିସ୍‌କାଉଣ୍ଟ, ଗ୍ରାହକଙ୍କ ଅଭିଯୋଗର ସମାଧାନକୁ ନଜରରେ ରଖାଯାଉଛି।

**ଓଡିଶାରେ କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବଜାରର ଟ୍ରେଣ୍ଡ କିଭଳି ରହିଛି?**

ବଜାର ସ୍ଥିତିରେ ଏବେ ଦ୍ରୁତ ପରିବର୍ତ୍ତନ ଆସିଛି। ହାଇଏଣ୍ଡ ପ୍ରଡକ୍ଟ ଆଡକୁ ଗ୍ରାହକମାନେ ଏବେ ଢଳୁଛନ୍ତି। ସେହିଭଳି ସ୍ମାର୍ଟ ପ୍ରଡକ୍ଟ ଚାହିଦା ବଢୁଛି। ଏହି ପ୍ରଡକ୍ଟ ଲାଗି ସୁବିଧାରେ ଇଏମ୍‌ଆଇ ସୁବିଧା ପ୍ରଦାନ କରୁଛୁ। ସହରୀକରଣ ସହ ଯୁବବର୍ଗଙ୍କ ଚାହିଦାରେ ପରିବର୍ତ୍ତନ ଦେବା ସହ ଏବେ ବଜାର ଟ୍ରେଣ୍ଡରେ ପରିବର୍ତ୍ତନ ଆସିଛି। ଟିଭି, ୱାଶିଂମେଶିନ, ରେଫ୍ରିଜରେଟରର ହାଇଏଣ୍ଡ ମଡେଲଗୁଡିକ ଉପରେ ଏବେ ଗ୍ରାହକଙ୍କ ନଜର। ବିଭିନ୍ନ କମ୍ପାନୀର ହାଇଏଣ୍ଡ ଟିଭି ଉପରେ ଶୋ'ରୁମରେ ୩୦ ମାସର ଇଏମ୍‌ଆଇ ସୁବିଧା ରହିଛି। କଞ୍ଜ୍ୟୁମର ଇଲେକଟ୍ରୋନିକ୍ସର ଉପଲବ୍ଧତା ଏବେ ମଧ୍ୟ ୧୫%ରୁ ନିମ୍ନ ରହିଛି। ଆମେ ଏହି କ୍ଷେତ୍ରରେ ପ୍ରତିବର୍ଷ ୧୫ରୁ୨୦% ଅଭିବୃଦ୍ଧି କରୁଛୁ। ଅପରପକ୍ଷରେ ଓଡିଶା ବଜାରର ଉକ୍ତ ବର୍ଗର ବାର୍ଷିକ ଅଭିବୃଦ୍ଧି ୧୫% ରହିଛି। ଏ କ୍ଷେତ୍ରରେ ଅଭିବୃଦ୍ଧିର ବିଶେଷ ସୁଯୋଗ ରହିଛି। ଗ୍ରାହକଙ୍କ ସହ ଯୋଡି ହୋଇ ରହିବା ଲାଗି ସର୍ବଦା ପ୍ରୟାସରତ। ସ୍ୱଳ୍ପ ମାର୍ଜିନରେ ବ୍ୟବସାୟ ସହ ଲୋକଙ୍କ ଭରସାକୁ ଆଧାର କରିଛୁ। ଅନଲାଇନ ପ୍ଲାଟଫର୍ମର ପ୍ରଭାବ ଏହି ବାଣିଜ୍ୟ ଉପରେ ବିଶେଷ ଭାବେ ପଡିବ ନାହିଁ। ସର୍ଭିସ ଭଳି ପ୍ରମୁଖ ପ୍ରସଙ୍ଗକୁ ଧ୍ୟାନରେ ରଖି ଲୋକମାନେ ଟଚ୍ ଆଣ୍ଡ ଫିଲ୍‌କୁ କ୍ରୟ ବେଳେ ଅଗ୍ରାଧିକାର ଦେଉଛନ୍ତି।






" ଭାରତର ଯୁବ ଫୁଟ୍‌ବଲ ଦଳ ଭବିଷ୍ୟତରେ ଏକ ବଡ଼ ସଫଳତା ହାସଲ କରିପାରେ ବୋଲି ବର୍ତ୍ତମାନର ପ୍ରଦର୍ଶନରୁ ମୋର ଦୃଢ଼ ବିଶ୍ୱାସ ହେଉଛି।

–ସୁନୀଲ ଛେତ୍ରୀ, ଭାରତ ଫୁଟ୍‌ବଲ ଅଧିନାୟକ



" ବୁଝାମଣା ଅଭାବରୁ ଯୋଗ୍ୟତା ଥାଇ ମଧ୍ୟ ଆଦିତୀ ଅଶୋକ ଏଥର ଅର୍ଜୁନ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଛନ୍ତି।

–ଚମ୍ପିକା ସାୟଲ

ଭାରତୀୟ ମହିଳା ଗଲ୍‌ଫ ଆସୋସିଏଶନ ସାଧାରଣ ସମ୍ପାଦିକା

## ସଂକ୍ଷେପରେ

### ଧୋନୀଙ୍କ ଦ୍ୱିଶତକ

ଦୁବାଇ, ୨୫।୯: ଏସିଆ କପ୍ ସୁପର୍-୪ରେ ଭାରତ ତା'ର ଅନ୍ତିମ ମ୍ୟାଚ୍‌ରେ ମଙ୍ଗଳବାର ଆଫଗାନିସ୍ତାନକୁ ଭେଟିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରିଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ମହେନ୍ଦ୍ର ସିଂ ଧୋନୀଙ୍କୁ ଏହି ମ୍ୟାଚ୍‌ରେ ଭାରତୀୟ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଭାରତ ଫାଇନାଲରେ ସ୍ଥାନ ପକ୍କା କରିସାରିଥିବାରୁ ଅଧିନାୟକ ରୋହିତ୍ ଶର୍ମାଙ୍କ ସମେତ ଶିଖର ଧାୱନ, ଭୁବନେଶ୍ୱର କୁମାର, ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଛି। ତେଣୁ ରୋହିତ୍‌ଙ୍କ ସ୍ଥାନରେ ଭେଟେରାନ ଧୋନୀଙ୍କୁ ଦଳର ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ଧୋନୀ ଏକଦିବସୀୟ କ୍ରିକେଟରେ ୨୦୦ ମ୍ୟାଚ୍‌ର ନେତୃତ୍ୱ ନେବାର କୃତିତ୍ୱ ଲାଭ କରିଛନ୍ତି। ଧୋନୀ ଦୀର୍ଘ ୬୯୬ ଦିନ ପରେ ପୁଣିଥରେ ଅଧିନାୟକ ପଦ ସମ୍ଭାଳିଛନ୍ତି। ଗତବର୍ଷ ଜାନୁୟାରୀ ୫ରେ ସେ ଅଧିନାୟକ ପଦରୁ ଇସ୍ତଫା ଦେଇଥିଲେ। ସେହିଭଳି ଏହି ମ୍ୟାଚ୍ ଜରିଆରେ ଅଲ୍‌ରାଉଣ୍ଡର ଦୀପକ ଚହର ଦିନିକିଆ କ୍ୟାରିୟର ଆରମ୍ଭ କରିଛନ୍ତି। କୋଚ୍ ରବି ଶାସ୍ତ୍ରୀ ଚହରଙ୍କୁ ଦିନିକିଆ କ୍ୟାପ୍ ପ୍ରଦାନ କରିଥିଲେ।









ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଅର୍ଜୁନ ପୁରସ୍କାର ଗ୍ରହଣ କରୁଛନ୍ତି (ବାମରୁ) ଜିନ୍‌ସନ୍ ଜନ୍‌ସନ, ହିମା ଦାସ, ନିରଜ ଚୋପ୍ରା ଏବଂ ଖେଳରତ୍ନ ମୀରାବାଈ ଚାନୁ।

# କୋହଲି, ଚାନୁଙ୍କୁ ଖେଳରତ୍ନ

ନୂଆଦିଲ୍ଲୀ, ୨୫।୯(ପି.ଟି.)

ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଓ ୱେଟଲିଫ୍ଟିଂ ବିଶ୍ୱ ଚାମ୍ପିୟନ ମୀରାବାଈ ଚାନୁ ଯୁଗ୍ମ ଭାବେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ହାସଲ କରିଛନ୍ତି। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ଜୁନିୟର ବିଶ୍ୱ ଚାମ୍ପିୟନ ଧାବିକା ହିମା ଦାସଙ୍କ ସମେତ ୨୦ଜଣ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରିଛନ୍ତି।

ପାରମ୍ପରିକ ଭାବେ ଏହି ପୁରସ୍କାର ଅଗଷ୍ଟ ୨୯ ତାରିଖରେ ହକି ଲିଜେଣ୍ଡ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସରେ ପାଳନ କରାଯିବା ଅବସରରେ ପ୍ରଦାନ କରାଯାଇଥାଏ। ତେବେ ଜାକର୍ତ୍ତା ଓ ପାଲେମବାଙ୍ଗରେ ଅନୁଷ୍ଠିତ ୧୮ତମ ଏସିଆନ ଗେମ୍ସ ଏକା ସମୟରେ ପଡିବାରୁ ପୁରସ୍କାର ପ୍ରଦାନ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ଏସିଆନ ଗେମ୍ସ ଅଗଷ୍ଟ ୧୮ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖରେ ଶେଷ ହୋଇଥିଲା।

ପୁରସ୍କାର ପ୍ରଦାନ ଉତ୍ସବରେ କୋହଲିଙ୍କ ସମେତ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା, ମା ସରୋଜ କୋହଲି ଓ ବଡ଼ଭାଇ ବିକାଶ ଉପସ୍ଥିତ ଥିଲେ। ତୃତୀୟ କ୍ରିକେଟର ଭାବେ କୋହଲି ଖେଳରତ୍ନ ପୁରସ୍କାର ହାସଲ କରିଛନ୍ତି। ପୂର୍ବରୁ ବ୍ୟାଟିଂ ଲିଜେଣ୍ଡ ସଚିନ ତେନ୍ଦୁଲକର ୧୯୯୭- ୧୯୯୮ ପାଇଁ ଓ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨୦୦୭ ବର୍ଷ ଲାଗି ଖେଳରତ୍ନ ପୁରସ୍କାର ହାସଲ କରିଥିଲେ। ଗତ ୩ ବର୍ଷ ହେବ କୋହଲି ଜବରଦସ୍ତ ପ୍ରଦର୍ଶନ କରୁଛନ୍ତି ଓ ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ୨୦୧୬ ଓ ୨୦୧୭ରେ କୋହଲିଙ୍କ ନାମ ସୁପାରିସ୍ କରାଯାଇଥିଲେ ମଧ୍ୟ ସେ ଏହି ପୁରସ୍କାର ପାଇଁ ମନୋନୀତ ହୋଇ ନ ଥିଲେ। ୨୯ ବର୍ଷୀୟ କୋହଲି ଏପର୍ଯ୍ୟନ୍ତ ୭୧ଟି ଟେଷ୍ଟ ଖେଳି ୨୩ଟି ଶତକ ସହ ୬୧୪୭ ରନ ସଂଗ୍ରହ କରିଛନ୍ତି। ସେହିପରି ସେ ୨୧୧ଟି ଦିନିକିଆ ମ୍ୟାଚ୍ ଖେଳି ୩୫ଟି ଶତକ ସହ ୯୭୭୯ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ୨୦୧୩ରେ କୋହଲିଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ଗତବର୍ଷ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

କୋହଲିଙ୍କ ସହ ଖେଳରତ୍ନ ପୁରସ୍କାର ହାସଲ କରିଥିବା ଚାନୁ ମଧ୍ୟ ଚଳିତ ବର୍ଷ ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ। ଗତବର୍ଷ ବିଶ୍ୱ ୱେଟଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ତାଙ୍କୁ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ସେ ମଧ୍ୟ ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ଇଞ୍ଜୁରି କାରଣରୁ ସେ ଏସିଆନ ଗେମ୍ସରେ ଅଂଶଗ୍ରହଣ କରି ନ ଥିଲେ। ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ବାବଦରେ ଯଥାକ୍ରମେ ୭.୫ ଓ ୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥାଏ। ଖେଳରତ୍ନ ଓ ଅର୍ଜୁନ ପୁରସ୍କାରକୁ ବାଦ୍ ଦେଲେ ରାଷ୍ଟ୍ରପତି କୋଚ୍‌ମାନଙ୍କୁ ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ସେହିପରି ତେନଜିଂ ନରଗେ ନ୍ୟାଶନାଲ ଆଡ୍‌ଭେଞ୍ଚର ପୁରସ୍କାର, ମୌଲାନା ଅବୁଲ କଲାମ ଆଜାଦ ଟ୍ରଫି ଓ ରାଷ୍ଟ୍ରୀୟ ପ୍ରୋତ୍ସାହନ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ।

ପ୍ରତିବର୍ଷ ଭଳି ଏଥର ମଧ୍ୟ ପୁରସ୍କାର ଚୟନ ନେଇ ବିବାଦ ଦେଖାଦେଇଥିଲା। ରେସଲର ବଜରଙ୍ଗ ପୁନିଆ ଖେଳରତ୍ନ ପୁରସ୍କାରରୁ ବଞ୍ଚିତ ହେବାରୁ ଆଇନର ଆଶ୍ରୟ ନେବେ ବୋଲି ଧମକ ଦେଇଥିଲେ। ତେବେ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କ ସହ ସାକ୍ଷାତ କରିବା ପରେ ସେ ଆଇନଗତ ପଦକ୍ଷେପରୁ ଓହରି ଯାଇଛନ୍ତି। ଏହା ପୂର୍ବରୁ କ୍ରୀଡ଼ା ମନ୍ତ୍ରଣାଳୟ ଶୃଙ୍ଖଳାଗତ କାରଣରୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ତାଲିକାରୁ କମ୍ପାଉଣ୍ଡ ଆର୍ଚେରୀ କୋଚ୍ ଜୀବନଜୋତ୍ ସିଂ ତେଜାଙ୍କ ନାମ ବାଦ୍ ଦେଇଥିଲା। ଫଳରେ ଏହାକୁ ବିରୋଧ କରି ତେଜା କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ଏଥର ୮ଜଣ କୋଚ୍‌ଙ୍କୁ ପ୍ରଦାନ କରାଯାଇଛି। କ୍ରିକେଟ ମେଣ୍ଟର ତରକ ସିହ୍ନା, ୩୯ ବର୍ଷୀୟ ବକ୍ସିଂ କୋଚ୍ ସି.ଏ. କୁଟାପ୍ପାଙ୍କ ସମେତ ଅନ୍ୟ ୬ଜଣ କୋଚ୍‌ଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। କୁଟାପ୍ପାଙ୍କ ତତ୍ତ୍ୱାବଧାନରେ ତାରକା ବକ୍ସର ବିଜେନ୍ଦର ସିଂ ୨୦୦୮ରେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ୟପଟେ ୪ଜଣ ପୂର୍ବତନ ଆଥଲେଟଙ୍କୁ ଧ୍ୟାନଚାନ୍ଦ ଲାଇଫ ଟାଇମ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। କେତେଜଣ ଜଣାଶୁଣା ଆଥଲେଟ ଅନୁପସ୍ଥିତ ରହିଥିଲେ। ଭାରତୀୟ ମହିଳା କ୍ରିକେଟ ଦଳ ସହ ଶ୍ରୀଲଙ୍କା ଗସ୍ତରେ ଯାଇଥିବାରୁ ସ୍ମୃତି ମନ୍ଧାନା ଅର୍ଜୁନ ପୁରସ୍କାର ଗ୍ରହଣ କରିପାରି ନ ଥିଲେ।

## ଜାତୀୟ କ୍ରୀଡ଼ା ପୁରସ୍କାର ତାଲିକା

- ରାଜୀବ ଗାନ୍ଧୀ ଖେଳରତ୍ନ: ବିରାଟ କୋହଲି, ମୀରାବାଈ ଚାନୁ।
- ଅର୍ଜୁନ ପୁରସ୍କାର: ନୀରଜ ଚୋପ୍ରା, ଜିନସନ ଜନସନ ଓ ହୀମା ଦାସ (ଆଥଲେଟିକ୍ସ), ଏନ. ସିକ୍କି ରେଡ୍ଡୀ (ବ୍ୟାଡମିଣ୍ଟନ), ସତୀଶ କୁମାର (ବକ୍ସିଂ), ସ୍ମୃତି ମନ୍ଧାନା (କ୍ରିକେଟ), ଶୁଭଙ୍କର ଶର୍ମା (ଗଲ୍ଫ), ମନପ୍ରୀତ ସିଂ, ସବିତା (ହକି), ରବି ରାଠୋର (ପୋଲୋ), ରାହି ସାର୍ନୋବତ, ଅଙ୍କୁର ମିତ୍ତଲ, ଶ୍ରେୟାସି ସିଂ (ଶୁଟିଂ), ମନୀକା ବାତ୍ରା, ଜି. ସାଥିୟାନ (ଟେବୁଲ ଟେନିସ୍), ରୋହନ ବୋପାନ୍ନା (ଟେନିସ୍), ସୁମିତ (ରେସଲିଂ), ପୂଜା କାଡିଆନ (ଉଷୁ), ଅଙ୍କୁର ଧାମ (ପାରା -ଆଥଲେଟିକ୍ସ), ମନୋଜ ସରକାର (ପାରା-ବ୍ୟାଡମିଣ୍ଟନ)।
- ଦ୍ରୋଣାଚାର୍ଯ୍ୟ ପୁରସ୍କାର: ସିଏ କଟାପ୍ପା (ବକ୍ସିଂ), ବିଜୟ ଶର୍ମା (ୱେଟଲିଫ୍ଟିଙ୍ଗ୍), ଏ. ଶ୍ରୀନିବାସ ରାଓ (ଟେବୁଲ ଟେନିସ), ସୁଖଦେବ ସିଂ ପାନ୍ନୁ (ଆଥଲେଟିକ୍ସ), କ୍ଲାରେନ୍ସ ଲୋବୋ (ହକି, ଲାଇଫଟାଇମ୍), ତରକ ସିହ୍ନା (କ୍ରିକେଟ, ଲାଇଫ୍ ଟାଇମ), ଜୀବନ କୁମାର ଶର୍ମା (ଜୁଡୋ, ଲାଇଫ୍ ଟାଇମ), ଭି.ଆର. ବିଦ୍ଦୁ (ଆଥଲେଟିକ୍ସ, ଲାଇଫ୍‌ଟାଇମ)।

ଧ୍ୟାନଚାନ୍ଦ ପୁରସ୍କାର: ସତ୍ୟଦେବ ପ୍ରସାନ (ଆର୍ଚେରୀ), ଭାରତ କୁମାର ଛେତ୍ରୀ (ହକି), ବବି ଆଲୋୟିସିଅସ୍ (ଆଥଲେଟିକ୍ସ), ଚୌଗାଲେ ଦାଦୁ ଦତ୍ତାତ୍ରୟ (ରେସଲିଂ)।

- ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର: ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ, ଇଶା ଆଉଟ୍‌ରିଚ୍।
- ମୌଲାନା ଅବୁଲ କଲାମ ଆଜାଦ ଟ୍ରଫି: ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଅମ୍ରିତଶର।

# ଶାହଜାଦଙ୍କ ଶତକ

ଦୁବାଇ, ୨୫।୯(ପି.ଟି.)

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟର ପଞ୍ଚମ ମ୍ୟାଚ୍‌ରେ ଭାରତ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ଅଭିଜ୍ଞ ଓପନର ମହମ୍ମଦ ଶାହଜାଦଙ୍କ ଦମ୍‌ଦାର ଶତକ ବଳରେ ସମ୍ମାନଜନକ ସ୍କୋର ହାସଲ କରିଛି। ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୫୨ ରନ ସଂଗ୍ରହ କରିଛି। ଭାରତ ଫାଇନାଲରେ ପ୍ରବେଶ କରିସାରିଥିବା ବେଳେ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ତାଙ୍କ ବଦଳରେ ମହେନ୍ଦ୍ର ସିଂ ଧୋନୀ ଦଳର ନେତୃତ୍ୱ ନେଇଛନ୍ତି।

**ଆଜିର ଏସିଆ କପ୍ ମ୍ୟାଚ**

**ପାକିସ୍ତାନ ବନାମ ବାଂଲାଦେଶ**

**ସ୍ଥାନ: ଆବୁଧାବି**

**ସମୟ: ସନ୍ଧ୍ୟା ୫ଟା**

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଭଲ ଆରମ୍ଭ କରିଥିଲା। ଓପନର ଜାଭେଦ ଅହମଦି ମାତ୍ର ୫ ରନ କରି ପ୍ରଥମେ ଆଉଟ ହୋଇଥିଲେ। ତେବେ ସେତେବେଳକୁ ଓପନିଂ ଯୋଡିରେ ଅହମଦି ଓ ଶାହଜାଦ ୬୫ ରନ ସଂଗ୍ରହ କରିନେଇଥିଲେ। ଶାହଜାଦ ୧୧୬ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୭ ଛକା ସହାୟତାରେ ୧୨୪ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ମହମ୍ମଦ ନବି ୫୬ଟି ବଲର ସାମନା କରି ୩ ଚୌକା ଓ ୪ ଛକା ସହ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ନାଜିବୁଲ୍ଲା ଜଦ୍ରାନ ୨୦ ରନ କରି ଆଉଟ ହୋଇଥିବା ବେଳେ ତାରକା ଅଲରାଉଣ୍ଡର ରସିଦ ଖାଁ ୧୨ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଶାହଜାଦ ଓ ନବି ଦୃଢ଼ତାର ସହ ବ୍ୟାଟିଂ କରିଥିବା ବେଳେ ଅନ୍ୟପଟେ ନିୟମିତ ବ୍ୟବଧାନରେ ଉଇକେଟର ପତନ ହୋଇଥିଲା। ତେବେ ଦଳ ଅଢେଇ ଶହ ରନ ପାର କରିବାରେ ସକ୍ଷମ ହୋଇଥିଲା। ବୋଲିଂରେ ଭାରତ ତରଫରୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ସର୍ବାଧିକ ୩, କୁଲଦୀପ ଯାଦବ ୨, ଖଲିଲ ଅହମ୍ମଦ, ଦୀପକ ଚହର ଓ କେଦାର ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଆଫଗାନିସ୍ତାନ ଇନିଂସ: ୫୦ ଓଭରରେ ୨୫୨/୮(ଶାହଜାଦ- ୧୨୪, ନବି- ୬୪, ଜାଡେଜା- ୩/୪୬, କୁଲଦୀପ- ୨/୩୮)।

## କୋରିଆ ଓପନ୍ ମୁଖ୍ୟ ପର୍ଯ୍ୟାୟରୁ ଜୟରାମ ବଞ୍ଚିତ

ସିଅଲ, ୨୫।୯ (ପି.ଟି.): ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଅଜୟ ଜୟରାମ ୬ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ୍ ମୁଖ୍ୟ ପର୍ଯ୍ୟାୟକୁ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଯୋଗ୍ୟତା ପର୍ଯ୍ୟାୟର ଏକ ମୁକାବିଲାରେ ମଙ୍ଗଳବାର ଜୟରାମ ୨୬-୨୪, ୨୧-୧୮ ସିଧାସଳଖ ଗେମ୍‌ରେ ଚାଇନାର ଝାଓ ଜୁନପେଙ୍ଗଙ୍କ ନିକଟରୁ ହାରିଯାଇଛନ୍ତି।

## ଭାଷ୍ୟକାର ଯଶଦେବଙ୍କ ପରଲୋକ

ନୂଆଦିଲ୍ଲୀ, ୨୫।୯ (ପି.ଟି.): ପୂର୍ବତନ ବିଶିଷ୍ଟ ଲୋକପ୍ରିୟ ଭାଷ୍ୟକାର ଯଶଦେବ ସିଂଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ୭୦ ଦଶକ ଏବଂ ୮୦ ଦଶକ ପ୍ରାରମ୍ଭରେ ଖେଳ ପ୍ରସାରଣ କ୍ଷେତ୍ରରେ ଦୂରଦର୍ଶନର ବିଶେଷ ଭୂମିକା ରହିଥିଲା। ସେ ସମୟରେ ରବି ଚତୁର୍ବେଦୀ ଓ ସୁଶୀଲ ଦୋଶିଙ୍କ ସମେତ ଯଶଦେବ ସିଂ ଦୂରଦର୍ଶନର କ୍ରୀଡ଼ା ଭାଷ୍ୟକାର ଭାବେ ଘରେ ଘରେ ପରିଚିତ ଥିଲେ। ଯଶଦେବ ୧୯୫୫ରେ ଅଲ୍ ଇଣ୍ଡିଆ ରେଡ଼ିଓରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ଦୀର୍ଘଦିନ ଧରି ଅଲଇଣ୍ଡିଆ ରେଡ଼ିଓର 'ଭଏସ୍ ଅଫ୍ ସ୍ପୋର୍ଟ୍ସ' ଭାବେ ପରିଚିତ ଥିଲେ। କେନ୍ଦ୍ର କ୍ରୀଡ଼ା ଏବଂ ସୂଚନା ପ୍ରସାରଣ ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଯଶଦେବଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଚତୁର୍ବେଦୀ ଓ ଦୋଶି ବିଶେଷ କରି କ୍ରିକେଟ କମେଣ୍ଟ୍ରି କରିଥାନ୍ତି। କିନ୍ତୁ ଯଶଦେବ ହେଲସେଙ୍କି (୧୯୬୮)ରୁ ଆରମ୍ଭ କରି ମେଲବୋର୍ନ (୨୦୦୦) ପର୍ଯ୍ୟନ୍ତ ଅଲିମ୍ପିକ ଗେମ୍ସର ୯ଟି ସଂସ୍କରଣରେ ଭାଷ୍ୟକାର ଦାୟିତ୍ୱ ତୁଲାଇଛନ୍ତି। ପୂର୍ବତନ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କାଉନ୍‌ସିଲ ମୁଖ୍ୟ ଜୁଆନ ଆଣ୍ଟୋନିଓ ସମରଞ୍ଚ ୧୯୮୮ ସିଓଲ ସଂସ୍କରଣରେ ଯଶଦେବଙ୍କୁ 'ଅଲିମ୍ପିକ ଅର୍ଡର' ସମ୍ମାନରେ ସମ୍ମାନିତ କରିଥିଲେ। ସେ ଆହୁରି ମଧ୍ୟ ୬ଟି



ଏସିଆନ ଗେମ୍ସ ଏବଂ ସମାନ ସଂଖ୍ୟକ ହକି ବିଶ୍ୱକପ୍‌ର ଧାରା ବିବରଣୀ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ୧୯୬୩ରୁ ଦୀର୍ଘ ୪୮ ବର୍ଷ ଧରି ସାଧାରଣତନ୍ତ୍ର ଦିବସ ଉତ୍ସବର ଭାଷ୍ୟକାର ଭାବେ କାର୍ଯ୍ୟ କରିଥିଲେ। ତାଙ୍କୁ ୧୯୮୫ରେ ପଦ୍ମଶ୍ରୀ ଏବଂ ୨୦୦୮ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ମୋଡ୍ରିକ୍ ଫିଫା ଶ୍ରେଷ୍ଠ ଖେଳାଳି

ଲଣ୍ଡନ, ୨୫।୯(ଏଏଫ୍‌ପି)

ଗତ ଦଶନ୍ଧି ଧରି ଫୁଟ୍‌ବଲର ସର୍ବୋଚ୍ଚ ପୁରସ୍କାର 'ଫିଫା ବେଷ୍ଟ ପ୍ଲେୟାର ଅଫ୍ ଦି ଇୟର' ଟ୍ରଫି ଜିତି ଆସୁଥିବା ଦୁଇ ମହାନ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ଯୁଗର ଅନ୍ତ ଘଟିଛି। ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପକାଇ କ୍ରୋଏସିଆର ଲୁକା ମୋଡ୍ରିକ୍ ଚଳିତ ବର୍ଷ ଲାଗି ଫିଫାର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ହାତେଇ ନେଇଛନ୍ତି। ୩୩ ବର୍ଷୀୟ ରିୟଲ ମାଡ୍ରିଡ୍ ତାରକା ମୋଡ୍ରିକ୍ ପ୍ରାକ୍ତନ ଟିମ୍‌ମେଟ୍ ତଥା ବର୍ତ୍ତମାନ ଜୁଭେଣ୍ଟସ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଭରପୁଲର ମହମ୍ମଦ ସଲାହ୍‌ଙ୍କୁ ପଛରେ ପକାଇ ଫୁଟ୍‌ବଲର ଏହି ସମ୍ମାନଜନକ ପୁରସ୍କାର ଜିତିବାରେ ସଫଳ ହୋଇଛନ୍ତି। ଗତ ମାର୍ଚ୍ଚରେ ମୋଡ୍ରିକ୍ କ୍ୟାରିୟରର ୩ୟଥର ପାଇଁ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରିଥିଲେ। ସେହିଭଳି କ୍ରୋଏସିଆକୁ ପ୍ରଥମଥର ଲାଗି ଫୁଟ୍‌ବଲର ମହାକୁମ୍ଭ ଫିଫା ବିଶ୍ୱକପ୍ ଫାଇନାଲରେ ପହଞ୍ଚାଇବାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ବହୁତ ଲୋକ ମୋତେ ସମର୍ଥନ ଦେଇଥିବାରୁ ସମସ୍ତଙ୍କୁ ମୋଡ୍ରିକ୍ ଧନ୍ୟବାଦ୍ ଜଣାଇଛନ୍ତି। ୨୦୦୮ରୁ ରୋନାଲ୍ଡୋ ଓ ମେସି ଲଗାତର ଭାବେ ଫିଫାର ଏହି ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତି ଆସୁଥିଲେ। ଉଭୟ ମେସି ଓ ରୋନାଲ୍ଡୋ ମିଳିତ ଭାବେ ୫ଥର ଲେଖାଏ ଏହି ସମ୍ମାନଜନକ ଟ୍ରଫି ହାସଲ କରିଛନ୍ତି। ଲଣ୍ଡନରେ ଅନୁଷ୍ଠିତ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ରାଜିଲର ୩୨ ବର୍ଷୀୟା ଫର୍‌ୱାର୍ଡ ମାର୍ତା ଭିଏରା ଡା ସିଲ୍‌ଭା ଫିଫାର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ଉଭୟ ରୋନାଲ୍ଡୋ ଓ ସଲାହ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ମଧ୍ୟ ମେସିଙ୍କୁ ଦେଖିବାକୁ ମିଳି ନ ଥିଲା। ବିଶ୍ୱକପ୍ ଫାଇନାଲରେ କ୍ରୋଏସିଆକୁ ୪-୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିବା ଫ୍ରାନ୍ସର ଡିଡିଅର ଡେସଚାମ୍ପସ୍‌ଙ୍କୁ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।



ଟ୍ରଫି ସହ ଲୁକା ମୋଡ୍ରିକ୍, ଡିଡିଅର ଡେସଚାମ୍ପ, ମାର୍ତା ଭିଏରା।

### ୱାର୍ଲ୍ଡ ଟିମ୍ ଅଫ୍ ଦି ଇୟର

ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଫିଫା ୱାର୍ଲ୍ଡ ଟିମ୍ ଅଫ୍ ଦି ଇୟର ଚୟନ କରାଯାଇଛି। ଆଶ୍ଚର୍ଯ୍ୟଜନକ ଭାବେ 'ପ୍ଲେୟାର ଅଫ୍ ଦି ଇୟର' ପୁରସ୍କାର ଦୌଡ଼ରେ ରହିଥିବା ମହମ୍ମଦ ସଲାହ ଏବଂ ବର୍ଷର ଶ୍ରେଷ୍ଠ ଗୋଲକିପର ଟ୍ରଫି ଜିତିଥିବା ବେଲଜିୟମର ଥିବାଉଟ୍ କର୍ଟୋଇଜଙ୍କୁ ଫିଫା ୱାର୍ଲ୍ଡ ଟିମ୍‌ରେ ସ୍ଥାନ ମିଳିନାହିଁ।

### ଖେଳାଳି ତାଲିକା

ଗୋଲକିପର- ଡେଭିଡ୍ ଡି ଗି (ସ୍ପେନ), ଡିଫେଣ୍ଡର- ଡାନି ଅଲ୍‌ଭେସ (ବ୍ରାଜିଲ), ରାଫେଲ ଭରାନେ (ଫ୍ରାନ୍ସ), ସର୍ଜିଓ ରୋମେସ (ସ୍ପେନ), ମାର୍ସେଲୋ (ବ୍ରାଜିଲ), ମିଡ୍‌ଫିଲ୍ଡର- ଲୁକା ମୋଡ୍ରିକ (କ୍ରୋଏସିଆ), ଏନ୍ ଗୋଲୋ କାଣ୍ଟେ (ଫ୍ରାନ୍ସ), ଇଡେନ ହାଜାର୍ଡ (ବେଲଜିୟମ), ଫର୍‌ୱାର୍ଡ- କିଲିୟାନ ଏମ୍‌ବାପ୍ପେ (ଫ୍ରାନ୍ସ), ଲିଓନେଲ ମେସି (ଆର୍ଜେଣ୍ଟିନା), କ୍ରିଷ୍ଟିଆନୋ ରୋନାଲ୍ଡୋ (ପର୍ତ୍ତୁଗାଲ)।

### ଥିବଟ୍ ଶ୍ରେଷ୍ଠ ଗୋଲକିପର

ବେଲ୍‌ଜିୟମର ଥିବଟ୍ କୋର୍ଟିସ ଫିଫାର ଶ୍ରେଷ୍ଠ ଗୋଲ୍‌କିପର ବିବେଚିତ ହୋଇଛନ୍ତି। ଫିଫା ବିଶ୍ୱକପ୍‌ରେ ଇଂଲଣ୍ଡକୁ ୨-୦ ଗୋଲରେ ହରାଇ ବେଲ୍‌ଜିୟମ ବ୍ରୋଞ୍ଜ ପଦକ ଜିତିଥିଲା। ବେଲଜିୟମକୁ ବିଶ୍ୱକପ୍‌ରେ ପଦକ ସଫଳତା ଦେବାରେ ଥିବାଉଟ୍‌ଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା। ଏହି ରିୟଲ ମାଡ୍ରିଡ୍ ତାରକା ମଧ୍ୟ ବିଶ୍ୱକପ୍‌ରେ ଗୋଲ୍‌ଡେନ ଗ୍ଲୋଭ୍ସ ପୁରସ୍କାର ହାସଲ କରିଥିଲେ।



❝ ଫୁଟବଲରେ କୋଚ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଇପାରେ କିନ୍ତୁ କ୍ରିକେଟରେ କୋଚ୍‌ଙ୍କ ଅପେକ୍ଷା ଅଧିନାୟକଙ୍କର ବିଶେଷ ଗୁରୁତ୍ୱ ରହିବା ଉଚିତ୍।

–ସୌରଭ ଗାଙ୍ଗୁଲି, ଭାରତର ପୂର୍ବତନ କ୍ରିକେଟ ଅଧିନାୟକ



❝ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡରେ ଲୋକେ କ୍ରିକେଟକୁ ଭଲରୂପେ ବୁଝନ୍ତି, ତେଣୁ ଏହି ଦେଶଗୁଡ଼ିକରେ ଟେଷ୍ଟ ମ୍ୟାଚ ପ୍ରତି ଆଦର ରହିଛି।

–ବିରାଟ କୋହଲି, ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ୪-୦ରେ ସିରିଜ ଜିତିଲା ଭାରତ

**କଲମ୍ବୋ, ୨୫।୯:** ଘରୋଇ ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ତଥା ୫ମ ଟି୨୦ ମ୍ୟାଚ୍‌କୁ ଭାରତୀୟ ମହିଳା କ୍ରିକେଟ ଦଳ ୫୧ ରନରେ ଜିତିନେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୫୭ ରନର ଟାର୍ଗେଟ୍‌କୁ ପିଛା କରିଥିବା ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ୧୭.୪ ଓଭରରେ ୧୦୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହି ବିଜୟ ସହ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜକୁ ୪-୦ରେ ଜିତିନେଇଛି। ବର୍ଷା ଯୋଗୁ ୨ୟ ଟି୨୦ ମ୍ୟାଚ୍ ଫଳାଫଳ ବାହାରି ନ ଥିଲା। ପୂର୍ବରୁ ଭାରତ ଦିନିକିଆ ସିରିଜକୁ ୨-୧ରେ ମଧ ହାତେଇଥିଲା। ମଙ୍ଗଳବାର ଏଠାରେ ଅନୁଷ୍ଠିତ ୫ମ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରାରମ୍ଭରୁ ଅଭିଜ୍ଞ ମିଥାଲି ରାଜ (୧୨ ରନ) ଓ ସ୍ମୃତି ମନ୍ଧାନା (୦)ଙ୍କ ଉଇକେଟ୍ ହରାଇଥିଲା। କିନ୍ତୁ ୩ୟ ଓ ୪ର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଜେମିମା ରୋଡ୍ରିଗୁଏଜ ଓ ଅଧିନାୟିକା ହର୍‌ମନପ୍ରୀତ୍ ଶତକୀୟ ଭାଗୀଦାରି କରି ଭାରତକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରିଥିଲେ। ସିରିଜରେ ଦମ୍‌ଦାର ଫର୍ମରେ ଥିବା ଜେମିମା ୩୧ ବଲରୁ ୪୬ ଓ ହରମନପ୍ରୀତ୍ ୩୮ ବଲରୁ ୬୩ ରନର ଦ୍ରୁତ ଇନିଂସ ଖେଳିବା ଯୋଗୁ ଭାରତ ୧୮.୩ ଓଭରରେ ୧୫୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଠଜଣ ଖେଳାଳି ଦୁଇଅଙ୍କ ଛୁଇଁପାରି ନ ଥିଲେ। ଶ୍ରୀଲଙ୍କା ପକ୍ଷରୁ ଶଶୀକଳା ସିରିବର୍ଦ୍ଧନେ ଓ ଇନୋସି ପ୍ରିୟଦର୍ଶିନୀ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୧୭.୪ ଓଭରରେ ୧୦୫ ରନ କରି ସୀମିତ ରହିଥିଲା। ଅନୁଷ୍କା ସଞ୍ଜିବନୀ ସର୍ବାଧିକ ୨୯ ରନ କରିଥିଲେ। ବିଜୟୀ ଭାରତ ପକ୍ଷରୁ ପୁନମ ଯାଦବ ୩ଟି ଏବଂ ଦୀପ୍ତି ଶର୍ମା ଓ ରାଧା ଯାଦବ ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ।

### କ୍ୱାର୍ଟରରେ ପଶ୍ଚିମବଙ୍ଗକୁ ଭେଟିବ ଓଡ଼ିଶା

**କଟକ ଅଫିସ, ୨୫।୯:** କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଘରୋଇ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପଶ୍ଚିମବଙ୍ଗକୁ ଭେଟିବ। ହରିୟାଣା-ଭାରତୀୟ ରେଲୱେ, ଦିଲ୍ଲୀ-ତାମିଲନାଡୁ, ମଣିପୁର-ପଞ୍ଜାବ ମଧରେ ଅନ୍ୟ କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ମଙ୍ଗଳବାର ଆସାମ ଓ ପଞ୍ଜାବ ମଧରେ ଅନୁଷ୍ଠିତ ଅନ୍ତିମ ଲିଗ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲେ ମଧ ପଏଣ୍ଟ ଭିତ୍ତିରେ ପଞ୍ଜାବ ଅନ୍ତିମ ଦଳ ଭାବେ କ୍ୱାର୍ଟରରେ ପ୍ରବେଶ କରିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବିହାର ୧-୦ ଗୋଲରେ କେରଳକୁ ହରାଇଥିଲେ ମଧ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି।

### ଫେରିଲେ ଦୁଇ ଫୁଟ୍‌ବଲ ପ୍ରତିଭା

**କଟକ ଅଫିସ, ୨୫।୯:** ମଙ୍ଗୋଲିଆଠାରେ ଅନୁଷ୍ଠିତ ହୋଇଥିବା ଏଏଫ୍‌ସି ୧୬ ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ୨ ଓଡ଼ିଆ ଖେଳାଳି ମଙ୍ଗଳବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ହେଲେ କଟକ ସାଇ କେନ୍ଦ୍ରର ଜ୍ୟୋତି କୁମାରୀ ଓ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ସଙ୍ଗୀତା ସୋରେଙ୍ଗ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମା ଭୁବନେଶ୍ୱର ଏୟାରପୋର୍ଟରେ ଉଭୟଙ୍କୁ ସ୍ୱାଗତ ଜଣାଇଥିଲେ। ଫାଓ ସମ୍ପାଦକ ସଞ୍ଜୟ ବେହେରା ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)**




ଉଦ୍‌ଘାଟନୀ ଉତ୍ସବରେ ଆଥଲେଟ୍‌ଙ୍କ ପକ୍ଷରୁ ଶପଥପାଠ କରୁଛନ୍ତି ପୂର୍ଣ୍ଣିମା ହେମ୍ବ୍ରମ।

ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୫୮ତମ ସଂସ୍କରଣ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ସକାଳ ୭ଟାରେ ପୁରୁଷ ୧୫୦୦ ମିଟରରୁ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟାରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଆନୁଷ୍ଠାନିକଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ଖୁବ୍ ଶିଘ୍ର ଏକ ହାଇ ପରଫରମାନ୍ସ ସ୍ପୋର୍ଟ୍ସ ଏକାଡେମୀ ହେବାକୁ ଯାଉଛି, ଏଥିରୁ ବିଭିନ୍ନ କ୍ରୀଡ଼ାରେ ବିଶ୍ୱ ଚାମ୍ପିୟନ ସୃଷ୍ଟି ହୋଇ ପାରିବେ। ଓଡ଼ିଶାରେ ବିଶ୍ୱଶ୍ରେଣୀୟ କ୍ରୀଡ଼ା ଭିତ୍ତିଭୂମି ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଅଭ୍ୟାସ ଜାରି ରଖି ଏଠାରୁ ଆଗାମୀ ଦିନରେ ମଧ ଅଲିମ୍ପିକ୍ସ ପଦକ ବିଜୟୀ ଆଥଲେଟ୍ ବାହାରି ପାରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ପାରମ୍ପରିକ ବ୍ୟାଣ୍ଡ ବାଦ୍ୟ ସହ ପ୍ରତିଯୋଗୀଙ୍କ ମାର୍ଚ୍ଚ ପାଷ୍ଟ ସମାରୋହକୁ ମନୋଜ୍ଞ କରିଥିଲା। ଅନ୍ୟ ଅତିଥିଙ୍କ ମଧରେ କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆର ମହାସଚିବ ସି.କେ. ଭାଲସନ ଓ ଭାରତୀୟ ଆଥଲେଟିକ୍ସ ମୁଖ୍ୟ କୋଚ୍ ବାହାଦୁର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୭୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଭାଲସନ ସୂଚନା ଦେଇଥିଲେ। ପ୍ରତିଯୋଗିତାର ମହିଳା ୧୦୦ ମିଟର ହର୍ଡଲ୍ସରେ ଭାଗ ନେଉଥିବା ଓଡ଼ିଆ ହେପ୍‌ଟାଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ୍ ଶପଥପାଠ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧୦,୦୦୦, ରୌପ୍ୟ ବିଜୟୀଙ୍କୁ ୭,୫୦୦ ଓ ବ୍ରୋଞ୍ଜ ବିଜେତାଙ୍କୁ ୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଏହି ଅବସରରେ ଘୋଷଣା କରାଯାଇଥିଲା।

## ପୂର୍ଣ୍ଣିମା ଫାଇନାଲରେ

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି):** ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଆ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ। ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପୂର୍ଣ୍ଣିମା ମଙ୍ଗଳବାର ହିଟ୍ ନମ୍ବର ୨ରେ ଦୌଡ଼ିଥିଲେ ଏବଂ ୧୪.୨୩ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ଆଥଲେଟ୍‌ମାନେ ହେଲେ ଏଲିଜାବେଥ୍ ଆନ୍ଥୋନୀ, ଅନୁରୂପା କୁମାରୀ, ଅରବିନ୍ଦା ରଥ୍ୱା, ଜାପାନର ହିତୋମି ଶିମୁରା, ସି.କାନିମୋଝି, ଆର.ନିତ୍ୟା ଓ କେ.କୀର୍ଥନା। ପୁରୁଷ ୧୦୦ ମିଟର ରେସ୍‌ରେ କିନ୍ତୁ ଓଡ଼ିଶାର ଅମିୟ ମଲିକ ଫାଇନାଲରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବାହ୍ନରେ ହିଟ୍‌ରେ ୧୦.୭୨ ସେକେଣ୍ଡ ସମୟ ନେଇ ସେମିଫାଇନାଲରେ ପ୍ରବେଶ କରିଥିବା ଅମିୟ ସନ୍ଧ୍ୟାରେ ଅନୁଷ୍ଠିତ ସେମିଫାଇନାଲରେ ୧୦.୭୩ ସେକେଣ୍ଡ ସମୟ ନେଇଥିଲେ। ଅନ୍ୟତମ ଓଡ଼ିଆ ଆଥଲେଟ୍ ଅଭିଜିତ ସାହୁ ୧୧.୩୫ ସେକେଣ୍ଡ ସମୟ ନେଇ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

# ଶର୍ମିଳା କୁମାରୀଙ୍କୁ ପ୍ରଥମ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଶର୍ମିଳା କୁମାରୀ। ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ଜାଭେଲିନ ଥ୍ରୋରେ ରେଲୱେ ଆଥଲେଟ୍‌ମାନେ ବାଜି ମାରି ମେଡାଲ ସୁଇପ୍ କରିଥିବାବେଳେ ଶର୍ମିଳା ୫୪.୮୫ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନୁ ରାଣୀ ୫୨.୯୮ ଓ କେ.ରଶ୍ମି ୫୦.୧୬ ମିଟର ଦୂରକୁ ଜାଭେଲିନ ପକାଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ପୁରୁଷ ୧୦,୦୦୦ ମିଟର

ପୁରୁଷ ୧୦୦୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଗୁଜରାଟର ମୁରଲୀ କୁମାର ଗାଭିଟ। ସେ ୨୯:୪୯.୭୯ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରେଲୱେରୁ ପ୍ରତିନିଧିତ୍ୱ କରୁଥିବା ରଞ୍ଜିତ ପଟେଲ ୨୯:୫୦.୪୩ ସେକେଣ୍ଡ ସମୟ ସହ ରୌପ୍ୟ ଓ ସର୍ଭିସେସ୍‌ର ପ୍ରଦୀପ ସିଂ ୨୯:୫୨.୩୭ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିରେ ଭାଗ ନେଇଥିବା ଓଡ଼ିଶାର ଅଶୋକ ଦଣ୍ଡସେନା ୩୨:୧୨.୫୭ ସେକେଣ୍ଡ ସମୟ ନେଇ ୯ମ ସ୍ଥାନରେ ରହିଥିଲେ।

### ମହିଳା ୧୦,୦୦୦ ମିଟର

ମହିଳା ୧୦,୦୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ରେଲୱେର ଏଲ.ସୂର୍ଯ୍ୟା। ସେ ୩୪.୧୮.୬୨ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଛନ୍ତି। ରାଜସ୍ଥାନର ମୀନୁ ୩୪:୫୯.୭୩ ସେକେଣ୍ଡ ସମୟ ନେଇ ରୌପ୍ୟ ଏବଂ ଏଲଆଇସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମୋନିକା ଆଥାରେ ୩୫:୦୯.୮୩ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ପୁରୁଷ ପୋଲଭଲ୍ଟ

ପୁରୁଷ ପୋଲଭଲ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ସର୍ଭିସେସର ଏସ.ଶିବା। ସେ ୫.୧୦ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ରେଲୱେର ଜେ,ପ୍ରୀତ୍ ୫.୦୫ ଓ ଗୋଆର ଆନାସ ବାବୁ ୪.୯୫ ମିଟର ଉଚ୍ଚକୁ ଡେଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

### ମହିଳା ଟ୍ରିପଲ ଜମ୍ପ

ମହିଳା ଟ୍ରିପଲ ଜମ୍ପରେ ହରିୟାଣାର ରେଣୁ ରେଣୁ ୧୩.୬୩ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାମିଲନାଡୁର ଏମ.ଏ. ଶିବା ଅନବାରାସି ୧୩.୨୦ ମିଟର ସହ ରୌପ୍ୟ ଏବଂ ରେଲୱେର ଭୈରବୀ ଦାସ ୧୨.୯୪ ମିଟର କ୍ଲିୟର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



ମହିଳା ଜାଭେଲିନ ଥ୍ରୋରେ ପଦକ ବିଜୟିନୀ ପ୍ରତିଯୋଗୀମାନେ।




ଓଡ଼ିଶା ଦଳର ମାର୍ଚ୍ଚପାଷ୍ଟ।

# 'ଅର୍ଜୁନ ପୁରସ୍କାରକୁ ନେଇ ବିବାଦ ଅନାବଶ୍ୟକ'

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)**

''ଅର୍ଜୁନ ପୁରସ୍କାରକୁ ନେଇ ବିବାଦ ହେବା ଅନାବଶ୍ୟକ। ଗୋଟିଏ ବର୍ଷରେ ସମସ୍ତଙ୍କୁ ଏହି ପୁରସ୍କାର ମିଳିବା ସମ୍ଭବ ନୁହେଁ। ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ଏହି ପୁରସ୍କାର ପାଇଁ ହକ୍‌ଦାର ହୋଇଥାନ୍ତି। ଏ ବର୍ଷ ନ ହେଲେ ମଧ ପୁରସ୍କାର ଆସନ୍ତା ବର୍ଷକୁ ମିଳିବ। ତେଣୁ ଧୈର୍ଯ୍ୟର ସହ ଅପେକ୍ଷା କରାଯିବା ଉଚିତ। ପ୍ରଦର୍ଶନ ଭଲ ଥିଲେ ସମ୍ମାନ ଆପେ ଆପେ ଆସିବ। ମୋତେ ୧୦ ବର୍ଷ ପରେ ଅର୍ଜୁନ ପୁରସ୍କାର ମିଳିଥିଲା। ଏହି ପୁରସ୍କାର ପାଇଁ ଗୋଟିଏ ବର୍ଷର କିମ୍ବା ଗୋଟିଏ ଟୁର୍ନାମେଣ୍ଟର ପ୍ରଦର୍ଶନ ନୁହେଁ ବରଂ ବର୍ଷେ ଦୁଇବର୍ଷର ପ୍ରଦର୍ଶନକୁ ବିଚାରକୁ ନିଆଯାଇଥାଏ। ତେଣୁ ବିବାଦ ସୃଷ୍ଟି କରିବା ଅପେକ୍ଷା ସମସ୍ତେ ସମୟକୁ ଅପେକ୍ଷା କରିବା ଶ୍ରେୟସ୍କର'' ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ସମାରୋହ ଅବସରରେ ପ୍ରକାଶ କରିଛନ୍ତି ଭାରତୀୟ ଆଥଲେଟିକ୍ସ ଦଳର ମୁଖ୍ୟ କୋଚ୍ ପଦ୍ମଶ୍ରୀ ବାହାଦୁର ସିଂ ଚୌହାନ।

ଆଥଲେଟ୍‌ଙ୍କ ପାଇଁ ପ୍ରତି ଟୁର୍ନାମେଣ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ବାହାଦୁର। ତେଣୁ ଏସିଆନ ଗେମ୍ସ ଶେଷ ହୋଇଯାଇଥିଲେ ହେଁ ଏହି ପ୍ରତିଯୋଗିତାକୁ କେହି ହେୟ ମନେ କରିବା ଉଚିତ ନୁହେଁ। ଏଥିପାଇଁ ସେ ହିମା ଦାସଙ୍କୁ ଉଦାହରଣ ଭାବେ ନେଇଥିଲେ। ଗତବର୍ଷ ହିମା ଏଥିରେ ଅଂଶଗ୍ରହଣ କରିଥିବାବେଳେ ଏବେ ବର୍ଷକ ମଧରେ ବିଶ୍ୱ ଜୁନିୟର ଚାମ୍ପିୟନ ହୋଇପାରିଛନ୍ତି ବୋଲି କହିଛନ୍ତି। ଏହି ଅବସରରେ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିବାକୁ ଭୁଲି ନ ଥିଲେ ଏହି ମୁଖ୍ୟ କୋଚ୍। ହରିୟାଣା ସରକାର ଖେଳ ପାଇଁ ବହୁତ କିଛି କରୁଥିଲେ, ଏବେ ଓଡ଼ିଶା ସରକାର ଏଥିରେ ଆଗକୁ ବଢ଼ୁଛନ୍ତି। ସରକାର ଖେଳର ଉନ୍ନତି ପାଇଁ ଯେପରି ଚିନ୍ତାଧାରା ରଖିଛନ୍ତି ମୋତେ ଲାଗୁଛି ଓଡ଼ିଶା ଭାରତରେ ନମ୍ବର ୱାନ ହୋଇଯିବ। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଆଥଲେଟ୍‌ମାନଙ୍କୁ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ। ତେବେ ମୋର ଏକ ଅନୁରୋଧ ହେଲା ପ୍ରତି ରାଜ୍ୟ ଗାଁମାନଙ୍କରେ ସ୍କୁଲ ପିଲାଙ୍କୁ ଖେଳିବାକୁ ପଡ଼ିଆ ଯୋଗାଇଦିଅନ୍ତୁ। ଏଥିରେ ଅଧିକ ଅର୍ଥ ଖର୍ଚ୍ଚ ହେବନି, ବରଂ ପିଲାମାନେ ତୃଣମୂଳସ୍ତରରେ ଅଭ୍ୟାସ କରି ଆଗକୁ ଭଲ ଖେଳାଳି ହୋଇପାରିବେ। ଚାଇନା, ରୁଷିଆ ଆଦି ଦେଶରେ ଏପରି କରାଯାଉଥିବାରୁ ସେମାନଙ୍କ ଆଥଲେଟ୍ ପ୍ରଭାବୀ ପ୍ରଦର୍ଶନ କରୁଛନ୍ତି।



ବାହାଦୁର ସିଂ ଚୌହାନ

ତେଣୁ ଏହା ତୃଣମୂଳସ୍ତରକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଛନ୍ତି।

ଆଗାମୀ ଅଲିମ୍ପିକ୍ସରେ ଭାରତୀୟ ଆଥଲେଟ୍‌ଙ୍କ ସମ୍ଭାବନା ସମ୍ପର୍କରେ ସେ କହିଲେ ଯେ, ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ କୌଣସି ଆଥଲେଟ୍‌ଙ୍କୁ ଅତିକମ୍‌ରେ ୬ ବର୍ଷ ଲାଗିଥାଏ। ତା ପରେ ଯାଇ ପଦକ ସମ୍ଭାବନା ରହିଥାଏ। ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ଖେଳାଳି ଗୋଟିଏ ବର୍ଷରେ ମଧ ଏହି ସଫଳତା ପାଇପାରେ, ମାତ୍ର ଦୀର୍ଘଦିନ ଅଭ୍ୟାସ ଆବଶ୍ୟକ ହୋଇଥାଏ। ଗୋଟିଏ ଦିନ ଟ୍ରେନିଂ ବନ୍ଦ କଲେ ଚଳିବନି। ବର୍ଷା, ଶୀତ, ଖରା ସବୁଦିନେ ଅଭ୍ୟାସ ଜାରି ରଖିବା ଆବଶ୍ୟକ। ଆମ ନିକଟରେ କ୍ୱାଲିଟି ଖେଳାଳି ଓ କୋଚ୍ ଅଛନ୍ତି। ତେଣୁ ଠିକ୍‌ଭାବେ ଅଭ୍ୟାସ କଲେ ନିଶ୍ଚିତ ଅଲିମ୍ପିକ୍ସରେ ସଫଳତା ମିଳିପାରିବ।

ଭାରତର ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କୁ ନେଇ ଅନେକ ଆଶା ରଖିଛନ୍ତି ବାହାଦୁର। ଦୂତୀ ଜଣେ ପ୍ରତିଭାସମ୍ପନ୍ନ ଆଥଲେଟ୍। ସେ ଯଦି ଇଞ୍ଜୁରିକୁ ନ ଆସି ଟ୍ରେନିଂ ଜାରି ରଖିବେ ତେବେ ତାଙ୍କ ପାଇଁ ମଧ ଅଲିମ୍ପିକ୍ସ ପଦକ ସମ୍ଭାବନା ରହିବ। ଦୂତୀଙ୍କ ଟାଇମିଂରେ ଉନ୍ନତି ହେଉଛି। ପଦକ ହାସଲ କଥା ଏବେଠାରୁ କହିଲେ ବୋଧେ ଶୀଘ୍ର ହୋଇଯିବ। ତେବେ ଆଗାମୀ ଦିନରେ ତାଙ୍କ ପାଇଁ ନିଶ୍ଚିତ ସମ୍ଭାବନା ରହିଛି ବୋଲି ଅର୍ଜୁନ ପୁରସ୍କାରପ୍ରାପ୍ତ ବାହାଦୁର ପ୍ରକାଶ କରିଛନ୍ତି।

୧୯୪୬ ଫେବୃୟାରୀ ୮ରେ ଜନ୍ମିତ ବାହାଦୁର ୧୯୭୩ରୁ ୧୯୮୫ ପର୍ଯ୍ୟନ୍ତ ଭାରତର ଜଣେ ଶଟ୍‌ପୁଟ୍ ତାରକାଭାବେ ପରିଚିତ ଥିଲେ। ସେ ଏସିଆନ ଗେମ୍ସ ଓ ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରଭାବୀ ପ୍ରଦର୍ଶନ ପାଇଁ ସେ ପଦ୍ମଶ୍ରୀ ଓ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ପରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନିତ ହୋଇଥିବା ବାହାଦୁର ଏବେ ଭାରତୀୟ ଆଥଲେଟିକ୍ସ ଟିମ୍‌ର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟରତ।




ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ଶହେ ମିଟର ରେସ୍।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୬/୨୦୧୮ Bhubaneswar, Wednesday, September 26/ 2018

## ସଂକ୍ଷେପରେ

### ରେଳରେ କଟି ଯୁବକ ମୃତ

**କୁଜଙ୍ଗ,୨୫।୯(ସ୍ୱ.ପ୍ର.):** ମଙ୍ଗଳବାର ଅପରାହ୍ନରେ କଟକ-ପାରାଦୀପ ରେଳପଥର ଫତେପୁର ନିକଟରେ ଜଣେ ଯୁବକ ରେଳରେ କଟି ପ୍ରାଣହରାଇଛି। ସେ ହେଲେ ବାମଦେଈପୁର ପଞ୍ଚାୟତର କେଲୁ ପ୍ରଧାନଙ୍କ ପୁଅ ଛବିନ୍ଦ୍ର(୩୧)। ରେଳରେ କଟି ତାଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଛି। ତେବେ ଏହା ଆତ୍ମହତ୍ୟା ନା ଅସାବଧାନତାବସତଃ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ଛବିନ୍ଦ୍ରଙ୍କ ମୃତ୍ୟୁରେ କଙ୍କରଦିଆ ଓ ବାଲିତୁଠ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବିବାହିତ ଓ ତାଙ୍କର ୨ ସନ୍ତାନ ଅଛନ୍ତି।

### ଶିଳ୍ପ ପ୍ରଦୂଷଣରୁ ବ୍ୟାପୁଛି ଚର୍ମରୋଗ

**ଏରସମା,୨୫।୯(ସ୍ୱ.ପ୍ର.):** ଏରସମା ବ୍ଲକ ଚଟୁଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲୋକଙ୍କୁ ଚର୍ମ ରୋଗ ବ୍ୟାପିବାରେ ଲାଗିଛି। ବାରମ୍ବାର ଚିକିତ୍ସା ପରେ ମଧ କୌଣସି ସୁଫଳ ମିଳୁନି। ପ୍ରକାଶ ଯେ, ଗତ ମାସେ ହେଲା ଏହି ଲୋକଙ୍କ ଦେହ ହାତ କୁଣ୍ଡାଇ ହେଉଛି। ହାତରେ ରାମ୍ପିବା ଫଳରେ ଦେହ ସାରା ଫଳିଯାଉଛି। ଏହା ଦ୍ୱାରା ଦେହରେ ଯେଉଁ କ୍ଷତ ସୃଷ୍ଟି ହେଉଛି, ତାହା ସହଜରେ ଶୁଖୁନାହିଁ। ଏହି ପଞ୍ଚାୟତ ସାମନ୍ତରାପୁର ଗ୍ରାମର ଝୁମ୍ପେଇ ସ୍ୱାଇଁ(୫୬), ପୋଖରିଆପଡା ଗ୍ରାମର ବୈଷ୍ଣବ ସୁତାର(୪୨), ନରେନ୍ଦ୍ରପୁର ଗ୍ରାମର ଶରତ କୁମାର ମଲ୍ଲିକ(୩୮) ପ୍ରମୁଖ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସେହିପରି ବାମଦେଈପୁର ଗ୍ରାମର କ୍ଷୀରୋଦ ସ୍ୱାଇଁ, ନୂଆଗାଁର କ୍ଷୀରୋଦ ସାହୁ(୩୫) ପ୍ରମୁଖ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଗିରିଜା ପ୍ରସନ୍ନ ମହାପାତ୍ରଙ୍କୁ ପଚାରିବାରୁ ଚର୍ମରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଉଛି। ମାତ୍ର ଏହି ରୋଗ ଔଷଧ ଦ୍ୱାରା ଭଲ ହେଉନି। ପାରାଦୀପର ଶିଳ୍ପ କାରଖାନାର କୁପ୍ରଭାବ ଯୋଗୁ ଏଭଳି ରୋଗ ହେଉଥିବା ଅନୁମାନ କରାଯାଉଛି।

# ସିଓ୍ୱେଜ କମ୍ପାନୀ ଆଗରେ ଡମ୍ଫର ମାଲିକ ସଂଘର ଧାରଣା

**ପାରାଦୀପ,୨୫।୯(ସ୍ୱ.ପ୍ର.)**



ଧାରଣାରତ ଡମ୍ଫର ମାଲିକମାନେ।

- ମିଳୁନି ପରିବହନ ବାବଦ ବକେୟା ଅର୍ଥ
- ନଭେମ୍ବର ୧୫ ସୁଦ୍ଧା ପରିଶୋଧ କରିବାକୁ ପ୍ରତିଶ୍ରୁତି

ପାରାଦୀପ ବନ୍ଦରରେ ଆନ୍ତଃପରିବହନ କରୁଥିବା ଡମ୍ଫର ମାଲିକ ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ସିଓ୍ୱେଜ କମ୍ପାନୀ ଅଫିସ ଆଗରେ ଧାରଣା ଦେଇଛନ୍ତି। ଗତ ମାର୍ଚ୍ଚ ମାସରୁ ଗାଡି ଭଡ଼ା ବାବଦ ଅର୍ଥ ପ୍ରାୟ ୨ କୋଟି ଟଙ୍କା ବାକି ଥିବାରୁ ଡମ୍ଫର ମାଲିକମାନେ ଏଭଳି ପଦକ୍ଷେପ ନେଇଛନ୍ତି। ରାତି ୮ଟା ପର୍ଯ୍ୟନ୍ତ ଧାରଣା ଚାଲିବା ପରେ କମ୍ପାନୀ ବକେୟା ଅର୍ଥ ଆସନ୍ତା ନଭେମ୍ବର ମାସ ୧୫ ତାରିଖ ସୁଦ୍ଧା ପରିଶୋଧ କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣା ସମ୍ପର୍କରେ ସଂଘ ସଭାପତି ବିଜୟ କୁମାର ନାୟକ କହିଛନ୍ତି ଯେ କମ୍ପାନୀର ପଣ୍ୟ ଆବଶ୍ୟକ ମୁତାବକ ସୁଚାରୁ ରୂପେ ପରିବହନ କରୁଛୁ। ବକେୟା ଅର୍ଥ ଦେବା ପାଇଁ ଗତ ମାର୍ଚ୍ଚ ମାସରୁ ଏକାଧିକ ଥର ଚିଠି କରିବା ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କଲେ ନାହିଁ। ତେଣୁ ଆମେ ବାଧହୋଇ ଧାରଣା ଦେଲୁ ବୋଲି ସେ କହିଛନ୍ତି। ଅର୍ଥ ବକେୟା ରହିବା ଦ୍ୱାରା ମାଲିକମାନେ ଚାଳକ ଓ ହେଲପରଙ୍କୁ ଦରମା ଠିକ୍ ଭାବେ ଦେଇପାରୁନାହାନ୍ତି। ଗାଡି ମରାମତି କାମ ଠିକ୍ ଭାବେ ହୋଇପାରୁନି। ଏମିତି କମ୍ପାନୀ ଉପରେ ସବୁବେଳେ ୨ରୁ ୩ ମାସ ବାକି ରହିଥାଏ। କିନ୍ତୁ ଏହାଠାରୁ ଅଧିକ ବାକି ଦେବା ସମ୍ଭବ ହେଉନାହିଁ। ସିଓ୍ୱେଜ କମ୍ପାନୀର ଡିଜିଏମ୍ ରଘୁବେନ୍ଦ୍ର ବର୍ମା କହିଛନ୍ତି ଯେ ଆମେ ଅର୍ଥ କିଛି ମାତ୍ରାରେ ଦେଇ ଚାଲିଛୁ। କମ୍ପାନୀ ଯେଉଁ ସବୁ ଆମଦାନୀ-ରପ୍ତାନୀକାରୀ ସଂସ୍ଥାର ଷ୍ଟିଭେଡରିଂ କରୁଛି , ସେହି ସଂସ୍ଥାମାନେ ୩ରୁ ୬ ମାସ ବିଳମ୍ବରେ ଟଙ୍କା ଦେଉଛନ୍ତି। ତେଣୁ ଏଭଳି ବ୍ୟତିକ୍ରମ ଦେଖାଦେଉଛି। ତେବେ ଆସନ୍ତା ୨ରୁ ୩ ମାସ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ କମ୍ପାନୀକୁ ନେଇ ପାରାଦୀପ ବନ୍ଦରରେ ଗତ ୨୦୧୫ ଜୁଲାଇ ୫ରୁ ଷ୍ଟିଭେଡର୍ସ ବିବାଦ ମୁଣ୍ଡ ଟେକିଥିଲା। ଏହି ଘଟଣାରେ କମ୍ପାନୀର ଜିଏମ୍ ମହେନ୍ଦ୍ର ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା। ସେହି ଘଟଣାରେ ଶିଳ୍ପପତି ମହିମାନନ୍ଦ ମିଶ୍ର ଅଭିଯୁକ୍ତ ଥାଇ ଏବେ ବିଚାରାଧୀନ ବନ୍ଦୀ ଭାବେ ଜେଲରେ ଅଛନ୍ତି।

# ଗୋରେଖନାଥ ହୁଣ୍ଡିରୁ ୭ ଲକ୍ଷ ୩୦ ହଜାର ଟଙ୍କା ଆୟ



ହୁଣ୍ଡିରୁ ବାହାରିଥିବା ଟଙ୍କା ଗଣାଯାଉଛି।

**ରଘୁନାଥପୁର, ୨୫।୯( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠ ଦାନବାକ୍ସରୁ ୭ ଲକ୍ଷ ୩୦, ୩୫୫ ଆୟ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଭିନ୍ୟୁ ଅଫିସର ପ୍ରମୋଦ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୁଣ୍ଡି ଖୋଲାଯାଇଥିଲା। ଏଥିରେ ଟ୍ରଷ୍ଟ ବୋର୍ଡ କିରାଣି ସରୋଜ କୁମାର ସାହାଣୀଙ୍କ ସମେତ ୨୫ ଜଣ କର୍ମଚାରୀ ଟଙ୍କା ଗଣିବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସନ୍ଧ୍ୟାରେ ଟଙ୍କା ଗଣିବା କାର୍ଯ୍ୟ ଶେଷ ହୋଇଥିବାବେଳେ ଟ୍ରଷ୍ଟ ବୋର୍ଡ ଆକାଉଣ୍ଟରେ ଏହାକୁ ଡିପୋଜିଟ୍ କରିବାକୁ ପଠାଯାଇଛି। ତେବେ ଏଥିରେ କେତେଜଣ ବ୍ୟାଙ୍କ କର୍ମଚାରୀ ନିୟୋଜିତ ଥିବା ଦେଖାଯାଇଥିଲା।

# ଭୋଟ ଗ୍ରହଣ କେନ୍ଦ୍ର ପରିବର୍ତ୍ତନକୁ ବିରୋଧ

**ବାଲିକୁଦା,୨୫।୯(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅରିଲୋ ଗ୍ରାମର ଭୋଟ ଗ୍ରହଣ କେନ୍ଦ୍ର ପରିବର୍ତ୍ତନକୁ ବିରୋଧ କରି ମଙ୍ଗଳବାର ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଉକ୍ତ ଗାଁର ୧୩୦ ନଂ ବୁଥ କଟିକଟା ୟୁଜିଏମଇ ସ୍କୁଲରେ ହୋଇଥାଏ। ମାତ୍ର ସଂଶୋଧନ ପ୍ରକ୍ରିୟାରେ ଏଥିରେ ପରିବର୍ତ୍ତନ କରାଯାଇ ୧୨୯ନଂ. ବୁଥ ଅଲିକଣ୍ଟା ସହିତ ସଂଯୋଗ କରାଯାଇଛି। ଏହାର ଦୂରତା ପ୍ରାୟ ୨ ରୁ ୩ କିମି ହେବ ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ପୁରୁଣା ବୁଥରେ ମତଦାନ ବ୍ୟବସ୍ଥା କରିବାକୁ ଗ୍ରାମର ନିରଞ୍ଜନ ଜେନା, ଆଲୋକ ପରିଡା, ପ୍ରକାଶ ସ୍ୱାଇଁ, କୁଳମଣି ରାଉତ ପ୍ରମୁଖ ବିଡିଓ କଲ୍ୟାଣି ପଟ୍ଟନାୟକଙ୍କୁ ଜଣାଇଛନ୍ତି। ଏଥିସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଛାତ୍ରଙ୍କ ବିକ୍ଷୋଭ ପରେ ପରୀକ୍ଷା ବାତିଲ

**ପୁରୀ ଅଫିସ,୨୫।୯:** ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଯୁକ୍ତ ୨ ଓ ୩ର ଇଣ୍ଟରନାଲ ପରୀକ୍ଷା ବାତିଲ ଦାବିରେ ଶତାଧିକ ଛାତ୍ର କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଟ୍ରେନ୍ ବାତିଲ ଯୋଗୁ ବହୁ ଛାତ୍ରୀଛାତ୍ର ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଇଣ୍ଟରନାଲ ପରୀକ୍ଷା ଦେବାକୁ ଆସିପାରି ନ ଥିଲେ। ଏହି ଖବର ପାଇବା ପରେ କେତେଜଣ ଛାତ୍ର କଲେଜ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରୀକ୍ଷା ବାତିଲ କରିବାକୁ ସେମାନେ ଅଡ଼ି ବସିଥିଲେ। କର୍ତ୍ତୃପକ୍ଷ ରାଜି ନ ହେବାରୁ କ୍ୟାମ୍ପସ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ କଲେଜ କର୍ତ୍ତୃପକ୍ଷ ପରୀକ୍ଷା ବାତିଲ କରିଥିଲେ। ପିଲାଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ପରୀକ୍ଷା ବାତିଲ କରାଯାଇଛି ବୋଲି ଅଧକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କହିଛନ୍ତି। ସାକ୍ଷୀଗୋପାଳ ଓ ଡେଲାଙ୍ଗ ପଟୁ ଶତାଧିକ ଛାତ୍ରୀଛାତ୍ର ଏସ୍‌ସିଏସ କଲେଜରେ ଅଧ୍ୟୟନ କରୁଛନ୍ତି। ଟ୍ରେନ୍ ସମ୍ପ୍ରସାରଣ ଲାଗି ପୁରୀ-ଭୁବନେଶ୍ୱର ମଧରେ ଯାତାୟାତ କରୁଥିବା କେତେକ ଟ୍ରେନ୍‌ର ସମୟ ସାରଣୀରେ ପରିବର୍ତ୍ତନ କରାଯାଇଛି। ମଙ୍ଗଳବାରଠାରୁ କଲେଜରେ ଯୁକ୍ତ ୨ ଓ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହୋଇଛି। କୌଣସି କାରଣରୁ ଟ୍ରେନ୍ ବିଳମ୍ବ ଯୋଗୁ ଶତାଧିକ ଛାତ୍ରୀଛାତ୍ର ନିର୍ଦ୍ଧାରିତ ସମୟରେ ପହଞ୍ଚିପାରି ନ ଥିଲେ।

### ତପସ୍ୟା ଶିଶୁ ଗୃହ ଉଦ୍‌ଘାଟିତ




**ନୟାଗଡ଼ ଅଫିସ,୨୫।୯-**ନୟାଗଡ଼ ସହର ଘଡୁଆଳଠାରେ ତପସ୍ୟା ସିସିଆଇ (ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନ) ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥିଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରୀତିକାନ୍ତ ପଣ୍ଡା, ଜିଲା ଶିଶୁମଙ୍ଗଳ ସମିତି ଅଧକ୍ଷ ସ୍ୱଦେଶ ମିଶ୍ର, ୱାଇସିଡ଼ିଏର ସମ୍ପାଦକ ରାଜେନ୍ଦ୍ର ମେହେର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଗଣିଆ ଉନ୍ନୟନ କମିଟିର ସଭାପତି ଉଷା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ତପସ୍ୟା ସିସିଆଇ ବିଷୟରେ ସୂଚନା ଦେଇଥିଲେ। ଗଣିଆ ଉନ୍ନୟନ କମିଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେ ତପସ୍ୟା ସିସିଆଇରେ ୨୫ ଜଣ (୬ରୁ ୧୮ ବର୍ଷ)ର ବାଳିକାମାନଙ୍କ ରହିବା ପାଇଁ ବନ୍ଦୋବସ୍ତ କରାଯାଇଛି। ବର୍ତ୍ତମାନ ଏଠାରେ ୧୯ ଜଣ ଶିଶୁ ରହୁଥିବା ସୂଚନା ଦିଆଯାଇଥିଲା।

### ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ଜାରି

**ନୂଆଗାଁ,୨୫।୯(ଡି.ଏନ.ଏ.):** ଓଡିଶା ଅଗ୍ନିଶମ କର୍ମଚାରୀମାନେ ୬ ଦଫା ଦାବି ନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ମଙ୍ଗଳବାର ନୂଆଗାଁ ଅଗ୍ନିଶମ ସେବା କେନ୍ଦ୍ର ସମ୍ମୁଖରେ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ବିଭିନ୍ନ ଦାବି ନେଇ ସେମାନେ କାର୍ଯ୍ୟବନ୍ଦ ରଖିଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଆନ୍ଦୋଳନରେ ଆଲୋକ ପ୍ରଧାନ, ରାଜେଶ ପ୍ରଧାନ, ବସନ୍ତ ସାହୁ , ବିଶ୍ୱରଞ୍ଜନ ନାୟକ, ଅନିଲ କୁମାର ବେଉରା , ରବୀନ୍ଦ୍ର କୁମାର ଭୋଇ ପ୍ରମୁଖ ୧୪ ଜଣ କର୍ମଚାରୀ ସାମିଲ ହୋଇଥିଲେ ।

### ଭାଗବତ ସପ୍ତାହ

**ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ୍.ଏ),୨୫।୯:** ନୟାଗଡ଼ ଜିଲା ଦଶପଲ୍ଲା କୁଞ୍ଜବନଗଡ଼ ଠାରେ ଭାଗବତ ସପ୍ତାହ ପାଳିତ ହୋଇଯାଇଛି। ୧୯ ତାରିଖଠାରୁ ଭାଗବତ ମଣ୍ଡପଠାରେ ଏହି ଅବସରରେ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଶେଷ ହୋଇଥିଲା। ଶ୍ରୀ ଭାଗବତ ଗୋସାଇଁ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବକ୍ତା ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ରାୟଗୁରୁ, ଶ୍ୟାମସୁନ୍ଦର ଗୋଛି, ଜୟକୃଷ୍ଣ ଦାଶ ଉପସ୍ଥିତ ରହି ଭାଗବତ କଥାମୃତ ଉପରେ ଆଲୋଚନା କରିଥିଲେ। ଟ୍ରଷ୍ଟର ମୁଖ୍ୟ ପରିଚାଳକ କୁମୁଦ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

---

ବଡ଼କୁଳ ପାନ୍ଥନିବାସରେ ପର୍ଯ୍ୟଟନ ପର୍ବ ୨୦୧୮

# ଲୋକ କଳା ନୃତ୍ୟରେ ଦର୍ଶକ ବିଭୋର

**ବାଲୁଗାଁ,୨୫।୯(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ପରିବେଷିତ ଲୋକକଳା ନୃତ୍ୟ।

ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ରାଜ୍ୟ ବ୍ୟାପି ପର୍ଯ୍ୟଟନ ପର୍ବ ପାଳିତ ହେଉଛି। ୧୬ ରୁ ୨୭ତାରିଖ ପର୍ଯ୍ୟନ୍ତ ଏହି ପର୍ବ ପାଳିତ ହେଉଥିବା ବେଳେ ଖୋର୍ଦ୍ଧା ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ବଡ଼କୁଳ ପାନ୍ଥନିବାସ ଚିଲିକା ତଟରେ ଏହି ଉତ୍ସବ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ବିଶେଷକରି ବାଙ୍କି ସିଂହମ୍ ଡ୍ୟାନ୍ସ ଏକାଡ଼େମୀର ବାର ମାସ ତେର ପର୍ବ ଲୋକ କଳା ନୃତ୍ୟ ଦର୍ଶକଙ୍କ ମନମୋହିଥିଲା ।

ପ୍ରାତଃ ସମୟରେ ଯୋଗାସନ ଓ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଚିଲିକା ତଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜିଲାପାଳ ମିଶ୍ର ଉଦ୍‌ବୋଧନ ଦେଇ କହିଥିଲେ ଓଡ଼ିଶାରେ ବହୁ ପର୍ଯ୍ୟଟନ ସ୍ଥଳ ରହିଛି। ତନ୍ମଧ୍ୟରୁ ଚିଲିକା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଏଣୁ ପର୍ଯ୍ୟଟନ ଶିଳ୍ପର ଉନ୍ନତି କ୍ଷେତ୍ରରେ ଜନସଚେତନତା ଏହି ପର୍ବର ଆଭିମୁଖ୍ୟ ଅଟେ । ଏଥି ସହ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶା ଲୋକ କଳା ନୃତ୍ୟ ଏହି କାର୍ଯ୍ୟକ୍ରମ ଦ୍ୱାରା ଆଦୃତି ଲାଭ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲାପାଳ ସରୋଜ କୁମାର ସାହୁ, ଚିଲିକା ବିଡିଓ ବାଦଲ ମହାନ୍ତି ଓ ବାଣପୁର ତହସିଲଦାର ପୃଥୀରାଜ ମଣ୍ଡଳ ଉପସ୍ଥିତ ଥିଲେ। ସାଂସ୍କୃତିକ ଲୋକକଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆରାଧନା ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱର, ଘୋଡ଼ାନାଚ ବାଲିଅନ୍ତା, ଓଡ଼ିଶୀ ନୃତ୍ୟ ମଣ୍ଡଳ କଟକ ଓ ବାଙ୍କି ସିଂହମ୍ ଡ୍ୟାନ୍ସ ଏକାଡ଼େମୀ ଓଡ଼ିଶା ସଂସ୍କୃତିର ଲୋକକଳା ନୃତ୍ୟ ପରିବେଷଣ କରିଥିଲେ । ଚିଲିକା ତଟରେ ଏକ ମନୋରମ ପରିବେଶ ମଧ୍ୟରେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଜିଲା ପର୍ଯ୍ୟଟନ ଅଧିକାରିଣୀ ରିନା ରଥ, ପାନ୍ଥନିବାସ ମୁଖ୍ୟ ପରିଚାଳକ ରବୀନ୍ଦ୍ର କୁମାର ଦାଶ ଓ ସହ ପରିଚାଳକ ବାପି ରଞ୍ଜନ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଥିଲେ ।

---

ଯୌତୁକଜନିତ ହତ୍ୟା ଅଭିଯୋଗ

# ଶ୍ୱଶୁର ଗିରଫ, ସ୍ୱାମୀ ଫେରାର

**ରଣପୁର,୨୫।୯ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ଖଣ୍ଡିସି ଗ୍ରାମରେ ମଙ୍ଗଳବାର ରାତିରେ ଜଣେ ବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବଧୂଙ୍କ ବାପଘର ଓସ୍ତପଡ଼ା ଗ୍ରାମରେ ଉତ୍ତେଜନା ଦେଖାଦେଇଛି । ଚାନ୍ଦପୁର ଥାନାରେ ଝିଅର ମାଆ ତୁଳସୀ ଯେନାଙ୍କ ଲିଖିତ ଅଭିଯୋଗରୁ ପ୍ରକାଶ ଯେ ଖାଡ଼ପଡ଼ା ପଞ୍ଚାୟତର ଖଣ୍ଡିସି ଗ୍ରାମର ବିଦ୍ୟାଧର ଯେନାଙ୍କ ପୁଅ ହେଉଛନ୍ତି ଆଲୋକ ଯେନା (୨୫)। ସେ ଓସ୍ତପଡ଼ା ଗ୍ରାମର ଗୋବିନ୍ଦ ଶ୍ରୀଚନ୍ଦନଙ୍କ ବଡ ଝିଅ ସରିତା ଶ୍ରୀଚନ୍ଦନ (୨୦)ଙ୍କୁ ଗତ ଦେଢବର୍ଷ ତଳେ ବିବାହ କରିଥିଲେ । ଯୌତୁକ ବାବଦକୁ ବାପଘର ପକ୍ଷରୁ ଅନେକ ସାମଗ୍ରୀ ଦିଆଯାଇଥିଲେ ମଧ୍ୟ ଅଧିକ ଯୌତୁକ ଆଣିବା ପାଇଁ ସରିତାଙ୍କ ଉପରେ ଶ୍ୱଶୁର ଘର ଲୋକେ ଚାପ ପକାଇ ଆସୁଥିଲେ। ସରିତାଙ୍କୁ ମାଡ, ଗାଳି ଆଦି ନିର୍ଯାତନା ଦିଆଯାଉଥିବା କୁହାଯାଇଛି। ତେବେ ଅଧିକ ନିର୍ଯାତନା ସହି ନ ପାରି ସରିତା ତା ବାପଘରକୁ ପଳାଇ ଆସିଥିଲେ ମଧ୍ୟ ଭଦ୍ରଲୋକମାନଙ୍କ ସହାୟତାରେ ଶ୍ୱଶୁର ଘରକୁ ପୁଣି ଆସିଥିଲା। ମଙ୍ଗଳବାର ରାତିରେ ଶ୍ୱଶୁର ଘର ଲୋକେ ସରିତା ମରିଯାଇଥିବା ବିଷୟରେ ବାପଘର ଓସ୍ତପଡା ଗ୍ରାମକୁ ଜଣାଇଥିଲେ । ଖବର ପାଇ ସରିତାର ବାପଘର ଲୋକେ ଆସି ଝିଅ ମରି ପଡ଼ିଥିବା ଓ ଶଶୁରଙ୍କ ବ୍ୟତୀତ ଅନ୍ୟମାନେ ଫେରାର ହୋଇଯାଇଥିବା ଦେଖିଥିଲେ । ଏନେଇ ଝିଅର ମାଆ ତୁଳସୀ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ଚାନ୍ଦପୁର ଥାନାରେ ଅଭିଯୋଗ କରିଥିଲେ । ଥାନାରେ ୧୨୮/୧୮ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ପୋଲିସ ଶ୍ୱଶୁରକୁ ଗିରଫ କରିଥିବା ବେଳେ ସ୍ୱାମୀ ଓ ପରିବାର ଲୋକେ ଫେରାର ଅଛନ୍ତି। ସରିତାଙ୍କ ୪ ମାସର ପୁତ୍ର ସନ୍ତାନ ଅଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପ୍ରକାଶ କରିଛି ।

---

ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତିଛନ୍ତି ଲୁଟେରା

# ଗୋଟିଏ ରାତିରେ ୧୦ ମୋବାଇଲ ଲୁଟ୍

**ପୁରୀ ଅଫିସ, ୨୫।୯**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଲୁଟେରା ମାତିଛନ୍ତି। ଗତ କିଛିଦିନ ହେଲା ମେଡିକାଲରୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ଏବଂ ମୋବାଇଲ ଫୋନ୍ ଚୋରି ହେଉଥିବା ଅଭିଯୋଗ ହୋଇଆସୁଛି। ସୋମବାର ବିଳମ୍ବିତ ରାତିରେ ୧୦ଜଣଙ୍କ ନିକଟରୁ ମୋବାଇଲ ଓ ଟଙ୍କା ଚୋରି ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଚୋରିର ଶିକାର ହୋଇଥିବା କେତେଜଣ ରୋଗୀଙ୍କ ସମ୍ପର୍କୀୟ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହିତ ଏକ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ରାତିରେ ନୂଆପାଟଣାର ବିଷ୍ଣୁଚରଣ ପ୍ରଧାନଙ୍କଠାରୁ ୨ହଜାର, ବାଲିଗୁଆଳିର ରଞ୍ଜନ ବାରିକଙ୍କଠାରୁ ୧୫ଶହ ଟଙ୍କା, ରୁପା ଚେନ୍ ଓ ଗୋଟିଏ ମୋବାଇଲ, ବ୍ରହ୍ମଗିରିର ସତ୍ୟନାରାୟଣ କାଣ୍ଡଙ୍କଠାରୁ ଗୋଟିଏ ମୋବାଇଲ ଏବଂ ୫ ହଜାର ଟଙ୍କା, ସୁଧୀର ଦଳାଇଙ୍କର ୨ହଜାର ଟଙ୍କା, କଟକର ସଂଗ୍ରାମ ସାହୁଙ୍କଠାରୁ ୫୦୦ ଟଙ୍କା ସହ ମନିପର୍ସ, ବଳରାମ ପୃଷ୍ଟି, ଗଦାଧର ସାହୁ, ଲକ୍ଷ୍ମୀଧର ବେହେରା, ମିଟୁ ସେନାପତି ଓ ପ୍ରମୋଦ ସାହୁ ପ୍ରମୁଖଙ୍କ ପକେଟରୁ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ମେଡିକାଲ ପରିସରରେ ସିକ୍ୟୁରିଟି ବ୍ୟବସ୍ଥା କଡାକଡି କରିବାକୁ ସେମାନେ ଦାବି କରିଥିଲେ। ମେଡିକାଲ ପରିସରରେ ସିକ୍ୟୁରିଟି ଗାର୍ଡ ବ୍ୟବସ୍ଥା ରହିଛି। ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସିଡିଏମ୍‌ଓ ଭାସ୍କର ସାମନ୍ତରାୟ କହିଛନ୍ତି।

---

# ଜିଲାର ୨ ଜଣ ଛାତ୍ରୀଛାତ୍ର ପାଇଲେ ରାଜ୍ୟ ସ୍ୱେଚ୍ଛାସେବୀ ପୁରସ୍କାର

**ନୟାଗଡ଼ ଅଫିସ,୨୫।୯**



ମୁଖ୍ୟ ଅତିଥି ଶୁଭଲକ୍ଷ୍ମୀ ବଡ଼ପଣ୍ଡାଙ୍କୁ ପୁରସ୍କୃତ କରୁଛନ୍ତି।

ଉତ୍କଳ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ୨୦୧୭–୧୮ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ମନୋନୀତ ଶ୍ରେଷ୍ଠ ୧୦ ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସୋମବାର ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ରାଜ୍ୟ ଶିଳ୍ପ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ନୟାଗଡ଼ ଜିଲା ଶରଣକୂଳ ମହାବିଦ୍ୟାଳୟର ୨ ଜଣ ଛାତ୍ରୀ ଛାତ୍ର ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ଶୁଭଲକ୍ଷ୍ମୀ ବଡ଼ପଣ୍ଡା ଓ ଜଗନ୍ନାଥ ସାହୁ। ଉଭୟ ଯୁକ୍ତ ୩ରେ ଶରଣକୂଳ ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଶୁଭଲକ୍ଷ୍ମୀ ଓ ଜଗନ୍ନାଥ ଏହି ଗୌରବ ଆଣିଥିବାରୁ ଶରଣକୂଳ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ରଥ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ନାରାୟଣ ପ୍ରଧାନ, ଅଧ୍ୟାପିକା ମନୋଜିନୀ ଦଳବେହେରା ଉଭୟଙ୍କୁ ପ୍ରଶଂସା କରିଛନ୍ତି।

---

### ବରିଷ୍ଠ ଦେୱାନୀ ଅଦାଲତ ପ୍ରତିଷ୍ଠା ପାଇଁ ସରକାରଙ୍କ ସହମତି

**ଖଣ୍ଡପଡା,୨୫।୯(ସ୍ୱ.ପ୍ର.)**

ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶକ୍ରମେ ରାଜ୍ୟ ସରକାର ଖଣ୍ଡପଡା ଠାରେ ଏକ ବରିଷ୍ଠ ଦେୱାନୀ ଅଦାଲତ ପ୍ରତିଷ୍ଠା ନିମନ୍ତେ ନିଷ୍ପତି ନେଇଛନ୍ତି । ଖଣ୍ଡପଡା ଠାରେ ଖୁବ୍‌ଶୀଘ୍ର ବରିଷ୍ଠ ଦେୱାନୀ ଅଦାଲତ ପ୍ରତିଷ୍ଠା ହେବାର ସୂଚନା ମିଳିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶପାଇଛି। ପ୍ରକାଶଥାଉକି ଖଣ୍ଡପଡାଠାରେ ଉକ୍ତ ଅଦାଲତ ପ୍ରତିଷ୍ଠା ନିମନ୍ତେ ଖଣ୍ଡପଡା ବାର ଆସୋସିଏଶନର ସଦସ୍ୟ ଓ ଅଞ୍ଚଳବାସୀ ଦିର୍ଘବର୍ଷ ଧରି ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ । ଏ ସମ୍ପର୍କରେ ବାର ଆସୋସିଏଶନ୍ ସଦସ୍ୟମାନେ ଉଚ୍ଚ ନ୍ୟାୟାଳୟ, ଆଇନ ମନ୍ତ୍ରୀ ,ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଖଣ୍ଡପଡା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ । ବିଧାୟକ ମଧ୍ୟ ଏ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠାଇବା ସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଳମ୍ବରେ ହେଉପଛେ ଖଣ୍ଡପଡାଠାରେ ବରିଷ୍ଠ ଦେୱାନୀ ଅଦାଲତ ପ୍ରତିଷ୍ଠା ନିମନ୍ତେ ସରକାର ସହମତି ପ୍ରକାଶ କରିଥିବାରୁ ବାର ଆସୋସିଏସନ୍‌ର ସଦସ୍ୟମାନେ ରାଜ୍ୟ ସରକାରଙ୍କୁ ଏଥି ନିମନ୍ତେ ବିଶେଷ କୃତଜ୍ଞତା ଜଣାଇଛନ୍ତି । ପ୍ରକାଶଥାଉକି ଇତି ମଧରେ ବରିଷ୍ଠ ଦେୱାନୀ ଅଦାଲତ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

---

# ୩୧୦ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ଗଣିଆ,୨୫।୯(ଡି.ଏନ.ଏ.)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମଧୁବାବୁ ପେନ୍‌ସନ ଯୋଜନାରେ ଗଣିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକର ୩୧୦ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବଡସିଲିଙ୍ଗା ପଞ୍ଚାୟତକୁ ବାଦ୍‌ଦେଲେ ଅବଶିଷ୍ଟ ୭ ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ଏହି ଭତ୍ତା ପ୍ରଦାନ କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ସରୋଜ କୁମାର ନାୟକ, ସରପଞ୍ଚ ସଂଘର ସଭାପତି ପ୍ରଫୁଲ୍ଲ କୁମାର ବେହେରା, ଛାମୁଣ୍ଡିଆ ସରପଞ୍ଚ ମଙ୍ଗୁଲୁ ସାହୁ, ଗଣିଆ ସରପଞ୍ଚ ସସ୍ମିତା ଲେଙ୍କା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ।


ଅତିଥି ଭତ୍ତା ପ୍ରଦାନ କରୁଛନ୍ତି।

---

# ଗ୍ରାମ ପଞ୍ଚାୟତ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଖଣ୍ଡପଡା,୨୫।୯(ସ୍ୱ.ପ୍ର.)**



କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ।

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ପକ୍ଷରୁ ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମେଡିକାଲ କର୍ମଚାରୀ, ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରା, ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ଗଛସାର ଭାବରେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିବା ଲକ୍ଷ୍ୟରେ ସ୍ଥାନୀୟ ସମିତି ସଭ୍ୟ ସରୋଜ କୁମାର ମିଶ୍ରଙ୍କୁ ଚାରା ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ କ୍ରମେ ସ୍ୱଚ୍ଛ ଭାରତ ଅଭିଯାନ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିଛି । ଏହି ସଫେଇ କାର୍ଯ୍ୟ ସମୟରେ ସ୍ଥାନୀୟ ଜନ ସାଧାରଣଙ୍କୁ ସ୍ୱଚ୍ଛ ଭାରତ ଓ ସ୍ୱଚ୍ଛ ଓଡିଶାର ମୂଳ ଲକ୍ଷ୍ୟ ସହ ପରିବେଶକୁ ସରସ ସୁନ୍ଦର ଗଢିବାକୁ ହେଲେ ପରିମଳ ବା ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକ ପ୍ରତିନିଧି ଓ ଜିଲା ପରିଷଦ ସଭ୍ୟମାନେ ସଚେତନତା କରାଇଥିଲେ ।

---

### ଭାଗବତ ସପ୍ତାହ

**ନୟାଗଡ଼ଅଫିସ,୨୫।୯:** ନୟାଗଡ଼ ଜିଲା ଗୋଡ଼ିପଡ଼ା ଗ୍ରାମର ଯଜ୍ଞ ମଣ୍ଡପଠାରେ ମଙ୍ଗଳବାର ଭାଗବତ ସପ୍ତାହର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯ ତାରିଖରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ବିଭିନ୍ନ ଅଞ୍ଚଳରୁ ପ୍ରବକ୍ତାମାନେ ଆସି ଭାଗବତ କଥାମୃତ ଉପରେ ଆଲୋଚନା କରିଥିଲେ। ଗଣେଶ୍ୱର ମିଶ୍ର ପ୍ରତ୍ୟେହ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ।

---

ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମାକୁ ଅଣଦେଖା

# କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ଚିଠି

**ମେଡିକାଲ ସାର୍ଟିଫିକେଟ ଦେଇ ଖସିଯିବାକୁ ଉଦ୍ୟମ**

**ଦଶପଲ୍ଲା,୨୫।୯(ଡି.ଏନ.ଏ.):** ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ୨୦୧୯ ଅଭିଯାନ ଦିବସ ସୋମବାର ଅନୁଷ୍ଠିତ ହୋଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମକୁ ଯାଇ ନ ଥିବା ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଡିଓ ଉପଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଦଶପଲ୍ଲା ବ୍ଲକର ୧୦୯, ୧୧୦, ୧୧୧, ୧୧୨, ୧୧୩, ୧୧୫, ଓ ୧୧୬ ନମ୍ବର ବୁଥ୍ ଦାୟିତ୍ୱରେ ଥିବା ବିଏଲ୍‌ଓମାନେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମାକୁ ଅଣଦେଖା କରି ବୁଥ୍ କେନ୍ଦ୍ରକୁ ଯାଇ ନ ଥିବା ଜଣାପଡିଛି। କର୍ତ୍ତବ୍ୟରେ ଅବହେଳା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କ ନିକଟକୁ ବିଡିଓ ଦେବୀପ୍ରସାଦ ମହାନ୍ତି ଚିଠି ଲେଖିଛନ୍ତି। ଅନ୍ୟପକ୍ଷେ ଘଟଣାରୁ ଖସିଯିବା ପାଇଁ କିଛି କର୍ମଚାରୀ ମେଡିକାଲ ସାର୍ଟିଫିକେଟ ଦେଇଥିବା ଜଣାପଡିଛି। ମାତ୍ର ଏ ସମ୍ପର୍କରେ ବିଡିଓ ମହାନ୍ତିଙ୍କୁ ପଚାରିବାରୁ ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଉପଜିଲାପାଳଙ୍କୁ ଚିଠି ଲେଖିଥିବା କହିଛନ୍ତି।

---

# ମଣ୍ଡଳସ୍ତରୀୟ ଜନ ଶୁଣାଣି ଶିବିର

**ଓଡ଼ଗାଁ,୨୫।୯(ସ୍ୱ.ପ୍ର.)**



ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ମଣ୍ଡଳସ୍ତରୀୟ ଜନଶୁଣାଣି ଶିବିର ସ୍ଥାନୀୟ ବ୍ଲକ ସମ୍ମିଳନୀ ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୨୦୧୮–୧୯ ଆର୍ଥିକ ବର୍ଷ ନିମନ୍ତେ ଏହି ଯୋଜନାର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଅଦ୍ୟାବଧି ୨୮୨୩୪ ପରିବାରଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିବାବେଳେ ଏଥିରେ ଅନୁସୂଚିତ ଜାତି ୪୦୭୬, ଜନଜାତି ୬୦୨ ଓ ସାଧାରଣ ବର୍ଗର ୨୩୫୫୬ ପରିବାର ଅଛନ୍ତି। ଏହି ବର୍ଷରେ ୬୫୭୭ ପରିବାର ଅଣକୁଶଳୀ କାର୍ଯ୍ୟ ପାଇଁ ଆବେଦନ କରିଥିବାବେଳେ ସେମାନଙ୍କୁ କାର୍ଯ୍ୟ ମଧ୍ୟ ପ୍ରଦାନ କରାଯାଇଥିଲା । ଆର୍ଥିକ ବର୍ଷରେ ୩୯୨.୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ସେଥିରୁ ୩୩୫.୯୫ ଲକ୍ଷ କେବଳ ଅଣକୁଶଳୀ କାର୍ଯ୍ୟ ନିମନ୍ତେ ଓ ସାମଗ୍ରୀ ବାବଦକୁ ୩୭.୪୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହା ସହିତ ୩୧୪୭ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲା । ୮୦ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି । ସେଥିମଧ୍ୟରୁ ରାସ୍ତା ୧, ପୁରାତନ ପୁଷ୍କରଣୀ ୨ ଓ ବ୍ୟକ୍ତିଗତ ପ୍ରକଳ୍ପ ୭୪୨ ଏବଂ ୧ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ତଥ୍ୟ ବ୍ଲକ ସହକାରୀ ପ୍ରକଳ୍ପ କାର୍ଯ୍ୟକାରୀ ମିଟନ କୁମାର ମହାପାତ୍ର ଉପସ୍ଥାପନ କରିଥିଲେ। ନୟାଗଡ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାସ, ବିଡିଓ ମନୋଜ ପାତ୍ର, ଜିଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆରସିଂ, ବ୍ଲକ ସମାଜିକ ସମୀକ୍ଷକ ପ୍ରକାଶ ଚନ୍ଦ୍ର ବଳିଆରସିଂ, ଉଦ୍ୟାନ ବିଭାଗୀୟ ସହକାରୀ ଉଦ୍ୟାନ ଅଧିକାରୀ ଅଜସିତ କୁମାର ନାୟକ ଓ ବନ ବିଭାଗ ଲାଇନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**୧୯୧୪୩୨ ଶ୍ରମ ଦିବସ ସୃଷ୍ଟି**

ମଦନଗାଡିଆ ଗ୍ରାମର ଲୋକନାଥ ସ୍ୱାଇଁଙ୍କୁ ଏହି ଯୋଜନା ମାଧ୍ୟମରେ ଜିଲା ଉଦ୍ୟାନ ବିଭାଗ ଜରିଆରେ ୨ ଏକର ନିଜସ୍ୱ ଜମିରେ କାଜୁ ରୋପଣ ନିମନ୍ତେ ୮୦ ଚାରା ପ୍ରଦାନ କରାଯାଇଥିଲା। ସେ ଏହି କାର୍ଯ୍ୟକୁ ନିଜସ୍ୱ ଖର୍ଚ୍ଚରେ ଶେଷ କରିଛନ୍ତି। ହେଲେ ତାଙ୍କୁ ଏଯାବତ୍ ସହାୟତା ଅନୁଦାନ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରିଥିଲେ । ତେଣୁ ଅତିରିକ୍ତ ଜିଲାପାଳ ସଂପୃକ୍ତ ହିତାଧିକାରୀଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବାକୁ ସହକାରୀ ଉଦ୍ୟାନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଞ୍ଚଳରେ ଆଧାର ସଂଯୋଗ କିମ୍ବା ସଂଶୋଧନ କେନ୍ଦ୍ର ସ୍ଥାପନ, ସୂଚନା ଫଳକ ମାରିବା ନେଇ ସାମ୍ବାଦିକମାନେ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉପଜିଲାପାଳ ଏ ନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ।



ମନୁଷ୍ୟକୁ କେବଳ ତିନୋଟି ଉପାଧି ଦିଆଯାଇପାରେ - ଶହୀଦ, ବୀର ଓ ସନ୍ଥ । ଏହା ବ୍ୟତୀତ ଆଉ ଯେତେ ଉପାଧି ସେଗୁଡିକ କିଛି ନୁହେଁ।
- ୱିଲିୟମ ଇ-ଗ୍ଲାଡ୍‌ଷ୍ଟୋନ୍



## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ଭାପୁର,୨୫।୯(ଡି.ଏନ୍.ଏ.): ନୟାଗଡ଼ ଜିଲା ଫତେଗଡ଼ ଥାନା ବିଜିପୁର ଗ୍ରାମରେ ମଙ୍ଗଳବାର ସକାଳେ ଜଣେ +୩ ପ୍ରଥମ ବର୍ଷର ଛାତ୍ରୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଜିପୁର ଗ୍ରାମର ମାନସ ମାର୍ଥାଙ୍କ ଝିଅ ଅଲିସା ମାର୍ଥା (୧୮) ନୟାଗଡ଼ ଜିଲା ଗଣିଆ ନିକଟ ଆରସି ସାମନ୍ତରାୟ ବିଜ୍ଞାନ କଲେଜରେ +୩ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ସେ ଖୁଦୁରୁକୁଣୀ ଓଷା କରିବା ପାଇଁ ଗାଁକୁ ଆସି ସୋମବାର କଲେଜ ଯାଇଥିଲେ। ମାତ୍ର ଅପରାହ୍ଣରେ ଗାଁକୁ ଫେରିଆସିଥିଲେ। ମଙ୍ଗଳବାର ଘରେ କେହି ନ ଥିବା ସମୟରେ ଫ୍ୟାନରେ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ମୃତକଙ୍କ ବାପା ଫତେଗଡ଼ ଥାନାରେ ଲିଖିତ ଭାବେ ଜଣାଇବା ପରେ ଥାନାରେ ୧୨/୧୮ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବନ ବିଭାଗର ଚଢ଼ାଉ, ୫୦ ହଜାର ଟଙ୍କାର କାଠ ଜବତ

ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ.ଏ.),୨୫।୯: ନୟାଗଡ଼ ଜିଲା ଦଶପଲ୍ଲା ରେଞ୍ଜ ଅନ୍ତର୍ଗତ ନାହାକପଡ଼ା ଗ୍ରାମ ଏବଂ ରଙ୍ଗମାଟିଆ ଗ୍ରାମରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭୦ଟି ଶାଗୁଆନ କାଠ ପଟ୍ଟା ଜବତ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଚଢ଼ାଉରେ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ସୋମନାଥ ନାୟକ, ଅତୁଲ୍ୟ ମହାନ୍ତି ପ୍ରମୁଖ ସାମିଲ ଥିଲେ। ଏହି ଘଟଣାରେ ଦୁଇ ଗ୍ରାମର ୫ ଜଣଙ୍କୁ ବନ ବିଭାଗ ଅଟକ ରଖି ପଚରାଉଚରା କରୁଛି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ

ଖଣ୍ଡପଡା,୨୫।୯(ସ୍ୱ.ପ୍ର): ଖଣ୍ଡପଡା ଥାନା ଅନ୍ତର୍ଗତ କଇଁଥପଲ୍ଲୀ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗିରିଶ ଚନ୍ଦ୍ର ନାୟକଙ୍କୁ ଗ୍ରାମର କେତେକ ଖଳପ୍ରକୃତିର ଲୋକ ଗତ ୧୪ ତାରିଖରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଗିରିଶଙ୍କ ପିତା ଜନାର୍ଦ୍ଦନ ନାୟକ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ତେବେ କୌଣସି ସୂତ୍ରରୁ ଖବରପାଇ ଖଣ୍ଡପଡା ପୋଲିସ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଟୁନା ସ୍ୱାଇଁ ଓରଫ ଡାକଙ୍କୁ ଭୁବନେଶ୍ୱରରୁ ସୋମବାର ରାତିରେ ଗିରଫ କରି ଖଣ୍ଡପଡା ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶଥାଉକି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଇଁଥପଲ୍ଲୀ ଗ୍ରାମର ଟୁନା ସ୍ୱାଇଁ ଓରଫ ଡାକ, ଟୁକୁନା ସ୍ୱାଇଁ, ଲୋକନାଥ ସ୍ୱାଇଁ, ବିଶିକା ସ୍ୱାଇଁ ପ୍ରମୁଖ ମିଳିତ ହୋଇ ଗାଁ ଦାଣ୍ଡରେ ଗିରିଶଚନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଖଣ୍ଡପଡା ଥାନାରେ ଅଭିଯୋଗ ହୋଇଥିଲା।

### ଆମ ଗାଁ, ଆମ ବିକାଶ ଯୋଜନାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଖଣ୍ଡପଡା,୨୫।୯(ସ୍ୱ.ପ୍ର): ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ଓ ଗୁଣ୍ଡୁଣୀ ପ୍ରଭୃତି ୨ଟି ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଭିତ୍ତିପ୍ରସ୍ତର ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକ ନିମନ୍ତେ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସ ଉତ୍ସବରେ ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂ,ସ୍ଥାନୀୟ ପଞ୍ଚାୟତର ଲୋକପ୍ରତିନିଧି, ବ୍ଲକ ପ୍ରଶାସନର ଅଧିକାରୀ ଓ କନିଷ୍ଠଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଶନ କାର୍ଡରେ ଜାଲିଆତି

ନୟାଗଡ଼ ଅଫିସ,୨୫।୯

- ନୂଆଗାଁ ବ୍ଲକ ଡେଙ୍କେଣା ପଞ୍ଚାୟତ
- ଜବତ ହେଲା ଦୁଇ ରାଶନ କାର୍ଡ
- ତଦନ୍ତ ହେଲେ ବାହାରିବ ଆହୁରି ଜାଲ୍ କାର୍ଡ

ମାସକୁ ୫ କିଲୋ ଚାଉଳ ହାତେଇବା ପାଇଁ କିଛି ବ୍ୟକ୍ତି ରାଶନ କାର୍ଡରେ ଜାଲିଆତି କରିବାକୁ ପଛାଉନାହାନ୍ତି। ବିଭାଗର କିଛି କର୍ମଚାରୀଙ୍କୁ ହାତ କରି ଏମାନେ ଜାଲ୍ ରାଶନ କାର୍ଡ଼ ମାଧ୍ୟମରେ ନେଉଛନ୍ତି ଖାଦ୍ୟସାମଗ୍ରୀ। ଏହା ଜଣାପଡ଼ିବା ପରେ ଉକ୍ତ ଜାଲ୍ କାର୍ଡ଼ଗୁଡ଼ିକ ଜବତ କରାଯାଇଛି। ଏପରି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଡେଙ୍କେଣା ପଞ୍ଚାୟତ ମଧୁବନ ଗ୍ରାମରେ। ଗ୍ରାମର ଦୁଇଜଣ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (୨୦୧୩)ରେ ହିତାଧିକାରୀଙ୍କୁ ମିଳିଥିବା ରାଶନ କାର୍ଡ଼ରେ ଜାଲିଆତି କରିଥିବା ଜଣାପଡ଼ିଛି। ଏହାପରେ ଡେଙ୍କେଣା ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହି ଦୁଇଟି କାର୍ଡ଼କୁ ଜବତ କରିଛନ୍ତି। ଜବତ କାର୍ଡ଼ର ନମ୍ବର ହେଲା ୨୪୦୬୦୫୧୦୫୧୦ ଓ ୨୪୦୬୦୫୧୦୪୫୮। ଉକ୍ତ ଦୁଇ କାର୍ଡ଼ର ହିତାଧିକାରୀମାନେ ୨ ମାସର





ଜବତ ଦୁଇ ରାଶନ କାର୍ଡ ।

ଖାଦ୍ୟସାମଗ୍ରୀ ଉଠାଇଥିବା ଜଣାପଡ଼ିଛି। କିପରି ଓ କେଉଁଠାରେ ଏହି କାର୍ଡ଼ ତିଆରି ହୋଇଥିଲା, ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ସେହିଭଳି ଖାଲି ଏହି ଦୁଇଟି କାର୍ଡ଼ ନା ଜିଲାରେ ଏହିଭଳି ଆହୁରି ଜାଲ୍ କାର୍ଡ଼ ଅଛି, ସେ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ଦୁଇମାସର ଖାଦ୍ୟସାମଗ୍ରୀ ନେଲାବେଳେ କିପରି ସାମଗ୍ରୀ ଦେବା ଦାୟିତ୍ୱରେ ଥିବା କର୍ମଚାରୀ ଜାଣିପାରିଲେ ନାହିଁ ତାହାକୁ ନେଇ ମଧ୍ୟ ଉଠିଛି ବଡ଼ ପ୍ରଶ୍ନ। ତେଣୁ ଏହି ଜାଲିଆତିରେ କେଉଁମାନେ ସମ୍ପୃକ୍ତ, ପୁଣି ଆଉ କିଏ କିଏ ଏହିଭଳି ଜାଲ୍ କାର୍ଡ଼ ହାତେଇଛନ୍ତି ତାହାର ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏହିଭଳି ଜାଲିଆତି ଘଟଣା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝିଙ୍କୁ ପଚାରିବାରୁ ସେ କୁହନ୍ତି, ଜାଲିଆତି କାର୍ଡ଼ ଜଣାପଡ଼ିବା ପରେ କାର୍ଡ଼ ଦୁଇଟିକୁ ଜବତ କରାଯାଇଛି। ସୂଚନାଯୋଗ୍ୟ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ତ୍ତମାନ ଜିଲାର ୮ଟି ବ୍ଲକରେ ୧ ଲକ୍ଷ ୭୦ ହଜାର ୧୮୭ଟି ପରିବାରର ୭ ଲକ୍ଷ ୨୪ ହଜାର ୮୯୬ ଜଣ ହିତାଧିକାରୀ ଅଛନ୍ତି। ସେହିଭଳି ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାର ୬୦ ହଜାର ୫୮୮ ହିତାଧିକାରୀଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

## ଆସିଲାନି ଦମକଳ ଗାଡ଼ି
# ଜଳିଗଲା ୫ ପରିବାରର ୮ ବଖରା

ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ୍.ଏ),୨୫।୯

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଶ୍ରୀରାମପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ ପରିବାରର ୮ ବଖରା ପୋଡ଼ିଯାଇଛି। ସେହିଭଳି ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ପୋଡ଼ି ଯାଇଛି। ଅଗ୍ନି ବିପନ୍ନ ଜୁଲୁ ସାହୁ, ସୁରେନ୍ଦ୍ର ସାହୁ, ନୀର ସାହୁ, ଜିତୁ ସାହୁ ଓ ସୁରଥ ପ୍ରଧାନଙ୍କ ପରିବାର ଖୋଲା ଆକାଶ ତଳେ ରହୁଛନ୍ତି।

ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ଘର ଜଳିଯାଉଥିବାର ଦେଖି ଲୋକମାନେ ଡକାଡ଼କି କରିବାରୁ ଘର ଲୋକେ ଉଠିଥିଲେ। ଏହା ପରେ ରାତ୍ର ୧ଟାରେ ଗ୍ରାମର ଦିବେଶ ବେହେରା ଅଗ୍ନିଶମ କର୍ମଚାରୀଙ୍କୁ ଫୋନ୍ କରି କହିଥିଲେ, ହେଲେ ଆନ୍ଦୋଳନ ଯୋଗୁଁ କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ଆସି ନ ଥିଲେ। ପରେ ଗ୍ରାମବାସୀ ନଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ୮ ବଖରା ପୋଡ଼ି ଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ମଙ୍ଗଳବାର



ଜଳୁଥିବା ଘର।

ପୂର୍ବାହ୍ଣରେ ତହସିଲଦାର ପ୍ରମୋଦ ଦଳବେହେରା ଗ୍ରାମକୁ ଯାଇ ଅଗ୍ନିବିପନ୍ନଙ୍କୁ ପ୍ରାଥମିକ ସହାୟତା ସ୍ୱରୂପ କିଛି ରିଲିଫ୍ ବଣ୍ଟନ କରି ଆସିଥିଲେ। ଏହା ପରେ ସୀତାରାମ ୟୁଥ୍ କ୍ଲବ୍ ପକ୍ଷରୁ ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ୨ଟି ପରିବାରକୁ ୭ ହଜାର ୨ ଶହ ଟଙ୍କା ଓ ଅବଶିଷ୍ଟ ୩ଟି ପରିବାରକୁ ୩ ହଜାର ୨ ଶହ ଲେଖାଏ ଟଙ୍କା ପ୍ରଦାନ କରାଯାଇଥିଲା। କ୍ଲବର ଏହି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।



ସୀତାରାମ ୟୁଥ୍ କ୍ଲବର ସଦସ୍ୟମାନେ ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି।

## ଚମ୍ପେଈପୁରଠାରେ ପିଏଚ୍ ନିର୍ମାଣ ଦାବି
# ଟାଉନ ଷ୍ଟେଶନଠାରେ ଏକଘଣ୍ଟିଆ ରେଲରୋକୋ

ନୟାଗଡ଼ ଅଫିସ,୨୫।୯

ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ନୟାଗଡ଼ ଜିଲା ଚମ୍ପେଈପୁରଠାରେ ପାସେଞ୍ଜର ହଲଟ (ପିଏଚ୍) ନିର୍ମାଣ ଦାବିରେ ଟାଉନ ଷ୍ଟେଶନଠାରେ ମଙ୍ଗଳବାର ଅପରାହ୍ଣରେ ଏକଘଣ୍ଟିଆ ରେଲରୋକୋ କରାଯାଇଥିଲା। ବାଲୁଙ୍କେଶ୍ୱର ରେଲୱେ ସଂଗ୍ରାମ ସମିତି ତରଫରୁ ସଦସ୍ୟମାନେ ଷ୍ଟେଶନ୍‌ଠାରେ ଅପରାହ୍ଣ ୩ଟାରୁ ୪ଟା ପର୍ଯ୍ୟନ୍ତ ରେଲରୋକୋ କରିଥିଲେ।

ପ୍ରକାଶ ଯେ, ପିଏଚ୍ ନିର୍ମାଣ ଦାବିରେ ସମିତି ତରଫରୁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଥିବା ବେଳେ ଚଳିତମାସ ୧୮ ତାରିଖଠାରୁ ସମିତିର ସଦସ୍ୟମାନେ ସ୍ୱାକ୍ଷର ଅଭିଯାନ ମାଧ୍ୟମରେ ବୁଲି ବୁଲି ଗ୍ରାମର ଲୋକଙ୍କଠାରୁ ଦସ୍ତଖତ ଆଣିଥିଲେ। ଉକ୍ତ ପିଏଚ୍ ଦ୍ୱାରା ଉପକୃତ ହେବାକୁ ଥିବା ୧୫ଟି ପଞ୍ଚାୟତର ୧୦ ହଜାର ଲୋକଙ୍କଠାରୁ ଦସ୍ତଖତ ସଂଗ୍ରହ କରାଯାଇଥିଲା। ମଙ୍ଗଳବାର ସମିତିର ସଭାପତି ମନୋଜ କୁମାର ସାହୁ ରେଲୱେ ଡିଭିଜିନାଲ୍ କମର୍ସିଆଲ୍ ମ୍ୟାନେଜର ବାଲ୍ ମୂର୍ତ୍ତିଙ୍କୁ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ନେଇ ବାଲ୍ ଚମ୍ପେଈପୁରଠାରେ ପିଏଚ୍ ନିର୍ମାଣ ହେଲେ ରୋଜଗାର ଅପେକ୍ଷା ଅଧିକା ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରକାଶ କରିଥିଲେ। ଏହା ପରେ ଲୋକମାନେ ସେଠାରେ ଶ୍ରମଦାନ କରିବା ପାଇଁ ରାଜି ହୋଇଥିଲେ। ଏହି କଥାକୁ ନେଇ ବାଲ୍ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ପିଏଚ୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରେଲରୋକୋ ହଟିଥିଲା। ଅପରାହ୍ଣ ୪ଟାରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମିତିର ସମ୍ପାଦକ ନିରଞ୍ଜନ ସାଥୁଆ, ସୁରେଶ କୁମାର ପଟ୍ଟନାୟକ, ଉମେଶ କୁମାର ପଟ୍ଟନାୟକ, ଗଙ୍ଗାଧର ନିଶଙ୍କ, ଗଣେଶ ଲେଙ୍କା, ଅର୍ଜ୍ଜୁନ ବେହେରା, ବିଦ୍ୟାଧର ବେହେରା, ଈଶ୍ୱର ଚନ୍ଦ୍ର ନାୟକ, ପ୍ରଶାନ୍ତ ପୃଷ୍ଟି, ଶରତ କୁମାର ଡାକୁଆଙ୍କ ସମେତ ଶତାଧିକ ଲୋକ ଯୋଗ ଦେଇଥିଲେ।





ନୟାଗଡ଼ ଟାଉନ ଷ୍ଟେଶନଠାରେ ରେଲରୋକୋ କରାଯାଉଛି।

# କ୍ୟାବିନ ଭାଙ୍ଗି ଚୋରି ଉଦ୍ୟମ, ଜଣେ ଗିରଫ

ଓଡ଼ଗାଁ,୨୫।୯(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ କଲେଜ ରୋଡ଼ସ୍ଥିତ ସରକାରୀ ସ୍କୁଲ ନିକଟରେ ଥିବା ଏକ କ୍ୟାବିନରୁ ଚୋରି ଉଦ୍ୟମ ବେଳେ ମଙ୍ଗଳବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ପାଇକସାହି ଅଞ୍ଚଳର ବଂଶୀଧର ବେହେରା (୨୦)। ଭୋର ସମୟରେ ବଂଶୀଧର ଉକ୍ତ କ୍ୟାବିନ ଭାଙ୍ଗି ଭିତରେ ପଶି ସମସ୍ତ ଜିନିଷ ଚୋରି କରି ବାହାରେ ଥିବା ଦୁଇ ସହଯୋଗୀଙ୍କୁ ଦେଉଥିଲେ । ଏହି ସମୟରେ ଦୋକାନ ମାଲିକ ଦୁର୍ଯ୍ୟୋଧନ ଖ୍ୱାର ସେଠାରେ ପହଞ୍ଚିଥିଲେ। ଦୁର୍ଯ୍ୟୋଧନଙ୍କୁ ଦେଖି ଦୋକାନ ବାହାରେ ଥିବା ଦୁଇ ଜଣ ବାଇକ୍ ଛାଡି ପଳାଇଥିବାବେଳେ ବଂଶୀଧରଙ୍କୁ ସେ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ପୋଲିସ ବଂଶୀଧରଙ୍କ ସହିତ ଅନ୍ୟ ୩ ଜଣଙ୍କ ନାମରେ ନଂ.୧୯୫/୧୮ରେ ଏକ ମାମଲା ରୁଜୁ କରିଛି।

# ବ୍ଲକ୍ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

କୃଷ୍ଣପ୍ରସାଦ,୨୫।୯(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ଫାଇଲିନ୍ ବାତ୍ୟା କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଗୃହଯୋଗାଣ ନେଇ ଦୁର୍ନୀତି ଅଭିଯୋଗ ହୋଇଛି । ଏ ଘଟଣା ନେଇ ଜନସାଧାରଣ ଓ ବିଡିଓଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ତେବେ ବିଡିଓଙ୍କୁ ଭର୍ତ୍ସନା ନେଇ ବ୍ଲକ୍ କର୍ମଚାରୀ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ଘଟଣାରୁ ପ୍ରକାଶ, ଆବାସ ଯୋଜନାର ପ୍ରକୃତ ହିତାଧିକାରୀଙ୍କ ନାମ ତାଲିକାରେ ରଖାଯିବା ଦାବି କରି ବିଡିଓଙ୍କୁ ଘେରିଥିଲେ କିଛି ହିତାଧିକାରୀ। ଏ ସମ୍ପର୍କରେ ବ୍ଲକ ଅଧକ୍ଷା ଆଲୋଚନା ପାଇଁ ବିଡିଓଙ୍କୁ ଡକାଇବା ପରେ ମଧ୍ୟ ବିଡିଓ ଲୋକଙ୍କ ସହ ଆଲୋଚନା ପାଇଁ ଆସି ନ ଥଲେ। ତେଣୁ ଜନସାଧାରଣ ଓ ଅଧକ୍ଷାଙ୍କ ସ୍ୱାମୀ ବିଡିଓ ଅଶୋକ କୁମାର ମହାନ୍ତିଙ୍କୁ କଟୁ କଥା କହିଥିବା ଅଭିଯୋଗ ହୋଇଥିଲା। ଏହାକୁ ବିରୋଧ କରି ବ୍ଲକ୍ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ କେତେଜଣ କର୍ମଚାରୀ ମଙ୍ଗଳବାର ସକାଳେ କଲମଛାଡ଼ ଆନ୍ଦୋଳନ କରିଛନ୍ତି । କର୍ମଚାରୀ ଅଭିଯୋଗ କରିଛନ୍ତି କି ବ୍ଲକ୍ ଅଧକ୍ଷାଙ୍କ ସ୍ୱାମୀ ବିଡିଓଙ୍କୁ ଦୁର୍ବ୍ୟବହାର କରିଛନ୍ତି। ତେବେ ଆନ୍ଦୋଳନ ବେଳେ ବିଡିଓ ଅନୁପସ୍ଥିତ ଥିବା ଜଣାଯାଇଛି । ଏ ସମ୍ପର୍କରେ ବ୍ଲକ୍ ଅଧକ୍ଷାଙ୍କ ସ୍ୱାମୀଙ୍କୁ ପଚାରିବାରୁ ସେ କହିଥିଲେ ଏଠାରେ ଦୁର୍ନୀତି ଓ ପିସି କାରବାର ବୃଦ୍ଧି ସମ୍ପର୍କରେ ଅଧକ୍ଷାଙ୍କୁ ଜଣାଇଥିଲୁ । ଅଧକ୍ଷା ବିଡିଓଙ୍କୁ ଏ ବିଷୟରେ ଆଲୋଚନା କରିବାକୁ ବାରମ୍ବାର ଡକାଇଥିଲେ ମଧ୍ୟ ବିଡିଓ ଆସି ନ ଥିଲେ। ତେଣୁ ଆମେ ଆନ୍ଦୋଳନ କରି ବ୍ଲକର ସମସ୍ତ ଦୁର୍ନୀତିର ପର୍ଦ୍ଦାଫାସ କରିବୁ । ଭିଜିଲାନ୍ସ ତଦନ୍ତ ପାଇଁ ଆମେ ରାଜରାସ୍ତାକୁ ମଧ ଓହ୍ଲାଇବୁ ବୋଲି ସେ କହିଥିଲେ। ।

# ଜମି ଜବରଦଖଲକୁ ନେଇ ଆକ୍ରମଣ: ବାପ ପୁଅଙ୍କୁ ଜେଲ

ଓଡ଼ଗାଁ, ୨୫।୯(ସ୍ୱ.ପ୍ର.)

ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ଜାରିଙ୍ଗି ମୌଜାରେ ସରକାରୀ ଜାଗା ଜବରଦଖଲକୁ ନେଇ ଏକ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି । ଏନେଇ ଏନ୍‌ଏସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବାରୁ ଦିନକୁ ଦିନ ପରିସ୍ଥିତି ଅଣାୟତ ହେଉଛି । ସୋମବାର ଏକ ସରକାରୀ ଜାଗା ଜବରଦଖଲକୁ ନେଇ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ୨ ଅଭିଯୁକ୍ତଙ୍କ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଏହି ମାମଲାରେ ପୋଲିସ ମଙ୍ଗଳବାର ସେହି ମୌଜାର ଅଭିଯୁକ୍ତ ବାପା ଓ ପୁଅ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ ଆବେଦନ ନା ମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ହେଲେ ଶ୍ୟାମ ବାରିକ(୫୨) ଓ ତାଙ୍କ ପୁଅ ରଘୁନାଥ (୨୮) । ସୂଚନା ଅନୁସାରେ ସୋମବାର ସକାଳ ପ୍ରାୟ ୭ଟାରେ ସ୍ଥାନୀୟ ଛାମୁସାହିର ବିନୋଦ ପାତ୍ର ଜାରିଙ୍ଗି ମୌଜାରେ ଏକ ସରକାରୀ ଜାଗାକୁ ଜବର ଦଖଲ କରିବା ନିମନ୍ତେ ବାଡ ଘେରାଇବାକୁ ଉଦ୍ୟମ କରୁଥିଲେ । ଏହି ସମୟରେ ସେହି ମୌଜାର ଶ୍ୟାମ ବାରିକ ବିନୋଦଙ୍କୁ ବିରୋଧ କରିଥିଲେ । ତେବେ ଏଥିରୁ ବିନୋଦ ନିବୃତ ନ ହେବାରୁ ଶ୍ୟାମଙ୍କ ସହିତ ତାଙ୍କ ପୁଅ ରଘୁନାଥ ବିନୋଦଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଏଥିରେ ବିନୋଦଙ୍କ ନାକ, ମୁଣ୍ଡ ଓ କାନ୍ଧରେ ଗଭୀର କ୍ଷତ ହୋଇଥିଲା । ଗୁରୁତର ବିନୋଦଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏନେଇ ବିନୋଦଙ୍କ ପୁଅ ସୁରେନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୯୨।୧୮ ରେ ଏକ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟଚାଲାଣ କରିଛି।

# ଭାଗବତ ସଂସ୍କୃତି ଉଜ୍ଜୀବିତ ପାଇଁ ପ୍ରୟାସ

ଅଜୟ କୁମାର ମହାରଣା
ଖଣ୍ଡପଡ଼ା,୨୫।୯

ଓଡ଼ିଆ ଜାତିର ଜୀବନଧାରାରେ ଭାଗବତ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇ ରହିଥିବା ବେଳେ ସଂପ୍ରତି ଏହି ପ୍ରାଚୀନ ସଂସ୍କୃତି ଏବେ ଏହାର ପ୍ରାସଙ୍ଗିକତା ହରାଇ ବସୁଛି। ଜଣେ ବ୍ୟକ୍ତିର ଅନ୍ତିମ ଶଯ୍ୟା ନିକଟରେ ଭାଗବତ ବୋଲାଯିବାର ଭାବନା ଓ ବିଶ୍ୱାସ ଆଜିଯାଏ ଅତୁଟ ରହିଛି। ବିଶେଷକରି ଶୁଦ୍ଧିକ୍ରିୟା ପରେ ଏବଂ ପିଲାମାନଙ୍କ ଏକୋଇଶା କିମ୍ବା ଜନ୍ମଦିନରେ ଭାଗବତ ବୋଲାଯିବାର ନଜିର ରହିଛି । ଓଡ଼ିଆ ଭାଗବତ ଓଡ଼ିଆ ଭାଷାର ଚିରନ୍ତନ ଅମୂଲ୍ୟ ବିଭବ । ଅତୀତରେ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି(ଘର) ରହିଥିଲା । ଏବେ ହାତଗଣତି ଯାହା ରହିଛି। ସେଠାରେ ଭାଗବତ ପୋଥି, ଭାଗବତ ପୁସ୍ତକ ପ୍ରତିଦିନ ପୂଜା ପାଇଥାନ୍ତି । ଏବେ ବି ସନ୍ଧ୍ୟା ନଇଁଲେ ଲୋକେ ପ୍ରତିଦିନର କାର୍ଯ୍ୟ ସମ୍ପାଦନ କରି ଏକାଠି ହୋଇ ଭାଗବତ ବୋଲିବାର ନଜିର ରହିଛି । ଏହା ଭାଇଚାରା ସମ୍ପର୍କ ବୃଦ୍ଧି ପାଇବାର ଏକ ମାଧ୍ୟମ ଥିଲା । ଭାଦ୍ରବ ମାସ ପୂର୍ଣ୍ଣମୀକୁ ଭାଗବତ ଜନ୍ମଦିନ ଭାବରେ ପାଳନ କରାଯାଉଛି । ଆଜିର ଦିନରେ ଜଗନ୍ନାଥ ଦାସ ଭାଗବତ ଲେଖା ଆରମ୍ଭ କରିଥିବା କଥିତ ଅଛି । ଓଡ଼ିଆ ଭାଷାକୁ ପ୍ରତିଷ୍ଠିତ ଓ ପ୍ରସାରିତ କରିବା ଦିଗରେ ଏବଂ ଓଡ଼ିଆମାନଙ୍କର ଭାଗବତ ସଂହତି ରକ୍ଷା କରିବା ଦିଗରେ ଏହାର ଅବଦାନ ଅସୀମ ବୋଲି ସାଧାରଣରେ ବେଶ୍ ଜଣାଶୁଣା । ତେବେ ଏହି ପ୍ରାଚୀନ ଲୋକକଳା ସଂସ୍କୃତି ଭାଗବତ କାଳକ୍ରମେ ଆଧୁନିକତାର ଛାପରେ ଖଣ୍ଡପଡା ଅଞ୍ଚଳରେ ହଜିଯିବାକୁ ବସିଥିବାବେଳେ କେତେକ ଗ୍ରାମର ଲୋକେ ଏହାକୁ ଉଜ୍ଜୀବିତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସମ୍ପ୍ରତି ଖଣ୍ଡପଡା ଓ ଭାପୁର ବ୍ଲକ ଅନ୍ତର୍ଗତ କଣ୍ଟିଲୋ, ବାଣପୁର, ସିଧାମୂଳା, ବେଣାଗାଡିଆ, ଚୈତନ୍ୟପୁର, ଗୋପୀନାଥପୁର, ମର୍ଦ୍ଦରାଜପୁର, ଖଳିସାହି, ଜଗନ୍ନାଥପ୍ରସାଦ, ଶାଳଝରିଆ, ଲକ୍ଷ୍ମୀପ୍ରସାଦ, ଧାନଚେଙ୍ଗଡା, ପଥରଚକଡା, ମାଧପୁର, ବିଜିପୁର, ମାଳିବେରେଣୀ, ଗୋଳାପୋଖରୀ ଆଦି ଗ୍ରାମରେ ଏହି ସଂସ୍କୃତିର ପୁନରୁଦ୍ଧାର ପାଇଁ ପ୍ରୟାସ ଜାରି ରହିଛି। ପ୍ରାୟ ସବୁ ଗ୍ରାମରେ ଏବେ ମହିଳା ସଂକୀର୍ତ୍ତନ ତଥା ଭାଗବତ ମଣ୍ଡଳୀ ଗଠନ କରି ଏହି କଳା ସଂସ୍କୃତିକୁ ଉଜ୍ଜୀବିତ କରାଯାଉଥିବା ପରିଲକ୍ଷିତ ହେଉଛି । ସନ୍ଧ୍ୟା ନଇଁଆସିଲେ ଭାଗବତ ପଠନ ସହ ସଂକୀର୍ତ୍ତନ ଅଭ୍ୟାସ କରୁଛନ୍ତି । ଭାଗବତ ପଠନ ଶୈଳୀରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଏହି ଭାଗବତ ପଠନ ମଧ୍ୟରେ ଆଧୁନିକ ଭଜନ, ସଙ୍ଗୀତ ଗାନ କରାଯାଉଛି । ମଙ୍ଗଳବାର ଭାଗବତ ଜନ୍ମ ଅବସରରେ କଣ୍ଟିଲୋ ନୀଳମାଧବ ପୀଠ, ସିଧାମୂଳା ଗୋକୁଳାନନ୍ଦ ପୀଠ, ଖଣ୍ଡପଡା, ଖଳିସାହି, ବେଣାଗାଡିଆ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଭାଗବତ ଅନୁଷ୍ଠାନରେ ଭାଗବତ ଜନ୍ମ ପାଳିତ ହେଉଛି। କଣ୍ଟିଲୋ ଅଞ୍ଚଳରେ ନବଗଠିତ ଶ୍ରୀ ନୀଳମାଧବ ଭାଗବତ ମଣ୍ଡଳୀ ଭାଗବତକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ସ୍ଥାନୀୟ ଅଞ୍ଚଳର ଫକୀର ଅତବୁଦ୍ଧି ପାଟଣା, ମାଧବ ଚୌଧୁରୀ ପାଟଣା, କୃଷ୍ଣେଶ୍ୱର ପାଟଣା, ବାପୁଜୀ ନଗର ଓ କଂସାରୀସାହି ପାଟଣାର ଭାଗବତପ୍ରେମୀ ଉତ୍ସାହୀ ଯୁବ କଳାକାରଙ୍କୁ ଏକାଠି କରି ପ୍ରୟାସ ଜାରି ରଖିଥିବା ଜଣାପଡିଛି । ଉକ୍ତ ଅନୁଷ୍ଠାନର ସଭାପତି, ସମ୍ପାଦକ, ଦଳପତି ଓ ଅନୁଷ୍ଠାନର ମୁଖ୍ୟ ସଚେତକ ଭାବେ ଯଥାକ୍ରମେ ଉତ୍ସବ ଚିନ୍ନରା, ଶରତ କୁମାର ବେହେରା, ସୂର୍ଯ୍ୟମଣି ମହାରଣା ଓ ପବିତ୍ର କୁମାର ମହାରଣା ଅଛନ୍ତି। ପ୍ରକାଶ ଯେ, ଧର୍ମ ସଂସ୍ଥାପନା କରି ଭଗବାନ ଶ୍ରୀକୃଷ୍ଣ ସ୍ୱଧାମ ପ୍ରତ୍ୟାବର୍ତ୍ତନ କାଳରେ ତାଙ୍କ ଆଶ୍ରୟରେ ଥିବା ଧର୍ମ ଭାଗବତରେ ଶରଣ ଦେଲେ। ଏଣୁ ଭାଗବତକୁ ଶ୍ରୀକୃଷ୍ଣଙ୍କର ସ୍ୱରୂପ ଭାବେ ପୂଜାର୍ଚ୍ଚନା କରାଯାଏ । ଏହି ଅବସରରେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିର ଓ ଭାଗବତ ଗାଦିରେ ଭାଗବତ ପୋଥିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯିବା ସହ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶ୍ରୀ ନୀଳମାଧବ ଜୀଉଙ୍କ ପୀଠ, ଖଳିସାହିସ୍ଥ ଜଗନ୍ନାଥ ମନ୍ଦିର, ସିଧାମୂଳା ଗ୍ରାମସ୍ଥ ଜଗନ୍ନାଥ ମନ୍ଦିର ଓ ଗୋକୁଳାନନ୍ଦ ଜୀଉ ମନ୍ଦିରରେ ପରିଚାଳକ ଗଙ୍ଗାଧର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅହୋରାତ୍ର ଭାଗବତ ପଠନ କରାଯାଇଥିଲା । ଭାଗବତର ତ୍ରୟୋଦଶ ସ୍କନ୍ଧ ପଠନ କରାଯାଇଥିଲା।

## ଭାଗବତ ଜନ୍ମ ଅବସରରେ



ଭାଗବତ ଜନ୍ମ ପୂଜା କରାଯାଉଛି।

# ରେଳଧାରଣାରେ କଟି ଜଣେ ମୃତ

ନିରାକାରପୁର,୨୫।୯(ଡି.ଏନ.ଏ.)

କର୍କଟ ରୋଗର ଯନ୍ତ୍ରଣା ସହି ନ ପାରି ଜଣେ ବ୍ୟକ୍ତି ମଙ୍ଗଳବାର ପୂର୍ବାହ୍ଣରେ ନିରାକାରପୁର ଷ୍ଟେଶନ ଦକ୍ଷିଣ ପାର୍ଶ୍ୱ କ୍ୟାବିନ ସମ୍ମୁଖ ରେଳଧାରଣାରେ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ପୁରୀ ଜିଲା କଣାସ ବ୍ଲକ୍ ଜେଇଗୁରୁ ପଞ୍ଚାୟତସ୍ଥ କାଜପଦର ଗ୍ରାମର ମଙ୍ଗୁଳି ପଲେଇ। ତାଙ୍କର ରୋଗ ଭଲ ହେବା ନିମନ୍ତେ କୌଣସି ଭରସା ନ ପାଇଁ ଶେଷରେ ନିଜ ଗାଁଠାରୁ ପ୍ରାୟ ୭-୮ କିଲୋମିଟର ସାଇକେଲ୍‌ରେ ଆସି ଏଠାରେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏ ଘଟଣା ନେଇ ନିରାକାରପୁର ରେଳବାଇ ଫାଣ୍ଡି ଅଧିକାରୀ ଲିଙ୍ଗରାଜ ସେଠୀ କହିଥିଲେ କି, ଖବର ପାଇ ସେ ପୂର୍ବାହ୍ଣ ୧୦ ଟା ବେଳେ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ତାଙ୍କ ପରିବାର ଲୋକେ ମୃତଦେହ ଉଠାଇ ନେଇଯାଇଥିଲେ। ତେବେ ଏ ଘଟଣା ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା କୁହାଯାଇଛି।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ୍,୨୫।୯:** ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବ୍ରହ୍ମପୁର ବଡବଜାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଗେଟ୍ ବଜାର ଅଞ୍ଚଳର ପି.ଶିବା(୨୬) । ଶିବା ବଡବଜାର ଥାନାଞ୍ଚଳର ଜଣେ ଛାତ୍ରୀଙ୍କ ଘରକୁ ଯାଇ ଅସଦାଚରଣ କରିଥିବା ନେଇ ରବିବାର ଥାନାରେ ଛାତ୍ରୀଙ୍କ ବାପା ଅଭିଯୋଗ କରିଥିଲେ। ଏ ନେଇ ନଂ. ୧୫୩/୧୮ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

### ଜୁଆ ଆଡ୍ଡାରୁ ୫ ଗିରଫ

**ବ୍ରହ୍ମପୁର ଅଫିସ୍,୨୫।୯:** ବ୍ରହ୍ମପୁର ସଦରଥାନା ଅନ୍ତର୍ଗତ ପାଣ୍ଡିଆଝୋଲି ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରୁ ସୋମବାର ୫ ଜଣଙ୍କୁ ପୋଲିସ ଗିରଫ କରିଥିଲା । ସେମାନଙ୍କ ନିକଟରୁ ଏକ ତାସ୍ ଏବଂ ୬ ହଜାର ୩ ଶହ ଟଙ୍କା ଜବତ କରାଯାଇଛି । ଗ୍ରାମର ଶ୍ମଶାନ ନିକଟରେ ଏକ ଜୁଆଆଡ୍ଡା ଚାଲିଥିବା ନେଇ ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଚଢାଉ କରିଥିଲା । ନଂ. ୧୧୦/୧୮ରେ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି ।

### କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ୍,୨୫।୯:** କୀଟନାଶକ ପିଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଥାନା ନୂତନ ବ୍ରହ୍ମପୁର ଗ୍ରାମର ପ୍ରଫୁଲ୍ଲ ନାହାକଙ୍କ ପୁତ୍ର ନୀଳାମ୍ବର(୨୫)। ଗତ ୨୨ ତାରିଖ ସନ୍ଧ୍ୟାରେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ନୀଳାମ୍ବର କୀଟନାଶକ ପିଇଦେଇଥିଲେ। ପରିବାରବର୍ଗ ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରିଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଛି । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୪୭୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### କର୍କଟ ପୀଡିତ କର୍ମଚାରୀଙ୍କୁ ସହାୟତା ପ୍ରଦାନ



**ବ୍ରହ୍ମପୁର ଅଫିସ,୨୫।୯:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଏଏନ୍ଏମ୍ଆର କର୍ମଚାରୀ ବିଜୟ କୁମାର ମାଝି । ଦିନ ମଜୁରି କର୍ମଚାରୀ ଭାବେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ବିଜୟ ଦୀର୍ଘ ଦିନରୁ କର୍କଟ ରୋଗରେ ପିଡିତ ଅଛନ୍ତି । ଆର୍ଥିକ ଅଭାବରୁ ଚିକିତ୍ସିତ ହୋଇ ପାରୁ ନ ଥିବା ଏହି କର୍ମଚାରୀଙ୍କୁ ସହାୟତାର ହାତ ବଢାଇଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ । ମଙ୍ଗଳବାର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କ ଦ୍ୱାରା ସଂଗୃହୀତ ୫୨,୧୦୦ଟଙ୍କା ବିଜୟଙ୍କୁ ପ୍ରଦାନ କରାଯାଇଛି। ସହାୟତା ପ୍ରଦାନ ବେଳେ ଦୁର୍ଗାଚରଣ ହୋତା, ସୁଶାନ୍ତ କୁମାର ପଣ୍ଡା, ସବିତା ସାହୁ, ସସ୍ମିତା ପାଢୀ, ସୁବାସ ମାଝି, ସନ୍ତୋଷ କୁମାର ବେହେରା, ରବି ନାୟକ, ପ୍ରକାଶ ଚନ୍ଦ୍ର ଘଟୁଆଳ, ପ୍ରଶାସନିକ ଅଧିକାରୀ ରାଧାଗୋବିନ୍ଦ ପାଢୀ, କୁଳପତିଙ୍କ ସେକ୍ରେଟେରୀ ଡି. ରୁକ୍ମିଣି ପ୍ରମୁଖ ଉପସ୍ଥିତ ଥିଲେ ।

### ଗୀତା ଭବନରେ ଜ୍ଞାନଯଜ୍ଞ ଆରମ୍ଭ

**ବ୍ରହ୍ମପୁର ଅଫିସ,୨୫।୯:** ସ୍ଥାନୀୟ ଗୀତା ଭବନରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୦୨ତମ ଜୟନ୍ତୀ ପାଳନ ଉପଲକ୍ଷେ ନବଦିନ ବ୍ୟାପୀ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି । ଏଥିରେ ଅନେକ ସାଧୁସନ୍ଥ ଓ ପ୍ରବକ୍ତା ଯୋଗ ଦେଇଛନ୍ତି। ଶ୍ରୀକ୍ଷେତ୍ର ପୁରୀର ଜୟରାମ ଦାସ ମହାରାଜ, ବୃନ୍ଦାବନ ମଥୁରାରୁ ମଦନ ଗୋପାଳ ଦାସ ମହାରାଜ, ଶ୍ରୀଜଗନ୍ନାଥ ଗବେଷକ ଡ଼. କୃଷ୍ଣ କେଶବ ଷଡ଼ଙ୍ଗୀ, ଭୁବନେଶ୍ୱରସ୍ଥ ରାମତତ୍ତ୍ୱ କଥାକାର ପଣ୍ଡିତ ଉମାକାନ୍ତ ମହାପାତ୍ର ବିଭିନ୍ନ ସନ୍ଧ୍ୟାରେ ଆଧାତ୍ମିକ ପ୍ରବଚନ ଦେବାର ବ୍ୟବସ୍ଥା ହୋଇଛି । ଏଥିପାଇଁ ଗୀତା ଭବନରେ ଆଧାତ୍ମିକପ୍ରେମୀଙ୍କ ଭିଡ଼ ଜମୁଛି । ସୀମାଞ୍ଚଳ ତ୍ରିପାଠୀ ଓ ଅନ୍ୟମାନେ କାର୍ଯ୍ୟକ୍ରମ ସଂଯୋଜନା କରୁଛନ୍ତି । ଅକ୍ଟୋବର ୨ରେ ଜ୍ଞାନଯଜ୍ଞ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

# ୪ ମାସ ପରେ ଖୋଲିଲା ମନ୍ଦିର କାର୍ଯ୍ୟାଳୟ

■କୁଠାରୀ ମନ୍ଦିର ବିବାଦ
■ପରିଚାଳନା ଟ୍ରଷ୍ଟିଙ୍କୁ ଚାବି ହସ୍ତାନ୍ତର

**ବ୍ରହ୍ମପୁର ଅଫିସ୍,୨୫।୯**

ବ୍ରହ୍ମପୁର ଗେଟ୍ ବଜାର ଛକସ୍ଥିତ ମା' କୁଠାରୀ ମନ୍ଦିର କାର୍ଯ୍ୟାଳୟ ସମେତ ହୁଣ୍ଡି, ଅତିଥି ଗୃହ ଏବଂ କଲ୍ୟାଣମଣ୍ଡପ ଚାରି ମାସ ପରେ ଖୋଲିଛି । ସୋମବାର ଦେବୋତ୍ତର ବିଭାଗ ବ୍ରହ୍ମପୁର ଡିଭିଜନର ଅତିରିକ୍ତ ସହକାରୀ କମିଶନ ଶୋଭନ କାନୁନ୍‌ଗୋ ଏବଂ ଜିଲା ପ୍ରଶାସନ ତଥା ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ ପି.କେ.ମହାରଣାଙ୍କ ଉପସ୍ଥିତିରେ ମନ୍ଦିର କାର୍ଯ୍ୟାଳୟ ସିଲ୍ ଖୋଲାଯାଇ ପରିଚାଳନା ଟ୍ରଷ୍ଟିଙ୍କୁ ଚାବି ହସ୍ତାନ୍ତର କରାଯାଇଛି । ପ୍ରକାଶଯେ, ମଇ ୧୦ ତାରିଖରେ ରାଜ୍ୟ ଦେବୋତ୍ତର କମିଶନର ବିରା ପ୍ରସାଦ ଦତ୍ତ କୁଠାରୀ ମନ୍ଦିରକୁ ଅଚାନକ ଗସ୍ତରେ ଆସି ସେବାୟତମାନେ ପରିଚାଳନା ଟ୍ରଷ୍ଟିଙ୍କୁ ବେଖାତିର କରୁଥିବା ଦେଖିବାକୁ ପାଇଥିଲେ । ପରେ ମନ୍ଦିରର କାର୍ଯ୍ୟାଳୟ, ହୁଣ୍ଡି, ଅତିଥିଗୃହ ଏବଂ କଲ୍ୟାଣ ମଣ୍ଡପ ସିଲ୍ କରିଦେଇଥିଲେ । ସୂଚନାଯୋଗ୍ୟ, ମନ୍ଦିରଟି ବହୁବର୍ଷ ଧରି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ରହିଛି । ମନ୍ଦିରର ବିଭିନ୍ନ ମାର୍ଗରୁ ଆସୁଥିବା ଅର୍ଥ ଏବଂ ପରିଚାଳନା ଦାୟିତ୍ୱ ୨୦୧୬ ସେପ୍ଟେମ୍ବର ମାସରେ ଦେବୋତ୍ତର ବିଭାଗ ପକ୍ଷରୁ ନିଯୁକ୍ତ ପରିଚାଳନା ଟ୍ରଷ୍ଟି ହାତରେ ଅର୍ପଣ କରାଯାଇଥିଲା । ଏହି ନିଷ୍ପତ୍ତିକୁ ବିରୋଧ କରି ୨୦୧୬ ଅକ୍ଟୋବରରେ ମନ୍ଦିର ପୂଜକ ରାମଚନ୍ଦ୍ର ବେହେରା ହାଇକୋର୍ଟରେ ଏକ ରିଟ୍ ପିଟିଶନ୍ ଦାଖଲ କରିଥିଲେ । ହାଇକୋର୍ଟ ୨୦୧୬, ନଭେମ୍ବର ୩୦ରେ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇ ପ୍ରତି ସଦସ୍ୟ ଏବଂ ପୂଜକଙ୍କୁ ସ୍ଥିତାବସ୍ଥା (ଷ୍ଟାଟସ୍ କୋ) ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ପୂଜକ ଗୋଷ୍ଠୀ ଏହା ସତ୍ତ୍ୱେ ସମସ୍ତ ନିୟମ ଉଲ୍ଲଂଘନ କରିଥିବାରୁ ଏକ ପ୍ରକାର ବିବାଦୀୟ ସ୍ଥିତି ଦେଖାଦେଇଥିଲା । ମଇ ୧୦ରେ ଦେବୋତ୍ତର କମିଶନର କୁଠାରୀ ମନ୍ଦିରକୁ ଅଚାନକ ଗସ୍ତରେ ଆସି ସ୍ଥିତି ଯାଞ୍ଚ କରିବା ପରେ ଟ୍ରଷ୍ଟିଙ୍କ ସହିତ ଆଲୋଚନା କରିଥିଲେ । ପରେ କାର୍ଯ୍ୟାଳୟ, ହୁଣ୍ଡି, ଅତିଥିଗୃହ ଏବଂ କଲ୍ୟାଣ ମଣ୍ଡପକୁ ସିଲ୍ କରିଥିଲେ । ଅନୁସନ୍ଧାନ ଶେଷ ନ ହେବା ଯାଏ ସିଲ୍ ଖୋଲାଯିବ ନାହିଁ ବୋଲି କହିଥିଲେ । ସୋମବାର ଦେବୋତ୍ତର ବିଭାଗ ଅତିରିକ୍ତ ସହକାରୀ କମିଶନ ମନ୍ଦିରକୁ ଆସି ଟ୍ରଷ୍ଟି ସଦସ୍ୟଙ୍କ ସହିତ ଆଲୋଚନା କରିବା ପରେ ସିଲ୍ ଖୋଲି ଚାବି ହସ୍ତାନ୍ତର କରିଛନ୍ତି । ଚାବି ହସ୍ତାନ୍ତର ସମୟରେ ଟ୍ରଷ୍ଟି ସଭାପତି ବୃନ୍ଦାବନ ସାହୁ, ଜ୍ୟୋସ୍ନାରାଣୀ ନାୟକ, ଅଶୋକ ନିମାଇଁ, ମଞ୍ଜୁଳା ମାଝି ଓ ସରିତା କର ପ୍ରମୁଖ ଉପସ୍ଥିତ ଥିଲେ ।



କୁଠାରୀ ମନ୍ଦିରରେ ଦେବୋତ୍ତର ବିଭାଗ ଅତିରିକ୍ତ ସହକାରୀ କମିଶନର ପରିଚାଳନା ଟ୍ରଷ୍ଟିଙ୍କ ସହିତ ଆଲୋଚନା କରୁଛନ୍ତି ।

# ଡେଙ୍ଗୁ ରୋଗୀଙ୍କୁ ଡିଏଲ୍‌ଏସ୍‌ଏର ସହାୟତା

**ବ୍ରହ୍ମପୁର ଅଫିସ୍,୨୫।୯**

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ପକ୍ଷରୁ ଡେଙ୍ଗୁ ରୋଗୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ବୁଗୁଡା ବ୍ଲକ ଅଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ କମିଟି ଅଧ୍ୟକ୍ଷ ବିଭୁ ପ୍ରସାଦ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ କମିଟି ସଚିବ ବିଜୟ କୁମାର ଦାସ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ପତ୍ର ମାଧ୍ୟମରେ ଅବଗତ କରାଇ ରୋଗୀମାନଙ୍କର ଆବଶ୍ୟକ ଚିକିତ୍ସା ଯୋଗାଇଦେବା ପାଇଁ ଆଲୋଚନା କରିଥିଲେ । ପରେ ସେହି ସ୍ଥାନରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ୨୧ ଗ୍ରାମବାସୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିବା ବେଳେ ୫ ଜଣଙ୍କର ଡେଙ୍ଗୁ ପଜିଟିଭ୍ ଥିବା ଚିହ୍ନଟ ହୋଇଥିଲା । ପ୍ରାଧିକରଣ ସଚିବଙ୍କ ନିର୍ଦ୍ଦେଶକ୍ରମେ ସମସ୍ତଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଚାରି ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଜଣେ ମହିଳା ଅଦ୍ୟାବଧି ଚିକିତ୍ସିତ ହେଉଥିବା ଜଣାପଡିଛି ।

# ବିଭିନ୍ନ ଦାବି ନେଇ ସଂସ୍କାରବାଦୀର ଦାବିପତ୍ର



ଡେପୁଟି ସେକ୍ରେଟାରୀଙ୍କୁ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି ।

**ବ୍ରହ୍ମପୁର ଅଫିସ, ୨୫।୯**

ସ୍ଥାନୀୟ ଜନସଚେତନ ସଂଗଠନ ସଂସ୍କାରବାଦୀ ପକ୍ଷରୁ ବୁଲା ଗୋରୁଙ୍କ ଅବାଧ ବିଚରଣ ରୋକିବା ସହ ବିଭିନ୍ନ ଦାବି ନେଇ ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ) କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ବିଏମ୍‌ସି ଡେପୁଟି ସେକ୍ରେଟାରୀ ଅଲେଖ ଚନ୍ଦ୍ର ଦାଶଙ୍କୁ ସଂଗଠନ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ସହରରେ ବର୍ତ୍ତମାନ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ଜନଗହଳିସ୍ଥାନରେ ବୁଲା ଗୋରୁଙ୍କ ଅବାଧ ବିଚରଣ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି । ଏନେଇ ତୁରନ୍ତ ପଦକ୍ଷେପ ନେବା ସହ କାଞ୍ଜିଆହୁଦା ନିର୍ମାଣ କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି । ଏହା ସହ ସହରରେ ବୁଲାକୁକୁରଙ୍କ ଉପଦ୍ରବ ରୋକିବା, ଗେଷ୍ଟହାଉସରେ ଥିବା ବିଶ୍ୱନାଥ ଦାଶ ଓ କମାପଲ୍ଲୀ ଛକରେ ଥିବା ବୃନ୍ଦାବନ ନାୟକଙ୍କ ପ୍ରତିମୂର୍ତ୍ତୀ ନିକଟରେ ଶିଡି ବ୍ୟବସ୍ଥା କରିବା, ଡଷ୍ଟବିନ ଯୋଗାଣ ବ୍ୟବସ୍ଥାର ଯାଞ୍ଚ କରିବା, ବିଜିପୁର ଛକରୁ ଗୋଷାଣୀନୂଆଗାଁ, ଅନ୍ଧପସରା ରାସ୍ତାର ଦୁଇପାର୍ଶ୍ୱକୁ ପ୍ରଶସ୍ତୀକରଣ କରିବା ନେଇ ଦାବି ପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ବେଳେ ସଂଗଠନ ପ୍ରତିଷ୍ଠାତା ତ୍ରିନାଥ ମହାରଣା, ଉପସଭାପତି ସଞ୍ଜୟ କୁମାର ମାଝି, ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ବିଦ୍ୟାଧର ମହାରଣାଙ୍କ ସମେତ ପ୍ରତାପ ଚନ୍ଦ୍ର ପଣ୍ଡା, ମୋହନ ଚରଣ ସ୍ୱାଇଁ, ତରୁଣ କୁମାର ପଣ୍ଡା, ଯୁ. କାଶୀନାଥ ପାତ୍ର, ସୁନୀଲ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରକ୍ତଭଣ୍ଡାର କର୍ମଚାରୀ ସଂଘର କଳାବ୍ୟାଜ୍ ପରିଧାନ

**ବ୍ରହ୍ମପୁର ଅଫିସ୍,୨୫।୯**

ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘ ଆହ୍ୱାନ କ୍ରମେ ୬ ଦଫା ଦାବିନେଇ ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀ ସଂଘ ପକ୍ଷରୁ ସଦସ୍ୟମାନେ ସୋମବାର ପୂର୍ବାହ୍ନରୁ କଳା ବ୍ୟାଜ୍ ପରିଧାନ କରିଛନ୍ତି । ସମସ୍ତ କାର୍ଯ୍ୟ ଚାଲୁ ରଖିବା ସହିତ ଆସନ୍ତା ୧ ତାରିଖ ଯାଏ କଳା ବ୍ୟାଜ୍ ପରିଧାନ କରିବେ । ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । କର୍ମଚାରୀମାନେ ଦୀର୍ଘ ଦିନ ଧରି ସ୍ୱଳ୍ପ ଦରମାରେ କାର୍ଯ୍ୟ କରି ଆସୁଥିବା ବେଳେ ସରକାର ସେମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ ମଧ୍ୟ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ଏଣୁ ସରକାରୀ ମାନ୍ୟତା ପ୍ରଦାନ କରି ନିୟମିତ କରିବା, ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ, ମେଡିକାଲରେ ସରକାରୀ କ୍ୱାର୍ଟର୍ସ ନିର୍ମାଣ କରି କର୍ମଚାରୀଙ୍କୁ ଯୋଗାଇଦେବା, ସର୍ବନିମ୍ନ ସୁବିଧା ଯୋଗାଇଦେବା ସହିତ ଛୁଟି ଓ ପେନସନ୍ ଲାଗୁ କରିବା ଆଦି ୬ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାଯାଇଛି । ସୋମବାର କଳା ବ୍ୟାଜ୍ ପରିଧାନ ଆନ୍ଦୋଳନକୁ ଜିଲା ରକ୍ତଭଣ୍ଡାର କର୍ମଚାରୀ ସଂଘ ସଭାପତି ଜୀବନାନନ୍ଦ ପଟ୍ଟନାୟକ, ସମ୍ପାଦକ ବସନ୍ତ କୁମାର ବେହେରା, ଉପସଭାପତି ଗୋପାଳକୃଷ୍ଣ ପଣ୍ଡା ଓ କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ପାଢୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।



ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି ।

### ଶ୍ୟାମାକାଳୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବ୍ରହ୍ମପୁର ଅଫିସ,୨୫।୯**

ବ୍ରହ୍ମପୁର ମହାନଗର ନିଗମ ୩୭ ନଂ. ୱାର୍ଡ ଶିଳ୍ପାଞ୍ଚଳସ୍ଥ ସୁବାସ ନଗରରେ ଶ୍ୟାମାକାଳୀ ପୂଜା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ପୂଜା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବିଏମ୍‌ସି ଡେପୁଟି ମେୟର ଜ୍ୟୋସ୍ନା ନାୟକ, ଯୁବନେତା ବିକ୍ରମ ପଣ୍ଡା, ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକ ଯୋଗ ଦେଇଥିଲେ । କର୍ପୋରେଟର ସିଏଚ ଗଙ୍ଗାଧର ପାତ୍ର, ମିନତି ବିଶୋୟୀ, ଗୋପାଳ ରେଡ୍ଡୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ମୂର୍ତ୍ତି ଓ ମେଢ଼ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

### ଉପଜିଲାପାଳଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ, ୨୫।୯:** ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମ ପକ୍ଷରୁ ବ୍ରହ୍ମପୁରର ନୂତନ ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଥିଲା । ଫୋରମର କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ଉପଜିଲାପାଳଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ଏଥିରେ ରାସବିହାରୀ ଦାଶ, ପ୍ରଭାକର ସାହୁ, ସୂର୍ଯ୍ୟକାନ୍ତ ପାତ୍ର, ସୀମାଞ୍ଚଳ ପ୍ରସାଦ ବିଷୋୟୀ, ନିରଞ୍ଜନ ମହାନ୍ତି, ମନମୋହନ ପରିଚ୍ଛା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ଯନ୍ତ୍ରୀଙ୍କ କଳାବ୍ୟାଜ୍ ପରିଧାନ ଆଜି

**ବ୍ରହ୍ମପୁର ଅଫିସ୍,୨୫।୯**

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଯନ୍ତ୍ରୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ବରିଷ୍ଠ ଉପସଭାପତି ଇଂ. ସରୋଜ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏଥିରେ ସାଉଥ୍‌କୋ ଅଧୀନ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଜିଲାର ସମସ୍ତ କାର୍ଯ୍ୟରତ ଯନ୍ତ୍ରୀମାନେ ଯୋଗଦେଇଥିଲେ । ସଂଘର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା । ଯଥା କୁଶଳୀ ଶ୍ରମିକଙ୍କ ଅଭାବ, ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ୍ ସରଞ୍ଜାମର ଅଭାବ ସହିତ ଡିପ୍ଲୋମା ଇଞ୍ଜିନିୟରଙ୍କ ପଦୋନ୍ନତିକୁ ଅଣଦେଖା ଇତ୍ୟାଦି । ଏନେଇ ସଂଘ ତରଫରୁ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଏବଂ ସଚିବଙ୍କ ଉପସ୍ଥିତିରେ ଗତ ୧୮ତାରିଖରେ ଏକ ବୈଠକ ବସିଥିଲା । କିନ୍ତୁ ସେହି ବୈଠକରେ କୌଣସି ନିଷ୍ପତ୍ତି ହୋଇପାରିଲା ନାହିଁ । ସଂଘର ନିଷ୍ପତ୍ତିକ୍ରମେ ୨୬ ତାରିଖରୁ କଳାବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି । ଏଥି ସହ ସାଉଥ୍‌କୋ ତରଫରୁ ଆୟୋଜିତ ହେବାକୁ ଥିବା ବାର୍ଷିକ ଉତ୍ସବକୁ ଡିପ୍ଲୋମା ଇଞ୍ଜିନିୟରମାନେ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

# ଔଷଧ ବ୍ୟବସାୟୀଙ୍କ ୨୪ ଘଣ୍ଟିଆ ବନ୍ଦ ୨୮ରେ

**ବ୍ରହ୍ମପୁର ଅଫିସ,୨୫।୯**

ସର୍ବଭାରତୀୟ ଔଷଧ ବ୍ୟବସାୟ ସଂଗଠନ ଏଆଇଓସିଡି ଓ ୟୁସିଡିଏର ଆହ୍ୱାନକ୍ରମେ ଆସନ୍ତା ଶୁକ୍ରବାର ୨୮ ତାରିଖରେ ଗଞ୍ଜାମ ଜିଲାର ସମସ୍ତ ଔଷଧ ବ୍ୟବସାୟୀ ଆନ୍ଦୋଳନକୁ ଓହ୍ଲାଇବା ନେଇ ଜିପିସିଡିଏ(ଗଞ୍ଜାମ ଓ ଫୁଲବାଣୀ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏଶନ) ପକ୍ଷରୁ ସୂଚନା ଦିଆଯାଇଛି । ସରକାରଙ୍କ ଇ-ଫାର୍ମାସୀ ପ୍ରସ୍ତାବକୁ ବିରୋଧ କରି ଏହି ବନ୍ଦ ପାଳନ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । କେନ୍ଦ୍ର ସରକାରଙ୍କ ଔଷଧ ମାରଣ ନୀତି ଯୋଗୁ ଭାରତ ବର୍ଷର ୮ ଲକ୍ଷ ବ୍ୟବସାୟୀ, ଓଡିଶାର ୧୮୦୦୦ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇ ଜୀବିକା ହରାଇବାର ସମ୍ଭାବନା ରହିଛି । ଇ-ଫାର୍ମାସୀ ଓ ଅନ୍‌ଲାଇନ ଔଷଧ ବ୍ୟବସାୟ ହେଲେ ପ୍ରକୃତ ଔଷଧ, ରୋଗୀ ତଥା ସର୍ବସାଧାରଣଙ୍କ ପାଖରେ ଠିକଣା ସମୟରେ ପହଞ୍ଚି ପାରିବ ନାହିଁ । ଡ୍ରଗସ ଏଣ୍ଡ କସମେଟିକସ୍ ଆକ୍ଟର ବିରୋଧାଚରଣ କରୁଥିବା ଇ-ଫାର୍ମାସୀ ବ୍ୟବସ୍ଥା ଯୋଗୁ ନିଶା ଔଷଧ ବ୍ୟବହାର ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହା ଦ୍ୱାରା ସାଧାରଣ ଜନତା ଅଧିକ ସମସ୍ୟାର ସମ୍ମୁଖୀନ ହେବା ସହ ଔଷଧ ବ୍ୟବସାୟ ପ୍ରଭାବିତ ହେବ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି ।

# ଏନ୍‌ଡିପିଏସ୍, ଅବକାରୀ ଆଇନ କର୍ମଶାଳା

**ବ୍ରହ୍ମପୁର ଅଫିସ୍,୨୫।୯**

ସ୍ଥାନୀୟ ରାଜସ୍ୱ ଡାକବଙ୍ଗଳାରେ ମଙ୍ଗଳବାର ଏନ୍‌ଡିପିଏସ୍ ଆକ୍ଟ ଏବଂ ଓଡ଼ିଶା ଅବକାରୀ ଆଇନ୍ ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ଉଦ୍‌ଘାଟନ କରିଥିଲେ । ନାର୍କୋଟିକ୍ କଣ୍ଟ୍ରୋଲ୍ ବ୍ୟୁରୋ୍ର ଅଧୀକ୍ଷକ ପ୍ରଣିତ ଶର୍ମା, ଅବକାରୀ ଉପଆୟୁକ୍ତ ଉତ୍ତମ କୁମାର ମେହେର, ପିପି ଅଜିତ କୁମାର ପଟ୍ଟନାୟକ, ତହସିଲଦାର୍ ଅମିୟ ପାଢୀ, ଅବକାରୀ ଅଧୀକ୍ଷକ ଗଞ୍ଜାମ ରାମଚନ୍ଦ୍ର ମିଶ୍ର, ଅବକାରୀ ଅଧୀକ୍ଷକ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରାଜେନ୍ଦ୍ର ଭତ୍ରା ପ୍ରମୁଖ ଯୋଗଦେଇଥିଲେ । ଉଭୟ ଆଇନ୍‌ରେ ମୁଦାଲାମାନଙ୍କୁ କିଭଳି ଦଣ୍ଡ ମିଳିପାରିବ, ସେନେଇ ତାଲିମ୍ ପ୍ରଦାନ କରାଯାଇଥିଲା । ତଲାସି, ଜବତ ଏବଂ ଗିରଫ କଲାପରେ ନିୟମ ଅନୁଯାୟୀ ଅନୁସନ୍ଧାନ କରି କୋର୍ଟରେ ଚାର୍ଜଶିଟ୍ ଦାଖଲ ଏବଂ ସାକ୍ଷ୍ୟ ପ୍ରମାଣକୁ କୋର୍ଟରେ ଉପସ୍ଥାପନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଇଣ୍ଟେଲିଜେନ୍ସି ଅଫିସର କୌଶିକ୍ ମିନା, ଓଏସ୍‌ବିସି ବ୍ରାଞ୍ଚ ମ୍ୟାନେଜର୍ ଶେଷଦେବ ଦାଶଙ୍କ ସମେତ ବିଭାଗୀୟ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଅବକାରୀ ବିଭାଗର ବିଭିନ୍ନ ପଦ ପଦବୀରେ ଥିବା ଅଧିକାରୀମାନେ ।

■ ଗଞ୍ଜାମ ଜିଲା ବିଜେଡିର ୫ ନୂଆ କର୍ମକର୍ତ୍ତା

# କଂଗ୍ରେସ ଛାଡ଼ିଥିବା ନେତାଙ୍କୁ ଦଳରେ ଥଇଥାନ

**ବ୍ରହ୍ମପୁର ଅଫିସ,୨୫।୯**

ଗଞ୍ଜାମ ଜିଲା କଂଗ୍ରେସରୁ ଗତ ଏପ୍ରିଲ ମାସରେ ଇସ୍ତଫା ଦେଇଥିବା ୫ କର୍ମକର୍ତ୍ତାଙ୍କୁ ଦଳ ସଂଗଠନରେ ଥଇଥାନ କରିଛି ବିଜେଡି । ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ବିଜୁ ଜନତା ଦଳ ପକ୍ଷରୁ ଖବରଦାତା ସମ୍ମିଳନୀରେ ସେମାନଙ୍କ ନାମ ଘୋଷଣା କରାଯାଇଛି । ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ସୁପାରିସ କରିଥିବା ନୂଆ କର୍ମକର୍ତ୍ତାଙ୍କ ତାଲିକା ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିବା ସୂଚନା ଦିଆଯାଇଛି । ଜିଲା ବିଜେଡି ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ଓ ଉପସଭାପତି ଉମା ଚରଣ ନାୟକ ପ୍ରକାଶ କରିଥିବା ନୂଆ କର୍ତ୍ତାଙ୍କ ମଧ୍ୟରେ ପୂର୍ବତନ ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ସଞ୍ଜିତ କୁମାର ପାଣିଗ୍ରାହୀ ଓ ଗତ ବିଧାନସଭା ନିର୍ବାଚନରେ ଛତ୍ରପୁର ଆସନରୁ ପରାଜିତ କଂଗ୍ରେସ ପ୍ରାର୍ଥୀ ବନମାଳୀ ସେଠୀ ଜିଲା ବିଜେଡି ଉପସଭାପତି ହୋଇଛନ୍ତି । ସେହିପରି ଜିଲା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ଗଞ୍ଜାମ ବିଜେଡି ସଂଗଠନର ଅନ୍ୟତମ ସମ୍ପାଦକ ପଦ ପାଇଛନ୍ତି । ବିଜେଡିର ଏସ୍‌ସି ଓ ଏସ୍‌ଟି ସେଲ ଉପଦେଷ୍ଟା ଭାବେ ଶୂନ୍ୟ ଦାସ ଓ କିଶୋର ବେହେରାଙ୍କୁ ସମ୍ପାଦକ କରାଯାଇଛି । ଗଞ୍ଜାମ ଜିଲା ପରିଷଦର ପ୍ରାକ୍ତନ ସଭାପତି ରେବତୀ ମୋହନ ନାୟକଙ୍କୁ ବିଜେଡି ଜିଲା ସଂଗଠନରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଭାବେ ନିଆଯାଇଛି ।

ସୂଚନାଯୋଗ୍ୟ, ଏପ୍ରିଲ ୪ରେ ବିଜେଡିର ମହାମିଶ୍ରଣ ସମାବେଶ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା । କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପିସିସିର ଅନ୍ୟତମ ସାଧାରଣ ସମ୍ପାଦକ ବିକ୍ରମ ପଣ୍ଡା, ଜିଲା କଂଗ୍ରେସ ସଭାପତି ଭଗବାନ ଗନ୍ତାୟତଙ୍କ ସମେତ ଶହ ଶହ କର୍ମୀ ଓ କର୍ମକର୍ତ୍ତା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିଲେ । ଚନ୍ଦ୍ରଶେଖରଙ୍କୁ ଅବିଭକ୍ତ କୋରାପୁଟ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଓ ବିକ୍ରମଙ୍କୁ କନ୍ଧମାଳ ଜିଲା ପାଇଁ ସହ ପର୍ଯ୍ୟବେକ୍ଷକ କରାଯାଇଛି । ତେବେ ଭଗବାନଙ୍କୁ ଏଯାବତ ଥଇଥାନ କରାଯାଇ ନ ଥିବା ବେଳେ ଏବେ ୫ କର୍ମକର୍ତ୍ତାଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି । ବିଜେଡି ଜିଲା କାର୍ଯ୍ୟାଳୟରେ ହୋଇଥିବା ଖବରଦାତା ସମ୍ମିଳନୀରେ ଚନ୍ଦ୍ରଶେଖର ଓ ବିକ୍ରମଙ୍କ ସହ ଜିଲା ଯୁବ ବିଜେଡି ସଭାପତି ଏନ୍. ଧନଞ୍ଜୟ ରାଓ, ଛାତ୍ର ବିଜେଡି ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଗଞ୍ଜାମ ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ, ଜିଲା ବିଜେଡି ଉପସଭାପତି ତଥା ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ସାଧାରଣ ସମ୍ପାଦକ ଅନିଲ ସାହୁ, ଜଗନ୍ନାଥ ସାବତ ଏବଂ ସମ୍ପାଦକ ପ୍ରିୟନାଥ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।




ଗଞ୍ଜାମ ଜିଲା ବିଜେଡି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ।